


ଆଜିର 'ସକାଳ' ସହ 'ସିନ୍ଦୂରା' ପଢ଼ନ୍ତୁ

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI


◆VOLUME- 43 ◆ISSUE-67 ◆SUNDAY ◆31 AUGUST 2025 ◆PAGE-12 ◆₹ 6.00 | BHUBANESWAR | ◆ବର୍ଷ-୪୩ ◆ସଂଖ୍ୟା-୬୭ ◆ରବିବାର ◆୩୧ ଅଗଷ୍ଟ ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦ (ସିନ୍ଦୂରା ସହ)


## ଖସିଲା ବିଦେଶୀ ମୁଦ୍ରା ଭଣ୍ଡାର



■ମୁମ୍ବାଇ, ୩୦।୮ (ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଚଢ଼ା ଶୁଳ୍କର ପ୍ରଭାବ ଭାରତର ବିଦେଶୀ ମୁଦ୍ରା ଭଣ୍ଡାର ଉପରେ ପଡ଼ିଛି । ଗତ ୨୨ ତାରିଖରେ ଶେଷ ହୋଇଥିବା ସପ୍ତାହରେ ମୁଦ୍ରା ଭଣ୍ଡାରରେ ୪.୩୮୬ ବିଲିୟନ ଡଲାର ହ୍ରାସ ପାଇଛି । କେବଳ ସେତିକି ନୁହେଁ, ଏଫସିଏ, ସ୍ୱର୍ଣ୍ଣ ଭଣ୍ଡାର ଏବଂ ଏସ୍‌ଡିଆର ସମେତ ସବୁ ପଣ୍ୟ କାରବାର ମଧ୍ୟ ହ୍ରାସ ଘଟିଥିବା ଜଣାପଡ଼ିଛି । ଏଥିଯୋଗୁଁ ମୁଦ୍ରା ଭଣ୍ଡାର ହ୍ରାସ ପାଇ ୬୯୦. ୭୨୦ ବିଲିୟନ ଡଲାରକୁ ଖସି ଆସିଛି । ଏହାର ପୂର୍ବ ସପ୍ତାହରେ ମୁଦ୍ରା ଭଣ୍ଡାରରେ ୧.୪ ବିଲିୟନ ଡଲାର ବୃଦ୍ଧି ଦେଖାଦେଇଥିଲା । ଭାରତୀୟ ରିଜର୍ଭ ବ୍ୟାଙ୍କ ପକ୍ଷରୁ ଶୁକ୍ରବାର ଏହି ସୂଚନା ଦିଆଯାଇଛି । ରିପୋର୍ଟ ଅନୁଯାୟୀ, ସମୀକ୍ଷାଧୀନ ସପ୍ତାହରେ ଫରେନ କରେନ୍ସି ଆସେଟ (ଏଫସିଏ) ମଧ୍ୟ ୩.୬୫୨ ବିଲିୟନ ଡଲାର ହ୍ରାସ ପାଇଥିଲା । ଏବେ ଏହି ଭଣ୍ଡାର ୫୮୨. ୨୫୧ ବିଲିୟନ ଡଲାରକୁ ଖସି ଯାଇଛି । ସେହିପରି ଭାରତର ସ୍ୱର୍ଣ୍ଣ ଭଣ୍ଡାର ୪୬୪ ନିୟୁତ ଡଲାର ହ୍ରାସ ପାଇ ୮୫.୦୦୩ ବିଲିୟନ ଡଲାର ରହିଛି ।

## ରାଜସ୍ଥାନ ରୟାଲ୍ସ ଛାଡ଼ିଲେ ଦ୍ରାବିଡ୍



**ମୁଖ୍ୟ ପ୍ରଶିକ୍ଷକ ପଦରୁ ଇସ୍ତଫା**

■ଜୟପୁର, ୩୦।୮ (ଏଜେନ୍ସି): ଆଇପିଏଲ୍‌ର ଆଗାମୀ ୨୦୨୬ ସିଜନ ପୂର୍ବରୁ ରାଜସ୍ଥାନ ରୟାଲ୍ସ ଦଳକୁ ବଡ଼ ଝଟ୍‌କା ଲାଗିଛି । ଦଳର ମୁଖ୍ୟ ପ୍ରଶିକ୍ଷକ ରାହୁଲ ଦ୍ରାବିଡ୍ ତାଙ୍କ ପଦରୁ ଇସ୍ତଫା ଦେଇଛନ୍ତି । ଦ୍ରାବିଡ୍ ଇସ୍ତଫା ଦେଇଥିବା ନେଇ ଶନିବାର ରାଜସ୍ଥାନ ଫ୍ରାଞ୍ଚାଇଜ ପକ୍ଷରୁ ଏକ ବିବୃତି ଜାରି କରି ସୂଚନା ଦିଆଯାଇଛି । ଫ୍ରାଞ୍ଚାଇଜ ପକ୍ଷରୁ ତାଙ୍କୁ ବଡ଼ ପଦବୀ ଲାଗି ଅଫର୍ ଦିଆଯାଇଥିଲା । କିନ୍ତୁ ସେ ଏହାକୁ ପ୍ରତ୍ୟାଖ୍ୟାନ କରିଥିଲେ । ଗତ ବର୍ଷ ସେପ୍ଟେମ୍ବରରେ ଦ୍ରାବିଡ୍ ରାଜସ୍ଥାନ ରୟାଲ୍ସର ମୁଖ୍ୟ ପ୍ରଶିକ୍ଷକ ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ । ତାଙ୍କ ତତ୍ତ୍ୱାବଧାନରେ ରାଜସ୍ଥାନ ଆଇପିଏଲ୍‌ର ଗତ ୧୮ ତମ ସଂସ୍କରଣରେ ୧୪ ମ୍ୟାଚ୍ ଖେଳି ମାତ୍ର ୪ଟି ବିଜୟ ହାସଲ କରିପାରିଥିଲା । ▶ବିବରଣୀ ପୃଷ୍ଠା-୧୨

## ବିଶ୍ୱର ସବୁଠୁ ଧନୀ ଗାଁ ମାଧାପାର

**ଏଫ୍‌ଡିରେ ୫ ହଜାର କୋଟିର ନିବେଶ**



■ନୂଆଦିଲ୍ଲୀ, ୩୦।୮ (ଏଜେନ୍ସି): ଭାରତରେ ବିଶ୍ୱର ସବୁଠୁ ଧନୀ ଗାଁ ରହିଛି । ଗୁଜରାଟର କଚ୍ଛ ଜିଲ୍ଲାରେ ଥିବା ଏହି ଗାଁର ନାଁ ମାଧାପାର । ୧୨ଶ ଶତାବ୍ଦୀରେ ପ୍ରତିଷ୍ଠା ହୋଇଥିବା ଏହି ଗାଁ ମିସ୍ତ୍ରୀ ସମୁଦାୟ ପାଇଁ ପ୍ରସିଦ୍ଧି ଅର୍ଜନ କରିଥିଲା । ଏମାନେ ଅନେକ ମନ୍ଦିର ଏବଂ ଐତିହାସିକ କୋଠା ନିର୍ମାଣ କରିଥିଲେ । କିନ୍ତୁ ଏବେ ଏହି ମାଧାପାର ଗାଁ ପ୍ରବାସୀ ଭାରତୀୟ ବା ଏନ୍‌ଆର୍‌ଆଇଙ୍କ ପାଇଁ ସଫଳତାର ଶିଖର ଛୁଇଁଛି । ବିଶ୍ୱର ସବୁଠୁ ଧନୀ ଗାଁର ମାନ୍ୟତା ପାଇଛି । ଏହି ଗାଁରେ ଥିବା ବ୍ୟାଙ୍କ ଶାଖାଗୁଡିକରେ ପ୍ରାୟ ୫ ହଜାର କୋଟି ଟଙ୍କାର ଫିକ୍ସଡ ଡିପୋଜିଟ (ଏଫଡି) ବା ସ୍ଥାୟୀ ଜମା ରହିଛି । ଗାଁରେ ମୋଟ ୯୨ ହଜାର ଲୋକ ରହୁଛନ୍ତି । ଏଠାରେ ପ୍ରାୟ ୭,୬୦୦ ଘର ରହିଛି । କିନ୍ତୁ ଏନ୍‌ଆରଆଇ ଏହି ଗାଁ ପାଇଁ ଆଶୀର୍ବାଦ ପାଲଟିଛନ୍ତି । ଆଜି ବିଶ୍ୱର ଅନେକ ରାଷ୍ଟ୍ରରେ ଏହି ଗାଁର ଲୋକେ ରହିଛନ୍ତି । ପ୍ରାୟ ୬୫ ପ୍ରତିଶତ ଲୋକ ଏନ୍‌ଆର୍‌ଆଇ ଥିବା ଜଣାପଡ଼ିଛି । ▶ପୃଷ୍ଠା-୭

### ଟ୍ରମ୍ପଙ୍କୁ ଫେଡେରାଲ୍ କୋର୍ଟରୁ ବଡ଼ ଝଟ୍‌କା

# ଚଢ଼ା ଶୁଳ୍କ ବେଆଇନ


**ଶୁଳ୍କ ଲଗାଇବାର କ୍ଷମତା ରାଷ୍ଟ୍ରପତିଙ୍କୁ ମିଳିନି**



**ଶୁଳ୍କ ଉପରେ ରୋକ୍ ଲଗାଇଲେନି କୋର୍ଟ**

**ଅକ୍ଟୋବର ୧୪ ଯାଏ ଦେଲେ ମହଲତ**

■ୱାସିଂଟନ, ୩୦।୮ (ଏଜେନ୍ସି): ଚଢ଼ା ଶୁଳ୍କ ଲଗାଇ ସାରା ବିଶ୍ୱରେ ଆର୍ଥିକ ଯୁଦ୍ଧ ଆରମ୍ଭ କରିଥିବା ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ଶନିବାର କୋର୍ଟ ଝଟ୍‌କା ଲାଗିଛି । ସେ ଲଗାଇଥିବା ଅଧିକାଂଶ ଶୁଳ୍କ ବେଆଇନ ବୋଲି ଆମେରିକାର ଏକ ଅପିଲ କୋର୍ଟ ରାୟ ଦେଇଛନ୍ତି । ଏଭଳି ଶୁଳ୍କ ଲଗାଇ ଟ୍ରମ୍ପ ନିଜ ଅଧିକାର କ୍ଷେତ୍ରର ଉଲ୍ଲଙ୍ଘନ କରିଛନ୍ତି । ଏହି ଶୁଳ୍କ କାର୍ଯ୍ୟକାରୀ କରିବା ପାଇଁ ଟ୍ରମ୍ପ ଯେଉଁ ଆଇନ ବ୍ୟବହାର କରିଥିଲେ ତାହା ତାଙ୍କୁ ଏଭଳି ଅଧିକାର ପ୍ରଦାନ କରୁନାହିଁ । ୱାସିଂଟନ ସ୍ଥିତ 'ୟୁଏସ୍ କୋର୍ଟ ଅଫ୍ ଅପିଲ୍ସ ଫର ଦ ଫେଡେରାଲ ସର୍କିଟ' ପକ୍ଷରୁ ଦିଆଯାଇଥିବା ଏହି ରାୟ ଟ୍ରମ୍ପଙ୍କ ଆର୍ଥିକ ରଣନୀତି ପାଇଁ ଶକ୍ତ ଚାପୁଡ଼ା ସାବ୍ୟସ୍ତ ହୋଇଛି । ତେଣୁ ସେ ରାୟକୁ ତୀବ୍ର ସମାଲୋଚନା କରିଛନ୍ତି । ଶୁଳ୍କ ହଟିଲେ ଦେଶ ବର୍‌ବାଦ ହୋଇଯିବ ବୋଲି କହିଛନ୍ତି । ରାୟ ବିରୋଧରେ ସୁପ୍ରିମକୋର୍ଟ ଯିବେ ବୋଲି କହିଛନ୍ତି ।



**ଶୁଳ୍କ ହଟିଲେ ଦେଶ ବର୍‌ବାଦ ହୋଇଯିବ । ରାୟ ବିରୁଦ୍ଧରେ ସୁପ୍ରିମ୍‌କୋର୍ଟ ଯିବି**

ଶୁଣାଣି ସମୟରେ କୋର୍ଟ କହିଥିଲେ ଯେ ସବୁ ଆମଦାନୀ ଉପରେ ଶୁଳ୍କ ଲଗାଇବା ପାଇଁ ଟ୍ରମ୍ପଙ୍କୁ ଅସୀମିତ କ୍ଷମତା ମିଳିନାହିଁ । ତେବେ ଏହି ଶୁଳ୍କ ଉପରେ କୋର୍ଟ କୌଣସି କଟକଣା ଲଗାଇ ନାହାନ୍ତି । ଏହି ରାୟ ଅକ୍ଟୋବର ପର୍ଯ୍ୟନ୍ତ କାର୍ଯ୍ୟକାରୀ ହେବନାହିଁ । ସୁପ୍ରିମକୋର୍ଟରେ ଆବେଦନ ପାଇଁ ରାଷ୍ଟ୍ରପତିଙ୍କୁ ଏହି ସମୟ ଦିଆଯାଇଛି । କୋର୍ଟରେ ▶ପୃଷ୍ଠା-୭



**X ରେ ଭାଇରାଲ୍ 'ଟ୍ରମ୍ପ ମୃତ'**

*ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ 'ମୃତ୍ୟୁ' ଖବର ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ଟ୍ରେଣ୍ଡ କରୁଛି । 'ଟ୍ରମ୍ପ ଇଜ୍ ଡେଡ୍' ଅର୍ଥାତ ଟ୍ରମ୍ପଙ୍କ ମୃତ୍ୟୁ ହୋଇଛି ବୋଲି ଲେଖାଯାଇଛି । ଶନିବାର ଟ୍ରମ୍ପଙ୍କ ମୃତ୍ୟୁଖବର ଖବର ସହିତ ଜଡିତ ୬୦ ହଜାର ପୋଷ୍ଟ ସେୟାର କରାଯାଇଛି ।*


➔ ପୃଷ୍ଠା-୨

# ୭ ବର୍ଷ ପରେ ଚୀନ୍‌ରେ ମୋଦୀ

**ଜିନ୍‌ପିଙ୍ଗ ଓ ପୁଟିନଙ୍କ ସହ ହେବ ଆଲୋଚନା**



■ନୂଆଦିଲ୍ଲୀ, ୩୦।୮ (ଏଜେନ୍ସି): ଜାପାନ ଗସ୍ତ ଶେଷ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଚୀନରେ ଯାଇ ପହଞ୍ଚିଛନ୍ତି । ୭ ବର୍ଷ ପରେ ଏହା ହେବ ତାଙ୍କର ପ୍ରଥମ ଚୀନ ଗସ୍ତ । ଭାରତ ଓ ଆମେରିକା ମଧ୍ୟରେ ଶୁଳ୍କକୁ ନେଇ ସଂପର୍କ ତିକ୍ତ ହୋଇଥିବା ବେଳେ ମୋଦୀଙ୍କ ଚୀନ ଗସ୍ତ ବେଶ ଗୁରୁତ୍ୱ ବହନ କରୁଛି । ସଂଘାଇ ସହଯୋଗ ସଂଗଠନ (ଏସ୍‌ସିଓ) ଶୀର୍ଷ ବୈଠକରେ ଯୋଗ ଦେବାପାଇଁ ଚୀନ ଯାଇଥିବା ମୋଦୀ ଚୀନ ଓ ରୁଷ ରାଷ୍ଟ୍ରପତିଙ୍କ ସହ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି । ପ୍ରଧାନମନ୍ତ୍ରୀ ଚୀନର ତିଆନଜିନ୍ ସହରରେ ପହଞ୍ଚିବା କ୍ଷଣି ସେଠାରେ ତାଙ୍କୁ ବିପୁଳ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି । ଆସନ୍ତାକାଲି ଅଗଷ୍ଟ ୩୧ ଏବଂ ସେପଟେମ୍ବର ୧ ତାରିଖରେ ଦୁଇ ଦିନ ଧରି ତିଆନଜିନରେ ସଂଘାଇ ଶୀର୍ଷ ବୈଠକ ହେବ । ଏହି ଅବସରରେ ଚୀନ ରାଷ୍ଟ୍ରପତି ଜି ଜିଙ୍ଗପିଙ୍ଗ ଓ ପ୍ରଧାନମନ୍ତ୍ରୀ ମୋଦୀଙ୍କ ମଧ୍ୟରେ ଦ୍ୱିପାକ୍ଷିକ କଥାବାର୍ତ୍ତା ହେବ । ଏହି ବହୁପ୍ରତୀକ୍ଷିତ କଥାବାର୍ତ୍ତା ଉପରେ ସମସ୍ତଙ୍କର ନଜର ରହିଛି । ଭାରତ ଉପରେ ଆମେରିକାର ୫୦ ପ୍ରତିଶତ ଶୁଳ୍କ ଘୋଷଣା ପରେ ପ୍ରଥମ ଥର ଲାଗି ଦୁଇ ନେତାଙ୍କ ମଧ୍ୟରେ ହେଉଥିବା ଏହି ବୈଠକରେ ଭାରତ-ଚୀନ ଅର୍ଥନୈତିକ ସଂପର୍କକୁ ସୁଦୃଢ଼ କରିବା ଉପରେ ଆଲୋଚନା ହେବ । ଏହାସହିତ ଲଦାଖ ସୀମା ଉତ୍ତେଜନା ପରେ ତିକ୍ତ ହୋଇପଡ଼ିଥିବା ଦ୍ୱିପାକ୍ଷିକ ସଂପର୍କକୁ କେମିତି ସ୍ୱାଭାବିକ କରାଯାଇପାରିବ, ତାହା ଉପରେ ଦୁଇ ନେତା ▶ପୃଷ୍ଠା-୭



**ସବୁଦିନ ପାଇଁ କେହି ଶତ୍ରୁ କି ମିତ୍ର ନୁହନ୍ତି**

## ଓଡ଼ିଶା ଆସିବେ ରାହୁଲ



■ଭୁବନେଶ୍ୱର, ୩୦।୮ (ସମିସ): ଜାତୀୟ କଂଗ୍ରେସ ଫୋକସ୍‌ରେ ଓଡ଼ିଶା ରହିଥିବା ବେଳେ ଆଗାମୀ ଦିନରେ କେନ୍ଦ୍ରୀୟ ନେତୃତ୍ୱ ଓଡ଼ିଶାକୁ ଏକାଧିକ ଗସ୍ତ କରିବେ । ଏହି କ୍ରମରେ ଆସନ୍ତା ନଭେମ୍ବର, ଡିସେମ୍ବର ମଧ୍ୟରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଓଡ଼ିଶା ଗସ୍ତରେ ଆସିବେ ବୋଲି ପିସିସି ସଭାପତି ଭକ୍ତଚରଣ ଦାସ ସୂଚନା ଦେଇଛନ୍ତି । ଭୋଟ ଚୋରି, ଗରିବୀ, ନାରୀ ସୁରକ୍ଷା ପ୍ରସଙ୍ଗରେ କାର୍ଯ୍ୟକ୍ରମ କରାଯିବ ବୋଲି ସେ କହିଛନ୍ତି ।

# ରାଜ୍ୟରେ ସାର ସଙ୍କଟ

### କେନ୍ଦ୍ରମନ୍ତ୍ରୀଙ୍କୁ ଚିଠି ଲେଖିଲେ ନବୀନ

■ଭୁବନେଶ୍ୱର, ୩୦।୮ (ସମିସ): ରାଜ୍ୟବ୍ୟାପୀ ସାର ସଂକଟ, ଯୋଗାଣ ଅଭାବ ଏବଂ ବ୍ୟାପକ ଅବ୍ୟବସ୍ଥା କାରଣରୁ ଚାଷୀକୁଳ ହନ୍ତସନ୍ତ ହେଉଛନ୍ତି । ବାରମ୍ବାର ଦାବି ସତ୍ତ୍ୱେ ସରକାର ସାର ଯୋଗାଇ ପାରୁନାହାନ୍ତି । ତେଣୁ, ଚାଷୀ ରାଜରାସ୍ତାକୁ ଓହ୍ଲାଇ ।।ଲେଣି । ଗୋଟିଏପଟେ ସାର ଅଭାବ ସାଙ୍ଗକୁ ଅନ୍ୟପଟେ କଳାବଜାର, ଅପମିଶ୍ରଣ ଚାଷୀଙ୍କ ଚିନ୍ତାକୁ ଦ୍ୱିଗୁଣିତ କରିଛି । ଚାଷୀକୁଳର ଏପରି ସଙ୍କଟଜନକ ସ୍ଥିତିକୁ ନେଇ ଗଭୀର ଉଦ୍‌ବେଗ ପ୍ରକାଶ କରିଛନ୍ତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ । ଶନିବାର କେନ୍ଦ୍ର ସାର ଓ ରସାୟନ ମନ୍ତ୍ରୀ ଜେ.ପି ନଡ୍ଡାଙ୍କୁ ଚିଠି ଲେଖି ନବୀନ ରାଜ୍ୟରେ ସାର ଯୋଗାଣରେ ଅବ୍ୟବସ୍ଥା ସମ୍ପର୍କରେ ଅବଗତ କରାଇବା ସହ ଚାଷୀକୁଳର ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ ତୁରନ୍ତ ଆବଶ୍ୟକ ୟୁରିଆ ଯୋଗାଣ ସୁନିଶ୍ଚିତ କରିବାକୁ ଦାବି କରିଛନ୍ତି ।

ନିଜ ଚିଠିରେ ଶ୍ରୀ ପଟ୍ଟନାୟକ ଉଲ୍ଲେଖ କରିଛନ୍ତି ଯେ କୃଷି ଓଡ଼ିଶା ଅର୍ଥନୀତିର ମୁଖ୍ୟ ଆଧାର । ରାଜ୍ୟର ୭୦ ଭାଗରୁ ଅଧିକ ଲୋକଙ୍କୁ କୃଷି ହିଁ ଜୀବିକା ଯୋଗାଇଥାଏ । ଗତ ଦୁଇ ଦଶନ୍ଧିରେ ଓଡ଼ିଶା କୃଷି କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରିଥିଲା । ୨୦୦୦ ମସିହାରେ ଚାଉଳ ପାଇଁ ଅନ୍ୟ ଉପରେ ନିର୍ଭର କରୁଥିବା ଓଡ଼ିଶା ଆଜି ଦେଶର ସାଧାରଣ ବଣ୍ଟନ ବ୍ୟବସ୍ଥାକୁ ଚାଉଳ ଯୋଗାଣରେ ▶ପୃଷ୍ଠା-୭



- ସାର ଅଭାବ ଯୋଗୁଁ କୃଷିକାର୍ଯ୍ୟ ବାଧାପ୍ରାପ୍ତ, ସଙ୍କଟରେ ଚାଷୀ
- ତୁରନ୍ତ ଆବଶ୍ୟକ ୟୁରିଆ ଯୋଗାଣ ସୁନିଶ୍ଚିତ ଦାବି
- ୭.୯୪ ଲକ୍ଷ ଟନ ସାର ମହଜୁଦ ଥିବା ନେଇ ଦାବି କରୁଛନ୍ତି ରାଜ୍ୟ ସରକାର; ଚାଷୀଙ୍କୁ ମିଳୁନି
- ଚାଷୀଙ୍କ ବଦଳରେ ଘରୋଇ ଡିଲରଙ୍କୁ ସାର ବିକୁଛି ମାର୍କଫେଡ
- ୭ ବର୍ଷ ବିତିଲା; କାର୍ଯ୍ୟକ୍ଷମ ହୋଇନି ତାଳଚେର ସାର କାରଖାନା

## ଆହୁରି ୪ ଦିନ ବର୍ଷା



■ଭୁବନେଶ୍ୱର, ୩୦।୮ (ସମିସ): ରାଜ୍ୟରେ ଆହୁରି ୪ ଦିନ ବର୍ଷା ଲାଗି ରହିବ । କିଛି କିଛି ସ୍ଥାନରେ ଝିପିଝିପି ବର୍ଷା ସହ ବିଜୁଳି ଘଡଘଡି ହେବାର ସମ୍ଭାବନା ବି ରହିଛି । ଆସନ୍ତା ୨୪ ଘଣ୍ଟାରେ ରାଜ୍ୟର ୨୦ ଜିଲ୍ଲାରେ ବର୍ଷା ହେବା ନେଇ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସତର୍କତା ଜାରି କରାଯାଇଛି । ବର୍ଷା ସମୟରେ ପବନର ବେଗ ୩୦ରୁ ୪୦ କିମି ରହିବ । କିଛି ସ୍ଥାନରେ ସାମାନ୍ୟ ଓ କିଛି ସ୍ଥାନରେ ଅଧିକ ବର୍ଷା ହେବା ସହ ଘଡ଼ଘଡ଼ି ଓ ପବନର ▶ପୃଷ୍ଠା-୭

**୩ରେ ପୁଣି ଏକ ଲଘୁଚାପ**

# ଜିଏସ୍‌ଟି ସଂଶୋଧନରେ ରାଜସ୍ୱ କ୍ଷତି ଆଶଙ୍କା

### ୨ ଲକ୍ଷ କୋଟି ଦାବିକଲେ ୮ ବିରୋଧୀ ଶାସିତ ରାଜ୍ୟ




■ନୂଆଦିଲ୍ଲୀ, ୩୦।୮ (ଏଜେନ୍ସି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସ୍ୱାଧୀନତା ଦିବସରେ ଲାଲକିଲ୍ଲାରୁ ଜନତାଙ୍କ ପାଇଁ ବଡ଼ ଘୋଷଣା କରିଥିଲେ । ଦ୍ରବ୍ୟ ଏବଂ ସେବା କର (ଜିଏସ୍‌ଟି)ର ସ୍ଲାବକୁ ହ୍ରାସ କରି ଦୀପାବଳି ଭେଟି ଦିଆଯିବ ବୋଲି କହିଥିଲେ । ମାତ୍ର ଏହା ଏବେ କେବଳ ଘୋଷଣା ହୋଇ ରହିଛି । ଆସନ୍ତା ତିନି ଏବଂ ଚାରି ତାରିଖରେ ନୂଆଦିଲ୍ଲୀରେ ହେବାକୁ ଥିବା ଜିଏସ୍‌ଟି ପରିଷଦ ବୈଠକରେ ଏହା ଉପରେ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯିବ । ଏଥିରେ ଜିଏସ୍‌ଟି ସ୍ଲାବକୁ ୪ରୁ ହ୍ରାସ କରି ଦୁଇ କରିବାକୁ ନିଷ୍ପତ୍ତି ନିଆଯାଇପାରେ । ତେବେ ବିରୋଧୀ ଦଳଙ୍କ ଶାସିତ ୮ ରାଜ୍ୟ ଏଥିରେ କେଁ ପୂରାଇଛନ୍ତି । ଜିଏସ୍‌ଟି ପରିଷଦ ବୈଠକରେ ନୂଆ ଦାବି ରଖିବାକୁ ଏହି ରାଜ୍ୟମାନେ ନିଷ୍ପତ୍ତି ନେଇଥିବା ସୂଚନା ମିଳିଛି । ଜିଏସ୍‌ଟିରେ ସୁଧାର ପାଇଁ କେନ୍ଦ୍ର ଦେଇଥିବା ପ୍ରସ୍ତାବ ଦ୍ୱାରା ହିମାଚଳ ପ୍ରଦେଶ, ଝାଡ଼ଖଣ୍ଡ, କର୍ଣ୍ଣାଟକ, କେରଳ, ପଞ୍ଜାବ, ତାମିଲନାଡୁ, ତେଲଙ୍ଗାନା ଏବଂ ପଶ୍ଚିମବଙ୍ଗର ୧.୫ ଲକ୍ଷ କୋଟିରୁ ୨ ଲକ୍ଷ କୋଟି ଟଙ୍କା ପର୍ଯ୍ୟନ୍ତ ରାଜସ୍ୱ କ୍ଷତି ହେବ । ତେଣୁ ଏହାର ଭରଣା କରିବାକୁ ୫ ବର୍ଷ ପର୍ଯ୍ୟନ୍ତ କ୍ଷତିପୂରଣ ଦେବା ନିମନ୍ତେ ଦାବି କରିଛନ୍ତି । ଏହି ସବୁ ରାଜ୍ୟର ଅର୍ଥମନ୍ତ୍ରୀଙ୍କ ମଧ୍ୟରେ ଶୁକ୍ରବାର ନୂଆଦିଲ୍ଲୀରେ ଏକ ▶ପୃଷ୍ଠା-୭

## ଚଳନ୍ତା ଭ୍ୟାନ୍‌ରେ ଯୁବତୀଙ୍କୁ ଗଣଦୁଷ୍କର୍ମ

■ବାରିପଦା, ୩୦।୮ (ସମିସ): ଚାକିରି କରାଇ ଦେବାର ପ୍ରଲୋଭନ ଦେଖାଇ ଜଣେ ଯୁବତୀଙ୍କୁ ଚଳନ୍ତା ଭ୍ୟାନ୍‌ରେ ଗଣଦୁଷ୍କର୍ମ କରାଯିବା ଭଳି ଘଟଣା ଆଜି ମୟୂରଭଞ୍ଜ ଜିଲ୍ଲା ଉଦଳା ଥାନା ଅଞ୍ଚଳରେ ତୀବ୍ର ଆଲୋଡ଼ନ ସୃଷ୍ଟି କରିଛି । ଅଭିଯୁକ୍ତମାନେ ଏକ ଓମିନି ଭ୍ୟାନ୍‌ରେ ଯୁବତୀଙ୍କୁ ବାଙ୍ଗିରିପୋଷିରୁ ଉଦଳାକୁ ନେବା ସମୟରେ ରାସ୍ତାପାର୍ଶ୍ୱରେ ଗଣଦୁଷ୍କର୍ମ କରିଛନ୍ତି । ପୀଡ଼ିତାଙ୍କ ଅଭିଯୋଗ ଆଧାରରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି । ଏହି ଘଟଣାରେ ପୁଲିସ ୨ଜଣଙ୍କୁ ଅଟକ ରଖି ପଚରାଉଚରା ଜାରି ରଖିଛି । ଏହାସହ ପୁଲିସ ପୀଡ଼ିତାଙ୍କ ଡାକ୍ତରୀମାଇନା କରାଇବା ସହ ବୟାନ ରେକର୍ଡ ପରେ ତାଙ୍କ ମା'ଙ୍କ ସହିତ ସୁଧାର ଗୃହରେ ଛାଡ଼ିଛି । ସୂଚନାନୁଯାୟୀ, ଶୁକ୍ରବାର ଜଣେ ଯୁବକ ତା'ର ସହଯୋଗୀଙ୍କ ସହ ବାଙ୍ଗିରିପୋଷି ଥାନା ଅଞ୍ଚଳକୁ ଆସିଥିଲା । ▶ପୃଷ୍ଠା-୭

**୨ ଅଟକ**

### ଏକାଧିକ ସମସ୍ୟାକୁ ନେଇ ସନ୍ତୁଳି ହେଉଛନ୍ତି ପୌରସଂସ୍ଥା

# ବଢୁଛି ରାଜନୈତିକ ହସ୍ତକ୍ଷେପ; ବିକାଶ ବାଧାପ୍ରାପ୍ତ

■ଭୁବନେଶ୍ୱର, ୩୦।୮ (ସମିସ): ଆସନ୍ତାକାଲି ରାଜ୍ୟରେ ସ୍ୱାୟତ୍ତ ଶାସନ ଦିବସ ପାଳନ କରାଯିବ । ସହରାଞ୍ଚଳର ଜନସାଧାରଣଙ୍କୁ ଉତ୍ତମ ସେବା ଯୋଗାଇ ଦେବା କ୍ଷେତ୍ରରେ ସ୍ୱାୟତ୍ତ ଶାସନ ବ୍ୟବସ୍ଥା ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ । ତେବେ ଏକାଧିକ ସମସ୍ୟାକୁ ନେଇ ପୌରସଂସ୍ଥା ଗୁଡ଼ିକ ସନ୍ତୁଳି ହେଉଥିବା ବେଳେ ରାଜନୈତିକ ହସ୍ତକ୍ଷେପ ଏହାକୁ ଅଧିକ ଜଟିଳ କରୁଛି । ଯାହାକୁ ନେଇ ପୌର ବାସିନ୍ଦାଙ୍କ ମଧ୍ୟରେ ଅସନ୍ତୋଷ ବଢୁଥିବା ବେଳେ ଏଥିରେ ଲଗାମ ଲାଗିବା ଜରୁରି ବୋଲି ସାଧାରଣରେ ମତପ୍ରକାଶ ପାଇଛି ।




**ନୂଆ ଏନଏସି ଘୋଷଣାକୁ ନେଇ ରାଜ୍ୟବ୍ୟାପୀ ଅସନ୍ତୋଷ, ପୂର୍ବ ସରକାରଙ୍କ ଘୋଷଣାକୁ କାର୍ଯ୍ୟକାରୀ କରିବାକୁ ଦାବି**

**ସମ୍ବଲପୁର ଓ ରାଉରକେଲା ମହାନଗର ନିଗମରେ ଆଜିପର୍ଯ୍ୟନ୍ତ ହେଲାନି ନିର୍ବାଚନ**

ସୂଚନାଯୋଗ୍ୟ ଯେ ନିକଟରେ ରାଜ୍ୟ ସରକାର ୧୨ଟି ନୂଆ ଏନ୍‌ଏସି ଗଠନ ପାଇଁ ଡ୍ରାଫ୍ଟ ବିଜ୍ଞପ୍ତି ଘୋଷଣା କରିଛନ୍ତି । ଯାହାକୁ ନେଇ ରାଜ୍ୟବ୍ୟାପୀ ଅସନ୍ତୋଷର ନିଆଁ କୁହୁଳିଛି । ଯୋଗ୍ୟତା ଅପେକ୍ଷା ନୂଆ ଏନ୍‌ଏସି ଗଠନ ପ୍ରକ୍ରିୟାରେ ରାଜନୈତିକ ଦବଦବାକୁ ଅଧିକ ଗୁରୁତ୍ୱ ଦିଆଯାଇଥିବା ସାଧାରଣରେ ଅଭିଯୋଗ ହେଉଛି । ସୂଚନାଯୋଗ୍ୟ ଯେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୨୦୨୪ ମସିହାରେ ଦୁଇଟି ପର୍ଯ୍ୟାୟରେ ରାଜ୍ୟରେ ୫୬ଟି ଏନ୍‌ଏସି ଗଠନ ହେବ ବୋଲି ଘୋଷଣା କରିଥିଲେ । ଏହା ସହ ୫ଟି ଏନ୍‌ଏସି ମ୍ୟୁନିସିପାଲିଟିକୁ ଉନ୍ନୀତ କରାଯାଇଥାନ୍ତା । ନୂଆ ସରକାର ମାତ୍ର ୧୨ଟି ନୂଆ ଏନଏସି ଘୋଷଣା କରିଥିବା ବେଳେ ଆଉ ୯ଟି ଏନଏସି ଆସନ୍ତାକାଲି ଘୋଷଣା କରାଯିବ ବୋଲି ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ସୂଚନା ଦେଇଛନ୍ତି । ତେବେ ପୂର୍ବରୁ ତାଲିକାଭୁକ୍ତ ବହୁ ଏନ୍‌ଏସି ନୂତନ ▶ପୃଷ୍ଠା-୭




# 'ହ୍ୟୁମାନ୍ ଜିପିଏସ୍' ଭାବେ ପରିଚିତ ଆତଙ୍କବାଦୀ ବାଗୁ ଖାନ୍ ନିହତ



**୨୫ ବର୍ଷରେ ୧୦୦ରୁ ଅଧିକ ଅନୁପ୍ରବେଶ କରାଇଥିଲା**

ଶ୍ରୀନଗର, ୩୦।୮ (ଏଜେନ୍ସି): 'ହ୍ୟୁମାନ ଜିପିଏସ୍' ନାମରେ ପରିଚିତ ଆତଙ୍କବାଦୀ ବାଗୁ ଖାନ୍ ଭାରତୀୟ ସୁରକ୍ଷାବାହିନୀ ସହ ଏନକାଉଣ୍ଟର ବେଳେ ନିହତ ହୋଇଛି। ଜମ୍ମୁ-କଶ୍ମୀର ବନ୍ଦିପୋରା ଜିଲ୍ଲାର ଗୁରେଜ ସେକ୍ଟରରେ ଥିବା ପ୍ରକୃତ ନିୟନ୍ତ୍ରଣ ରେଖା (ଏଲ୍‌ଓସି) ନିକଟରେ ସେ ପ୍ରାଣ ହରାଇଛି। ବାଗୁ ଖାନ୍ ମଧ 'ସମନ୍ଦର ଚାଚା' ଭାବେ ପରିଚିତ ଥିଲା। ୧୯୯୫ରେ ବାଗୁ ଖାନ୍ ପାକିସ୍ତାନ ଅଧିକୃତ କାଶ୍ମୀର (ପିଓକେ)ରେ ରହୁଥିଲା। ସେ ଗତ ୨୫ ବର୍ଷ ହେବ ଆତଙ୍କବାଦୀ କାର୍ଯ୍ୟକଳାପରେ ସାମିଲ ଥିଲା। ସେ ଆତଙ୍କୀଙ୍କୁ ଅନୁପ୍ରବେଶ କରାଇବାରେ ସିଦ୍ଧହସ୍ତ ଥିଲା। ସେ ୧୦୦ରୁ ଅଧିକ ଆତଙ୍କବାଦୀଙ୍କୁ ଅନୁପ୍ରବେଶ କରାଇବାରେ ସାମିଲ ରହିଥିଲା ବୋଲି ସେନା ତରଫରୁ କୁହାଯାଇଛି। ଜମ୍ମୁ-କଶ୍ମୀରରେ ଅନୁପ୍ରବେଶ କରାଇବାର ସବୁ ରାସ୍ତା ତାକୁ ଜଣାଥିଲା। ଧରା ପଡ଼ିବା ପରେ କେମିତି ଖସିବ ତାହା ମଧ ସେ ଭଲଭାବେ ଜାଣିଥିଲା। ଏଥିପାଇଁ ତାକୁ 'ହ୍ୟୁମାନ ଜିପିଏସ୍' କୁହାଯାଉଥିଲା। ସେ ହିଜବୁଲ ମୁଜାହିଦ୍ଦିନର ମୋଷ୍ଟ ୱାଣ୍ଟେଡ୍ ଆତଙ୍କାବାଦୀ ଭାବେ ସୁରକ୍ଷା ଏଜେନ୍ସିଗୁଡ଼ିକର ହିଟ୍‌ଲିଷ୍ଟରେ ଥିଲା। ଅଗଷ୍ଟ ୨୮ରୁ ଗୁରେଜ ସେକ୍ଟରରେ ବାଗୁ ଖାନ୍ ଅନୁପ୍ରବେଶ କରିବାକୁ ପ୍ରୟାସ କରୁଥିଲା। ଏହିସମୟାରେ ଭାରତୀୟ ସେନା ସହ ଗୁଳି ବିନିମୟ ଚାଲିଥିଲା। ଏଥିରେ ତା'ର ଜଣେ ସହଯୋଗୀ ନିହତ ହୋଇଛି।

ଗୁଇନ୍ଦା ସୂଚନା ଆଧାରରେ ସେନା ଓ ଜମ୍ମୁ-କଶ୍ମୀର ପୁଲିସ ମିଳିତ ଭାବେ ଅପରେସନ ଆରମ୍ଭ କରିଥିଲେ। ଆତଙ୍କବାଦୀମାନେ ଆଖିବୁଜା ଗୁଳି ଚଳାଇବାରୁ ସେନା ଜବାବୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲା। ଏଥିରେ ଦୁଇ ଆତଙ୍କବାଦୀ ନିହତ ହୋଇଥିଲେ। ଉଲ୍ଲେଖଥାଉ କି ପହଲଗାମ ଆତଙ୍କବାଦୀ ଆକ୍ରମଣ ପରେ ଜମ୍ମୁ-କଶ୍ମୀରର ଭିନ୍ନ ଭିନ୍ନ ୭ଟି ସ୍ଥାନରେ ହୋଇଥିବା ଏନ୍‌କାଉଣ୍ଟରରେ ଏପର୍ଯ୍ୟନ୍ତ ୨୩ ଜଣ ଆତଙ୍କବାଦୀ ନିହତ ହେଲେଣି।

# ଟ୍ରମ୍ପଙ୍କ 'ମୃତ୍ୟୁ' ନେଇ ସାମାଜିକ ଗଣମାଧ୍ୟମରେ ଟ୍ରେଣ୍ଡ



ୱାଶିଂଟନ, ୩୦।୮ (ଏଜେନ୍ସି): ଆମେରିକା ଉପ-ରାଷ୍ଟ୍ରପତି ଜେଡି ଭାନ୍ସଙ୍କ ଟିପ୍ପଣୀ ପରେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ମୃତ୍ୟୁ ଖବରକୁ ନେଇ ସାମାଜିକ ଗଣମାଧ୍ୟମରେ ହଇଚଇ ସୃଷ୍ଟି ହୋଇଛି। 'ଟ୍ରମ୍ପ ଇଜ୍ ଡେଡ୍' ହାସଟାଗ୍‌ର ଟ୍ରେଣ୍ଡ ଚାଲିଛି। ଶନିବାର ଦ୍ୱିପହର ସୁଦ୍ଧା ଏ ସମ୍ବନ୍ଧିତ ୬୦ ହଜାର ପୋଷ୍ଟ ସେୟାର କରାଯାଇଛି। ଗତ ଜୁଲାଇରେ ୭୯ ବର୍ଷୀୟ ଟ୍ରମ୍ପଙ୍କ ହାତରେ କ୍ଷତ ଚିହ୍ନ, ପାଦ ଫୁଲିଥିବା ଫଟୋ ସାମ୍ନାକୁ ଆସିଥିଲା। ଏହାପରଠାରୁ ତାଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ନେଇ ଚର୍ଚ୍ଚା ଚାଲିଛି। ସେତେବେଳେ ହ୍ୱାଇଟ୍ ହାଉସ୍ ଏହାକୁ ଗୁଜବ କହି ଖବରକୁ ପ୍ରତ୍ୟାଖାନ କରି ଦେଇଥିଲା। କିନ୍ତୁ ଗତ ୨୭ ତାରିଖରେ ଆମେରିକାର ଉପ-ରାଷ୍ଟ୍ରପତି ଜେଡି ଭାନ୍ସ ଏକ ସାକ୍ଷାତକାରରେ ଦେଇଥିବା ଟିପ୍ପଣୀ ଚର୍ଚ୍ଚାକୁ ଖୋରାକ ଯୋଗାଇଥିଲା। କୌଣସି ଖରାପ୍ ସ୍ଥିତି ଆସିଲେ ଦେଶର ନେତୃତ୍ୱ ନେବାକୁ ସେ ପ୍ରସ୍ତୁତ ବୋଲି ଭାନ୍ସ କହିଥିଲେ। କିନ୍ତୁ ଟ୍ରମ୍ପ ଏବେ ସମ୍ପୂର୍ଣ୍ଣ ଭାବେ ଫିଟ୍ ଓ ସୁସ୍ଥ ଅଛନ୍ତି ବୋଲି ସେ କହିଥିଲେ। ମାତ୍ର ହ୍ୱାଇଟ୍ ହାଉସ ପକ୍ଷରୁ ଏ ନେଇ କୌଣସି ପ୍ରତିକ୍ରିୟା ଦିଆଯାଇନାହିଁ। ପୁଣି ଭାନ୍ସଙ୍କ ସାକ୍ଷାତକାର ପରେ ଟ୍ରମ୍ପଙ୍କୁ ଗତ ୨୪ ଘଣ୍ଟା ମଧ୍ୟରେ ସାର୍ବଜନୀନ ଭାବେ ଦେଖିବାକୁ ମିଳିନାହିଁ ବୋଲି ସାମାଜିକ ଗଣମାଧ୍ୟମରେ ଦାବି କରାଯାଇଛି। ୨୦୨୫ରେ ଫେବୃଆରୀରେ ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ ମାକ୍ରୋନ ଓ ଜୁଲାଇରେ ୟୁରୋପିଆନ କମିସନ ଅଧ୍ୟକ୍ଷ ଉରଜୁଲା ଭାନ ଡେର ଲେୟେନଙ୍କ ସହ ସାକ୍ଷାତ ଅବସରରେ ଟ୍ରମ୍ପଙ୍କ ହାତରେ କ୍ଷତ ଚିହ୍ନ ଓ ଏହାର ମେକ୍‌ଅପ୍ ଦେଖିବାକୁ ମିଳିଥିଲା। ଏହାପରେ ଟ୍ରମ୍ପ ସ୍ନାୟବିକ ରୋଗରେ ପୀଡ଼ିତ ବୋଲି ହ୍ୱାଇଟ୍ ହାଉସ୍ ପକ୍ଷରୁ କୁହାଯାଉଥିଲା। କିନ୍ତୁ ବୃକକ ଓ ହୃତ୍‌ପିଣ୍ଡ ଜନିତ ସମସ୍ୟା ନ ଥିବା କୁହାଯାଇଥିଲା। ମାତ୍ର ସାମାଜିକ ଗଣମାଧ୍ୟମରେ ଚାଲିଥିବା ଏହି ଟ୍ରେଣ୍ଡକୁ ନେଇ ହ୍ୱାଇଟ୍ ହାଉସ ତରଫରୁ କିଛି କୁହାଯାଇନାହିଁ। ଏହା ଟ୍ରମ୍ପଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ନେଇ ଲାଗି ରହିଥିବା ସଂଶୟକୁ ଅଧିକ ବୃଦ୍ଧି କରିଛି।

## ୟୁକ୍ରେନର ପୂର୍ବତନ ସାଂସଦଙ୍କୁ ଗୁଳିକରି ହତ୍ୟା

କିଭ୍, ୩୦।୮ (ଏଜେନ୍ସି): ୟୁକ୍ରେନର ପ୍ରମୁଖ ରାଜନେତା ତଥା ପୂର୍ବତନ ସାଂସଦ ଅଧ୍ୟକ୍ଷ ଆନ୍ଦ୍ରି ପାରୁବୀଙ୍କୁ ଶନିବାର ଗୁଳିକରି ହତ୍ୟା କରାଯାଇଛି। ଦକ୍ଷିଣ ଫ୍ରାଙ୍କିଭସ୍କି ଜିଲ୍ଲାରେ ଦିନ ୧୨ରେ ଗୁଳିକାଣ୍ଡ ହୋଇଥିବା କଥା ପୁଲିସ କହିଛି। ଆକ୍ରମଣକାରୀ ପାରୁବୀଙ୍କ ଉପରେ ଏକାଧିକ ରାଉଣ୍ଡ ଗୁଳିମାଡ଼ କରିଥିଲା। ଫଳରେ ଘଟଣାସ୍ଥଳରେ ହିଁ ସେ ମୃତ୍ୟୁବରଣ କରିଥିଲେ। ଡେଲିଭରୀ ବଏ ଭାବେ ଆସି ଆକ୍ରମଣକାରୀ ଏହି ଘଟଣା ଘଟାଇଥିଲା। ସେ ଏକ ଇଲେକଟ୍ରିକ ସାଇକଲ ଚଢ଼ି ଆସିଥିଲା। ଗୁଳି ମାରିବା ପରେ ସେ ସାଇକଲ ଚଳାଇ ଘଟଣାସ୍ଥଳରୁ ପଳାଇ ଯାଇଥିଲା। ୫୪ ବର୍ଷୀୟ ପାରୁବୀ ଦୀର୍ଘବର୍ଷ ଧରି ସାଂସଦ ରହିଆସିଥିଲେ। ୨୦୦୪ରେ ସେ ଅରେଞ୍ଜ କ୍ରାନ୍ତି ଓ ୨୦୧୩-୧୪ରେ ୟୁରୋ ମଇଦାନ କ୍ରାନ୍ତିରେ ଅଂଶଗ୍ରହଣ କରିଥିଲେ। ୨୦୧୪ରେ ରୁଷିଆ କ୍ରିମିଆ ଉପରେ ଅଧିକାର କରିବା ପରେ ଓ ଡୋନବାସ୍‌ରେ ଯୁଦ୍ଧ ଆରମ୍ଭ ହେବା ପରେ ସେ ରାଷ୍ଟ୍ରିୟ ସୁରକ୍ଷା ଓ ପ୍ରତିରକ୍ଷା ପରିଷଦର ସଦସ୍ୟ ଥିଲେ।

## ମୋରିଟାନିଆରେ ନୌକା ବୁଡ଼ି; ୪୯ ମୃତ, ୧୦୦ ନିଖୋଜ

ନୌକାଚୋଟ୍, ୩୦।୮ (ଏଜେନ୍ସି): ପଶ୍ଚିମ ଆଫ୍ରିକୀୟ ଦେଶ ମୋରିଟାନିଆରେ ଏକ ବଡ଼ ଧରଣର ଅଘଟଣ ଘଟିଛି। ଚଳିତ ସପ୍ତାହ ପ୍ରାରମ୍ଭରେ ଏହି ଦେଶର ଉପକୂଳରେ ପ୍ରବାସୀ ନାଗରିକଙ୍କୁ ନେଇ ଯାଉଥିବା ଏକ ନୌକା ବୁଡିବା ଫଳରେ ୪୯ ଜଣ ଲୋକ ପ୍ରାଣ ହରାଇଛନ୍ତି ଓ ୧୦୦ ଜଣ ନିଖୋଜ ଅଛନ୍ତି। ୧୭ ଜଣ ଲୋକଙ୍କୁ ଉଦ୍ଧାର କରାଯାଇଛି। ଏପର୍ଯ୍ୟନ୍ତ ୪୯ଜଣଙ୍କ ମୃତଦେହ ଉଦ୍ଧାର କରାଯାଇଛି ଓ ସେମାନଙ୍କୁ କବର ଦିଆଯାଇଛି। ନିଖୋଜ ଥିବା ଲୋକଙ୍କୁ ଖୋଜିବା ପ୍ରକ୍ରିୟା ଜାରି ରହିଛି। ନୌକାରେ ପାଖାପାଖି ୧୬୦ଜଣ ଲୋକ ଥିଲେ। ଏଥିରେ ସେନେଗାଲ ଓ ଗାମ୍ବିଆର ନାଗରିକମାନେ ମଧ ଥିଲେ। ମଙ୍ଗଳବାର ବିଳମ୍ବିତ ରାତିରେ ଏହି ଦୁର୍ଘଟଣା ଘଟିଥିଲା ବୋଲି ଜଣାଶୁଣା ନ୍ୟୁଜ ଏଜେନ୍ସି ଏଏଫ୍‌ପି ସୂଚନା ଦେଇଛି।

## ସ୍କୁଲ୍ ଟଏଲେଟ୍‌ରେ ୯ମ ଶ୍ରେଣୀ ଛାତ୍ରୀଙ୍କ ପ୍ରସବ

ୟାଦଗିର, ୩୦।୮ (ଏଜେନ୍ସି): କର୍ଣ୍ଣାଟକର ୟାଦଗିର ଜିଲ୍ଲାର ଶାହାପୁର ତାଲୁକ୍‌ରେ ଏକ ଚକିତ କଲା ଭଳି ଘଟଣା ସାମ୍ନାକୁ ଆସିଛି। ଏହି ଅଞ୍ଚଳରେ ଥିବା ଏକ ସରକାରୀ ଆବାସିକ ବିଦ୍ୟାଳୟର ୯ମ ଶ୍ରେଣୀରେ ପଢ଼ୁଥିବା ଜଣେ ଛାତ୍ରୀ ଟଏଲେଟ୍‌ରେ ପିଲା ଜନ୍ମ ଦେଇଛନ୍ତି। ରୁଜୁ ହୋଇଥିବା ଏତଲା ଅନୁସାରେ ବାଳିକା ଜଣକ ୯ମାସର ଗର୍ଭବତୀ ଥିବା ଜଣାଯାଇଛି। ଛାତ୍ରୀ ଜଣକ ସେତେବେଳେ ଅସହ୍ୟ ଯନ୍ତ୍ରଣା ଅନୁଭବ କରିଥିଲେ, ସେତେବେଳେ ତାଙ୍କ ସହପାଠୀ ସ୍କୁଲ କର୍ତ୍ତୃପକ୍ଷ ଏନେଇ ଅବଗତ କରାଯାଇଥିଲେ। ଉଭୟ ବାଳିକା ଓ ନବଜାତ ଶିଶୁକୁ ହସ୍ପିଟାଲକୁ ନିଆଯାଇଥିଲା ଓ ଦୁହିଁଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଥିବା ଜଣାଯାଇଛି। ଏହି ମାମଲାରେ ଜଣେ ୨୮ ବର୍ଷୀୟ ବ୍ୟକ୍ତିଙ୍କ ବିରୋଧରେ ପୋକ୍‌ସୋ ଆକ୍ଟ ଅନୁଯାୟୀ ମାମଲା ରୁଜୁ କରାଯାଇଛି। ଏହି ଘଟଣା ଜଣାପଡ଼ିବା ପରେ କର୍ଣ୍ଣାଟକ ଆବାସିକ ଶିକ୍ଷାନୁଷ୍ଠାନ ସୋସାଇଟିର କାର୍ଯ୍ୟକାରୀ ନିର୍ଦ୍ଦେଶକ ଦୁଇଜଣ ଶିକ୍ଷକଙ୍କୁ କାର୍ଯ୍ୟରୁ ନିଲମ୍ବିତ କରିଛନ୍ତି। ପୁଲିସ ଆଉ ୪ଜଣ ବ୍ୟକ୍ତିଙ୍କ ନାମରେ ମାମଲା ରୁଜୁ କରିଛି। ସେମାନେ ହେଉଛନ୍ତି ହଷ୍ଟେଲ ୱାର୍ଡେନ, ସ୍କୁଲ ପ୍ରିନ୍ସପାଲ, ଜଣେ ଷ୍ଟାଫ୍ ନର୍ସ। ଏହି ଘଟଣାରେ ଦୋଷୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କର୍ଣ୍ଣାଟକ ଶିଶୁ ଅଧିକାର କମିଶନ ତରଫରୁ କୁହାଯାଇଛି।

## ଦିଲ୍ଲୀ କାଲକାଜି ମନ୍ଦିରରେ ସେବାୟତଙ୍କୁ ପିଟିପିଟି ହତ୍ୟା

ନୂଆଦିଲ୍ଲୀ, ୩୦।୮ (ଏଜେନ୍ସି): ଦିଲ୍ଲୀର ପ୍ରସିଦ୍ଧ କାଲକାଜି ମନ୍ଦିରରେ ଜଣେ ସେବାୟତଙ୍କୁ ବାଡିରେ ପିଟିପିଟି ହତ୍ୟା କରାଯିବାର ଘଟଣା ସାମ୍ନାକୁ ଆସିଛି। ଶୁକ୍ରବାର ରାତିରେ ଯୋଗେନ୍ଦ୍ର ସିଂ ନାମକ ଜଣେ ସେବାୟତଙ୍କୁ କେତେଜଣ ଯୁବକ ହତ୍ୟା କରିଛନ୍ତି। ଏହି ଘଟଣା ଭିଡିଓ ଭାଇରାଲ ହୋଇଛି। ଦୁଇଜଣ ତାଙ୍କୁ ନିସ୍ଥୁକ ଭାବେ ପିଟୁ ଥିବା ବେଳେ ଅନ୍ୟମାନେ ପାଖରେ ଠିଆ ହୋଇ ଦେଖୁଥିବା ଭିଡିଓରେ ଦେଖିବାକୁ ମିଳିଛି। ମନ୍ଦିରରେ ବହୁ ସଂଖ୍ୟାରେ ଭକ୍ତ ଥିଲେ ମଧ ସେମାନଙ୍କୁ ରୋକିବାକୁ ପ୍ରୟାସ କରି ନଥିଲେ। ଆକ୍ରମଣ କରିବା ପରେ ଯୁବକମାନେ ସେଠାରୁ ପଳାଇ ଯାଇଥିଲେ। ୩୦ ବର୍ଷୀୟ ଅତୁଲ ପାଣ୍ଡେ ନାମକ ଜଣେ ଅଭିଯୁକ୍ତଙ୍କୁ ସ୍ଥାନୀୟ ଲୋକେ କାବୁ କରିବାରେ ସଫଳ ହୋଇଥିଲେ ବୋଲି ପୁଲିସ କହିଛି। ଅଭିଯୁକ୍ତମାନେ ମନ୍ଦିରକୁ ଦର୍ଶନ କରିବାକୁ ଆସିଥିଲେ ଓ ଯୋଗେନ୍ଦ୍ରଙ୍କଠାରୁ ପ୍ରସାଦ ମାଗିଥିଲେ। ଏହାପରେ ଉଭୟଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା।

# ୫୦ରୁ କମ୍ ଅସ୍ତ୍ର ବ୍ୟବହାର କରି ଲକ୍ଷ୍ୟ ହାସଲ କରିଥିଲା ବାୟୁସେନା



ନୂଆଦିଲ୍ଲୀ, ୩୦।୮ (ଏଜେନ୍ସି): ଜମ୍ମୁ-କଶ୍ମୀର ପହଲଗାମ ଆକ୍ରମଣ ପରେ ଭାରତୀୟ ସେନା ଦ୍ୱାରା ହୋଇଥିବା 'ଅପରେସନ ସିନ୍ଦୂର'କୁ ନେଇ ଏବେ ନୂଆ ତଥ୍ୟ ସାମ୍ନାକୁ ଆସିଛି। ଭାରତୀୟ ବାୟୁସେନାର ଉପ-ମୁଖ୍ୟ ତଥା ଏୟାର ମାର୍ଶାଲ ନର୍ମଦେଶ୍ୱର ତିୱାରୀ ଏ ନେଇ ନୂଆ ଖୁଲାସା କରିଛନ୍ତି। ଭାରତୀୟ ବାୟୁସେନା ମାତ୍ର ୫୦ରୁ କମ୍ ଅସ୍ତ୍ର ବ୍ୟବହାର କରି ପାକିସ୍ତାନକୁ ଅସ୍ତ୍ରବିରତି କରିବାକୁ ବାଧ କରିଥିଲା ବୋଲି ସେ କହିଛନ୍ତି। ଅପରେସନ ସିନ୍ଦୂରରେ ପାକିସ୍ତାନ ଅଧିକୃତ କଶ୍ମୀରରେ ଥିବା ଆତଙ୍କବାଦୀଙ୍କ ଠିକଣା ଉପରେ ଆକ୍ରମଣର ୩ ମାସ ପରେ ସେ ଏହି କଥା କହିଛନ୍ତି। ଏକ ଘରୋଇ ନ୍ୟୁଜ ଚ୍ୟାନେଲର ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଯୋଗ ଦେଇ ସେ ଏ ନେଇ ବିଭିନ୍ନ ତଥ୍ୟ ଉପସ୍ଥାପନ କରିଛନ୍ତି। ପହଲଗାମ ଆକ୍ରମଣର ଜବାବରେ ଅପରେସନ ସିନ୍ଦୂର ଆରମ୍ଭ କରାଯାଇଥିଲା। ଯୁଦ୍ଧ ଆରମ୍ଭ କରିବା ସହଜ, କିନ୍ତୁ ଶେଷ କରିବା କଷ୍ଟକର ବୋଲି ସେ କହିଥିଲେ। ଏହାକୁ ଦୃଷ୍ଟିରେ ରଖି ଆମେ ପ୍ରସ୍ତୁତି ଆରମ୍ଭ କରିଥିଲୁ। ସେନାକୁ ସକ୍ରିୟ ରଖିବା ସହ ମୁତୟନ କରିବାକୁ ନିଷ୍ପତ୍ତି ନେଇଥିଲୁ। ସବୁ ପ୍ରକାର ସମ୍ଭାବ୍ୟ ସ୍ଥିତିର ମୁକାବିଲା କରିବାକୁ ଆମେ ସମ୍ପୂର୍ଣ୍ଣ ରୂପେ ପ୍ରସ୍ତୁତ ଥିଲୁ। ବାୟୁସେନା ସମ୍ମୁଖରେ ଏକାଧିକ ବିକଳ୍ପ ଥିଲା। କିନ୍ତୁ ଶେଷରେ ୯ଟି ସ୍ଥାନକୁ ଟାର୍ଗେଟ କରିବାକୁ ନିଷ୍ପତ୍ତି ନିଆଯାଇଥିଲା।

### 'ଅପରେସନ ସିନ୍ଦୂର'

ଇଣ୍ଟିଗ୍ରେଟେଡ ଏୟାର କମାଣ୍ଡ ଆଣ୍ଡ କଣ୍ଟ୍ରୋଲ ସିଷ୍ଟମ (ଆଇଏସିସିଏସ୍) ରଣନୀତି ପ୍ରସ୍ତୁତ କରିବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲା। ଏହି ପ୍ରଣାଳୀ ଦ୍ୱାରା ଭାରତ ପ୍ରାରମ୍ଭିକ ଝଟ୍‌କା ପ୍ରତିହତ କରିବା ସହ ପାକିସ୍ତାନକୁ ଦୃଢ଼ ଜବାବ ଦେବାରେ ସଫଳ ହୋଇଥିଲା। ମାତ୍ର ୪ ଦିନ ମଧ୍ୟରେ ପାକିସ୍ତାନକୁ ନଇଁବା ପାଇଁ ବାଧ କରା ଯାଇଥିଲା। ନିୟନ୍ତ୍ରଣ ରେଖା (ଏଲ୍‌ଓସି) ସେପଟେ ୪ ଦିନ ଧରି ଆମେ ସଠିକ ଭାବେ ମିସାଇଲ ମାଡ଼ କରିଥିଲୁ। ଡ୍ରୋନ୍, ତୋପ ଓ ଅନ୍ୟ ଅସ୍ତ୍ରଗୁଡ଼ିକର ଲଢେଇ ପରେ ମେ ୧୦ରେ ଭାରତ ଓ ପାକିସ୍ତାନ ସ୍ଥଳ, ଜଳ ଓ ବାୟୁରେ ସବୁପ୍ରକାର ଯୁଦ୍ଧକୁ ବନ୍ଦ କରିବାକୁ ସହମତି ପ୍ରକାଶ କରିଥିଲେ। ଏହାର କିଛି ଘଣ୍ଟା ପରେ ଶ୍ରୀନଗର, ଗୁଜରାଟର କିଛି ଅଞ୍ଚଳ ସମେତ ଜମ୍ମୁ-କଶ୍ମୀର ବିଭିନ୍ନ ସ୍ଥାନରେ ପାକିସ୍ତାନ ଡ୍ରୋନ ଦେଖିବାକୁ ମିଳିଥିଲା ଏବଂ ଏଗୁଡିକୁ ନିଷ୍କ୍ରିୟ କରାଯାଇଥିଲା ବୋଲି ସେ କହିଛନ୍ତି। ମେ ୧୦ ସକାଳେ ପାକିସ୍ତାନ ବାୟୁସେନା ମୁଖ୍ୟ ଠିକଣାଗୁଡ଼ିକ ଉପରେ ଭାରତୀୟ ବାୟୁସେନା ବିମାନ ବ୍ରହ୍ମୋସ (ଆକାଶରୁ ଭୂପୃଷ୍ଠକୁ) କ୍ରୁଜ୍ ମିସାଇଲ ମାଡ଼ କରିଥିଲା। ରାୱଲପିଣ୍ଡିର ଚକଲାଲା ଓ ପାକିସ୍ତାନ ପଞ୍ଜାବ ରାଜ୍ୟର ସରଗୋଧାରେ ଏହି ମିସାଇଲ ମାଡ଼ କରାଯାଇଥିଲା। ଏହି ଠିକଣାଗୁଡ଼ିକ ପାକିସ୍ତାନ ସେନା ପାଇଁ ରଣନୈତିକ ଦୃଷ୍ଟିକୋଣରୁ ବିଶେଷ ମହତ୍ତ୍ୱ ରଖୁଥିଲା। ପାକିସ୍ତାନ ଓ ପିଓକେର ବିଭିନ୍ନ ଠିକଣା ଉପରେ ହୋଇଥିବା ଆକ୍ରମଣ ନେଇ ସନ୍ଧ୍ୟାରେ ସ୍ପଷ୍ଟ ହୋଇଥିଲା। ଅପରେସନ ସିନ୍ଦୂର ଦ୍ୱାରା ଭାରତ ନିର୍ଣ୍ଣାୟକ ସଫଳତା ଅର୍ଜନ କରିଥିଲା।


# ଜମ୍ମୁ- କଶ୍ମୀରରେ ଭୂସ୍ଖଳନ, ଆଉ ୧୧ ମୃତ



**ପଞ୍ଜାବରେ ୨୫୦ ଗାଁ ବନ୍ୟା ଘେରରେ**

ନୂଆଦିଲ୍ଲୀ, ୩୦।୮ (ଏଜେନ୍ସି): ମୌସୁମୀ ଜନିତ ବର୍ଷା କାରଣରୁ ସାରା ଉତ୍ତର ଭାରତରେ ନାହିଁ ନଥିବା ସ୍ଥିତି ସୃଷ୍ଟି ହୋଇଛି। ବିଭିନ୍ନ ସ୍ଥାନରେ ବାଦଲଫଟା ବର୍ଷା, ଭୂସ୍ଖଳନ, ବନ୍ୟା କାରଣରୁ ବହୁ ଧନଜୀବନ ହାନି ହୋଇଛି। ଜମ୍ମୁ-କଶ୍ମୀରର ରିଆସି ଜିଲ୍ଲାରେ ବଦାର ଗାଁରେ ଶନିବାର ସକାଳେ ଭୂସ୍ଖଳନ ହୋଇଛି। କାଦୁଅ ତଥା ଆବର୍ଜନା ତଳୁ ୭ଟି ମୃତଦେହ ଉଦ୍ଧାର କରାଯାଇଛି। ଏଥିରେ ଆହୁରି କେତେ ଲୋକ ଫସି ରହିଥିବା ଆଶଙ୍କା କରାଯାଉଛି ଓ ଏମାନଙ୍କୁ ଖୋଜିବା ଜାରି ରହିଛି। ସେହିପରି ରାମବନର ରାଜଗଡ଼ରେ ବାଦଲ ଫଟା ବର୍ଷା କାରଣରୁ ୪ ଜଣ ଲୋକ ମୃତ୍ୟୁବରଣ କରିଛନ୍ତି। ଜଣେ ବ୍ୟକ୍ତି ନିଖୋଜ ଅଛନ୍ତି ଓ ତାଙ୍କୁ ଖୋଜା ଜାରି ରହିଛି। ସେହିପରି ହିମାଚଳ ପ୍ରଦେଶର ମଣ୍ଡି ଗୋହରରେ ଶୁକ୍ରବାର ବିଳମ୍ବିତ ରାତିରେ ବାଦଲ ଫଟା ବର୍ଷା ହୋଇଥିଲା। ନାଣ୍ଡି ପଞ୍ଚାୟତରେ ନସେନୀ ନାଳରେ କେତୋଟି ଗାଡ଼ି ସୁଅରେ ଭାସି ଯାଇଛି। ସେହିପରି ସିମ୍‌ଲାର ଜୁତୋଗ କ୍ୟାଣ୍ଟନମେଣ୍ଟରେ ମଧ ଭୂସ୍ଖଳନ ହୋଇଛି। ଫଳରେ ସେଠାରେ ଥିବା ଭାରତୀୟ ସେନାର ଆବାସିକ ଭବନଗୁଡ଼ିକୁ ଖାଲି କରାଯାଇଛି। ପଞ୍ଜାବର ଅମୃତସର, ପଠାନକୋଟ ସମେତ ୮ଟି ଜିଲ୍ଲା ବନ୍ୟା ସ୍ଥିତି ଜାରି ରହିଛି। ୨୫୦ରୁ ଉର୍ଦ୍ଧ୍ୱ ଗାଁରେ ୫ରୁ ୧୫ ଫୁଟ ପର୍ଯ୍ୟନ୍ତ ପାଣି ଭରି ରହିଛି। ବ୍ୟାନରେ ଏପର୍ଯ୍ୟନ୍ତ ୮ ଜଣ ଲୋକ ପ୍ରାଣ ହରାଇଛନ୍ତି। ୩ ଜଣ ନିଖୋଜ ଅଛନ୍ତି। ଉତ୍ତରାଖଣ୍ଡର ଚମୋଲୀ, ରୁଦ୍ରପ୍ରୟାଗ, ଟେହରୀ ଓ ବାଗେଶ୍ୱର ଜିଲ୍ଲାରେ ଶୁକ୍ରବାର ବାଦଲଫଟା ବର୍ଷା ହୋଇଥିବାର ସୂଚନା ମିଳିଛି। ଏଥିରେ ୫ ଜଣ ଲୋକ ମୃତ୍ୟୁବରଣ କରିଛନ୍ତି ଓ ୧୧ ଜଣ ନିଖୋଜ ଅଛନ୍ତି। ବାଗେଶ୍ୱରର କାପକୋଟ୍‌ରେ କେତୋଟି ଘର କ୍ଷତିଗ୍ରସ୍ତ ହୋଇଛି। ସେହିପରି ଉତ୍ତରପ୍ରଦେଶରେ ୧୮ଟି ଜିଲ୍ଲାରେ ବନ୍ୟା ଯୋଗୁଁ ପ୍ରଭାବିତ ହୋଇଛି। ରାଜ୍ୟରେ ଏପର୍ଯ୍ୟନ୍ତ ୭୭୪ଟି ବାସଗୃହ ବର୍ଷା ଓ ବନ୍ୟାରେ ଭୁଶୁଡ଼ି ପଡ଼ିଛି। ବାରଣାଶୀର ସବୁ ୮୪ଟି ଘାଟ ମଧ୍ୟରେ ପରସ୍ପର ସମ୍ପର୍କ ଛିନ୍ନ ହୋଇଛି। ଜାମ୍ମୁ-କଶ୍ମୀର କଟରାରେ ବର୍ଷା କାରଣରୁ ବୈଷ୍ଣୋଦେବୀ ଯାତ୍ରା ୫ ଦିନ ହେବ ବନ୍ଦ ରହିଛି। ଅଗଷ୍ଟ ୨୬ରେ ହୋଇଥିବା ଭୂସ୍ଖଳନ ଯୋଗୁଁ ଏଠାରେ ୩୪ ଜଣ ଲୋକ ମୃତ୍ୟୁବରଣ କରିଥିଲେ। ସେହିପରି ମହାରାଷ୍ଟ୍ରର ଲାଟୁରରେ ନାନ୍ଦେଡରେ ୫୦ଟି ସଡକ ଓ ପୋଲ ପାଣିରେ ବୁଡିଯାଇଛି। ଉତ୍ତରାଖଣ୍ଡର ଡେରାଡୁନରେ ପ୍ରବଳ ବର୍ଷା ଜାରି ରହିଛି। ପଞ୍ଜାବର ଫିରୋଜପୁରରେ ଏପର୍ଯ୍ୟନ୍ତ ୩,୦୦୦ ଲୋକଙ୍କୁ ଉଦ୍ଧାର କରାଯାଇଛି। ହରିୟାଣା କୁରୁକ୍ଷେତ୍ରର କଠବାର ବନ୍ୟା ଭଳି ସ୍ଥିତି ସୃଷ୍ଟି ହୋଇଛି। ହିମାଚଳରେ ପ୍ରବଳ ବର୍ଷା ଓ ଭୂସ୍ଖଳନ କାରଣରୁ ୫୫୭ ସଡକ ବନ୍ଦ ରହିଛି ଓ ମଣିମହେଶ ଯାତ୍ରା ସ୍ଥଗିତ ରଖାଯାଇଛି।

## ସବୁଦିନ ପାଇଁ କେହି ମିତ୍ର କିମ୍ବା ଶତ୍ରୁ ନୁହନ୍ତି: ରାଜନାଥ



ନୂଆଦିଲ୍ଲୀ, ୩୦।୮ (ଏଜେନ୍ସି): ବୈଶ୍ୱିକ ରାଜନୀତିରେ ସବୁଦିନ ପାଇଁ କେହି ବନ୍ଧୁ କିମ୍ବା ଶତ୍ରୁ ନୁହନ୍ତି ବୋଲି ଭାରତ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ କହିଛନ୍ତି। ଭାରତ ଉପରେ ଆମେରିକା ଲାଗୁ କରିଥିବା ୫୦ ପ୍ରତିଶତ ଟାରିଫ ନୀତି ଉପରେ ମତ ଦେବାକୁ ଯାଇ ସେ ଏହି ଟିପ୍ପଣୀ ଦେଇଛନ୍ତି। କେବଳ ସ୍ୱାର୍ଥ ହିଁ ସ୍ଥାୟୀ ବୋଲି ସେ କହିଛନ୍ତି। ଭାରତ କାହାକୁ ଶତ୍ରୁ ଭାବେ ବିବେଚନା କରେନାହିଁ। ଦେଶର କୃଷକ ଓ ଉଦ୍ୟୋଗ ଆମ ପାଇଁ ଗୁରୁତ୍ୱବହନ କରୁଛି। ତେଣୁ ଏମାନଙ୍କ ସ୍ୱାର୍ଥକୁ ବଳି ଦେବା ଭଳି କୌଣସି ନିଷ୍ପତ୍ତି ନେବୁ ନାହିଁ ବୋଲି ସେ ସ୍ପଷ୍ଟ କରିଛନ୍ତି। ଏନ୍‌ଡିଟିଭି ଡିଫେନ୍ସ ସମ୍ମିଟ୍‌ରେ ଯୋଗଦେଇ ସେ ଅନ୍ୟ ବିଷୟରେ ମଧ ନିଜର ମତ ରଖିଥିଲେ। ପ୍ରତିଦିନ ବିଶ୍ୱରେ ବହୁ ପରିବର୍ତ୍ତନ ହେଉଛି। ତେଣୁ ଆମ ଆଗରେ ବିଭିନ୍ନ ପ୍ରକାରର ଆହ୍ୱାନ ସୃଷ୍ଟି ହେଉଛି। ମହାମାରୀ, ଆତଙ୍କବାଦ୍, ଆଞ୍ଚଳିକ ବିବାଦ ଆମ ଆଗରେ ବିଭିନ୍ନ ସମସ୍ୟା ସୃଷ୍ଟିକରୁଛି। ତେଣୁ ଏବେ ତିଷ୍ଠି ରହିବା ସହ ପ୍ରଗତି କରିବା ନିହାତି ଜରୁରୀ ହୋଇପଡ଼ିଛି। ପ୍ରତିରକ୍ଷା ରପ୍ତାନୀରେ ଭାରତ ଯଥେଷ୍ଟ ଉନ୍ନତି କରିଛି।୨୦୧୪ରେ ଭାରତର ପ୍ରତିରକ୍ଷା ରପ୍ତାନୀ ମାତ୍ର ୭୦୦ କୋଟି ଟଙ୍କାଥିଲା। କିନ୍ତୁ ଏବେ ଏହା ୨୪, ୦୦୦ କୋଟି ଟଙ୍କାରେ ପହଞ୍ଚିଛି। ଭାରତ ଏବେ କେବଳ ପ୍ରତିରକ୍ଷା ସାମଗ୍ରୀ କେବଳ କ୍ରୟ କରୁନାହିଁ, ବିକ୍ରି ମଧ କରୁଛି ବୋଲି କହିଛନ୍ତି। ସ୍ୱଦେଶୀ ଜ୍ଞାନକୌଶଳରେ ଅସ୍ତ୍ରଶସ୍ତ୍ର ନିର୍ମାଣ କରିବା ଉପରେ ଏବେ ଅଧିକ ଗୁରୁତ୍ୱ ଦିଆଯାଉଛି। ଅପରେସନ ସିନ୍ଦୂର ମାତ୍ର ୪ ଦିନ ହୋଇଥିଲେ ମଧ ଏହା ଦ୍ୱାରା ଭାରତର ଦୀର୍ଘଦିନର ରଣନୈତିକ ପ୍ରସ୍ତୁତିର ପରୀକ୍ଷା ହୋଇଥିଲା। ଏଥିରେ ଆମେ ଉତ୍ତୀର୍ଣ୍ଣ ହୋଇଥିଲୁ। ଅପରେସନ ସିନ୍ଦୂର ଦ୍ୱାରା ଆମେ ବହୁତ କିଛି ଶିକ୍ଷା କରିଛୁ ଓ ଭବିଷ୍ୟତରେ ଆମ ପ୍ରସ୍ତୁତିରେ କିପରି ଉନ୍ନତ ଆଣିବୁ ସେ ନେଇ ଅବଗତ ହୋଇଛୁ ବୋଲି ସେ କହିଛନ୍ତି।

## ଏଏଆଇ ମ୍ୟାନେଜରଙ୍କୁ ଗିରଫ କଲା ସିବିଆଇ

ନୂଆଦିଲ୍ଲୀ, ୩୦।୮ (ଏଜେନ୍ସି): ୨୩୨ କୋଟି ଟଙ୍କା ଅର୍ଥ ହଡପ ଅଭିଯୋଗରେ ସିବିଆଇ ରାହୁଲ ବିଜୟ ନାମକ ଜଣେ ଏୟାରପୋର୍ଟ ଅଥରିଟି ଅଫ୍ ଇଣ୍ଡିଆ (ଏଏଆଇ) ର ଜଣେ ବରିଷ୍ଠ ମ୍ୟାନେଜରଙ୍କୁ ଗିରଫ କରିଛି। ଡେରାଡୁନ୍‌ରେ ନିୟୋଜିତ ହୋଇଥିବା ବେଳେ ଯୋଜନାବଦ୍ଧ ଭାବେ ନକଲି କାଗଜପତ୍ର ସହ ଠକାମୀ କରି ୨୩୨ କୋଟି ଟଙ୍କାରୁ ଅଧିକ ଅର୍ଥ ନିଜ ଖାତାକୁ ସେ ପଠାଇଥିବାର ଅଭିଯୋଗ ହୋଇଥିଲା। ଏହି ଅଭିଯୋଗକୁ ଆଧାର କରି ସିବିଆଇ ତାଙ୍କୁ ଗିରଫ କରିଛି। ସେ ପାଣ୍ଠିକୁ ନିଜ ବ୍ୟାଙ୍କ ଖାତାକୁ ସ୍ଥାନାନ୍ତର କରିଥିଲେ। ଏହିକ୍ରମରେ ସେ ଆସାଧୁ ଉପାୟ ଅବଲମ୍ବନ କରିଥିଲେ ବୋଲି ଏକ ଅଭ୍ୟନ୍ତରୀଣ ଅଡିଟ୍‌ରୁ ଜଣା ପଡ଼ିଛି। ୨୦୧୯ - ୨୦ ଓ ୨୦୨୨-୨୩ ସମୟ ଅବଧୀରେ ସେ ଏହି ପାଣ୍ଠି ହଡପ କରିଥିଲେ। ଏ ନେଇ ଏଏଆଇର ବରିଷ୍ଠ ଫାଇନାନସିଆଲ ମ୍ୟାନେଜର ପି ଚନ୍ଦ୍ରକାନ୍ତ ସିବିଆଇରେ ଔପଚାରିକ ଭାବେ ଅଭିଯୋଗ କରିଥିଲେ।

**ପୂର୍ବତନ ଏନ୍‌ଏସ୍ଏଙ୍କ ଟିପ୍ପଣୀ**

## ଆମେରିକା ଛବିକୁ ଅଳିଆ ଗଦାରେ ପକାଉଛନ୍ତି ଟ୍ରମ୍ପ

ୱାଶିଂଟନ, ୩୦।୮ (ଏଜେନ୍ସି): ଜବାବୀ ଶୁଳ୍କକୁ ନେଇ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ଆମେରିକାରେ ତୀବ୍ର ସମାଲୋଚନା କରାଯାଉଛି। ତାଙ୍କ ସମାଲୋଚକଙ୍କ ମଧ୍ୟରେ ପୂର୍ବତନ ଜାତୀୟ ସୁରକ୍ଷା ପରାମର୍ଶଦାତା (ଏନଏସଏ) ଜ୍ୟାକବ ଜେରେମିଆ ସୁଲିଭନ ସାମିଲ ଅଛନ୍ତି। ସେ ଆମେରିକାକୁ ଚୀନ୍ ସହ ତୁଳନା କରିଛନ୍ତି। ସେ କହିଛନ୍ତି ଯେ ଆଜି ବିଶ୍ୱ ଚୀନ୍‌କୁ ଦାୟିତ୍ୱବାନ ଦେଶ ଭାବେ ଦେଖୁଛି। ଏ ସବୁ ଟ୍ରମ୍ପ ସରକାରଙ୍କ ପାଇଁ ହେଉଛି। କାରଣ ସରକାର ଦେଶର ଛବିକୁ ଅଳିଆ ଗଦାରେ ପକାଇ ଦେଇଛନ୍ତି। ସେଥିପାଇଁ କୌଣସି ଦେଶ ଆମେରିକାକୁ ଭରସା କରିବାକୁ ଚାହୁଁ ନାହାନ୍ତି। ସୁଲିଭାନ ଚୀନ୍‌କୁ ଆମେରିକାର ବିକଳ୍ପ କହିଛନ୍ତି। ଲୋକପ୍ରିୟତା ମାମଲାରେ ଆମେରିକାକୁ ଚୀନ୍ ପଛରେ ପକାଇ ଦେଇଛି। ବର୍ଷେ ତଳେ ସ୍ଥିତି ଏପରି ନ ଥିଲା। ବ୍ରାଣ୍ଡ ଆମେରିକା ଶେଷ ହୋଇଗଲାଣି ଏବଂ ଚୀନ୍ ଦାୟିତ୍ୱ ସମ୍ପନ୍ନ ରାଷ୍ଟ୍ର ଭାବେ ବାହାରିଛି ବୋଲି ଏବେ ଅନେକ ଦେଶ କହୁଛନ୍ତି।

ଭାରତ ଉପରେ ଶୁଳ୍କକୁ ନେଇ ସୁଲିଭାନ ଟ୍ରମ୍ପଙ୍କୁ ଭର୍ତ୍ସନା କରିଛନ୍ତି। ସେ କହିଛନ୍ତି ଯେ ଶୁଳ୍କ ଯୋଗୁଁ ୱାଶିଂଟନ ଏବଂ ନୂଆଦିଲ୍ଲୀ ସମ୍ପର୍କ ଖରାପ ହେବାରେ ଲାଗିଛି। ଚୀନ୍ ସହ ଆଲୋଚନା କରିବା ପାଇଁ ଭାରତକୁ ଟ୍ରମ୍ପ ବାଧ କରାଇଛନ୍ତି। କିନ୍ତୁ ବାଇଡେନ ସରକାର ସମୟରେ ଏପରି ହୋଇ ନ ଥିଲା। ଭାରତ ସହ ଭଲ ସମ୍ପର୍କ ରଖାଯାଇଥିଲା। ଚୀନ୍‌କୁ କାଉଣ୍ଟର କରିବା ପାଇଁ ଏଭଳି ଆଭିମୁଖ୍ୟ ଆପଣା ଯାଇଥିଲା। ଆମେରିକା ନିବେଶ ବ୍ୟାଙ୍କର ଉଦାହରଣ ଦେଇ ସୁଲିଭାନ କହିଛନ୍ତି ଯେ ବ୍ୟକ୍ତିଗତ କ୍ରୋଧ ପାଇଁ ଟ୍ରମ୍ପ ଭାରତ ଉପରେ ୫୦ ପ୍ରତିଶତ ଶୁଳ୍କ ଲଗାଇଛନ୍ତି। କାରଣ ଭାରତ-ପାକିସ୍ତାନ ମଧ୍ୟରେ ଅସ୍ତ୍ରବିରତି କରାଇଥିବା ଟ୍ରମ୍ପଙ୍କ ଦାବିକୁ ନୂଆଦିଲ୍ଲୀ ପକ୍ଷରୁ ଖଣ୍ଡନ କରିଦିଆଯାଇଥିଲା।

# ପୁଣି ଚର୍ଚ୍ଚାରେ ଧନଖଡ଼: ବିଧାୟକ ପେନ୍‌ସନ୍ ପାଇଁ ଆବେଦନ



ଜୟପୁର, ୩୦।୮ (ଏଜେନ୍ସି): ଏକ ମାସ ପରେ ପୁଣି ଚର୍ଚ୍ଚାରେ ପୂର୍ବତନ ଉପ-ରାଷ୍ଟ୍ରପତି ଜଗଦୀପ ଧନଖଡ଼। ଉପରାଷ୍ଟ୍ରପତି ପଦରୁ ଅଚାନକ ଇସ୍ତଫା ପରେ ସାଧାରଣ କାର୍ଯ୍ୟକ୍ରମରୁ ଦୂରେଇ ରହିଥିବା ଧନଖଡ଼ ଏବେ ବିଧାୟକ ପେନସନ ପାଇଁ ଆବେଦନ କରିଛନ୍ତି। ଜଣେ ପୂର୍ବତନ ବିଧାୟକ ଭାବେ ସେ ରାଜସ୍ଥାନ ବିଧାନସଭା ସଚିବାଳୟକୁ ଏ ନେଇ ଆବେଦନ କରିଛନ୍ତି। ସେ ୧୯୯୩ରୁ ୧୯୯୮ ମଧ୍ୟରେ ଆଜମୀର ଜିଲ୍ଲାର କିଶାନଗଡ଼ ନିର୍ବାଚନ ମଣ୍ଡଳୀରୁ କଂଗ୍ରେସ ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ। ତାଙ୍କ ଆବେଦନ ପାଇବା ପରେ ସଚିବାଳୟ ପେନ୍‌ସନ ଦେବାକୁ ପ୍ରକ୍ରିୟା ଆରମ୍ଭ କରିଛି। ଯଦି ତାଙ୍କର ଏହି ଆବେଦନକୁ ଗ୍ରହଣ କରାଯାଏ ତେବେ, ଧନଖଡ ମାସକୁ ୪୨ହଜାର ଟଙ୍କା ପେନସନ ପାଇବେ। ଜଣେ ବିଧାୟକ ୩୫ ହଜାର ଟଙ୍କା ମାସିକ ପେନସନ ପାଇଁ ହକଦାର ଥିବା ବେଳେ ବୟସ ୭୦ରୁ ଅଧିକ ହୋଇଥିଲେ ୨୦ ପ୍ରତିଶତ ପେନସନ ଅଧିକ ପାଇବେ। ଧନଖଡ଼ଙ୍କୁ ୭୪ ବର୍ଷ ହୋଇଥିବାରୁ ସେ ୪୨ ହଜାର ଟଙ୍କା ମାସିକ ପେସନ ପାଇବେ ବୋଲି ଜଣାପଡ଼ିଛି।

ଧନଖଡ଼ ଏବେ ତିନି ପ୍ରକାର ପେନସନ ପାଇବେ। ସେ ଜଣେ ପୂର୍ବତନ ଉପରାଷ୍ଟ୍ରପତି, ପୂର୍ବତନ ବିଧାୟକ ଓ ପୂର୍ବତନ ସାଂସଦ ଭାବେ ଏହିସବୁ ସୁବିଧା ହାସଲ କରିବେ। ପୂର୍ବତନ ଉପରାଷ୍ଟ୍ରପତି ଭାବେ ତାଙ୍କୁ ୨ ଲକ୍ଷ ଟଙ୍କା ମାସିକ ପେନସନ ମିଳିବ। ପୂର୍ବତନ ସାଂସଦ ହିସାବରେ ତାଙ୍କୁ ମାସିକ ୩୧ ହଜାର ଟଙ୍କା ପେନସନ ମିଳିବ। ଏହିପରି ସେ ମାସିକ ୨ ଲକ୍ଷ ୭୩ ହଜାର ଟଙ୍କା ପେନସନ ଆକାରରେ ପାଇବେ ବୋଲି ଜଣାପଡ଼ିଛି। ଏହାସହିତ ପୂର୍ବତନ ଉପରାଷ୍ଟ୍ରପତିଙ୍କୁ ମିଳୁଥିବା ଅନ୍ୟାନ୍ୟ ସୁବିଧା ବି ମିଳିବ।

ସୂଚନାଯୋଗ୍ୟ ଯେ ଗତ ଜୁଲାଇ ୨୧ରେ ସେ ଉପରାଷ୍ଟ୍ରପତି ପଦରୁ ଇସ୍ତଫା ଦେଇଥିଲେ। ସ୍ୱାସ୍ଥ୍ୟଗତ କାରଣ ଦର୍ଶାଇ ସେ ଇସ୍ତଫା ଦେଇଥିଲେ ମଧ ବିରୋଧୀ ଦଳ ଏହା ପଛରେ ଅନ୍ୟ କିଛି କାରଣ ଥାଇପାରେ ବୋଲି ସନ୍ଦେହ ପ୍ରକାଶ କରିଥିଲେ।

## ଅକ୍ଟୋବର ୪ ଓ ୫ରେ ପୁଲିସ୍ ଏସ୍‌ଆଇ ନିଯୁକ୍ତି ପରୀକ୍ଷା


**କଟକ, ୩୦।୮ (ସମିସ):** ଓଡ଼ିଶା ପୁଲିସ ନିଯୁକ୍ତି ବୋର୍ଡ ଦ୍ୱାରା ପରିଚାଳିତ ପୁଲିସ ସବ୍-ଇନ୍ସପେକ୍ଟର୍ (ଏସଆଇ) ନିଯୁକ୍ତି ପରୀକ୍ଷା ଆସନ୍ତା ୨୦୨୫ ଅକ୍ଟୋବର ୪ ଓ ୫ତାରିଖରେ ବିଭିନ୍ନ ଜିଲ୍ଲାରେ ଅନୁଷ୍ଠିତ ହେବ। ଏହି ପରୀକ୍ଷା ପାଇଁ ଯୋଗ୍ୟ ପ୍ରାର୍ଥୀଙ୍କ ଆଡମିଟ କାର୍ଡ(ପ୍ରବେଶ ପତ୍ର) ଆସନ୍ତା ସେପ୍ଟେମ୍ବର ୨୦ରୁ ଓଡିଶା ପୁଲିସର ୱେବସାଇଟରେ ଉପଲବ୍ଧ ହେବ। ପ୍ରାର୍ଥୀମାନେ ସେମାନଙ୍କ ଆଇଡି ଓ ପାସୱାର୍ଡ ବ୍ୟବହାର କରି ପ୍ରବେଶପତ୍ରକୁ ଡାଉନଲୋଡ୍ କରିବେ। ସେହିଭଳି ଏଥିରୁ ପରୀକ୍ଷା କେନ୍ଦ୍ର ଓ ପରୀକ୍ଷା ସମୟ ନିର୍ଘଣ୍ଟ ସମ୍ପର୍କିତ ତଥ୍ୟ ପାଇପାରିବେ ବୋଲି ପୁଲିସ ନିଯୁକ୍ତି ବୋର୍ଡ ପକ୍ଷରୁ ଆଜି ପ୍ରକାଶିତ ଏକ ବିଜ୍ଞପ୍ତିରେ କୁହାଯାଇଛି। ଡାଉନଲୋଡ୍ କରିବା ସମୟରେ ଅସୁବିଧାର ସମ୍ମୁଖୀନ ହେଲେ ପୁଲିସ ମୁଖ୍ୟାଳୟକୁ ଯୋଗାଯୋଗ କରିବା ପାଇଁ କୁହାଯାଇଛି। ଉପରୋକ୍ତ ଲିଖିତ ପରୀକ୍ଷା ଓଏମ୍‌ଆରରେ କରାଯିବ। ପ୍ରକାଶଥାଉକି, ଗତ ୨୦୨୫ ଜାନୁଆରି ୧୭ରେ ମୋଟ ୯୩୩ଟି ଏସ୍‌ଆଇ ପଦବୀରେ ନିଯୁକ୍ତି ପାଇଁ ଦରଖାସ୍ତ ଆହ୍ୱାନ କରାଯାଇଥିଲା। ଏଥିମଧ୍ୟରେ ୬୦୯ଟି ଏସ୍‌ଆଇ, ୨୫୩ଟି ଏସ୍‌ଆଇ(ଆର୍ମଡ୍), ୪୭ଟି ଷ୍ଟେସନ୍ ଅଫିସର୍ ଓ ୨୪ଟି ସହକାରୀ ଜେଲର୍ ପଦ ପାଇଁ ନିଯୁକ୍ତି ପରୀକ୍ଷା କରାଯିବା ପାଇଁ ପୂର୍ବରୁ ଦୁଇଟି ସ୍ଥିରୀକୃତ ତାରିଖରେ ପରୀକ୍ଷା ସ୍ଥଗିତ ରହିଥିଲା।

■ ବଢ଼ିଲା ଏସ୍‌ଆଇ ଓ ଇନ୍ସପେକ୍ଟରଙ୍କ କ୍ଷମତା

## ଏଣିକି ଏସ୍‌ସି/ଏସ୍‌ଟି ମାମଲାର କରିବେ ତଦନ୍ତ

**ଭୁବନେଶ୍ୱର, ୩୦।୮ (ସମିସ):** ଏଣିକି ସବ୍-ଇନ୍ସପେକ୍ଟର ଓ ଇନ୍ସପେକ୍ଟର ପାହ୍ୟାର ଅଧିକାରୀମାନେ ଏସ୍‌ସି/ଏସ୍‌ଟି ମାମଲାର ତଦନ୍ତ କରିପାରିବେ। ଏନେଇ ଆଜି ଗୃହ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ପୂର୍ବରୁ କେବଳ ଡେପୁଟି ସୁପରିନଟେଣ୍ଡେଣ୍ଟ (ଡିଏସପି) କିମ୍ବା ତଦୂର୍ଦ୍ଧ୍ୱ ପାହ୍ୟାର ଅଧିକାରୀ ଅନୁସୂଚିତ ଜାତି ଓ ଜନଜାତି ଜନିତ ମାମଲାର ତଦନ୍ତ କରୁଥିଲେ। ହେଲେ ଗୃହ ବିଭାଗ ପକ୍ଷରୁ ପ୍ରକାଶ ପାଇଥିବା ବିଜ୍ଞପ୍ତି ଅନୁସାରେ, ଏଣିକି ସବ୍-ଇନ୍ସପେକ୍ଟର୍ ଓ ଇନ୍ସପେକ୍ଟର୍ ପାହ୍ୟାର ଅଧିକାରୀ ମଧ୍ୟ ଏହି ମାମଲାର ତଦନ୍ତ କରିପାରିବେ। କେବଳ ତଦନ୍ତ ନୁହଁ, ଏସସି/ଏସଟି ମାମଲା ରୁଜୁ ସହ ଅଭିଯୁକ୍ତଙ୍କୁ ଗିରଫ ମଧ୍ୟ କରିପାରିବେ ବୋଲି ବିଜ୍ଞପ୍ତିରେ କୁହାଯାଇଛି। ଅନୁସୂଚିତ ଜାତି ଓ ଜନଜାତି (ଅତ୍ୟାଚାର ଓ ନିବାରଣ) ଆଇନ ୧୯୮୯ର ଧାରା ୯ ଅନୁଯାୟୀ ରାଜ୍ୟ ସରକାର ଏହି କ୍ଷମତା ପ୍ରଦାନ କରିଛନ୍ତି।

## ଗର୍ଜନଖୋଲ ଜଳପ୍ରପାତରେ ଯୁବକ ନିଖୋଜ



**ପାଲଲହଡ଼ା/ତେଲକୋଇ,୩୦।୮ (ସମିସ):** ଅନୁଗୋଳ ଜିଲ୍ଲା ପାଲଲହଡ଼ା ଉପଖଣ୍ଡ ନଗିରା ଗାଁ ଜଙ୍ଗଲରେ ଥିବା ଗର୍ଜନଖୋଲ ଜଳପ୍ରପାତରେ ବୁଡ଼ି ଶୁକ୍ରବାର ଜଣେ ଯୁବକ ନିଖୋଜ ହୋଇଯାଇଛନ୍ତି। ସେ ହେଲେ, କେନ୍ଦୁଝର ଜିଲ୍ଲା ବାଂଶପାଳ ବ୍ଲକ୍ ବାଲରାଇ ଗ୍ରାମର ଅର୍ଜୁନ ବେହେରାଙ୍କ ସାନ ପୁଅ ଲିପୁନ ବେହେରା। ବାଂଶପାଳ ଅଗ୍ନିଶମ ବାହିନୀ ଖୋଜାଖୋଜି କରିଥିଲେ ମଧ୍ୟ ଲିପୁନଙ୍କ ପତ୍ତା ମିଳି ନ ଥିଲା। ସନ୍ଧ୍ୟା ହେବାରୁ ଉଦ୍ଧାର କାର୍ଯ୍ୟ ସ୍ଥଗିତ ରଖାଯାଇଥିଲା। ଶନିବାର ପୁଣି ପାଲଲହଡ଼ା ଥାନା ପୁଲିସ ଓ ବାଂଶପାଳ ଅଗ୍ନିଶମବାହିନୀ ଘଟଣାସ୍ଥଳରେ ପହଞ୍ଚି ଖୋଜାଖୋଜି ଜାରି ରଖିଥିବା ବେଳେ ବର୍ତ୍ତମାନ ପର୍ଯ୍ୟନ୍ତ ଲିପୁନଙ୍କ ପତ୍ତା ମିଳିନାହିଁ। ମିଳିଥିବା ସୂଚନା ଅନୁଯାୟୀ, ଶୁକ୍ରବାର ବାଂଶପାଳ ବ୍ଲକ ବାଲରାଇ ଗାଁର ଲିପୁନ ବେହେରା, ଶୁଭମ୍ ପଲେଇ ଏବଂ ଗୋପପୁର ଗ୍ରାମର ଗିରିଧାରୀ ପଲେଇ ତିନିଜଣ ଏକାଠି ଗର୍ଜନଖୋଲ ଜଳପ୍ରପାତ ବୁଲିବାକୁ ଆସିଥିଲେ। ଜଳପ୍ରପାତରେ ଗାଧୋଇବା ସମୟରେ ଲିପୁନ ନିଖୋଜ ହୋଇଯାଇଥିଲେ।

### ମହାନଦୀ ଜଳ ବିବାଦ: ଆପୋସ ସମାଧାନକୁ ଗୁରୁତ୍ୱ

# ସେପ୍ଟେମ୍ବରରେ ସର୍ବୋଚ୍ଚ ଯନ୍ତ୍ରୀସ୍ତରୀୟ ବୈଠକ

■ ଗୁରୁତ୍ୱପୂର୍ଣ୍ଣ ସମସ୍ୟାର ଚିହ୍ନଟ ଏବଂ ସମାଧାନ ନେଇ ହେବ ଆଲୋଚନା
■ ଅକ୍ଟୋବରରେ ଉଭୟ ରାଜ୍ୟର ଜଳସମ୍ପଦ ସଚିବଙ୍କ ସହ ମୁଖ୍ୟ ସଚିବ ସ୍ତରରେ ହେବ ବୈଠକ
■ ଡିସେମ୍ବରରେ ଉଭୟ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କ ମଧ୍ୟରେ ହୋଇପାରେ ଭେଟଘାଟ

**ଭୁବନେଶ୍ୱର,୩୦।୮ (ସମିସ):** ମହାନଦୀ ଜଳବିବାଦ ମାମଲାରେ ରାଜ୍ୟ ସରକାର ଆପୋସ ସମାଧାନ ଚାହୁଁଥିବା ବେଳେ ଏନେଇ ଶନିବାର ଏକ ଉଲ୍ଲେଖନୀୟ ଅଗ୍ରଗତି ଘଟିଛି। ମହାନଦୀ ଜଳବିବାଦ କ୍ଷେତ୍ରରେ ଥିବା ଗୁରୁତ୍ୱପୂର୍ଣ୍ଣ ସମସ୍ୟାଗୁଡ଼ିକୁ ଚିହ୍ନଟ ଏବଂ ସମାଧାନ କରିବା ପାଇଁ ଉଭୟ ରାଜ୍ୟର ଜଳସମ୍ପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ (ଇଆଇସି)ଙ୍କ ନେତୃତ୍ୱରେ ବୈଷୟିକ କମିଟି ଆସନ୍ତା ସେପ୍ଟେମ୍ବର ମାସରେ ସାପ୍ତାହିକ ବୈଠକ କରିବେ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶନିବାର ଏନେଇ ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ସୂଚନା ପ୍ରଦାନ କରିଛନ୍ତି। ଶନିବାର ଉଭୟ ଓଡ଼ିଶା ଏବଂ ଛତିଶଗଡ଼ର ମୁଖ୍ୟ ସଚିବ ଏବଂ ବରିଷ୍ଠ ଜଳସମ୍ପଦ ଅଧିକାରୀମାନେ ଏନେଇ ବୈଠକ କରି ବିଚାରବିମର୍ଶ କରିଛନ୍ତି। ଆଲୋଚନା ଏବଂ ସହଯୋଗ ମାଧ୍ୟମରେ ପାରସ୍ପରିକ ସମାଧାନ ପାଇଁ ଉଭୟ ରାଜ୍ୟ ଆନ୍ତରିକ ଏବଂ ସୌହାର୍ଦ୍ଦପୂର୍ଣ୍ଣ ଭାବରେ କାର୍ଯ୍ୟ କରିବାକୁ ରାଜି ହୋଇଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ସୂଚନା ପ୍ରଦାନ କରିଛନ୍ତି।

ବୈଠକର ନିଷ୍ପତ୍ତି ଅନୁଯାୟୀ, ଅନୁଷ୍ଠିତ ହେବାକୁ ଥିବା ସାପ୍ତାହିକ ବୈଠକରେ ବୈଷୟିକ କମିଟିଗୁଡ଼ିକ ମହାନଦୀ ଜଳ ବଣ୍ଟନ ଉପରେ ଦୃଢ଼ ସମନ୍ୱୟ ପାଇଁ ସଂସ୍ଥାଗତ ଢାଞ୍ଚା ସୃଷ୍ଟି କରିବା ବିଷୟରେ ମଧ୍ୟ ଆଲୋଚନା କରିବେ। ଅଗ୍ରଗତି ସମୀକ୍ଷା ଏବଂ ଆଲୋଚନାକୁ ଆଗକୁ ନେବା ପାଇଁ ଅକ୍ଟୋବରରେ ଉଭୟ ରାଜ୍ୟର ଜଳସମ୍ପଦ ସଚିବଙ୍କ ସହିତ ମୁଖ୍ୟ ସଚିବସ୍ତରରେ ଏକ ବୈଠକ ଆୟୋଜନ କରାଯିବ। ଉଭୟ ରାଜ୍ୟର ଲୋକଙ୍କ ସ୍ୱାର୍ଥ ପାଇଁ ଅଗ୍ରଗତି ସମୀକ୍ଷା କରିବା ଏବଂ ମହାନଦୀ ଜଳ ବିବାଦର ଏକ ସୌହାର୍ଦ୍ଦପୂର୍ଣ୍ଣ, ଦୀର୍ଘକାଳୀନ ସମାଧାନ ଅନୁସନ୍ଧାନ କରିବା ପାଇଁ ଆସନ୍ତା ଡିସେମ୍ବରରେ ଓଡ଼ିଶା ଏବଂ ଛତିଶଗଡ଼ର ମୁଖ୍ୟମନ୍ତ୍ରୀ ସାକ୍ଷାତ କରିପାରନ୍ତି ବୋଲି ମୁଖ୍ୟମନ୍ତ୍ରୀ ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ ଯେ ଆସନ୍ତା ସେପ୍ଟେମ୍ବର ୬ ତାରିଖରେ ମହାନଦୀ ଜଳ ବିବାଦ ମାମଲାର ୪୫ତମ ଶୁଣାଣି ଧାର୍ଯ୍ୟ ହୋଇଛି। ୪୪ତମ ଶୁଣାଣିରେ ଓଡ଼ିଶା ପକ୍ଷରୁ ଆଡଭୋକେଟ ଜେନେରାଲ ପୀତାମ୍ବର ଆଚାର୍ଯ୍ୟ ଉଭୟ ସରକାରଙ୍କ ପକ୍ଷରୁ ମହାନଦୀ ବିବାଦର ଆପୋସ ସମାଧାନ ପାଇଁ ଏଯାବତ୍ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ଅବଗତ କରାଇଥିଲେ। ଉଭୟ ରାଜ୍ୟରେ ପ୍ରଶାସନିକ ତଥା ରାଜନୈତିକସ୍ତରରେ ଆପୋସ ସମାଧାନ ପାଇଁ ଉଦ୍ୟମ ଜାରି ରହିଛି ବୋଲି ସେ କହିଥିଲେ। ଏପରିସ୍ଥଳେ ଉଭୟ ରାଜ୍ୟ ପାରସ୍ପରିକ ଆଲୋଚନାକୁ ଗୁରୁତ୍ୱ ଦେଉଥିବା ବେଳେ ଆସନ୍ତା ଶୁଣାଣିରେ ଉଭୟ ପକ୍ଷ ଟ୍ରିବ୍ୟୁନାଲରେ କେଉଁ ଯୁକ୍ତି ଉପସ୍ଥାପନ କରୁଛନ୍ତି, ତାହାକୁ ନେଇ ବିଶେଷଜ୍ଞ ମହଲରେ ଉତ୍କଣ୍ଠା ପ୍ରକାଶ ପାଇଛି।

ସୂଚନାଯୋଗ୍ୟ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଧ୍ୟ ଏ ସଂକ୍ରାନ୍ତରେ ପ୍ରତିପକ୍ଷ ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଏଙ୍କୁ ଚିଠି ଲେଖିଥିଲେ। ଜୁଲାଇ ୨୫ରେ ଲେଖିଥିବା ଚିଠିରେ ଓଡ଼ିଶା ମୁଖ୍ୟମନ୍ତ୍ରୀ ମହାନଦୀ ବିବାଦରେ ଆପୋସ ସମାଧାନକୁ ଗୁରୁତ୍ୱାରୋପ କରିଥିବା ବେଳେ ଏହି ପ୍ରସ୍ତାବ ବିଚାରାଧୀନ ରହିଛି ବୋଲି ଛତିଶଗଡ଼ ମୁଖ୍ୟମନ୍ତ୍ରୀ କହିଥିଲେ। ଅପରପକ୍ଷେ ନିକଟରେ ସାମାଜିକ ସଂସ୍ଥା ମହାନଦୀ ବଞ୍ଚାଅ, ଜୀବିକା ବଞ୍ଚାଅ ଆନ୍ଦୋଳନ ପକ୍ଷରୁ ମଧ୍ୟ ବିବାଦର ସମାଧାନ ପାଇଁ ଛତିଶଗଡ଼ର ରାୟପୁରଠାରେ ମହାନଦୀ ସମସ୍ୟାର ସମାଧାନ ପାଇଁ ଏକ ଗୋଲଟେବୁଲ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଜଳପୁରୁଷ ରାଜେନ୍ଦ୍ର ସିଂ ଯୋଗ ଦେଇଥିଲେ। ବୈଠକରେ ଦୁଇ ରାଜ୍ୟର ସରକାର ନିଜ ଭିତରେ ଆଲୋଚନାକୁ ସୀମିତ ନରଖି ଏଥିରେ ନଦୀ ସହ ସଂଶ୍ଳିଷ୍ଟ ଅଂଶୀଦାରମାନଙ୍କୁ ସାମିଲ କରିବାକୁ ଅନୁରୋଧ କରାଯାଇଥିଲା। ଏହାସହ କୌଣସି ଆପୋସ ସମାଧାନକୁ ଯିବା ପୂର୍ବରୁ ଅଣମୌସୁମୀ ସମୟରେ ଯେତିକି ପାଣି ଓଡ଼ିଶାର ଆବଶ୍ୟକତା ଅଟେ, ତାହା ଛାଡ଼ିବାକୁ ସର୍ତ୍ତ ରହିବା ଜରୁରୀ ବୋଲି ମତପ୍ରକାଶ ପାଇଥିଲା।

## ବଢ଼ିବ ଚାଷୀ ପଞ୍ଜୀକରଣ ଅବଧି

### ଜାଲିଆତି କରିଥିବା ଚାଷୀଙ୍କୁ ଧରିବେ ସରକାର

**ଭୁବନେଶ୍ୱର, ୩୦।୮ (ସମିସ):** ଖରିଫ୍ ଚାଷ ପଞ୍ଜୀକରଣ ଅବଧି ବୃଦ୍ଧି ପାଇବ। କୌଣସି କାରଣବଶତଃ ପଞ୍ଜୀକରଣ ପ୍ରକ୍ରିୟାରେ ସାମିଲ ହୋଇପାରିନଥିବା ଚାଷୀଙ୍କୁ ସୁଯୋଗ ମିଳିବ। ଏ ସମ୍ପର୍କରେ ଖୁବ୍‌ଶୀଘ୍ର ନିଷ୍ପତ୍ତି ନିଆଯିବ ବୋଲି ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ସେ କହିଛନ୍ତି, ଏବର୍ଷ ରେକର୍ଡସଂଖ୍ୟକ ଚାଷୀ ପଞ୍ଜୀକରଣ କରିଛନ୍ତି। ଯେଉଁମାନେ ଚାଷ ଛାଡ଼ିଥିଲେ, ସେମାନେ ଚାଷ କାର୍ଯ୍ୟକୁ ଫେରୁଛନ୍ତି।

ବର୍ତ୍ତମାନ ସୁଦ୍ଧା ରାଜ୍ୟରେ ଖରିଫ ଧାନ ବିକ୍ରି ପାଇଁ ସର୍ବାଧିକ ୧୯ ଲକ୍ଷ ୬୭ହଜାର ଚାଷୀ ପଞ୍ଜିକରଣ କରିଛନ୍ତି। ହେଲେ ଏ ଭିତରେ ଜାଲିଆତି କରି ପଞ୍ଜୀକରଣ କରିଥିବା ଲୋକଙ୍କ ତାଲିକା ସରକାରଙ୍କ ହାତରେ ଲାଗିଛି। ଜାଲିଆତି କରି ପଞ୍ଜୀକରଣ କରିଥିବା ଚାଷୀଙ୍କୁ ଚିହ୍ନଟ ପାଇଁ ସବୁ ଜିଲ୍ଲାପାଳଙ୍କୁ ଖୁବଶୀଘ୍ର ଯୋଗାଣ ବିଭାଗ ଚିଠି କରିବ। ଏଥିରେ ସମ୍ପୃକ୍ତ ଥିବା ଚାଷୀ, ସମବାୟ ଅଧିକାରୀଙ୍କ ଉପରେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବ। ତେଣୁ ଏ ସବୁର କ୍ଷେତ୍ରସ୍ତରୀୟ ଯାଞ୍ଚ ପରେ ଜାଲିଆତିରେ ସମ୍ପୃକ୍ତ ଥିବା ଚାଷୀ ଓ ଅଧିକାରୀଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ବିଭାଗ ଯୋଜନା କରୁଛି।

ବଡ କଥା ହେଲା, ୨୦୨୪-୨୫ ରବି ଫସଲ ସମୟରେ ୧ ଲକ୍ଷ ୮୧ ହଜାର ୬୮୪ ଚାଷ ହୋଇ ନଥିବା ଜମି ପଞ୍ଜୀକରଣ ହୋଇଥିଲା। ଯୋଗାଣ ବିଭାଗର ଏ ଚିଠିର ଏହାକୁ ସ୍ପଷ୍ଟ କରିଥିଲା। ପୁଣିଥରେ ଚଳିତ ଖରିଫ ପଞ୍ଜୀକରଣ ସମୟରେ ବିଭାଗ ନଜରକୁ ଏପ୍ରକାର ଜାଲିଆତି ଆସିଛି। ତେଣୁ ଜାଲିଆତି କରିଥିବା ଚାଷୀ ଓ ଅଧିକାରୀଙ୍କୁ ଆଗୁଆ ଚିହ୍ନଟ ସହ କାର୍ଯ୍ୟାନୁଷ୍ଠାନ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଉଦ୍ୟମ ଆରମ୍ଭ ହୋଇଛି। ମାତ୍ର ରବି ଫସଲ ସମୟରେ ଧରାପଡ଼ିଥିବା ଚାଷୀଙ୍କ ବିରୋଧରେ ବର୍ତ୍ତମାନ ସୁଦ୍ଧା କୌଣସି କାର୍ଯ୍ୟାନୁଷ୍ଠାନ ହୋଇନି। ତେଣୁ ଏଥର ବି କେବଳ ସରକାର କଥାରେ କହି ଚୁପ୍ ବସିଯିବେ ବୋଲି ବିରୋଧୀ ଅଭିଯୋଗ କରିଛନ୍ତି।

## ରାଜ୍ୟରେ ସାର ଅଭାବ ପାଇଁ ସରକାର ଦାୟୀ: ବିଜେଡି

### ତୁରନ୍ତ ସମାଧାନ ନହେଲେ ରାଜ୍ୟବ୍ୟାପୀ ଚାଷୀ ଆନ୍ଦୋଳନ



**ଭୁବନେଶ୍ୱର,୩୦।୮ (ସମିସ):** ରାଜ୍ୟରେ ସାର ଅଭାବକୁ ନେଇ ଚାଷୀମାନେ ଗୁରୁତର ସମସ୍ୟାର ସମ୍ମୁଖୀନ ହେଉଥିବା ବେଳେ ରାଜ୍ୟ ସରକାରଙ୍କୁ ଏଥିପାଇଁ ଦାୟୀ କରିଛି ବିଜୁ ଜନତା ଦଳ। ଦଳର ବରିଷ୍ଠ ନେତା ତଥା ବିଧାୟକ ଡ. ଅରୁଣ ସାହୁ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଛନ୍ତି, ବର୍ତ୍ତମାନ ରାଜ୍ୟରେ ସାରର ନିଅଣ୍ଟିଆ ସ୍ଥିତି ଦେଖାଦେଇଥିବା ବେଳେ ସାରବିକ୍ରିରେ ଅନିୟମିତତା, କଳାବଜାର ଓ ଅତ୍ୟଧିକ ଦରବୃଦ୍ଧି ଚାଷୀକୁଳଙ୍କୁ ହନ୍ତସନ୍ତ କରୁଛି। ଏହି ସମସ୍ୟାର ସମାଧାନ ପାଇଁ ସରକାର କୌଣସି ପଦକ୍ଷେପ ନେଉନାହାନ୍ତି। ରାଜ୍ୟ ସରକାର ନିଜକୁ ଲୋକଙ୍କ ସରକାର ବୋଲି ଦାବି କରୁଛନ୍ତି। କିନ୍ତୁ କୃଷକମାନେ କ'ଣ ରାଜ୍ୟର ନୁହଁନ୍ତି କି ବୋଲି ଡ. ସାହୁ ପ୍ରଶ୍ନ କରିଛନ୍ତି। ରାଜ୍ୟର ଚାଷୀକୁଳଙ୍କ ସମସ୍ୟାକୁ ବୁଝି ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳର ନେତା ନବୀନ ପଟ୍ଟନାୟକ କେନ୍ଦ୍ର ସାର ମନ୍ତ୍ରୀଙ୍କୁ ଚିଠି ଲେଖି ଏହାର ତ୍ୱରିତ ସମାଧାନ ପାଇଁ ଦାବି କରିଛନ୍ତି। ସେ ଆହୁରି କହିଛନ୍ତି, ଏକଦା ଚାଉଳ ନିଅଣ୍ଟିଆ ରାଜ୍ୟ ଭାବେ ପରିଚୟ ଥିବା ଓଡ଼ିଶା ନବୀନ ପଟ୍ଟନାୟକଙ୍କ ଶାସନ କାଳରେ ଚାଉଳ ବଳକା ରାଜ୍ୟରେ ପରିଣତ ହେବା ସହିତ ଚାଉଳ ଉତ୍ପାଦନ କ୍ଷେତ୍ରରେ ଦେଶର ତୃତୀୟ ଶ୍ରେଷ୍ଠ ରାଜ୍ୟର ମାନ୍ୟତା ପାଇଛି। ଏହି ସ୍ଥିତିରେ ରାଜ୍ୟ ସରକାର ଚାଷୀଙ୍କ ସ୍ୱାର୍ଥକୁ ପ୍ରାଥମିକତା ଦେଇ ତାଙ୍କୁ ସାର ଭଳି ଆବଶ୍ୟକ ସାମଗ୍ରୀ ସୁବିଧାରେ ଯୋଗାଇ ଦେବାର ଆବଶ୍ୟକତା ରହିଛି। ସାର ଯୋଗାଇଦେବାରେ ରାଜ୍ୟ ସରକାର ବିଫଳ ହୋଇଛନ୍ତି। ଯାହାକୁ ନେଇ କୃଷକମାନେ ଗୁରୁତର ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ସାରଜନିତ ଯନ୍ତ୍ରଣାରୁ ମୁକ୍ତି ପାଇଁ ସରକାର ତୁରନ୍ତ ଆବଶ୍ୟକ ପଦକ୍ଷେପ ନିଅନ୍ତୁ। ନଚେତ୍ ରାଜ୍ୟବ୍ୟାପୀ କୃଷକ ଆନ୍ଦୋଳନକୁ ସମ୍ମୁଖୀନ ହେବାକୁ ପ୍ରସ୍ତୁତ ରୁହନ୍ତୁ ବୋଲି ଡ. ସାହୁ କହିଛନ୍ତି।

## ଭୁବନେଶ୍ୱରରୁ ଆରମ୍ଭ ହେବ ଏସ୍‌ସି/ଏସ୍‌ଟିଙ୍କ ବିକାଶ: ଓମ୍ ବିର୍ଲା




**ଭୁବନେଶ୍ୱର,୩୦।୮ (ସମିସ):** ଅନୁସୂଚିତ ଜାତି ଓ ଜନଜାତି(ଏସ୍‌ସି/ଏସ୍‌ଟି)ଙ୍କ ବିକାଶର ରୋଡ଼ମ୍ୟାପ ଭୁବନେଶ୍ୱରରୁ ଆରମ୍ଭ ହେବ। ଅନୁସୂଚିତ ଜାତି, ଅନୁସୂଚିତ ଜନଜାତିଙ୍କ ପାଇଁ ଅନେକ ଯୋଜନା କରାଯାଇଛି। ସେଗୁଡ଼ିକର ସଠିକ ପ୍ରଣୟନ ହେଲେ ଏହି ବର୍ଗ ସମାଜରେ ଅନ୍ୟମାନଙ୍କ ଭଳି ଉନ୍ନତି କରିବା ସହ ତାଳମିଳାଇ ଆଗକୁ ଅଗ୍ରସର ହେଇପାରିବେ। ଭୁବନେଶ୍ୱର ଅନୁସୂଚିତ ଜାତି ଏବଂ ଅନୁସୂଚିତ ଜନଜାତି କଲ୍ୟାଣ କମିଟିର ଅଧକ୍ଷମାନଙ୍କ ଦୁଇଦିନିଆ ଜାତୀୟ ସମ୍ମିଳନୀର ଉଦ୍‌ଯାପନୀ ଉତ୍ସବରେ ଲୋକସଭାର ବାଚସ୍ପତି ଓମ୍ ବିର୍ଲା ଯୋଗଦେଇ ଏହା କହିଛନ୍ତି।

ଲୋକସଭା ବାଚସ୍ପତି କହିଲେ, ସଂସଦୀୟ କମିଟି ବଜେଟ୍ ସମୀକ୍ଷା କରିବା ସହ ଶତପ୍ରତିଶତ ଖର୍ଚ୍ଚ ପାଇଁ ଚେଷ୍ଟିତ ହେବା ଜରୁରି। ପ୍ରଯୁକ୍ତିବିଦ୍ୟା ଏବଂ ସୁଶାସନକୁ ଗ୍ରହଣ କଲେ ବଞ୍ଚିତ ବର୍ଗ ଉନ୍ନତିରେ ଏହା ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିବ। ଏହି କର୍ମଶାଳାରେ ରାଜ୍ୟ ଏବଂ କେନ୍ଦ୍ରର କମିଟି ଗୁଡ଼ିକ ଦ୍ୱାରା ବଞ୍ଚିତ ବର୍ଗ ପାଇଁ ବିଭିନ୍ନ ସମସ୍ୟାର ସମାଧାନ ବାବଦରେ ଅଲୋଚନା ହୋଇଛି। ମିଳିଥିବା ମତାମତରୁ ସଂସଦୀୟ କମିଟି ଲୋକଙ୍କ ହିତରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରି ସେସବୁକୁ କାର୍ଯ୍ୟକାରୀ କରାଯିବ। ଗଣମାଧ୍ୟମ ପ୍ରତିନିଧିମାନଙ୍କର ବିଭିନ୍ନ ପ୍ରଶ୍ନର ଉତ୍ତରରେ ଶ୍ରୀ ବିର୍ଲା କହିଲେ, ଏହି ସମ୍ମିଳନୀର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଅନୁସୂଚିତ ଜାତି ଅନୁସୂଚିତ ଜନଜାତିମାନଙ୍କ ସମସ୍ୟା, ସୁବିଧା, ସୁରକ୍ଷା ଓ କଲ୍ୟାଣମୂଳକ କାର୍ଯ୍ୟକ୍ରମର ସଫଳ ପ୍ରଣୟନ ସହ ଏହାକୁ କିପରି ତ୍ୱରାନ୍ୱିତ କରାଯାଇପାରିବ ସେ ଦିଗରେ ଗୁରୁତ୍ୱ ଦିଆଯିବ।

ଏହି ଅବସରରେ ଅନୁସୂଚିତ ଜାତି ଅନୁସୂଚିତ ଜନଜାତି କଲ୍ୟାଣ ସଂସଦୀୟ କମିଟିର ଅଧ୍ୟକ୍ଷ ଫଗନ ସିଂ କୁଲସ୍ତେ କହିଲେ, ବଞ୍ଚିତ ବର୍ଗମାନଙ୍କର ସାମାଜିକ ଓ ଆର୍ଥିକ ଉନ୍ନତି ପାଇଁ କମିଟି ପ୍ରତିଶ୍ରୁତିବଦ୍ଧ। ସେ ସମସ୍ତଙ୍କୁ ଏକଜୁଟ ହୋଇ କାମ କରି ଅନୁସୂଚିତ ଜାତି ଅନୁସୂଚିତ ଜନଜାତିମାନଙ୍କ ପାଖରେ ସରକାରଙ୍କ କଲ୍ୟାଣମୂଳକ ଯୋଜନାର ଲାଭ ପହଞ୍ଚାଇବାରେ ସକ୍ରିୟ ଭୂମିକା ଗ୍ରହଣ କରିବାକୁ ଆହ୍ୱାନ ଦେଇଥିଲେ। ସମ୍ମିଳନୀରେ ଶିକ୍ଷା, ସ୍ୱାସ୍ଥ୍ୟ, ଜୀବିକା, ସାମାଜିକ-ଆର୍ଥିକ ସଶକ୍ତୀକରଣ ସମ୍ପର୍କରେ ଆଲୋଚନା ହୋଇଥିଲା। ସମ୍ମିଳନୀରେ ଗ୍ରହଣ କରାଯାଇଥିବା ପ୍ରସ୍ତାବମାନ ସଂସଦ ଓ ରାଜ୍ୟ ବିଧାନସଭା ପାଇଁ ମାର୍ଗଦର୍ଶକ ଭାବେ କାର୍ଯ୍ୟ କରିବ। ସମ୍ମିଳନୀ ପ୍ରାରମ୍ଭରେ ଓଡ଼ିଶା ବିଧାନସଭାର ବାଚସ୍ପତି ସୁରମା ପାଢ଼ୀ ସ୍ୱାଗତ ଭାଷଣ ଦେଇଥିବା ବେଳେ ବିଧାନସଭା ସଚିବ ସତ୍ୟବ୍ରତ ରାଉତ ଧନ୍ୟବାଦ ଦେଇଥିଲେ।

ସୂଚନାଯୋଗ୍ୟ ଯେ ୨୫ ବର୍ଷ ପରେ ଏବଂ ଦିଲ୍ଲୀ ବାହାରେ ପ୍ରଥମ ଥର ପାଇଁ ଓଡିଶାରେ ଏହି ସମ୍ମିଳନୀ ସଫଳତାର ସହ ଅନୁଷ୍ଠିତ ହୋଇଛି।

### ମୋହନଙ୍କ କଥାରେ ସତ୍ୟତା ନାହିଁ

## କଂଗ୍ରେସ ଓ ରାହୁଲ ଗାନ୍ଧୀଙ୍କୁ ନିଃସର୍ତ୍ତ କ୍ଷମା ମାଗନ୍ତୁ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୩୦।୮ (ସମିସ):** ବିହାରରେ ଭୋଟର୍ ଅଧିକାର ଯାତ୍ରାକୁ ଅଭୂତପୂର୍ବ ଜନସମର୍ଥନ ଓ ସଫଳତା ଭାରତୀୟ ଜନତା ପାର୍ଟି ପାଇଁ ମୁଣ୍ଡବିନ୍ଧାର କାରଣ ପାଲଟିଛି। ଏଣୁ କଂଗ୍ରେସ ଦଳକୁ ବଦନାମ କରିବାକୁ ବିଜେପି ସରକାର ଷଡ଼ଯନ୍ତ୍ର, ମିଥ୍ୟା ଓ ଅପପ୍ରଚାରର ବାଟକୁ ଆପଣାଇଛି। ଏଥିରେ ରାଜ୍ୟର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଧ୍ୟ ସାମିଲ ହୋଇଛନ୍ତି। ମହମ୍ମଦ ରିଜିଭି ନାମକ ବ୍ୟକ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ତାଙ୍କ ସ୍ୱର୍ଗତା ମାତାଙ୍କ ପ୍ରତି ଅତ୍ୟନ୍ତ ଅଶାଳୀନ, ଅରୁଚିକର ମନ୍ତବ୍ୟ ପ୍ରଦାନ କରିଥିଲେ। ତେବେ ରିଜଭି ବିଜେପି ସଂଖ୍ୟାଲଘୁ ସେଲର ବୋଲି ଜଣାପଡ଼ିବା ପରେ ବିଜେପିର ସବୁ ଷଡ଼ଯନ୍ତ୍ର ଧରାପଡ଼ିଗଲା। ରିଜଭି ଭାରତୀୟ ଜନତା ପାର୍ଟିର ସଂଖ୍ୟାଲଘୁ ବିଭାଗର ସଦସ୍ୟ ବୋଲି ସମସ୍ତ ଗଣମାଧ୍ୟମରେ ପ୍ରକାଶିତ ହେଲା। ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା କେନ୍ଦ୍ରମନ୍ତ୍ରୀ ଶିବରାଜ ସିଂ ଚୌହାନ ଓ ଅନ୍ୟ ନେତୃବୃନ୍ଦଙ୍କ ସହ ରିଜଭିଙ୍କ ଫଟୋ ସାମାଜିକ ଗଣମାଧ୍ୟମରେ ଘୂରି ବୁଲୁଛି। ମୁଖ୍ୟମନ୍ତ୍ରୀଙ୍କ ଏହି ଅପପ୍ରଚାରାକୁ ଦୋହରାଇବା ଅତ୍ୟନ୍ତ ନିନ୍ଦନୀୟ। ଏଣୁ ମୁଖ୍ୟମନ୍ତ୍ରୀ ତୁରନ୍ତ ରାହୁଲ ଗାନ୍ଧୀ ଏବଂ କଂଗ୍ରେସ ଦଳକୁ କ୍ଷମା ମାଗନ୍ତୁ ବୋଲି କଂଗ୍ରେସ ଦ୍ୱାରା ଆୟୋଜିତ ଏକ ସମ୍ବାଦିକ ସମ୍ମିଳନୀରେ ଦାବି କରାଯାଇଛି।

କଂଗ୍ରେସ ନେତୃବର୍ଗ ଓ ଦଳକୁ ସାଧାରଣ ଜନତାଙ୍କ ଆଗରେ ଅପମାନିତ କରିବା ଉଦ୍ଦେଶ୍ୟରେ ବିଜେପି ଦଳର ତୁଙ୍ଗ ନେତୃବୃନ୍ଦ ଜାଣିଶୁଣି ଏଭଳି ହୀନ ଓ ନୀଚ ଉଦ୍ୟମ କରିଛନ୍ତି ବୋଲି କଂଗ୍ରେସ ଭବନରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ପିସିସି ମୁଖପାତ୍ର ରଜନୀ କୁମାର ମହାନ୍ତି କହିଛନ୍ତି। ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବିନା ତଥ୍ୟ ଆଧାରରେ ରାହୁଲ ଗାନ୍ଧୀ ଓ କଂଗ୍ରେସ ଦଳ ପ୍ରତି ଯେଉଁ ମନ୍ତବ୍ୟ ପ୍ରଦାନ କରିଛନ୍ତି, ଶ୍ରୀ ମହାନ୍ତି ଏହାର ପ୍ରତିବାଦ କରିଛନ୍ତି। ମୁଖ୍ୟମନ୍ତ୍ରୀ ସବୁ ସତ ଜାଣିଲା ପରେ ମଧ୍ୟ କାହିଁକି ଏଭଳି ମନ୍ତବ୍ୟ ଦେଲେ ବୋଲି ସେ ପ୍ରଶ୍ନ କରିଛନ୍ତି। ବିହାରରେ ରାହୁଲ ଗାନ୍ଧୀଙ୍କ ଭୋଟର୍ ଅଧିକାର ଯାତ୍ରା ବିପୁଳ ସମର୍ଥନ ମିଳିବା ଦେଖି ବିଜେପି ଭୟଭୀତ ହୋଇପଡ଼ିଥିବା ଦଳର ମୁଖପାତ୍ର ନିଶିକାନ୍ତ ମିଶ୍ର କହିଛନ୍ତି।


ବ୍ରହ୍ମପୁର ମହାନଗର ନିଗମ

## ବ୍ରହ୍ମପୁର ମହାନଗର ନିଗମ

### ସବୁଜ ସୁନ୍ଦର ବ୍ରହ୍ମପୁର ସହର ପାଇଁ ସର୍ବସାଧାରଣଙ୍କୁ ଅନୁରୋଧ

**କରନ୍ତୁ**

(୧) ଆପଣଙ୍କ ଘର / ଅନୁଷ୍ଠାନ ର ଓଦା ବର୍ଜ୍ୟବସ୍ତୁ ଯଥା ପରିବା ଚୋପା, ବାସି ଖାଦ୍ୟ ଇତ୍ୟାଦି ଶାଗୁଆ ରଙ୍ଗର ଡଷ୍ଟବିନ୍‌ରେ ଏବଂ ଶୁଖିଲା ବର୍ଜ୍ୟବସ୍ତୁ ଯଥା କାଗଜ / ପ୍ଲାଷ୍ଟିକ୍ ଇତ୍ୟାଦି କୁ ନୀଳ ରଙ୍ଗର ଡଷ୍ଟବିନ୍‌ରେ ଅଲଗା ଅଲଗା କରି ରଖନ୍ତୁ ଏବଂ ଦୈନିକ ମହାନଗର ନିଗମ ଦ୍ୱାରା ନିୟୋଜିତ ଆବର୍ଜନା ସଂଗ୍ରହ କାରୀ ଯାନରେ ପକାନ୍ତୁ ।
(୨) ବର୍ଜ୍ୟବସ୍ତୁ ସଂଗ୍ରହ ପାଇଁ ଉପଭୋକ୍ତା ଦେୟ ସ୍ୱଚ୍ଛସାଥୀଙ୍କୁ ପ୍ରଦାନ କରନ୍ତୁ ।
(୩) ବର୍ଜ୍ୟବସ୍ତୁ ଉତ୍ପାଦନକୁ କମ୍ କରନ୍ତୁ ।
(୪) ସେପଟିକ୍ ଟ୍ୟାଙ୍କ ସହିତ ଶୌଚାଳୟକୁ ସଂଯୋଗ କରନ୍ତୁ ଏବଂ ଏହାକୁ ପ୍ରତି ତିନି ବର୍ଷରେ ଥରେ ସଫା କରନ୍ତୁ ।
(୫) ଅତି କମ୍‌ରେ ନିଜର ୫ ମିଟର ପରିସର ପର୍ଯ୍ୟନ୍ତ ପରିଷ୍କାର ପରିଚ୍ଛନ୍ନତା ବଜାୟ ରଖନ୍ତୁ ।

**କରନ୍ତୁ ନାହିଁ:**

(୧) ଗୋଟିଏ ଡ଼ଷ୍ଟବିନ୍‌ରେ ଓଦା ଏବଂ ଶୁଖିଲା ଅଳିଆ ମିଶ୍ରଣ କରନ୍ତୁ ନାହିଁ ।
(୨) ଘରୋଇ ପଚାସଢ଼ା ବର୍ଜ୍ୟବସ୍ତୁ ଏବଂ ଘରୋଇ ବର୍ଜ୍ୟବସ୍ତୁ ସହ ଅଦରକାରୀ ପଦାର୍ଥ ଯଥା କାଗଜ, ପ୍ଲାଷ୍ଟିକ୍ ଇତ୍ୟାଦି ମିଶ୍ରଣ କରନ୍ତୁ ନାହିଁ ।
(୩) ବାଲକୋନି / ଝରକାରୁ ସର୍ବସାଧାରଣ ରାସ୍ତା କିମ୍ବା ଡ୍ରେନ୍‌କୁ ଅଳିଆ ପକାନ୍ତୁ ନାହିଁ ।
(୪) ଶୌଚାଳୟକୁ ନର୍ଦ୍ଦମା ସହ ସଂଯୋଗ କରନ୍ତୁ ନାହିଁ ।
(୫) ନିଜର ୫ ମିଟର ପରିସର ପର୍ଯ୍ୟନ୍ତ ଅପରିଷ୍କାର କରନ୍ତୁ ନାହିଁ ।
(୬) ପଲିଥିନ୍, ବ୍ୟାଗ୍, କପ୍, ପ୍ଲାଷ୍ଟିକ୍ ଚାମଚ, ଥରମୋକଲ ଇତ୍ୟାଦି ବ୍ୟବହାର କରନ୍ତୁ ନାହିଁ ।
(୭) ଟାୟର, ଫୁଲକୁଣ୍ଡ, ଅନ୍ୟାନ୍ୟ ପାତ୍ର ଇତ୍ୟାଦିରେ ଦିନ ଦିନ ବ୍ୟାପି ପାଣି ଜମା ହେବାକୁ ଦିଅନ୍ତୁ ନାହିଁ ।

ଶ୍ରୀ ପ୍ରଥମେଶ ଅରବିନ୍ଦ ରାଜେଶିର୍କେ
କମିଶନର
ବ୍ରହ୍ମପୁର ମହାନଗର ନିଗମ

ଶ୍ରୀମତୀ ସଂଘମିତ୍ରା ଦଳେଇ,
ମେୟର
ବ୍ରହ୍ମପୁର ମହାନଗର ନିଗମ

ଶ୍ରୀ ଇ. ବିବେକ୍ ରେଡ୍ଡୀ
ଡେ଼ପୁଟି ମେୟର
ଓ
ସମସ୍ତ କର୍ପୋରେଟର ବୃନ୍ଦ
ବ୍ରହ୍ମପୁର ମହାନଗର ନିଗମ

# ସ୍ୱାୟତ୍ତ ଶାସନ ଦିବସ ଉପଲକ୍ଷେ ବିଏମ୍‌ସି ପକ୍ଷରୁ 'ନିକ୍ଷୟ ପୋଷଣ କିଟ୍' ବଣ୍ଟନ



ବ୍ରହ୍ମପୁର,୩୦।୮(ସମିସ): ସ୍ୱାୟତ୍ତ ଶାସନ ଦିବସ ଅବସରରେ ବ୍ରହ୍ମପୁର ମହାନଗର ନିଗମ(ବିଏମସି) ପକ୍ଷରୁ ଟିବି ନିରାକରଣ କାର୍ଯ୍ୟକ୍ରମ ଅଧିନରେ ପ୍ରଧାନମନ୍ତ୍ରୀ ଟିବି ମୁକ୍ତ ଭାରତ ଅଭିଯାନ ଅନ୍ତର୍ଗତ "ନିକ୍ଷୟ ମିତ୍ର କ୍ୟାମ୍ପେନ' କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ୨୩୭ଜଣଙ୍କ ମଧ୍ୟରୁ ୫୦ଟିବି ପିଡ଼ିତଙ୍କୁ କିଟ୍ ପ୍ରଦାନ କରାଯାଇଛି। ପର୍ଯ୍ୟାୟକ୍ରମେ ସମସ୍ତ ପିଡ଼ିତଙ୍କୁ ଏଥିରେ ସାମିଲ କରାଯିବ ବୋଲି କୁହାଯାଇଛି। କାର୍ଯ୍ୟକ୍ରମରେ ଅତିଥିଭାବେ ବିଏମସି ମେୟର ସଂଘମିତ୍ରା ଦଳେଇ, ଡ଼େପୁଟି ମେୟର ଇ ବିବେକ ରେଡ଼୍ଡୀ, ବିଏମସି କମିଶନର ପ୍ରଥମେଶ ଅରବିନ୍ଦ ରାଜଶିର୍କେ, ଡ଼େପୁଟି ମେୟର କଲ୍ୟାଣୀ ସଂଘମିତ୍ରା, ଆଶୀର୍ବାଦ ପରିଡ଼ା, ଡ଼ ବାଲୁଙ୍କେଶ୍ୱର ଷଡ଼ଙ୍ଗୀ, ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡ଼ା ଶରତ କୁମାର ସାମଲ, ଅତିରିକ୍ତ ଜିଲ୍ଲା ସହରାଞ୍ଚଳ ଜନସ୍ୱାସ୍ଥ୍ୟ ଅଧିକାରୀ ଡ଼ା ମାନସ ରଞ୍ଜନ ପଣ୍ଡା, ଡ଼ା ଅବନୀ କୁମାର ପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ଟିବି ମୁକ୍ତ ଗଞ୍ଜାମ ଓ ବ୍ରହ୍ମପୁର ଗଠନ ଦିନରେ ପରାମର୍ଶ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଡ଼ିପିଏମ ବୁଲନାଥ ସାହୁ, ଲୋମ୍ବୋଦର ଦିଗାଲ, ସଂଯୋଜକ ବିଦେଶୀ ଜେନା ପ୍ରମୁଖ ଉପସ୍ଥିତ ଥିଲେ। ଏ ଅବସରରେ ପିପିଏମ ସୁଧୀରକାନ୍ତ ବେହେରା ଶପଥ ପାଠ କରାଇଥିବା ବେଳେ ଶ୍ରୀ ଦିଗାଲ ଧନ୍ୟବାଦ ଅର୍ପଣ କରିଥିଲେ।

# କୁକୁର ମୁହଁରେ ଶିଶୁ ଭ୍ରୂଣ

ବେଲଗୁଣ୍ଠା,୩୦।୮(ସମିସ): ଏକ ୪/୫ ମାସର ଶିଶୁ ଭ୍ରୂଣକୁ କୁକୁର ଟାଣି ନେଉଥିବା ଭଳି ଏକ ହୃଦୟ ବିଦାରକ ଦୃଶ୍ୟ ଦେଖିବାକୁ ମିଳିଛି ବେଲଗୁଣ୍ଠା ଥାନା ଅଞ୍ଚଳରେ। ଶୁକ୍ରବାର ସନ୍ଧ୍ୟାରେ ବେଲଗୁଣ୍ଠା ଥାନା ଅନ୍ତର୍ଗତ ଉଡ୍ଡୁରା ଛକ ନିକଟରେ ଶିଶୁ ଭ୍ରୂଣକୁ କୁକୁର ମୁଖ୍ୟ ସଡ଼କ ଉପରକୁ ଟାଣି ଆଣିଥିଲା। ସ୍ଥାନୀୟ ଲୋକେ ଏହା ଦେଖିବା ପରେ ବେଲଗୁଣ୍ଠା ଥାନାକୁ ଖବର ଦେଇଥିଲେ। ଏସ୍‌ଆଇ ଅଭୟ କୁମାର ପ୍ରଧାନଙ୍କ ନେତୃତ୍ୱରେ ପୁଲିସ୍ ଟିମ୍ ପହଞ୍ଚି ଭ୍ରୂଣଟିକୁ ଜବତ କରି ଆଜି ସକାଳେ ଭଞ୍ଜନଗର ଉପଖଣ୍ଡ ଚିକିତ୍ସାଳୟରେ ବ୍ୟବଚ୍ଛେଦ କରାଇଥିଲେ। ଘଟଣାସ୍ଥଳକୁ ଭଞ୍ଜନଗର ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ଦୀପକ୍ କୁମାର ମିଶ୍ର ମଧ୍ୟ ପରିଦର୍ଶନ କରିଥିଲେ। ଏନେଇ ବେଲଗୁଣ୍ଠା ଥାନାରେ ଏକ ମାମଲା ରୁଜୁ କରାଯାଇ ଏଏସ୍‌ଆଇ ପ୍ରମୋଦ କୁମାର ଚେଟି ଘଟଣାର ତଦନ୍ତ କରୁଛନ୍ତି। ପରେ ପ୍ରଶାସନ ତରଫରୁ ଏହାକୁ ପୋତି ଦିଆଯାଇଛି।

# ବିଏମ୍‌ସିର ପୁରସ୍କାର ବିତରଣ ଉତ୍ସବ ଓ ବୃକ୍ଷରୋପଣ

ବ୍ରହ୍ମପୁର,୩୦।୮(ସମିସ):

ସ୍ୱାୟତ୍ତ ଶାସନ ଦିବସ ପରିପ୍ରେକ୍ଷୀରେ ବ୍ରହ୍ମପୁର ମହାନଗର ନିଗମ (ବିଏମସି) ପକ୍ଷରୁ ବହୁବିଧ କାର୍ଯ୍ୟକ୍ରମ ଆୟୋଜିତ ହେଉଛି। ଏହିକ୍ରମରେ ଶନିବାର ସ୍ଥାନୀୟ ଗୋଷାଣୀନୂଆଗାଁଠାରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ମେୟର ସଂଘମିତ୍ରା ଦଳେଇ, ଡ଼େପୁଟି ମେୟର ଇ ବିବେକ ରେଡ଼୍ଡୀ, କମିଶନର ପ୍ରଥମେଶ ଅରବିନ୍ଦ ରାଜଶିର୍କେ, ସମାଜସେବୀ ସୁବାଷ ମହାରଣାଙ୍କ ସମେତ ବହୁ କର୍ପୋରେଟର ଓ ଅଧିକାରୀ ଉପସ୍ଥିତ ରହି ବୃକ୍ଷରୋପଣ କରିଥିଲେ। ସେହିଭଳି ସନ୍ଧ୍ୟାରେ ମହାନଗର ନିଗମ ନୂତନ ସମ୍ମିଳନୀ କକ୍ଷରେ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଥିଲା।

# ସହରର ଜୟଯାତ୍ରା ଗାନ କଲେ ଅତିଥି



ସ୍ୱାୟତ୍ତ ଶାସନ ଦିବସ ଲାଗି ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ କୃତି ପ୍ରତିଯୋଗୀଙ୍କୁ ପୁରସ୍କାର ବଣ୍ଟନ କରାଯାଇଥିଲା। ମେୟର ସଂଘମିତ୍ରା ଦଳେଇ ଏଥିରେ ଅଧ୍ୟକ୍ଷତା କରି କହିଥିଲେ ଯେ, ପୂର୍ବର ବ୍ରହ୍ମପୁର ଏବଂ ବର୍ତ୍ତମାନର ବ୍ରହ୍ମପୁର ଭିତରେ ଅନେକ ପରିବର୍ତ୍ତନ ଆସିଛି। ଭବିଷ୍ୟତରେ ମଧ୍ୟ ଏହି ସକରାତ୍ମକ ପରିବର୍ତ୍ତନ ଜାରି ରହିବ। ଏଥିପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବ୍ରହ୍ମପୁର ସାଂସଦ ଡ. ପ୍ରଦୀପ କୁମାର ପାଣିଗ୍ରାହୀ ଯୋଗଦେଇ ବ୍ରହ୍ମପୁର ସହରର ଜୟଯାତ୍ରା ଓ ଅଭାବ, ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ସମ୍ପ୍ରତି ସହରବାସୀଙ୍କ ଆଶା ବଢ଼ୁଛି। ଏହିକ୍ରମରେ ଲୋକଙ୍କ ସମସ୍ୟାକୁ ପ୍ରାଧାନ୍ୟ ଦେବାକୁ ସେ ମତବ୍ୟକ୍ତ କରିଥିଲେ। ଡେପୁଟି ମେୟର ଇ.ବିବେକ ରେଡ଼ି ସହରର ବିକାଶ ଦିଗରେ ମହାନଗର ନିଗମ ତରଫରୁ କାର୍ଯ୍ୟକାରୀ ହୋଇଥିବା ବିଭିନ୍ନ ପଦକ୍ଷେପ ଉପରେ ଆଲୋକପାତ କରିଥିଲେ। କମିଶନର ପ୍ରଥମେଶ ଅରବିନ୍ଦ ରାଜେସିର୍କେ ସ୍ୱାଗତ ଭାଷଣ ଦେଇ ଜନକଲ୍ୟାଣକାରୀ କାର୍ଯ୍ୟକ୍ରମ ଉପରେ ଆଲୋକପାତ କରିଥିଲେ। ପୂର୍ବରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ଏଠାରେ ପୁରସ୍କୃତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଡେପୁଟି କମିଶନର ଆଶୀର୍ବାଦ ପରିଡ଼ା ଏବଂ କଲ୍ୟାଣୀ ସଂଘମିତ୍ରା, ସିଟି ଇଞ୍ଜିନିୟର ମନୋଜ ପାତ୍ର ପ୍ରମୁଖ ମଞ୍ଚାସିନ ଥିବା ବେଳେ ବହୁ କର୍ପୋରେଟର ଓ ବିଏମସିର ଅଧିକାରୀଗଣ ଉପସ୍ଥିତ ଥିଲେ। ଏ ଅବସରରେ ନୂତନ ଭାବେ ନିର୍ମିତ ମେୟର, ଡେପୁଟି ମେୟର ଏବଂ କର୍ପୋରେଟରଙ୍କ ଚାମ୍ବରକୁ ମୁଖ୍ୟଅତିଥି ସାଂସଦ ଡ. ପାଣିଗ୍ରାହୀ ଉଦଘାଟନ କରିଥିଲେ।

# ସକଳେଶ୍ୱର କଲ୍ୟାଣ ମଣ୍ଡପ କମିଟିକୁ ହସ୍ତାନ୍ତର ଦାବି

ବ୍ରହ୍ମପୁର,୩୦।୮(ସମିସ): ଭାବିନୀପୁର ସ୍ଥିତ ସକଳେଶ୍ୱର ମହାଦେବ ମନ୍ଦିର ପ୍ରାଙ୍ଗଣରେ ନିର୍ମାଣ ହୋଇଥିବା କଲ୍ୟାଣ ମଣ୍ଡପକୁ ମନ୍ଦିର ଉନ୍ନୟନ କମିଟି ଓ ସେବକଙ୍କୁ ହସ୍ତାନ୍ତର କରିବାକୁ ଦାବି ହୋଇଛି। ସେହି ମର୍ମରେ ଆଜି କମିଟି ଓ ସେବକଙ୍କ ପକ୍ଷରୁ ବ୍ରହ୍ମପୁର ଉପଜିଲ୍ଲାପାଳ ଓ ରଙ୍ଗେଇଲୁଣ୍ଡା ବିଡିଓଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ପୂର୍ବରୁ ସକଳେଶ୍ୱର ମନ୍ଦିର ଜାଗାରେ ଏକ କଲ୍ୟାଣ ମଣ୍ଡପ ନିର୍ମାଣ ନିମନ୍ତେ ପ୍ରସ୍ତାବ ଦିଆଯାଇଥିଲା। ଏହାପରେ ସରକାରଙ୍କ ପକ୍ଷରୁ ମନ୍ଦିରର ଉନ୍ନତିକୁ ଦୃଷ୍ଟିରେ ରଖି ସେଠାରେ ମଣ୍ଡପ ନିର୍ମାଣ କରାଯାଇଥିଲା। ତେଣୁ ସେହି କଲ୍ୟାଣ ମଣ୍ଡପ କମିଟି ଦ୍ୱାରା ପରିଚାଳିତ ହେଲେ ମନ୍ଦିରର ଉନ୍ନତି ହୋଇପାରିବ ବୋଲି କମିଟି ପକ୍ଷରୁ କୁହାଯାଇଛି। ଦାବିପତ୍ର ପ୍ରଦାନ ବେଳେ ସୁଶାନ୍ତ କୁମାର ମହାପାତ୍ର, ସୂର୍ଯ୍ୟ ରାଉଳ, ପ୍ରଦୀପ ସାହୁ, ବିପ୍ର ବେହେରା, ଏସକେ ରାଉଳ ପ୍ରମୁଖ ଉପସ୍ଥିତ ଥିଲେ।


ପ୍ରଗତିପଥେ ବୁଗୁଡା ବିଜ୍ଞାପିତ ଅଞ୍ଚଳ ପରିଷଦ





ପୌର ପରିଷଦ କାର୍ଯ୍ୟାଳୟ,ଫୁଲବାଣୀ

ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟ, ଜି.ଉଦୟଗିରି

ବିଜ୍ଞାପିତ ଅଞ୍ଚଳ ପରିଷଦ, ଗଞ୍ଜାମ


ଶ୍ରୀମତୀ ଅପର୍ଣ୍ଣା ଡାଙ୍ଗୁଆ
କାର୍ଯ୍ୟ ନିର୍ବାହୀ ଅଧିକାରୀ


ଶ୍ରୀମତୀ ପ୍ରତିଭା ପାଢୀ
ଅଧ୍ୟକ୍ଷା

ପୌରପରିଷଦ ପାରଳାଖେମୁଣ୍ଡି
ନିଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ ପାଳନ-୨୦୨୫

ଆମର ନିବେଦନ:
୧. ଘର ଟିକସ ଠିକ୍ ସମୟରେ ପୈଠ କରନ୍ତୁ।
୨. ରାସ୍ତା ଓ ନାଳକୁ ବେଆଇନ୍ ଭାବେ ଦଖଲ କରି ଗମନାଗମନରେ ଅବରୋଧ ସୃଷ୍ଟି କରନ୍ତୁ ନାହିଁ।
୩. ଦୋକାନ ଲାଇସେନସ୍ ଫି ଠିକ୍ ସମୟରେ ପୈଠ କରନ୍ତୁ।
୪. ଗୃହରୁ ବାହାରୁଥିବା ଅଳିଆ ଆବର୍ଜନା ନାଳରେ ନ ପକାଇ ତାହାକୁ ଅଲଗା ଅଲଗା କରି ପୌରପରିଷଦର ଅଳିଆ ସଂଗ୍ରହକାରୀଙ୍କୁ ପ୍ରଦାନ କରନ୍ତୁ।
୫. ଗୃହ ପାଳିତ ପଶୁ ଯଥା ଗାଈଗୋରୁ, ଘୁଷୁରି, କୁକୁର ଗୁଡିକୁ ସହର ମଧ୍ୟରାସ୍ତାକୁ ଛାଡନ୍ତୁ ନାହିଁ।
୬. ବାହାରେ ମଳତ୍ୟାଗ ନକରି ନିଜ ଘରେ ନିର୍ମାଣ କରିଥିବା ପାଇଖାନା କିମ୍ବା ଗୋଷ୍ଠୀ ଶୌଚାଳୟ ବ୍ୟବହାର କରନ୍ତୁ।
୭. ପାରଳା ପୌରପରିଷଦକୁ ସବୁଜ ଓ ସୁନ୍ଦର ରଖିବାରେ ସାହାଯ୍ୟ କରନ୍ତୁ।
୮. ପଲିଥିନ୍ ମୁକ୍ତ ପାରଳା ସହର ଗଠନ କରିବାରେ ଆମକୁ ସହାୟତା କରନ୍ତୁ।
୯. ନିଜ ପାଇଖାନା ଟାଙ୍କିରୁ ନିର୍ଗତ ମଳକୁ ଏଣେ ତେଣେ ନ ପକାଇ ପରିଷଦ ଦ୍ୱାରା ଯୋଗାଇ ଦିଆଯାଉଥିବା ସେସ୍‌ପୁଲ ମାଧ୍ୟମରେ ସଫାକରି ନିର୍ଦ୍ଧାରିତ ସ୍ଥାନରେ ପକାନ୍ତୁ।


ଶ୍ରୀମତୀ ନିର୍ମଳା ସେଠୀ
ଅଧ୍ୟକ୍ଷା
ପାରଳାଖେମୁଣ୍ଡି ପୌରପରିଷଦ


ଶ୍ରୀ ଲେଙ୍କା ମଧୁ
ଉପାଧ୍ୟକ୍ଷ
ପାରଳାଖେମୁଣ୍ଡି ପୌରପରିଷଦ

ସ୍ୱାୟତ୍ତ ଶାସନ ଦିବସ ଅବସରରେ ବ୍ରହ୍ମପୁର ମହାନଗର ନିଗମର ସମସ୍ତ ଜନ ସାଧାରଣ ସମେତ ୩୦ ନମ୍ବର ୱାର୍ଡ ବାସିବାଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଜ୍ଞାପନ କରୁଛି।


ମମତା କୁମାରୀ ପାତ୍ର
କର୍ପୋରେଟର ୩୦ ନମ୍ବର ୱାର୍ଡ

ବିଜ୍ଞାପିତ ଅଞ୍ଚଳ ପରିଷଦ, ରମ୍ଭା, ଗଞ୍ଜାମ

ବାର୍ତ୍ତା
ସ୍ୱା/- କାର୍ଯ୍ୟନିର୍ବାହୀ ଅଧିକାରୀ, ବିଜ୍ଞାପିତ ଅଞ୍ଚଳ ପରିଷଦ, ଆସିକା

ପ୍ରଗତି ପଥେ ଦିଗପହଣ୍ଡି ପୌରପରିଷଦ

ବିଜ୍ଞାପିତ ଅଂଚଳ ପରିଷଦ, କବିସୂର୍ଯ୍ୟନଗର

ବିଜ୍ଞାପିତ ଅଞ୍ଚଳ ପରିଷଦ,ସୋରଡା, ଗଞ୍ଜାମ
ବାର୍ତ୍ତା
ସହରର ସମସ୍ତ ସାହି ଓ ରାସ୍ତା ସଫା ରଖିବା ସହ ପରିବେଶ ପରିଷ୍କାର ରଖନ୍ତୁ।
ଘରର ସମସ୍ତ ଓଦା ଓ ଶୁଖିଲା ଅଳିଆକୁ ପୃଥକ ଭାବେ ପରିଷଦର ସ୍ୱଚ୍ଛ ବାହନ ଗାଡିରେ ଦିଅନ୍ତୁ।
ବାହ୍ୟ ମଳତ୍ୟାଗ କରନ୍ତୁ ନାହିଁ।
ସେପଟିକ୍ ଟ୍ୟାଙ୍କର ବ୍ୟବହାର ଏବଂ ପ୍ରତି ୩ ବର୍ଷରେ ଥରେ ସେପଟିକ୍ ଟ୍ୟାଙ୍କକୁ ପରିଷଦର Cesspool ବାହନ (ଦେୟ ୫୦୦ ଟଙ୍କା) ଦ୍ୱାରା ସଫା ରଖିବା।
ନିର୍ମାଣ ଏବଂ ଭଙ୍ଗାବିଶେଷ ବର୍ଜ୍ୟବସ୍ତୁ (C& D) ସଂଗ୍ରହ ଏବଂ ପରିବହନ ବାବଦରେ ପରିଷଦରେ ୧୦୦୦ ଟଙ୍କା ଜମା କରିବା।
ପ୍ଲାଷ୍ଟିକ ଓ ପଲିଥିନ ବ୍ୟବହାର କରନ୍ତୁ ନାହିଁ।
ଗଛଟିଏ ଲଗାନ୍ତୁ ଓ ପରିବେଶକୁ ବଞ୍ଚାନ୍ତୁ।
ସ୍ୱଚ୍ଛ ସୋରଡା ଓ ସୁସ୍ଥ ଓଡିଶା ଗଠନରେ ସହାୟକ ହୁଅନ୍ତୁ।
ଶ୍ରୀଯୁକ୍ତ ରମେଶ ଚନ୍ଦ୍ର ସାହୁ, କାର୍ଯ୍ୟ ନିର୍ବାହୀ ଅଧିକାରୀ, ବିଜ୍ଞାପିତ ଅଞ୍ଚଳ ପରିଷଦ, ସୋରଡା
ଶ୍ରୀଯୁକ୍ତ ଶିବ ଶଙ୍କର ପଣ୍ଡା, ଅଧ୍ୟକ୍ଷ, ବିଜ୍ଞାପିତ ଅଞ୍ଚଳ ପରିଷଦ, ସୋରଡା

ବିଜ୍ଞାପିତ ଅଂଚଳ ପରିଷଦ, ପୋଲସରା, ଗଂଜାମ
୧. ପରିଷଦର ଦେୟ ଯଥା ହୋଲଡିଂଟିକସ, ଦୋକାନଗୃହ ଟିକସ ଓ ୟୁଜର ଫି ଠିକ ସମୟରେ ପୈଠ କରନ୍ତୁ। ନକ୍ସା ଅନୁମୋଦନ କରି ନୂତନ ଓ ପୁରାତନ ଗୃହ ନିର୍ମାଣ କରନ୍ତୁ।
୨. ନିଜ ଘରର ଅଳିଆ ଓଦା ଓ ଶୁଖିଲା ରୂପରେ ଅଳିଆ ଗାଡ଼ିରେ ଦିଅନ୍ତୁ। ନିଜର ପାଇଖାନା ଟାଙ୍କି ପ୍ରତି ତିନି ବର୍ଷରେ ସେସପୁଲ ଗାଡି ଦ୍ୱାରା ସଫା କରନ୍ତୁ। ରାସ୍ତା ଉପରେ ଅଳିଆ ଫିଙ୍ଗନ୍ତୁ ନାହିଁ ଏବଂ ଗୃହ ପାଳିତ ପଶୁ ଛାଡ଼ନ୍ତୁ ନାହିଁ ସର୍ବସାଧାରଣ ସ୍ଥାନରେ ମଳତ୍ୟାଗ ନକରି ପାଇଖାନା ବ୍ୟବହାର କରନ୍ତୁ। ପଲିଥିନ, ସିଙ୍ଗଲ ୟୁଜ ପ୍ଲାଷ୍ଟିକର ବ୍ୟବହାରରୁ ଦୂରେଇ ରୁହନ୍ତୁ। ସହରକୁ ପ୍ଲାଷ୍ଟିକ ମୁକ୍ତ କରନ୍ତୁ ଓ ପରିବେଶ ସୁରକ୍ଷା ନିମନ୍ତେ ବୃକ୍ଷ ରୋପଣ କରନ୍ତୁ।
୩. ଟ୍ରେଡ୍ ଲାଇସେନ୍ସ କରି ବ୍ୟବସାୟ କରନ୍ତୁ ଓ ପ୍ରତି ବର୍ଷ ନବୀକରଣ କରାଇ ନିଅନ୍ତୁ। ଦୋକାନ ସାଇନ ବୋର୍ଡ ୬୦% ଓଡ଼ିଆରେ ଲେଖିବା ବାଧ୍ୟତା ମୂଳକ ଅଟେ। ଡ୍ରେନ ଅବରୋଧ କରି ତା ଉପରେ କୌଣସି ବ୍ୟବସାୟ କରନ୍ତୁ ନାହିଁ।
କୈଳାଶ ଚନ୍ଦ୍ର ଜେନା, କାର୍ଯ୍ୟନିର୍ବାହୀ ଅଧିକାରୀ
ସନ୍ତୋଷ କୁମାର ବେହେରା, ଉପାଧ୍ୟକ୍ଷ
ସଙ୍ଗିତା ବେହେରା, ଅଧ୍ୟକ୍ଷା

ବିଜ୍ଞାପିତ ଅଞ୍ଚଳ ପରିଷଦ, କାଶୀନଗର, ଜିଲ୍ଲା –ଗଜପତି।
ପବିତ୍ର ସ୍ୱାୟତ୍ତ ଶାସନ ଦିବସ-୨୦୨୫ (ସ୍ୱର୍ଣ୍ଣ ଜୟନ୍ତୀ) ଅବସରରେ କାଶୀନଗର ବିଜ୍ଞାପିତ ଅଞ୍ଚଳ ପରିଷଦବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଇବା ସହ ସମସ୍ତଙ୍କ ସୁଖ ସମୃଦ୍ଧି କାମନା କରୁଅଛୁ। ସହରର ସମସ୍ତ ନାଗରିକମାନଙ୍କୁ ମୌଳିକ ସେବା ଯୋଗାଇ ଦେବା ସହ ସହରକୁ ନିର୍ମଳ, ସବୁଜ ଓ ସୁନ୍ଦର କରି ଗଢି ତୋଳିବା ପାଇଁ ସମସ୍ତଙ୍କ ସହଯୋଗ କାମନା କରୁଅଛୁ ଏବଂ ... (www.sujogodisha.gov.in) ...

# ବଦଳିବେ ଜିଲ୍ଲା ଶିକ୍ଷା ବିଭାଗର ମିନିଷ୍ଟାରିଆଲ ଷ୍ଟାଫ୍

ବ୍ରହ୍ମପୁର,୩୦।୮ (ସମିସ):

ଗଞ୍ଜାମ ଜିଲ୍ଲା ଶିକ୍ଷା ଶିକ୍ଷା ପ୍ରଶାସନ ଅଧିନରେ କାର୍ଯ୍ୟ କରୁଥିବା ମିନିଷ୍ଟାରିଆଲ୍ ଷ୍ଟାପ(କିରାଣୀ) ତାଲିକା ପ୍ରସ୍ତୁତ କରିବାକୁ ଜିଲ୍ଲା ଶିକ୍ଷାଧିକାରୀ ନିର୍ଦ୍ଦେଶନାମା ଜାରି କରିଛନ୍ତି। ଏଭଳି ଚିଠି ପାଇବା ପରେ ଜିଲ୍ଲା ଶିକ୍ଷାଧିକାରୀ କାର୍ଯ୍ୟାଳୟଠାରୁ ଆରମ୍ଭ କରି ବିଭିନ୍ନ ଗୋଷ୍ଠୀ ଶିକ୍ଷାଧିକାରୀ କାର୍ଯ୍ୟାଳୟରେ ଦୀର୍ଘ ବର୍ଷ ଧରି ଗାଦି ମାଡ଼ି ବସିଥିବା କିରାଣୀଙ୍କ ଟେନସନ ବଢ଼ିବାରେ ଲାଗିଛି। ନିୟମ ଅନୁଯାୟୀ ଜଣେ ସରକାରୀ କର୍ମଚାରୀ କୌଣସି ଗୋଟିଏ ସ୍ଥାନରେ ୩ବର୍ଷରୁ ଅଧିକ ସମୟ ଧରି କାର୍ଯ୍ୟ କରିପାରିବେ ନାହିଁ। କିନ୍ତୁ ଗଞ୍ଜାମ ଜିଲ୍ଲାର ବିଭିନ୍ନ ବିଭାଗରେ ସରକାରୀ କର୍ମଚାରୀମାନେ ବର୍ଷ ବର୍ଷ ଧରି ଏକ ନିର୍ଦ୍ଦିଷ୍ଟ ସ୍ଥାନରେ କାର୍ଯ୍ୟ କରୁଥିବା ଦେଖିବାକୁ ମିଳିଛି। କିଛି ମାସ ପୂର୍ବେ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ବଦଳି ନୀତିକୁ କଡ଼ାକଡ଼ି ପାଳନ କରିବାକୁ ବିଭିନ୍ନ ବିଭାଗକୁ ନିର୍ଦ୍ଦେଶ ହେବା ପରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ ପାଇଥିବା ଦେଖିବାକୁ ମିଳିଛି। ଶିକ୍ଷା ବିଭାଗର ନିର୍ଦ୍ଦେଶ ପରେ ଗୋଟିଏ ସ୍ଥାନ ୩ବର୍ଷରୁ ଅଧିକ ସମୟ ଧରି କାର୍ଯ୍ୟ କରୁଥିବା କର୍ମଚାରୀଙ୍କ ତାଲିକା ପ୍ରସ୍ତୁତି କରିବାକୁ ଚିଠି ହୋଇଛି। ଜିଲ୍ଲାର ସମସ୍ତ

**ବିଇଓଙ୍କୁ ତାଲିକା ମାଗିଲେ ଜିଲ୍ଲା ଶିକ୍ଷାଧିକାରୀ**

**ଏକାସ୍ଥାନରେ ଗାଦି ମାଡ଼ି ବସିଥିବା ବାବୁଙ୍କ ଉପରେ ନଜର**

ଗୋଷ୍ଠୀ ଶିକ୍ଷାଧିକାରୀଙ୍କ ଜିଲ୍ଲା ଶିକ୍ଷାଧିକାରୀଙ୍କ ପକ୍ଷରୁ ନିର୍ଦ୍ଦେଶନାମା ଜାରି ହୋଇଛି। ଜିଲ୍ଲା ଶିକ୍ଷାଧିକାରୀ କାର୍ଯ୍ୟାଳୟ ଅଧିନରେ ରହିଥିବା ମିନିଷ୍ଟାରିଆଲ୍ ଷ୍ଟାପ କେତେ ବର୍ଷ କେଉଁ କାର୍ଯ୍ୟାଳୟ ଅଥବା ଅନୁଷ୍ଠାନରେ ଅଛନ୍ତି, ତାହାର ଏକ ତାଲିକା ପ୍ରସ୍ତୁତ କରିବାକୁ ଚଳିତ ମାସ ୨୬ତାରିଖରେ ଗଞ୍ଜାମ ଜିଲ୍ଲା ଶିକ୍ଷାଧିକାରୀ କାର୍ଯ୍ୟାଳୟ ପକ୍ଷରୁ ଚିଠି ଜାରି ହୋଇଛି। ସେପ୍ଟେମ୍ବର ମାସ ୨ତାରିଖ ସୁଧା ମିନିଷ୍ଟାରିଆଲ୍ ଷ୍ଟାପ ତଥ୍ୟ ପ୍ରାଦାନ କରିବାକୁ ଜିଲ୍ଲା ଶିକ୍ଷାଧିକାରୀ ସମସ୍ତ ଗୋଷ୍ଠୀ ଶିକ୍ଷାଧିକାରୀ(ବିଇଓ)ଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟପକ୍ଷରେ ଗୋଟିଏ ସ୍ଥାନରେ ଦୀର୍ଘ ବର୍ଷ ଧରି ଜଣେ ସରକାରୀ କର୍ମଚାରୀ କାର୍ଯ୍ୟ କରିବା ଦ୍ୱାରା ବିଭିନ୍ନ ସମସ୍ୟା ସୃଷ୍ଟି ହେଉଥିବା ଦେଖିବାକୁ ମିଳିଛି। ସେଥି ମଧ୍ୟରୁ ବହୁ କର୍ମଚାରୀ ସଠିକ ଭାବେ କାର୍ଯ୍ୟରେ ଯୋଗ ଦେଉନଥିବା ବେଳେ ଅନ୍ୟକିଛି କର୍ମଚାରୀ ନିୟମିତ ନିଜ କାର୍ଯ୍ୟ ସମ୍ପାଦନ କରୁନଥିବା ଅଭିଯୋଗ ହୋଇଛି। ଏହା ସହ ବିଭିନ୍ନ କାର୍ଯ୍ୟ ନିମନ୍ତେ କିଛି କର୍ମଚାରୀ ଟଙ୍କା ଆଦାୟ କରୁଥିବା ମଧ୍ୟ ଅଭିଯୋଗ ହୋଇଛି। ଏହାକୁ ଦୃଷ୍ଟିରେ ରଖି ଶିକ୍ଷା ବିଭାଗ ପକ୍ଷରୁ ବଦଳି ନୀତିକୁ କଡ଼ାକଡ଼ି କରିବାକୁ ନିଷ୍ପତି ହୋଇଛି। ଗୋଟିଏ ସ୍ଥାନରେ ୩ବର୍ଷରୁ ଅଧିକ ସମୟ ଧରି କାର୍ଯ୍ୟ କରିଥିବା ମିନିଷ୍ଟାରିଆଲ୍ ଷ୍ଟାପଙ୍କ ତାଲିକରା ପ୍ରସ୍ତୁତ କରିବା ସହ ଶତକଡ଼ା ୫୦ଭାଗ କର୍ମଚାରୀଙ୍କୁ ଚଳିତ ବର୍ଷ ଅଦଳବଦଳ କରିବା ଏବଂ ଅବଶିଷ୍ଟ କର୍ମଚାରୀଙ୍କ ଆସନ୍ତା ବର୍ଷ ଦବଳି କରିବାକୁ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ଜିଲ୍ଲା ଶିକ୍ଷାଧିକାରୀଙ୍କୁ ନିର୍ଦ୍ଦେଶ ରହିଛି।

## ତାଲା ଭାଙ୍ଗି ସୁନା, ରୁପା ଓ ଟଙ୍କା ଲୁଟିନେଲେ ଦୁର୍ବୃତ୍ତ

ବ୍ରହ୍ମପୁର,୩୦।୮ (ସମିସ): ଗୋପାଳପୁର ଥାନା ଅନ୍ତର୍ଗତ ଆମ୍ବପୁଅ ଶିବାନନ୍ଦ ନଗର ଦ୍ୱିତୀୟ ଲାଇନ୍‌ସ୍ଥିତ ଏକ ତାଲା ବନ୍ଦ ଘରୁ ତାଲା ଭାଙ୍ଗି ସୁନା, ରୁପା ଓ ଟଙ୍କା ଲୁଟି ନେଇଛନ୍ତି ଦୁର୍ବୃତ୍ତ। ଏନେଇ ଥାନାରେ ଅଭିଯୋଗ ହୋଇଛି। ବଳରାମ ବେହେରା ଗଣେଶ ପୂଜା ଦିନ କୌଣସି କାମରେ ଭୁବନେଶ୍ୱର ଯାଇ ଆଜି ସନ୍ଧ୍ୟାରେ ଫେରି ଘରର ଗ୍ରୀଲ୍ ତାଲା ଭଙ୍ଗା ଯାଇଥିବା ଦେଖିଥିଲେ। ପରେ ଘର ଭିତରକୁ ଯାଇ ଆଲମାରୀ ଭାଙ୍ଗି କେହି ଦୁର୍ବୃତ୍ତ ପ୍ରାୟ ୩୦ ତୁଳା ସୁନା ଓ ନଗଦ ୫୦ ରୁ ୬୦ ହଜାର ଟଙ୍କା, କିଛି ରୁପା ଲୁଟି ନେଇଥିବା ଦେଖି ଗୋପାଳପୁର ଥାନାକୁ ଜଣାଇଥିଲେ।

## ଦୁର୍ଘଟଣା ଘଟାଇଥିବା ପିକ୍‌ଅପ୍ ଚାଳକ ଗିରଫ

ବ୍ରହ୍ମପୁର,୩୦।୮ (ସମିସ): ବାଇଗଣବାଡ଼ି ଛକରେ ପିକଅପ୍ ଭ୍ୟାନ ଧକ୍କାରେ ଖଲିଙ୍ଗି ଗ୍ରାମର ୨ ଜଣଙ୍କ ମୃତ୍ୟୁ ଘଟଣାରେ ସଦର ଥାନା ପୁଲିସ ସମ୍ପୃକ୍ତ ପିକ୍‌ଅପ ଚାଳକଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ସେ ହେଲେ ଚମାଖଣ୍ଡି ଲକ୍ଷ୍ମୀପୁର ବଡସାହିର ହରିଶଚନ୍ଦ୍ର ସେଠୀ(୩୨)। ପିକଅପ ଚାଳକ ହରିଶଚନ୍ଦ୍ରଙ୍କ ବେପାରୁଆ ଗାଡି ଚାଳନା ଯୋଗୁ ବାଇକରେ ଯାଉଥିବା ଖଲିଙ୍ଗି ଗ୍ରାମର ସନାତନ ସୁଆଁସିଆ ଓ କର୍ଣ୍ଣ ସେଠୀଙ୍କ ମୃତ୍ୟୁ ହେଲା ବୋଲି ପୁଲିସ ତଦନ୍ତରୁ ଜଣାପଡିଛି। ସୂଚନାଥାଉକି, ଗତକାଲି ସନାତନ ଓ କର୍ଣ୍ଣ ଏକ ବାଇକରେ ବ୍ରହ୍ମପୁରରୁ ନିଜ ଗ୍ରାମକୁ ଫେରୁଥିବା ବେଳେ ଦିଗପହଣ୍ଡିରୁ ବ୍ରହ୍ମପୁର ଆସୁଥିବା ପିକ୍‌ଅପ ଭ୍ୟାନ ସେହି ବାଇକକୁ ଧକ୍କା ଦେଇଥିଲା।


### ବିଜ୍ଞାପିତ ଅଞ୍ଚଳ ପରିଷଦ, ବାଲିଗୁଡ଼ା

ସ୍ୱାୟତ ଶାସନ ଦିବସ-୨୦୨୫ ଉପଲକ୍ଷେ ବାଲିଗୁଡା ବିଜ୍ଞାପିତ ଅଞ୍ଚଳ ପରିଷଦରେ ବାସ କରୁଥିବା ସମସ୍ତ ଜନସାଧାରଣଙ୍କୁ କୃତଜ୍ଞତା ଜ୍ଞାପନ ସହ ସହରକୁ ଏକ ସୁନ୍ଦର ସ୍ୱାସ୍ଥ୍ୟକର ପରିବେଶରେ ଗଢି ତୋଳିବାକୁ ସମସ୍ତଙ୍କ ସହଯୋଗ ଆଶା କରୁଛୁ।

(୧) ସହରର ସମସ୍ତ ସାହି ଓ ରାସ୍ତା ସଫା ରଖିବା ସହ ପରିବେଶ ପରିଷ୍କାର ରଖନ୍ତୁ।
(୨) ଘରେ ସମସ୍ତ ଓଦା ଓ ଶୁଖିଲା ଅଳିଆକୁ ପୃଥକ ଭାବେ ପରିଷଦର ସ୍ୱଚ୍ଛ ବାହାନ ଗାଡିରେ ଦିଅନ୍ତୁ।
(୩) ବାହ୍ୟ ମଳ ତ୍ୟାଗ କରନ୍ତୁ ନାହିଁ।
(୪) ପ୍ଲାଷ୍ଟିକ ଓ ପଲିଥିନ ବ୍ୟବହାର କରନ୍ତୁ ନାହିଁ।
(୫) ଗଛଟିଏ ଲଗାନ୍ତୁ ଓ ପରିବେଶ ବଞ୍ଚାନ୍ତୁ।
(୬) ଆପଣମାନଙ୍କଠାରୁ ସଂଗ୍ରହିତ ହେଉଥିବା ଅଳିଆରୁ ଜୈବିକ ଖତ ପ୍ରସ୍ତୁତ ହେଉଅଛି ଏହାର ଉପଯୋଗ କରନ୍ତୁ।
(୭) ନୂତନ ଘର ନିର୍ମାଣ କରିବା ପୂର୍ବରୁ ଗୃହର ନକ୍ସା ପରିଷଦ ଠାରୁ ମଞ୍ଜୁର କରାଇ ନିଅନ୍ତୁ ଏବଂ ଗୃହ ସମାପ୍ତ ପରେ ତାହାକୁ ପଞ୍ଜୀକରଣ କରାଇନିଅନ୍ତୁ।
(୮) ଗୃହପାଳିତ ପଶୁମାନଙ୍କୁ ଅନଧିକାର ଭାବେ ରାସ୍ତା ଉପରେ ଛାଡନ୍ତୁ ନାହିଁ।
(୯) ବର୍ଷା ଜଳ ସଂରକ୍ଷଣ ପାଇଁ ନିଜ ଗୃହ ଓ ପରିପାର୍ଶ୍ୱରେ ବୃକ୍ଷ ରୋପଣ କରନ୍ତୁ।
(୧୦)ବ୍ୟବସାୟୀ ମାନେ ନିଜ ନିଜର ବ୍ୟବସାୟ ପାଇଁ ଟ୍ରେଡ ଲାଇସେନ୍ସ କରାଇନିଅନ୍ତୁ।
(୧୧) ବିଭିନ୍ନ ଟିକସ ଯଥା- Holding Tax, User Fee, Trade License ଠିକ ସମୟରେ ପଇଠ କରନ୍ତୁ।
(୧୨) ସ୍ୱଚ୍ଛ ବାଲିଗୁଡା ଓ ସୁସ୍ଥ ବାଲିଗୁଡା ଗଠନରେ ସହାୟକ ହୁଅନ୍ତୁ।

ସ୍ୱା / ଶ୍ରୀଯୁକ୍ତ ଗୋବିନ୍ଦ ଚନ୍ଦ୍ର ପ୍ରଧାନ, ଅଧ୍ୟକ୍ଷ | ସ୍ୱା / ଶ୍ରୀମତୀ ଶାନ୍ତି କୁମାରୀ ନାୟକ, ଉପାଧ୍ୟକ୍ଷା | ସ୍ୱା / ଶ୍ରୀଯୁକ୍ତ ବିବେକାନନ୍ଦ ବଡାଇ, କାର୍ଯ୍ୟ ନିର୍ବାହୀ ଅଧିକାରୀ



### ବିଜ୍ଞାପିତ ଅଞ୍ଚଳ ପରିଷଦ, ଖଲ୍ଲିକୋଟ, ଗଞ୍ଜାମ

**ଅଭିନନ୍ଦନ ବାର୍ତ୍ତା**

"ଆସନ୍ତୁ ଆମେ ସମସ୍ତେ ମିଶି ଆମ ସହରକୁ ସୁସ୍ଥ ଓ ସ୍ୱଚ୍ଛ ଭାବରେ ଗଢି ତୋଳିବା।"


## ଅଶୋକନଗର ଯୁବ କମିଟି ପକ୍ଷରୁ ରକ୍ତଦାନ ଶିବିର



ବ୍ରହ୍ମପୁର,୩୦।୮ (ସମିସ): ଅଶୋକ ନଗର ଯୁବ କମିଟି ପକ୍ଷରୁ ଶନିବାର ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି। ସମାଜସେବୀ ଏ. ସନ୍ତୋଷ ପାତ୍ରଙ୍କ ଅଧ୍ୟତାରେ ଅନୁଷ୍ଠିତ ଶିବିରରେ ଅତିଥି ଭାବେ ବ୍ରହ୍ମପୁର ପୂର୍ବତନ ବିଧାୟକ ଡ଼ା. ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ, ବିଜେଡ଼ି ଜିଲ୍ଲା ସଭାପତି ବିକ୍ରମ କୁମାର ପଣ୍ଡା ଓ ପୂର୍ବତନ ବିଇଡ଼ିଏ ଅଧ୍ୟକ୍ଷ ସୁବାସ ମହାରାଣା ପ୍ରମୁଖ ଯୋଗଦେଇ ରକ୍ତଦାନ ଶିବିରକୁ ଶୁଭାରମ୍ଭ କରିଥିଲେ। ଶିବିରରେ ମୋଟ ୧୦୦୮ଟି ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା। କର୍ପୋରେଟର ସୁରେନ୍ଦ୍ର କୁମାର ମହାରଣା, ବିଜୁ ଛାତ୍ର ଜନତା ଦଳ ଗଞ୍ଜାମ ଜୋନ୍ ସଭାପତି ଜ୍ୟୋତିରଞ୍ଜନ ସାହୁ, କିରଣ କୁମାର ସାହୁ, ଶିବରାମ ପାତ୍ର, ସୂରଜ କୁମାର ମହାରଣା, ଜୟରାମ ପାତ୍ର, ଦିବାକର ଗୌଡ଼ ଓ ଆଦିତ୍ୟ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ଔଦ୍ୟୋଗିକ ବିକାଶ କାର୍ଯ୍ୟକ୍ରମର ଉଦ୍‌ଯାପିତ

ବ୍ରହ୍ମପୁର,୩୦।୮ (ସମିସ): ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ ପ୍ରାଣୀ ବିଜ୍ଞାନ ବିଭାଗ ପକ୍ଷରୁ ୬ସପ୍ତାହ ଧରି ଚାଲିଥିବା ପ୍ରଯୁକ୍ତି କୌଶଳ ଆଧାରିତ ଔଦ୍ୟୋଗିକ ବିକାଶ କାର୍ଯ୍ୟକ୍ରମର ଉଦଯାପିତ ହୋଇଛି। ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ପ୍ରାୟୋଜିତ କାର୍ଯ୍ୟକ୍ରମରେ ପ୍ରାଣୀ ବିଜ୍ଞାନ ବିଭାଗ ମୁଖ୍ୟ ଡ. ସୁଶୀଲ କୁମାର ରାଠୋରଙ୍କ ଆବାହକତ୍ୱରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ନିମନ୍ତ୍ରିତ ଅତିଥି ଭାବେ ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ଡ. ମନୋଜ କୁମାର ପଟ୍ଟନାୟକ ଏବଂ ରିସର୍ଚ୍ଚ ଓ ଡେଭଲପମେଣ୍ଟ ସେଲର ସଂଯୋଜକ ଡ. ପ୍ରଶାନ୍ତ କୁମାର ନରେନ୍ଦ୍ର ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମର ଉପଯୋଗିତା ସମ୍ପର୍କରେ ବର୍ଣ୍ଣନା କରିଥିଲେ। ବିଶ୍ୱବିଦ୍ୟାଳୟର ପ୍ରାଣୀ ବିଜ୍ଞାନ ବିଭାଗର ଅଧ୍ୟାପକ ତଥା ଉପଆବାହକ ଡ. ବିଭୂତି ପ୍ରସାଦ ବାରିକ କାର୍ଯ୍ୟକ୍ରମ ପରିଚାଳନାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ।


### NOTIFIED AREA COUNCIL BELLAGUNTHA-761119 (GANJAM)

ବିଜ୍ଞାପିତ ଅଞ୍ଚଳ ପରିଷଦ

**ସର୍ବସାଧାରଣ ସୂଚନା**

ବିଜ୍ଞାପିତ ଅଞ୍ଚଳ ପରିଷଦ ବେଲଗୁଣ୍ଠାର ସମସ୍ତ ଜନସାଧାରଣଙ୍କୁ ଅନୁରୋଧ, ବେଲଗୁଣ୍ଠା ସହରକୁ ସଫା ଓ ସୁନ୍ଦର ରଖିବାରେ ସହଯୋଗ କରନ୍ତୁ।

୧. ଘରୁ କିମ୍ବା ବ୍ୟବସାୟିକ ପ୍ରତିଷ୍ଠାନରୁ ବାହାରୁଥିବା ଅଳିଆ ଆବର୍ଜନାକୁ ପୃଥକ ପୃଥକ କରି ନାଳ ଓ ସବୁଜ ଡଷ୍ଟବିନ୍‌ରେ ରଖନ୍ତୁ ଏବଂ ପରିଷଦ ଦ୍ୱାରା ଅଳିଆ ସଂଗ୍ରହ ନିମନ୍ତେ ଘରକୁ ଘର ଆସୁଥିବା ସ୍ୱଚ୍ଛତା ରଥରେ ଦିଅନ୍ତୁ।
୨. ଗୃହ ନିର୍ମାଣ ନିମନ୍ତେ ଆବଶ୍ୟକ ବାଲି, ଗୋଡ଼ି, ପଥର ଆଦିକୁ ରାସ୍ତାରେ ଜମା କରନ୍ତୁ ନାହିଁ ଏବଂ ଗୃହର ଭଗ୍ନାବଶେଷ ଯଥା- ଭଙ୍ଗା ଇଟା, ମାଟି, ପଥର ଆଦିକୁ ରାସ୍ତାରେ ପକାନ୍ତୁ ନାହିଁ। ଏଗୁଡ଼ିକର ସୁପରିଚାଳନା ନିମନ୍ତେ ପରିଷଦରେ ଆବଶ୍ୟକୀୟ ବ୍ୟବହାରିକ ଶୁଳ୍କ ଦେଇ ପ୍ରକ୍ରିୟାକରଣ କେନ୍ଦ୍ରକୁ ପଠାନ୍ତୁ।
୩. ଗୃହରେ ପାଇଖାନା ଏବଂ ସେପ୍ଟିକ୍ ଟାଙ୍କି କରନ୍ତୁ। ପାଇଖାନାର ମଇଳା ଡ୍ରେନ୍‌କୁ ଛାଡ଼ନ୍ତୁ ନାହିଁ। ନିୟମିତ ବ୍ୟବଧାନରେ ସେପ୍ଟିକ୍ ଟାଙ୍କିକୁ ପରିଷଦର ମଇଳା ସଂଗ୍ରହ ଗାଡ଼ି ଦ୍ୱାରା ସଫା କରନ୍ତୁ।

ପାଇଖାନା ଟାଙ୍କି ସଫା ପାଇଁ ୧୪୪୨୦ ହେଲ୍ପଲାଇନ ନମ୍ବରରେ ଫୋନ୍ କରନ୍ତୁ।


୪. ପ୍ଲାଷ୍ଟିକ୍ ଓ ପଲିଥିନ୍‌ର ବ୍ୟବହାର ବର୍ଜନ କରନ୍ତୁ।
୫. ବିବାହ, ବ୍ରତ, ଗୃହପ୍ରତିଷ୍ଠା ଆଦି ଉତ୍ସବରୁ ବାହାରୁଥିବା ଆବର୍ଜନାକୁ ଏଣେତେଣେ ନପକାଇ ଆବଶ୍ୟକୀୟ ବ୍ୟବହାରିକ ଶୁଳ୍କ ଦେଇ ପରିଷଦର ସମ୍ପଦ କେନ୍ଦ୍ରକୁ ପଠାନ୍ତୁ।

ସ୍ୱା/- ନିର୍ବାହୀ ଅଧିକାରୀ
ବିଜ୍ଞାପିତ ଅଞ୍ଚଳ ପରିଷଦ, ବେଲଗୁଣ୍ଠା



### ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟ

ପୁରୁଷୋତ୍ତମପୁର, (ଗଞ୍ଜାମ) ପିନ୍- ୭୬୧୦୧୮
ଇ. ମେଲ: eo-nacpurushottampur@gov.in / purushottampurnac@gmail.com




ଶ୍ରୀ ଗୋବିନ୍ଦ ଚନ୍ଦ୍ର ନାୟକ, କାର୍ଯ୍ୟନିର୍ବାହୀ ଅଧିକାରୀ, ବିଜ୍ଞାପିତ ଅଞ୍ଚଳ ପରିଷଦ, ପୁରୁଷୋତ୍ତମପୁର
ଶ୍ରୀ କୃଷ୍ଣ ଚନ୍ଦ୍ର ପଣ୍ଡା, ଅଧ୍ୟକ୍ଷ, ବିଜ୍ଞାପିତ ଅଞ୍ଚଳ ପରିଷଦ, ପୁରୁଷୋତ୍ତମପୁର
ଏବଂ ପରିଷଦର ସମସ୍ତ ସଭ୍ୟ/ସଭ୍ୟା ବୃନ୍ଦ



### NOTIFIED AREA COUNCIL CHATRAPUR

ସ୍ୱାୟତ୍ତ ଶାସନ ଦିବସ ଅବସରରେ ଛତ୍ରପୁର ବିଜ୍ଞାପିତ ଅଞ୍ଚଳ ପରିଷଦର ତରଫରୁ ସହରବାସୀଙ୍କୁ ଅଭିନନ୍ଦନ ଜଣାଉଛି।

ଶ୍ରୀ ପ୍ରସନ୍ନ କୁମାର ଦାଶ, କାର୍ଯ୍ୟନିର୍ବାହୀ ଅଧିକାରୀ, ବିଜ୍ଞାପିତ ଅଞ୍ଚଳ ପରିଷଦ, ଛତ୍ରପୁର | ଉପାଧ୍ୟକ୍ଷ, ବିଜ୍ଞାପିତ ଅଞ୍ଚଳ ପରିଷଦ, ଛତ୍ରପୁର | ଶ୍ରୀମତୀ ଶର୍ମିଷ୍ଠା ପ୍ରଧାନ, ଅଧ୍ୟକ୍ଷା, ବିଜ୍ଞାପିତ ଅଞ୍ଚଳ ପରିଷଦ, ଛତ୍ରପୁର



### ବିଜ୍ଞାପିତ ଅଞ୍ଚଳ ପରିଷଦ, କୋଦଳା

ନିଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ ଅବସରରେ ସହରବାସୀଙ୍କୁ ଶୁଭେଚ୍ଛା ସହ ସେମାନଙ୍କର ସୁଖ ଓ ସମୃଦ୍ଧି କାମନା କରୁଅଛୁ।

୧) ବିକଶିତ ଓଡ଼ିଶା - ୨୦୩୬କୁ ସମ୍ପୂର୍ଣ୍ଣ କରିବା ପାଇଁ ଆମ ସହରକୁ ବିକଶିତ କରିବା
୨) ଆଇନ ଗତ ସଫେଇ, ସୁରକ୍ଷିତ ସଫେଇ ଅଭିଯାନରେ ନିଜକୁ ସାମିଲ କରିବା ଓ କେବଳ ପରିଷଦର ପ୍ରଶିକ୍ଷିତ ସଫେଇ ମିତ୍ରଙ୍କ ଦ୍ୱାରା ନିଜର ପାଇଖାନା ଟାଙ୍କି ସଫା କରିବା।
୩) ସଫେଇ ମିତ୍ରଙ୍କୁ ଯଥୋଚିତ ସମ୍ମାନ କରିବା
୪) ପ୍ରତ୍ୟେକ ବ୍ୟକ୍ତି ନିଜ ମା ଙ୍କ ନାମରେ ଗଛଟିଏ ଲଗାଇବା
୫) ପରିଷଦର କର ଠିକ୍ ସମୟରେ ଦାଖଲ କରି ଏକ ସୁ ନାଗରିକ ଭାବରେ ନିଜକୁ ପରିଚିତ କରାଇବା।

- ସ୍ୱଚ୍ଛତା ଆପଣାନ୍ତୁ ବେମାରିକୁ ହଟାନ୍ତୁ -

ସୂର୍ଯ୍ୟନାରାୟଣ ନାୟକ, ଅଧ୍ୟକ୍ଷ, ବିଜ୍ଞାପିତ ଅଞ୍ଚଳ ପରିଷଦ, କୋଦଳା | ରଞ୍ଜିତା ସେଠୀ, ଉପାଧ୍ୟକ୍ଷା, ବିଜ୍ଞାପିତ ଅଞ୍ଚଳ ପରିଷଦ, କୋଦଳା ଓ ସମସ୍ତ ପାରିଷଦ ବୃନ୍ଦ | କୃଷ୍ଣଚନ୍ଦ୍ର ରଥ, କାର୍ଯ୍ୟନିର୍ବାହୀ ଅଧିକାରୀ, ବିଜ୍ଞାପିତ ଅଞ୍ଚଳ ପରିଷଦ, କୋଦଳା



### ବିଜ୍ଞାପିତ ଅଞ୍ଚଳ ପରିଷଦ, ଚିକିଟି, ଜିଲ୍ଲା: ଗଞ୍ଜାମ

**ପରିଷଦ ତରଫରୁ ଆମର ସଂକଳ୍ପ**

୧. ଠିକ ସମୟରେ ପରିଷଦର ସମସ୍ତ ଟିକସ ପଇଠ କରନ୍ତୁ।
୨. ବିଜୁ ଆଦର୍ଶ କଲୋନୀ ମାଧ୍ୟମରେ ସମସ୍ତ ବସ୍ତି ବାସିନ୍ଦା ନିମନ୍ତେ ବାସପଯୋଗୀ ସୁନ୍ଦର କଲୋନୀ ସ୍ଥାପିତ କରାଯାଇଛି।
୩. ଅତ୍ୟାଧୁନିକ ଏବଂ ସୁନ୍ଦର ଶ୍ମଶାନ ରୂପାନ୍ତିକରଣ।
୪. ଆବାସ ଯୋଜନାରେ ବାସହୀନ ପରିବାରମାନଙ୍କୁ ବାସଗୃହ ପ୍ରଦାନ କରାଯିବା।
୫. ସମସ୍ତ ରାସ୍ତାର ଏଲିଡି ଲାଇଟ ଦ୍ୱାରା ଆଲୋକିତକରଣ କରାଯାଇଅଛି।
୬. ଯୋଗ୍ୟ ହିତାଧିକାରୀମାନଙ୍କୁ ରାସନ କାର୍ଡ ଏବଂ ବାର୍ଦ୍ଧକ୍ୟ ଭତ୍ତା, ବିଧବା ଭତ୍ତା, ବିକଳାଙ୍ଗ ଭତ୍ତା ବଣ୍ଟନ କରାଯାଇଅଛି।
୭. ଗାଇ ଗୋରୁ ଓ ଗୃହପାଳିତ ପଶୁଙ୍କୁ ସର୍ବସାଧାରଣ ରାସ୍ତାକୁ ଛାଡନ୍ତୁ ନାହିଁ।
୮. ଗ୍ରୀନ ସିଟି ମିଶନରେ ରାସ୍ତାର ଉଭୟ ପାର୍ଶ୍ୱରେ ବୃକ୍ଷରୋପଣ କାର୍ଯ୍ୟ କରାଯାଉଅଛି।
୯. ଅଳିଆ ଆବର୍ଜନା ପଡୁଥିବା ସ୍ଥାନକୁ ସୁନ୍ଦର ଏବଂ ମନୋରମ ସେଲଫୀ ପଏଣ୍ଟ (Selfie Point)ପରିବର୍ତ୍ତିତ କରାଯାଇଅଛି।
୧୦. ଘରୁ ବାହାରୁ ଥିବା ଅଳିଆ ଆବର୍ଜନା ଗୁଡିକୁ ଏମ ସି ସି, ଏମ ଆର ଏଫ (MCC, MRF) ପ୍ରଣାଳୀରେ ଖତ ପ୍ରସ୍ତୁତ କରାଯାଇ ବହୁ ମାତ୍ରାରେ ଲାଭ ଆଦୃତ ହୋଇ ପାରୁଅଛି।
୧୧. ବହୁ ମାତ୍ରାରେ ସଫା ଆପ୍ (Safa App) ବ୍ୟବହାର କରି ସେପଟିକ ଗାଡି, ପାଣି ଟ୍ୟାଙ୍କର ଏବଂ କଲ୍ୟାଣ ମଣ୍ଡପର ସୁବିଧା ଦିଆଯାଉଅଛି।
୧୨. ଓଦା ଏବଂ ଶୁଖିଲା ଆବର୍ଜନାକୁ ପୃଥକ ପୃଥକ କରି ଅଳିଆ ଗାଡିରେ ଅଳିଆ ପକାଇବା ଓ ମିଳିମିଶି ଆମ ସହରକୁ ସ୍ୱଚ୍ଛ ସୁନ୍ଦର କରି ଗଢି ତୋଳିବା।
୧୩. ପୋଖରୀ ଗୁଡିକର ପୁନରୁଦ୍ଧାର କରାଯାଇ ରୂପାନ୍ତିକରଣ କରାଯାଉଛି।

ସହରର ସମସ୍ତ ଜନସାଧାରଣ ପରିଷଦର ବିକାଶରେ ସହଯୋଗ କରିବା ଏକାନ୍ତ କାମ୍ୟ

" ସ୍ୱଚ୍ଛ କର୍ମୀଙ୍କ ମୁହଁରେ ଆଣିଛି ହସ, ଚିକିଟିକୁ ସ୍ୱଚ୍ଛ ରଖିବା ଆମର ପ୍ରୟାସ "
"ସ୍ୱଚ୍ଛ ଗଞ୍ଜାମ ସୁସ୍ଥ ଗଞ୍ଜାମ
ସ୍ୱଚ୍ଛ ଚିକିଟୀ ସୁସ୍ଥ ଚିକିଟୀ "

ସ୍ୱା/- ଶ୍ରୀଯୁକ୍ତ ହର ପ୍ରସାଦ ଚୌଧୁରୀ, ଉପ ନଗରପାଳ, ବିଜ୍ଞାପିତଅଞ୍ଚଳପରିଷଦ, ଚିକିଟୀ
ସ୍ୱା/- ଶ୍ରୀମତି ଦୀପା କୁମାରୀ ସାହୁ, ନଗରପାଳିକା, ବିଜ୍ଞାପିତଅଞ୍ଚଳପରିଷଦ, ଚିକିଟୀ
ସ୍ୱା/- କାର୍ଯ୍ୟ ନିର୍ବାହୀଅଧିକାରୀ, ବିଜ୍ଞାପିତଅଞ୍ଚଳପରିଷଦ, ଚିକିଟି



ସ୍ୱାୟତ୍ତ ଶାସନ ଦିବସ ଅବସରରେ ବ୍ରହ୍ମପୁର ସହରର ସମସ୍ତ ଜନ ସାଧାରଣ ସମେତ 26 ନମ୍ବର ୱାର୍ଡ ବାସିନ୍ଦାଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ଜ୍ଞାପନ କରୁଛି।

ଆସନ୍ତୁ ସଭିଏଁ ମିଳିମିଶି ସ୍ୱଚ୍ଛ ଓ ସୁନ୍ଦର ୨୬ ୱାର୍ଡ ଓ ସହର ଗଠନରେ ଭାଗିଦାରୀ ହେବା

ଧିରେସ ସାବତ (ସିଲୁ)
କର୍ପୋରେଟର (୨୬ ନମ୍ବର ୱାର୍ଡ - ବ୍ରହ୍ମପୁର)



### NOTIFIED AREA COUNCIL, DIGAPAHANDI GANJAM, ODISHA,PIN-761012

ସ୍ୱାୟତ୍ତ ଶାସନ ଦିବସ-୨୦୨୫ ଉପଲକ୍ଷେ ଅଭିନନ୍ଦନ ଓ ଶୁଭେଚ୍ଛା ବାର୍ତ୍ତା
ବିଜ୍ଞାପିତ ଅଞ୍ଚଳ ପରିଷଦ, ଦିଗପହଣ୍ଡି (ଗଞ୍ଜାମ)

୧. ଠିକ୍ ସମୟରେ ପରିଷଦର ସମସ୍ତ ଟିକସ ପୈଠ କରନ୍ତୁ।
୨. ପଲିଥିନର ବ୍ୟବହାରକୁ ନିବୃତ୍ତ ରହନ୍ତୁ।
୩. ପରିଷଦର ଅନୁମତି ବିନା ଗୃହ ନିର୍ମାଣ କରନ୍ତୁ ନାହିଁ। ଗୃହ ନକ୍ସା (Building Plan) ଅନୁମୋଦନ କରି ଗୃହ ନିର୍ମାଣ କରନ୍ତୁ। ଗୃହ ନକ୍ସା (Building Plan), ସମ୍ପତ୍ତି ଟିକସ (Property Tax), ବାଣିଜ୍ୟ ଲାଇସେନ୍ସ (TradeLicence), ବିବାହ ପଞ୍ଜିକରଣ (Marriage Registration) ଇତ୍ୟାଦି ସେବା ପାଇବା ନିମନ୍ତେ ସୁଯୋଗ ପୋର୍ଟାଲ www.sujog.odisha.gov.in ମାଧ୍ୟମରେ ଆବେଦନ କରନ୍ତୁ।
୪. ନାଳ ନର୍ଦ୍ଦମାରେ ଅଳିଆ ଆବର୍ଜନା ପକାନ୍ତୁ ନାହିଁ। ପରିଷଦ କାର୍ଯ୍ୟକ୍ରମକୁ ସଫଳ ନିମନ୍ତେ ଦୁଇଟି ଡଷ୍ଟବିନ୍ ଠିକ୍ ଭାବେ ବ୍ୟବହାର କରନ୍ତୁ ଏବଂ ଗୃହର ମଇଳାକୁ ସ୍ୱଚ୍ଛତା ରଥରେ ଦିଅନ୍ତୁ ଏବଂ ନିଜ ଘରର ଓ ନିଜର ପରିସର ସଫା ରଖନ୍ତୁ। ପରିଷଦ କର୍ମଚାରୀ ତଥା ସଫେଇ କର୍ମୀ ମାନଙ୍କୁ ସଦା ସର୍ବଦା ସହଯୋଗ କରନ୍ତୁ।
୫. ଖୋଲା ସ୍ଥାନରେ ମଳତ୍ୟାଗ କରନ୍ତୁ ନାହିଁ।
୬. ନିଜ ଗୃହ ପାଇଖାନାର ଜଳ Drain କୁ ଛାଡନ୍ତୁ ନାହିଁ।
୭. ଗାଈ ଗୋରୁ ଓ ଗୃହପାଳିତ ପଶୁଙ୍କୁ ସର୍ବସାଧାରଣ ରାସ୍ତାକୁ ଛାଡନ୍ତୁ ନାହିଁ।
୮. ଦିଗପହଣ୍ଡି ସହରର ପ୍ରତ୍ୟେକ ବ୍ୟବସାୟୀଙ୍କୁ ଅନୁରୋଧ ସୁଯୋଗ ପୋର୍ଟାଲ ମାଧ୍ୟମରେ ଆବେଦନ କରି ନିଜର ଟ୍ରେଡ ଲାଇସେନ୍ସ କରାଇ ନିଅନ୍ତୁ।
୯. ଖାଦ୍ୟ ପ୍ରସ୍ତୁତ କରି ବିକ୍ରି କରୁଥିବା ସମସ୍ତ ବ୍ୟବସାୟୀ ଖାଦ୍ୟ ଲାଇସେନ୍ସ (Food Licence) ନିଶ୍ଚିତ କରନ୍ତୁ। ଏଥିସହ ଜନସାଧାରଣଙ୍କ ନିମନ୍ତେ ଜଳଶୋଧନ ଯନ୍ତ୍ର (Water Purifier) ଦ୍ୱାରା ସ୍ୱଚ୍ଛ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା କରନ୍ତୁ, ପ୍ରସ୍ତୁତ ଖାଦ୍ୟରେ କୌଣସି ପ୍ରକାର ରଙ୍ଗ ବ୍ୟବହାର କରନ୍ତୁ ନାହିଁ।
୧୦. ବୃକ୍ଷରୋପଣ କରନ୍ତୁ ଏବଂ ଏହାର ସଠିକ ଭାବେ ଯତ୍ନ ନିଅନ୍ତୁ। ସ୍ୱଚ୍ଛ, ସବୁଜ ସୁନ୍ଦର ପ୍ରଦୂଷଣ ମୁକ୍ତ ପରିବେଶ ଭାବେ ସହରକୁ ଗଢି ତୋଳିବାରେ ସହାୟକ ହୁଅନ୍ତୁ।

" ଆମ ସାଲିସାନ "–ଆମ ସ୍ୱଚ୍ଛ, ସବୁଜ ଏବଂ ସୁନ୍ଦର ସହର "ଦିଗପହଣ୍ଡି"

ସାକ୍ଷର: ଶ୍ରୀଯୁକ୍ତ ଅବିନାଶ ମିଶ୍ର (ଓ.ଆର.ଏସ.), କାର୍ଯ୍ୟନିର୍ବାହୀ ଅଧିକାରୀ, ବିଜ୍ଞାପିତ ଅଞ୍ଚଳ ପରିଷଦ,ଦିଗପହଣ୍ଡି
ସାକ୍ଷର: ଶ୍ରୀଯୁକ୍ତ ପ୍ରଫୁଲ୍ଲ ପଣ୍ଡା (ଅଧ୍ୟକ୍ଷ), ବିଜ୍ଞାପିତ ଅଞ୍ଚଳ ପରିଷଦ,ଦିଗପହଣ୍ଡି




### ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟ, ଭଞ୍ଜନଗର (ଗଞ୍ଜାମ)

ଅଦିର ପବିତ୍ର ସ୍ୱାୟତ୍ତ ଶାସନ ଦିବସ -୨୦୨୫ ଅବସରରେ ଭଞ୍ଜନଗର ବିଜ୍ଞାପିତ ଅଞ୍ଚଳ ପରିଷଦ ମଧ୍ୟରେ ବାସ କରୁଥିବା ସମସ୍ତ ଜନସାଧାରଣ, କର୍ମଚାରୀ, ବ୍ୟବସାୟୀ ବନ୍ଧୁ ଏବଂ ଶୁଭେଚ୍ଛୁ ମାନଙ୍କୁ ବିଜ୍ଞାପିତ ଅଞ୍ଚଳ ପରିଷଦ ତରଫରୁ ସ୍ୱାଗତ ଜଣାଇବା ସହିତ ସହରବାସୀଙ୍କ ଅକୁଣ୍ଠ ସହାୟତା ଓ ସହଯୋଗ ଏକାନ୍ତ କାମନା କରୁଅଛୁ।



DSPL-243




# ସ୍ୱାୟତ୍ତ ଶାସନ ଦିବସ ଅବସରରେ
## ନିମ୍ନ ଲିଖିତ ପ୍ରକଳ୍ପଗୁଡିକର
# ଶୁଭ ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ
### ୩୧ ଅଗଷ୍ଟ ୨୦୨୫

**ପ୍ରକଳ୍ପ ଉଦ୍‌ଘାଟନ**

- **୧୫୦ ଟନ୍ ସାମଗ୍ରୀ ପୁନରୁଦ୍ଧାର ସୁବିଧା (ଏମ୍.ଆର୍.ଏଫ୍),** ପଳାଶୁଣୀ
- **୧୦ ଟନ୍ ପ୍ଲାଜ୍‌ମା ପାଇରୋଲିସିସ୍ ଫ୍ୟାସିଲିଟି,** ଗାଡ଼କଣ
- **ହ୍ୱାଟ୍ସଆପ୍ ବଟ୍,** ବିଏମ୍‌ସି
- **ୱାର୍ଡ କାର୍ଯ୍ୟାଳୟ ଗୃହ** - ୱାର୍ଡ ନଂ ୧, ୱାର୍ଡ ନଂ ୬, ୱାର୍ଡ ନଂ ୧୨, ୱାର୍ଡ ନଂ ୧୮, ୱାର୍ଡ ନଂ ୨୫, ୱାର୍ଡ ନଂ ୨୭, ୱାର୍ଡ ନଂ ୩୦, ୱାର୍ଡ ନଂ ୪୧, ୱାର୍ଡ ନଂ ୪୯, ୱାର୍ଡ ନଂ ୫୦, ୱାର୍ଡ ନଂ ୫୧, ୱାର୍ଡ ନଂ ୫୪, ଏବଂ ୱାର୍ଡ ନଂ ୬୩
- **ଗ୍ୟାସ୍ ମଶାଣି** (ୱାର୍ଡ ନଂ - ୪୯ )
- **ପାର୍କ**, ଜଗମୋହନ ନଗର ଲେନ୍-୧ (ୱାର୍ଡ ନଂ - ୬୩ )
- **ମିଶନ ଶକ୍ତି ଗୃହ,** ତପୋବନ ବସ୍ତି (ଜାଗମରା, ୱାର୍ଡ ନଂ- ୬୩)
- **ମିନି ପାର୍କ,** ପ୍ଲଟ ନଂ-୫୨୮, କେ-୯ ବି, ପାତ୍ରପଡ଼ା (ୱାର୍ଡ ନଂ-୬୫)
- **ମିନି ପାର୍କ,** ଉଦୟଗିରି ବିହାର, ପାତ୍ରପଡ଼ା (ସିଦ୍ଧ ମହାବୀର ମନ୍ଦିର, ୱାର୍ଡ ନଂ- ୬୫)
- **କମ୍ୟୁନିଟି ସେଣ୍ଟର,** ଭିମଟାଙ୍ଗୀ, (ୱାର୍ଡ ନଂ- ୬୧)
- **୩ଟି ଦୁଇଟିକିଆ ପାଇଖାନା,** (ୱାର୍ଡ ନଂ- ୫୭)
- **ପରିଚୟ ଗୃହ ନିର୍ମାଣ,** ସାମନ୍ତରାପୁର (ୱାର୍ଡ ନଂ- ୫୯)
- **ପାର୍କ,** ଏନ୍.ଏ.ସି. କଲୋନୀ (ଆହାର କେନ୍ଦ୍ର ନିକଟ, ୱାର୍ଡ ନଂ- ୪୧)
- **ଆରସିସି ଡ୍ରେନ ସହ କଭର ସ୍ଲାବ,** ଜାତୀୟ ରାଜପଥ - ୧୬ ପ୍ରାଚୀ ବିହାରରୁ ପାଣ୍ଡରା ଅଠରନଳା ପର୍ଯ୍ୟନ୍ତ (ୱାର୍ଡ ନଂ- ୧୮ )

**ଭିତ୍ତିପ୍ରସ୍ତର ସ୍ଥାପନ**


- **ଶ୍ମଶାନ ନିର୍ମାଣ,** ପଳାଶୁଣୀ, ୱାର୍ଡ ନଂ- ୫
- **ୱାର୍ଡ ଅଫିସ,** ୱାର୍ଡ ନଂ- ୩

ଶ୍ରୀ ଚଞ୍ଚଳ ରାଣା ଭା.ପ୍ର.ସେ, ଆୟୁକ୍ତ, ବିଏମ୍‌ସି | ଶ୍ରୀମତୀ ମଞ୍ଜୁଲତା କହଁର, ଡେପୁଟି ମେୟର, ବିଏମ୍‌ସି | ଶ୍ରୀମତୀ ସୁଲୋଚନା ଦାସ, ମେୟର, ବିଏମ୍‌ସି

ସମସ୍ତ ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ/ଅଧ୍ୟକ୍ଷା ଏବଂ କର୍ପୋରେଟର ବୃନ୍ଦ

ଭୁବନେଶ୍ୱର ମହାନଗର ନିଗମ

OIPR-13002/13/0244/2526





# ଜଳଖିଆ ଥାଳିରୁ ନିର୍ବାସନ

ମୂଳ ଇଂରାଜୀ : ଲାରୀ ଫଣ୍ଡସନ

ଅନୁବାଦ: ନନ୍ଦିତା ମହାନ୍ତି

ରାସ୍ତାକଡ଼ରେ ଥିବା ରେଷ୍ଟୁରାଣ୍ଟର, ଝରକା କାଚରେ ଲାଗିଥିବା ଲେଖାଟି ମୋତେ ପ୍ରଲୋଭିତ କରୁଥିଲା ତା' ଭିତରକୁ ଯିବା ପାଇଁ । ଗୋଟିଏ ଡଲାର ବଦଳରେ ମୁଁ ପାଇପାରିବି ଦୁଇଟି ଅଣ୍ଡା, ଟୋଷ୍ଟ ଓ ଆଳୁଭଜା । ସେହି ସ୍ଥାନଟି ଅନ୍ୟାନ୍ୟ ସବୁ ପରିବାର ଦ୍ୱାରା ପରିଚାଳିତ ରେଷ୍ଟୁରାଣ୍ଟ ଅପେକ୍ଷା ଅଧିକ ଭଲ ଦେଖା ଯାଉଥିଲା ଓ ପରିଷ୍କାର ପରିଚ୍ଛନ୍ନ ବି ଲାଗୁଥିଲା । ସେହି ଲେଖାଟି ଥିଲା ଏକ ହାତ-ଲେଖା ଅଥଚ ଖୁବ୍ ପରିଚ୍ଛନ୍ନ । କାଗଜଟି ଅବଶ୍ୟ କିଛିଟା ହଳଦିଆ ପଡ଼ି ଆସିଥିଲା, ହେଲେ କଳା ରଙ୍ଗର କାଳିରେ ଲେଖା ହୋଇଥିବା ଅକ୍ଷରଗୁଡ଼ିକ ଥିଲା ସୁସ୍ପଷ୍ଟ । ସବୁଜ- ଧଳା ରଙ୍ଗର ଏକ ସାମିଆନା ଟଙ୍ଗା ଯାଇଥିଲା ଦରଜା ଉପରେ, ଯେଉଁଥିରେ ଷ୍ଟେନ୍ସିଲ କରାଯାଇ ଲେଖା ହୋଇଥିଲା 'କ୍ଲାରାଜ' ଅର୍ଥାତ୍ ତାହା କ୍ଲାରା ପରିବାର ଦ୍ୱାରା ପରିଚାଳିତ ହେଉଥିଲା ।

ଭିତରେ...ଭିତରଟି ଥିଲା ଖୁବ୍ ଆକର୍ଷଣୀୟ ଯଦିଓ ପରିପାଟୀ ଥିଲା ପୁରୁଣାକାଳିଆ । ଭିତର ପବନର ବାସ୍ନା ଥିଲା ତାଜା ଓ ଘରୋଇ, ସାଧାରଣ ରେଷ୍ଟୁରାଣ୍ଟ ପରି ତେଲିଆ ବାସ୍ନା ବି ନ ଥିଲା ଭିତରେ । ଏକ କଳାପଟା ଉପରେ ଖାଦ୍ୟସାରଣୀ ବା ମେନ୍ୟୁର ସବିଶେଷ ବିବରଣୀ ଲେଖା ଯାଇଥିଲା । ଏହା ଥିଲା କ୍ଷୁଦ୍ର କିନ୍ତୁ ସିଧାସପାଟ । ସେଥିରେ ଲେଖାଥିଲା ବିଭିନ୍ନ ପ୍ରକାର ଟୋଷ୍ଟର ନାମ ଯେଉଁଥିରୁ ଜଣେ ବାଛିପାରିବ ନିଜ ମନପସନ୍ଦର ଟୋଷ୍ଟ । ସେଇ ଲିଷ୍ଟ ମଝିରୁ ଗୋଟିଏ ନାମକୁ ଲିଭେଇ ଦିଆ ଯାଇଥିଲା । କିନ୍ତୁ ସେଇ କଟାଛଟାରୁ ମୁଁ ଅନୁମାନ କରି ପଢ଼ି ପାରିଥିଲି ଯେ ଏହା ଥିଲା ରାଇ ( ଶୀତପ୍ରଧାନ ଦେଶରେ ଚାଷ କରାଯାଉଥିବା ଏକ ପ୍ରକାର ଧାନ ପରି ଖାଦ୍ୟଶସ୍ୟ ଯାହାର ଅଟାରୁ ପାଉଁରୁଟି ଓ ମଦ୍ୟ ପ୍ରସ୍ତୁତ କରାଯାଏ ) । ହେଲେ ରାଇରୁ ପ୍ରସ୍ତୁତ ଟୋଷ୍ଟ ମୋର ଜମାରୁ ପସନ୍ଦ ନୁହେଁ ।

ଯେହେତୁ ମୁଁ ଏକୁଟିଆ ଥିଲି ଖାଲି ଥିବା ଟେବୁଲଗୁଡ଼ିକୁ ଛାଡ଼ି, ମୁଁ ଯାଇ କାଉଣ୍ଟରରେ ବସିଲି, ଭାବିଲି ଯଦି କେହି ପରିବାର ସହିତ ଆସିବେ ତେବେ ସେଠାରେ ବସିପାରିବେ । ସେଇ ସମୟରେ ବ୍ୟବସାୟ ଟିକେ ମାନ୍ଦା ଥିଲା । କେବଳ ଦୁଇଟି ଟେବୁଲରେ କିଛି ଲୋକ ବସିଥିଲେ ଆଉ ମୁଁ ମଧ୍ୟ କାଉଣ୍ଟରରେ ଏକୁଟିଆ ଥିଲି । ଅବଶ୍ୟ ଏବେ ବି ସମୟ ହୋଇନଥିଲା – ସକାଳ ୭.୩୦ ବି ହୋଇ ନଥିଲା ।

କାଉଣ୍ଟର ସେପାଖେ ଜଣେ ଗେଡ଼ା ଲୋକ ଛିଡ଼ା ହୋଇଥିଲା ଯାହାର ଥିଲା ଗାଢ଼ କଳା ରଙ୍ଗର ଚୁଟି, ଜୁଆଳିଆ ନିଶ, ଯୁବକ ସୁଲଭ ଦାଢ଼ି ଯାହା ଗତଥର କଟା ହେବା ପରେ ବିଶେଷ ବଢ଼ି ନଥିଲା । ସିଏ ଖୁବ୍ ସୁନ୍ଦର ଭାବରେ ପୋଷାକ ପିନ୍ଧିଥିଲା, ସେଫର ସଫେଦ ପୋଷାକ – ପ୍ୟାଣ୍ଟ, ସାର୍ଟ ଓ ଆପ୍ରୋନ, କିନ୍ତୁ ଟୋପି ନ ଥିଲା । ତା'ର ସ୍ୱର ଥିଲା ଦୃଢ଼ ଓ ଗମ୍ଭୀର । ତା'ର ସାର୍ଟରେ 'ଜାଭିଅର୍' ନାମଫଳକଟି ସିଲେଇ ହୋଇଥିଲା ।

ମୁଁ କଫି ବରାଦ କଲି, ଆଉ ତାଙ୍କୁ ଗୋଟେ ମିନିଟର୍ ସମୟ ମାଗିଲି ଏକ ଡଲାରରେ ମିଳୁଥିବା ସକାଳର ସ୍ପେଶାଲ୍ ଜଳଖିଆ ଓ ୧. ୫୯ ଡଲାରରେ ମିଳୁଥିବା ଚିଜ୍ ଆମଲେଟ୍ ମଧ୍ୟରୁ ଗୋଟିକୁ ବାଛିବା ପାଇଁ । ଆଉ ଶେଷରେ ମୁଁ ଆମଲେଟ୍ ହିଁ ବାଛିଥିଲି ।

କଫି ଗରମ, କଡ଼ା ଓ ତାଜା ଥିଲା । ମୁଁ ମୋର ଖବର କାଗଜକୁ କାଉଣ୍ଟର୍ ଉପରେ ମେଲେଇ ଦେଲି ଓ ମଗରୁ ଧୀରେ ଧୀରେ କଫି ପିଇବାକୁ ଲାଗିଲି । ଆଉ ଜାଭିଅର୍ ମୁଁ ବରାଦ କରିଥିବା ଖାଦ୍ୟ ପ୍ରସ୍ତୁତ କରିବା ପାଇଁ ଗ୍ରୀଲ୍ ନିକଟକୁ ଗଲା । ତାୱା ଉପରେ ଫେଣ୍ଟା ହୋଇଥିବା ଅଣ୍ଡା ଢଳା ହୋଇଥିଲା, ଟୋଷ୍ଟର୍ ଭିତରେ ପାଉଁରୁଟି ଡେଉଁଥିଲା, ଆଉ ସେତିକିବେଳେ ପୁଲିସ ଅଧିକାରୀମାନେ ଆସି ପହଞ୍ଚି ଯାଇଥିଲେ ସେଠାରେ । ସେମାନେ ଅଚାନକ ମାଡ଼ି ବସିଥିଲେ ଜାଭିଅର୍‌କୁ । ତା'ର ଦୁଇ ହାତକୁ ବଳପୂର୍ବକ ପଛକୁ ମୋଡ଼ି ଦେଇଥିଲେ । ସିଏ ବି କିଛି କହି ନଥିଲା । ସିଏ ଏହାର ପ୍ରତିରୋଧ ମଧ୍ୟ କରି ନ ଥିଲା । ଆଉ ସେମାନେ ତାକୁ ଧକ୍କା ମାରି କବାଟ ବାହାରକୁ ନେଇ ଯାଇଥିଲେ ଆଉ ତା'ପରେ ପୂରେଇ ଦେଇଥିଲେ ସେଠାରେ ଅପେକ୍ଷା କରିଥିବା କାର ଭିତରେ ।

ଗ୍ରୀଲ୍ ଉପରେ ମୋର ଅଣ୍ଡା ଫୁଟୁଥିଲା । ମୁଁ ଆଉ କୌଣସି ପରିଚାରକକୁ ଡାକିବା ପାଇଁ ଚାରିଆଡ଼େ ଚାହିଁଲି । ହୁଏତ ସିଏ ପଛପଟେ କେଉଁଠି ଥିବ କିମ୍ବା ଗାଧୁଆଘରେ ପଶିଥିବ । ମୁଁ କାଉଣ୍ଟର ଉପରେ ଉହୁଙ୍କି ପଡ଼ି ଡାକିଲି ତାକୁ । ହେଲେ କେହି ହେଲେ ଉତ୍ତର ଦେଲେ ନାହିଁ । ମୁଁ ମୋ ପଛରେ ପଡ଼ି ଥିବା ଟେବୁଲକୁ ଚାହିଁଲି । ଦୁଇଜଣ ବୟସ୍କ ଭଦ୍ରଲୋକ ଗୋଟେ ଟେବୁଲରେ ବସିଥିଲେ ଆଉ ଅନ୍ୟଟିରେ ଦୁଇଜଣ ବୟସ୍କା ମହିଳା ବସିଥିଲେ । ମହିଳା ଦୁଇ ଜଣ କଥାବାର୍ତ୍ତା ହେଉଥିଲେ । ପୁରୁଷମାନେ ଖବରକାଗଜ ପଢୁଥିଲେ । ଲାଗୁଥିଲା ଯେମିତି ସେମାନେ ଜାଭିଅର୍‌ର ଯିବା ବିଷୟରେ କିଛି ଜାଣି ନଥିଲେ ।

ମୁଁ ବାସ୍ନାରୁ ଜାଣି ପାରୁଥିଲି ଯେ, ମୋର ଆମଲେଟ୍ ଏବେ ପୋଡ଼ିବା ଆରମ୍ଭ ହୋଇଯାଇଛି । ମୁଁ ବୁଝି ପାରୁନଥିଲି ମୋର କ'ଣ କରିବା ଉଚିତ । ମୁଁ ଥରେ ଜାଭିଅର୍ ବିଷୟରେ ଭାବିଲି ଓ ତା'ପରେ ବିକଳ ହୋଇ ମୋର ଆମଲେଟ୍‌କୁ ଚାହିଁଲି । ମୋ ମନରେ ଥିବା ସଙ୍କୋଚ କମ ହୋଇଗଲା ପରେ , ମୁଁ ମୋର ନାଲି ରଙ୍ଗର ଘୂରୁଥିବା ଚୌକି ଉପରୁ ଉଠିପଡିଲି ଓ କାଉଣ୍ଟର ପଛକୁ ଚାଲିଗଲି । ମୁଁ ସେଠାରେ ପଡ଼ିଥିବା ଗୋଟେ ଆପ୍ରନକୁ ଟାଣି ଆଣିଲି, ତା'ପରେ ଗୋଟେ ପିଠାପାତିଆ ନେଇ ଓଲଟେଇ ଦେଲି ମୋର ଆମଲେଟ୍‌କୁ । ମୋର ଟୋଷ୍ଟ, ଟୋଷ୍ଟର ବାହାରକୁ ଆସି ସାରିଥିଲା, କିନ୍ତୁ ତାହା ବେଶୀ ବାଦାମି ହୋଇନଥିଲା । ମୁଁ ତାକୁ ପୁଣିଥରେ ଚାପି ଦେଲି ଟୋଷ୍ଟର ଭିତରକୁ । ମୁଁ ଯେତେବେଳେ ରୋଷେଇ କରୁଥିଲି ସେଇ ଦୁଇଜଣ ବୟସ୍କା ମହିଳା କାଉଣ୍ଟର ନିକଟକୁ ଆସିଲେ ଓ କେତେ ପଇସା ହେଲା ପଚାରିଲେ । ମୁଁ ତାଙ୍କୁ ପଚାରିଲି – "ସେମାନେ କ'ଣ କ'ଣ ଖାଇଲେ ।" ସେମାନେ ମୋର ପ୍ରଶ୍ନ ଶୁଣି ଆଶ୍ଚର୍ଯ୍ୟ ହୋଇଥିଲେ ଯେ, ମୁଁ କିପରି ଏକଥା ମନେ ରଖିନାହିଁ । ମୁଁ ଦାମଗୁଡ଼ିକକୁ ବ୍ଲାକ୍‌ବୋର୍ଡରୁ ଚେକ୍ କଲି ଆଉ ତାଙ୍କର ହିସାବ କରିଦେଲି । ସେମାନେ ସେମାନଙ୍କର ବିରାଟ ବଡ଼ ପର୍ସ ଭିତରୁ ବଡ଼ କଷ୍ଟରେ ପଇସା କାଢ଼ି ପେମେଣ୍ଟ କଲେ ଓ ମୋତେ ଏକ ଡଲାର ବକସିସ୍ ଦେଇ ଚୁପ୍‌ଚାପ୍ ସେଠାରୁ ଚାଲିଗଲେ । ମୁଁ ଗ୍ରୀଲ୍ ଉପରୁ ମୋର ଆମଲେଟ୍ କାଢ଼ିଲି ଆଉ ଧୀରେ କିନା ଗୋଟିଏ ପରିଷ୍କାର ପ୍ଲେଟ୍ ଉପରେ ତାକୁ ରଖିଦେଲି । ମୋର ଟୋଷ୍ଟ ବାହାରି ସାରିଥିଲା । ମୁଁ ତା'ଉପରେ ବଟର ଲଗେଇଲି ଓ ପ୍ଲେଟ୍‌ରେ ଆମଲେଟ୍ କଡ଼ରେ ତାକୁ ରଖିଲି । ତା'ପରେ ମୁଁ ମୋର ପ୍ଲେଟ୍‌କୁ ନେଇ କାଉଣ୍ଟର ଉପରେ ମୁଁ ବସୁଥିବା ସ୍ଥାନରେ ରଖିଲି, ଠିକ୍ ମୋର ଖବରକାଗଜ ଧାରରେ । ମୁଁ ଯେମିତି କାଉଣ୍ଟର ପଛରୁ ନିଜର ଷ୍ଟୁଲ୍ ନିକଟକୁ ଆସିବାକୁ ଆରମ୍ଭ କଲି ଛଅ ଜଣ ନୂଆ ଗରାଖ କବାଟ ଦେଇ ଭିତରକୁ ପଶି ଆସିଲେ । "ଆମେ କେତୋଟି ଟେବୁଲକୁ ଏକାସାଙ୍ଗେ ରଖିପାରିବୁ କି ?" ସେମାନେ ପଚାରିଲେ – "ଆମେ ସମସ୍ତେ ଗୋଟିଏ ଦଳର ।"

ମୁଁ ସେମାନଙ୍କୁ 'ହଁ' କହିଲି । ସେମାନେ ଛଅଟି କଫି ବରାଦ କଲେ, ଯେଉଁଥିରୁ ଦୁଇଟି କ୍ୟାଫିନ ରହିତ ।

ମୁଁ ସେମାନଙ୍କୁ କହିବାକୁ ଚାହୁଁଥିଲି ଯେ, ମୁଁ ଏଠାରେ କାମ କରେ ନାହିଁ । କିନ୍ତୁ ସେମାନେ ବୋଧହୁଏ ଖୁବ୍ ଭୋକିଲା ଥିଲେ । ମୁଁ ସେମାନଙ୍କ କପ୍‌ରେ କଫି ଢାଳିଲି । ସେମାନଙ୍କର ଅର୍ଡର ଖୁବ୍ ସାଧାସିଧା ଥିଲା । ଛଅଟି ସ୍ପେଶାଲ୍ ଜଳଖିଆ, ସବୁଗୁଡ଼ିକ ଅଣ୍ଡାଭଜା ଓ ଗହମ ଟୋଷ୍ଟ ସହିତ । ମୁଁ ତରତର ହୋଇ ଗ୍ରୀଲ୍‌ରେ ରୋଷେଇ କରିବାକୁ ଲାଗିଲି ।


ତା'ପରେ ସେହି ବୟସ୍କ ଲୋକଜଣକ ପଇସା ଦେବା ପାଇଁ ଆସିଲା । ଆହୁରି ଅନେକ ଗରାଖ ଆସିବାକୁ ଲାଗିଲେ । ଆଠଟା ତିରିଶ ବେଳକୁ ମୋ' ହାତରେ ଅନେକ କାମ ଥିଲା । ଏହି ପରି ବ୍ୟବସାୟ ହେଉଥିବା ବେଳେ ଜାଭିଅର୍ ଯେ, କାହିଁକି ଜଣେ ପରିଚାରିକା ଆଜି ଯାଏଁ ରଖି ନାହିଁ ସେକଥା ମୁଁ ବୁଝି ପାରୁନଥିଲି । ବୋଧହୁଏ ଆସନ୍ତାକାଲି ମୁଁ 'ପରିଚାରିକା ଆବଶ୍ୟକ' ବୋଲି ଏକ ବିଜ୍ଞାପନ ଦେବି ଖବରକାଗଜରେ । ଆଗରୁ ମୁଁ କେବେ ହେଲେ ରେଷ୍ଟୁରାଣ୍ଟ ବ୍ୟବସାୟ କରିନାହିଁ । ତେଣୁ କରି ମୁଁ ଏହାକୁ ଏକୁଟିଆ କେବେ ହେଲେ ଚଳେଇ ପାରିବି ନାହିଁ । ■

ଭୁବନେଶ୍ୱର ପ୍ରଧାନ ଡାକଘର
ଭୁବନେଶ୍ୱର-୭୫୧୦୦୧
ମୋ: ୮୨୪୯୪୩୭୨୭୬

## ପୁସ୍ତକ ପରିଚୟ

### ମତେ ନାୟିକା କରିନିଅ

ସମରେନ୍ଦ୍ର ବଳିଆରସିଂହ




ପର୍ଲ ବୁକ୍‌ସ
ମଧୁସୂଦନ ନଗର, ତୁଳସୀପୁର
କଟକ-୭୫୩୦୦୮
ପ୍ରଥମ ମୁଦ୍ରଣ: ୨୦୨୫
ମୂଲ୍ୟ: ୧୫୦ ଟଙ୍କା

ଛୋଟ ଛୋଟ ଅନୁଭୂତି, ନିବିଡ଼ ଅନୁଭବ, ଭାବପ୍ରବଣ ମୁହୂର୍ତ୍ତ, କିଛି କଳ୍ପନାକୁ ନେଇ ଉତୁରି ଆସେ ସୁନ୍ଦର ଗପଟିଏ । ଏଭଳି କିଛି ଅନୁଭବ ଓ ଅନୁଭୂତିକୁ ନେଇ ପ୍ରକାଶ ପାଇଛି ସମରେନ୍ଦ୍ର ବଳିଆରସିଂହଙ୍କ 'ମତେ ନାୟିକା କରିନିଅ' ଗଳ୍ପ ପୁସ୍ତକ । ଏହି ପୁସ୍ତକରେ ୪୦ ଗପଟି ସଂକଳିତ ହୋଇଛି । ମାନବୀୟ ପ୍ରେମ, ପାରିବାରିକ ସଂପର୍କ, ସାମାଜିକ ବାସ୍ତବତାର ଚିତ୍ର ପ୍ରତିଫଳିତ ହୋଇଛି ଅନେକ ଗପରେ । 'ଶ୍ୟାମଳୀ ଘରେ ନାହିଁ କି?', 'ସଂପର୍କର ଆରପାଖ', 'ଝର୍କା ଆରପଟେ...', 'ଛିନ୍ନପତ୍ର', 'ମିଛର ସମାଧି', 'ଅନ୍ତଃସ୍ୱର', 'ବରଗଛ ଭଳି ମଣିଷ', 'ଧଳା ମଣିଷ', 'କଣ୍ଢା ଓ ହମ୍ପସ୍', 'ସଂପର୍କର କୁଆପଥର', ଆଦି ଗପଗୁଡ଼ିକରେ ପ୍ରେମ ଓ ଜୀବନମୟତାର ପ୍ରତିଛବି ପ୍ରତିଫଳିତ ହୋଇଛି । ସେହିପରି 'ଆଉ ଏକ ପୃଥିବୀ', 'ନିର୍ବାଣର ନାୟିକା', 'ତମର ସିଆଡ଼େ ଶୀତ କେମିତି', 'ଠିକ୍ ଅଛି...ମୁଁ ରାଜି', 'କୁମ୍ଭକର୍ଣ୍ଣ ଓ ଭୋକ', 'ସ୍ୱପ୍ନ ଓ ସର୍ତ୍ତ', 'ସ୍ଥାନ, କାଳ, ପାତ୍ର' ଆଦି ମିନି ଗପରେ ପ୍ରେମ ଓ ନିବିଡ଼ ଭଲ ପାଇବାର ସଂକେତ ପ୍ରସ୍ଫୁଟିତ ହୋଇଉଠିଛି । ଏଭଳି କିଛି ସ୍ମରଣୀୟ ପ୍ରେମମୟ ମୁହୂର୍ତ୍ତକୁ ଗାଳ୍ପିକ ଅତି ସଂକ୍ଷେପରେ ଅଥଚ ମାର୍ମିକ ଭାବେ ଏହି ସବୁ ଗପରେ ରୂପ ଦେଇଛନ୍ତି । 'ମତେ ନାୟିକା କରିଦିଅ' ପୁସ୍ତକର ଗପଗୁଡ଼ିକ ପାଠକମାନଙ୍କ ହୃଦୟକୁ ଛୁଇଁ ପାରିବ ବୋଲି ଆଶା କରାଯାଏ । ■

### ଚିନ୍ମୟୀ ଚିନ୍ତନ

ଚିନ୍ମୟୀ ପଣ୍ଡା



ତୀରତରଙ୍ଗ ପବ୍ଲିକେଶନ୍
ଚନ୍ଦକା ଶିଳ୍ପାଞ୍ଚଳ, ଭୁବନେଶ୍ୱର-୨୪
ପ୍ରଥମ ମୁଦ୍ରଣ: ୨୦୨୫
ମୂଲ୍ୟ: ୧୫୦ ଟଙ୍କା

ସାଂପ୍ରତିକ ସମସ୍ୟା, ଘଟଣାବଳୀ, ରାଜନୀତି, ଅର୍ଥନୀତି, ସାହିତ୍ୟ ଆଦି ବିଭିନ୍ନ ପ୍ରସଙ୍ଗକୁ ନେଇ ଚିନ୍ମୟୀ ପଣ୍ଡାଙ୍କ ରଚିତ 'ଚିନ୍ମୟୀ ଚିନ୍ତନ' ପୁସ୍ତକ ପ୍ରକାଶ ପାଇଛି । ଖବରକାଗଜରେ ପ୍ରକାଶିତ ବିଭିନ୍ନ ପ୍ରସଙ୍ଗକୁ ନେଇ ୩୮ ଟି ଆଲୋଚନା ଏହି ପୁସ୍ତକରେ ସଂକଳିତ ହୋଇଛି । 'ଖବରର ଚକ୍ରବ୍ୟୂହରେ ବାତ୍ୟା', 'ବାହାଘର କ'ଣ ଗୋଟିଏ ସମସ୍ୟା ନା' ସମାଧାନ?', 'ମଣିଷ କେବେ ପଶୁ ଭଳି ହେଇପାରେ?', 'ଡିଜିଟାଲ୍ ହାଟ, ପାଦ ଗଣି ଗଣି ଚାଲ ବାଟ', 'ଆପଣ ସମାଜ ପାଇଁ କେତେ ଦରକାରୀ?', 'ଆତ୍ମୀୟତାର ପରଶ', 'ଆମେ, ସେମାନେ ଓ ଜେନେରେସନ୍ ଗ୍ୟାପ୍', 'ତୁମ ବିଦେଶ ପ୍ରୀତିରେ ମୋ ଦେଶ ରହିବଟି?', 'ଭାଇରାଲ ମୋନାଲିସାମାନେ କୁଆଡ଼େ ଯାଆନ୍ତି?' ଆଦି ଆଲୋଚନାରେ ପ୍ରତିଦିନ ଆମେ ସାମ୍ନା କରୁଥିବା ବିଭିନ୍ନ ସାମାଜିକ ସମସ୍ୟା ଓ ତାହାର ସମାଧାନ ସଂପର୍କରେ ଲେଖିକା ଚମତ୍କାର ଭାବେ ବର୍ଣ୍ଣନା କରିଛନ୍ତି । କେତେକ ପ୍ରସଙ୍ଗ, ସମସ୍ୟାକୁ କାହାଣୀ ମାଧ୍ୟମରେ ଚମତ୍କାର ଭାବେ ବର୍ଣ୍ଣନା କରି ସମାଧାନର ପଥ ପ୍ରଦର୍ଶନ କରିଛନ୍ତି । ସେଭଳି 'ସୁନା ପୁଅ ଓ ରୁପା ଝିଅଙ୍କ କାହାଣୀ', 'ଶିଶୁ ସାହିତ୍ୟ ଲୋଡ଼ା କାହିଁକି?', 'ଆମେ କ'ଣ ରାମାୟଣ ବୁଝି ପାରିଚେ?' ଆଦି ରଚନାଗୁଡ଼ିକ ମଧ୍ୟ ଉପାଦେୟ ଓ ମନଛୁଆଁ ହୋଇଛି । ଏହି ପୁସ୍ତକର ଆଲୋଚନାଗୁଡ଼ିକ ପାଠକମାନଙ୍କୁ ଭଲ ଲାଗିବ ବୋଲି ଆଶା କରାଯାଏ । ■

## ଗାଁ ଘରେ ମାଆ

ଇଚ୍ଛା ଥିଲା
ମାଆ ବି ଆସି ରହନ୍ତା
ଏଇଠି, ଏଇ ସହରରେ ।

କିନ୍ତୁ ମାଆ ଚାହୁଁଥିଲା
ଗାଁ ବି ଆସନ୍ତା ସାଙ୍ଗରେ
ଯାହା ମଞ୍ଜୁର ନଥିଲା
ନା ମତେ
ନା ଏ ସହରକୁ !

ଆସି ପାରିଲାନି ମାଆ
ଏଇ ସହରକୁ
ଆସି ପାରିଲାନି ଗାଆଁ !


ଆଉ ମୁଁ ବା କ'ଣ କରନ୍ତି
ଗାଁକୁ ଯାଇ !

ତେବେ ଦେଖେ,
ଗାଁରୁ କିଛି ଏବେ ବି ଲାଖି ରହିଛି
ଦେହର କେଉଁ ନିଭୃତ କୋଣରେ
ଏଠି ସେଠି ଛିଟିକା ପଡ଼ିଲା ଭଳି

ମାଆ ଆସନ୍ତା
କାହାକୁ କିଛି ନଜଣାଇ
ତ ଅଳ୍ପ ବହୁତେ ଗାଁ ଆସନ୍ତା ନା
ଏଇ ସହରକୁ !

ହେଲେ ,କେମିତି ଆସନ୍ତା
ସେ ଖୋଲାମେଲା ବାରଣ୍ଡା
ଅଗଣା -
ଯୋଉଠି ଖଟିଆରେ ବସି
ଫରମାସ୍ କରୁଥାଏ ମାଆ
କାନ୍ଥ ସେପଟେ ଠିଆ ଖୁଡ଼ିଙ୍କୁ
ବୋହୂମାନଙ୍କୁ
ପଡ଼ିଶାଘର ନାରଖାରୀଠୁ
ମୋଡ଼ା ଘଷା ଖାଏ
ଆରାମ କରୁଥାଏ କଅଁଳ ଖରା ଘୋଡ଼ି ହୋଇ
କେଉଁ ଏକ ଲୋକଗୀତ ଗୁଣୁଗୁଣେଇ !

କେମିତି ଆସନ୍ତା
ସେଇ ଗାଉଁଲି କଥାବାର୍ତ୍ତା--
କ୍ଷେତ,ତେଣ୍ଡା, କୂଅ ଆଉ ଖଳାବାଡ଼ିର ପ୍ରସଙ୍ଗ!



ମୂଳ ହିନ୍ଦୀ : ଦିବିକ ରମେଶ

ଅନୁବାଦ : ଶୈଳବାଳା ମହାପାତ୍ର

ନୂଆ ଗଢ଼ା ବସତି
ଯାହା ଠିଆ ଆଗାମୀ ନିର୍ବାଚନ ଆଗରୁ
ସ୍ୱୀକୃତି ପାଇବା ଧାଡ଼ିରେ ।

କେମିତି ଆସନ୍ତା ସେଇ ସବୁ ଗଛ
ଯେଉଁଠି ଆଜି ବି ଅଛି
ଇତିହାସ !! ■



## ଆତ୍ମ ସମ୍ବାଦ

ଜାଣିବାକୁ ଚାହେଁ ପାହାଡ଼ଠୁ
ଦେଖିବାକୁ ତ ସିଏ
ଅଟଳ ସ୍ଥିର ଶାନ୍ତ
ସାମ୍ୟର ପ୍ରତ୍ୟୟ

ତ ପୁଣି ଭିତରେ ଥାଏ କେଉଁସବୁ ଅନୁଭବ
ଯେ' ଲୁହର ନଦୀ ହୋଇ ବହିଆସେ
ଏତେ କୋମଳ
ଏତେ ଉଦାସ

ବାସ୍
ଜରୁରି କେବଳ
ଥାପୁଡ଼େଇ ଦେବାର
ଏକାନ୍ତ ଆପଣା ଗୋଟେ ବିଶ୍ୱାସ !! ■

ଶୀଳାଚିନ୍ମୟ
ମଧୁବନ ଷଷ୍ଠ ଗଳି
ଟିକରପଡ଼ା ରୋଡ, ପୁରୀ -୨
ମୋ: ୭୦୦୮୫୮୬୫୦୧

# ସଂସ୍କୃତି ଓ ସମ୍ବେଦନାର ଭାଷ୍ୟକାର ମାଥ୍ୟୁ ଆରନୋଲ୍ଡ



ବିଜୟକୁମାର ପାଢ଼ୀ

ଗଣତନ୍ତ୍ରର ଅଭ୍ୟୁଦୟ, ବ୍ରିଟିଶ୍ ସାମ୍ରାଜ୍ୟର ବିସ୍ତାର, ଅକ୍ସଫୋର୍ଡ ଆନ୍ଦୋଳନ, ବିଜ୍ଞାନର ଅଗ୍ରଗତି ଓ ଦ୍ରୁତ ଶିଳ୍ପାୟନ ଥିଲା ଊନବିଂଶ ଶତାବ୍ଦୀରେ ଭିକ୍ଟୋରିଆ ଯୁଗର ପ୍ରମୁଖ ଘଟଣାବଳୀ । ବିଜ୍ଞାନର ବ୍ୟାପକ ପ୍ରଭାବ ଦ୍ୱାରା ମଣିଷର ହୃଦୟରୁ ଧର୍ମ, ବିଶ୍ୱାସ ଏବଂ ମାନବିକତା ଧୀରେ ଧୀରେ ଅପସରି ଗଲା । ସେହିଭଳି ଏକ ଘଡ଼ିସନ୍ଧି ମୁହୂର୍ତ୍ତରେ ସେ ଯୁଗର ପ୍ରଥିତ ଯଶା ସାହିତ୍ୟିକ ଆଲ୍‌ଫ୍ରେଡ୍ ଟେନିସନ୍, ରର୍ବଟ ବ୍ରାଉନିଙ୍ଗ ଏବଂ ମାଥ୍ୟୁ ଆରନୋଲ୍ଡଙ୍କ ଭଳି କବିମାନେ ସାଜିଥିଲେ ଭବିଷ୍ୟ ଦ୍ରଷ୍ଟା ତଥା ଯୁଗ ପ୍ରବର୍ତ୍ତକ, ଆପଣାର କାଳଜୟୀ ସାହିତ୍ୟ କୃତି ମାଧ୍ୟମରେ ଯୁଗାନ୍ତକାରୀ ସନ୍ଦେଶ ଓ ଦିଗ୍‌ଦର୍ଶନ ଦେଇ ସମାଜରେ ରାଜନୈତିକ, ଧାର୍ମିକ ଏବଂ ସାମାଜିକ ସଂସ୍କାର ଆଣିବାରେ ପ୍ରୟାସ କରିଥିଲେ । ବିପର୍ଯ୍ୟସ୍ତ ପରିବେଶ ଓ ସହରୀକରଣ ନାଁରେ ବିଶୃଙ୍ଖଳିତ ଜୀବନଶୈଳୀ ସୁସ୍ଥ ସମାଜର ପରିପନ୍ଥୀ ବୋଲି ମାଥ୍ୟୁ ଆରନୋଲ୍ଡ ମତ ପୋଷଣ କରିଥିଲେ । ସମାଜର ବିସଙ୍ଗତି ଓ ନୈତିକ ସ୍ଖଳନ ଓ ସାମାଜିକ ଅଧଃପତନ ପାଇଁ ଆରନୋଲ୍ଡଙ୍କର ସାହିତ୍ୟ ପ୍ରାଣ ବିଳପି ଉଠିଥିଲା । ସେ ସମୟର ସାମାଜିକ ବିଡ଼ମ୍ବନାକୁ ନିଜର ସାହିତ୍ୟ କୃତି ମାଧ୍ୟମରେ ଏକ ନିଚ୍ଛକ ଢଙ୍ଗରେ ପ୍ରକାଶ କରିଥିଲେ ।

ଏକ ସୁସଂହତ ଓ ସୁସ୍ଥ ସମାଜର ସୁରମ୍ୟ ଅଟ୍ଟାଳିକାର ମୂଳଦୁଆ ହେଉଛି ସେ ସମୟର ବଳିଷ୍ଠ ସାହିତ୍ୟ । ଇଂରାଜୀ ସାହିତ୍ୟରେ ମାଥ୍ୟୁ ଆରନୋଲ୍ଡଙ୍କ ନାମ ଏକ ସ୍ୱର୍ଦ୍ଧିତ ଉଚ୍ଚାରଣ । ବହୁମୁଖୀ ପ୍ରତିଭାର ଅଧିକାରୀ ଆରନୋଲ୍ଡ ଥିଲେ ଜଣେ ସମାଲୋଚକ, କବି, ଲେଖକ ଏବଂ ଜଣେ ଆଦର୍ଶ ଶିକ୍ଷାବିତ୍ । ୨୪ ଡିସେମ୍ବର ୧୮୨୨ ମସିହାରେ ଲଣ୍ଡନର ଥେମସ୍ ନିକଟବର୍ତ୍ତୀ ଏକ ଛୋଟ ଗ୍ରାମ ଲାଲେହାମ୍‌ଠାରେ ଜନ୍ମ ଗ୍ରହଣ କରିଥିଲେ ଆରନୋଲ୍ଡ । ପିତା ଥୋମାସ୍ ଆରନୋଲ୍ଡଙ୍କ ଅଧୀନରେ ଥିବା ରଗ୍ବୀ ବିଦ୍ୟାଳୟରୁ ପ୍ରାଥମିକ ଶିକ୍ଷା, ପରେ ପରେ ଅକ୍ସଫୋର୍ଡର ବାଲିଆଲ୍ ମହାବିଦ୍ୟାଳୟରୁ ଅଧ୍ୟୟନ ସମାପ୍ତି କରି ସେହି ରଗ୍ବୀ ବିଦ୍ୟାଳୟର ଶିକ୍ଷକ ଜୀବନ ଆରମ୍ଭ କରିଥିଲେ । ପେଶାରେ ଶିକ୍ଷାବିତ୍ ଥିଲେ ମଧ୍ୟ ନିଶା ଥିଲା ସାହିତ୍ୟ ସାଧନା । ତାଙ୍କର ଜୀବଦ୍ଦଶାରେ ଶିକ୍ଷାରେ ସଂସ୍କାର ମୂଳକ ପଦକ୍ଷେପ ନେବା ସହିତ ସାହିତ୍ୟ ମାଧ୍ୟମରେ ସମାଜରେ ଅନୁରାଗ ଜନ୍ମାଇ ମାନବୀୟ ମୂଲ୍ୟବୋଧକୁ ଜାଗ୍ରତ କରିବାରେ ପ୍ରଚେଷ୍ଟା କରିଥିଲେ ।

ଆରନୋଲ୍ଡଙ୍କ କବି ପ୍ରତିଭାର ପ୍ରଥମ ପରିଚୟ ମିଳିଥିଲା ୧୮୪୯ ମସିହାରେ ପ୍ରକାଶିତ କବିତା 'ଦଷ୍ଟ୍ରେଡ ରିଭେଲର ଏଣ୍ଡ ଅଦର୍ ପମେସ୍' ମାଧ୍ୟମରେ । ଉକ୍ତ କବିତାଟି ଏକ ସୁଦୀର୍ଘ କଥୋପକଥନ ଖ୍ରୀଷ୍ଟଧର୍ମର ସ୍ଥାଣୁତାକୁ ସେ ଘୋର ସମାଲୋଚନା କରୁଥିଲେ । ଧର୍ମ ଏକ ଗତିଶୀଳ ପ୍ରବାହ ବୋଲି କବି ହୃଦବୋଧ କରିଥିଲେ । ତାଙ୍କ ମତରେ ଧର୍ମ ଏକ ନୈତିକତାର ଆଧାର ଯାହା ମାନବୀୟ ସମ୍ବେଦନାର ଏକ ଅଂଶବିଶେଷ ହେବା ଉଚିତ୍ । (Religion should be morality tinged with emotion) ତାଙ୍କର ଅଧିକାଂଶ କବିତା ୧୮୪୯ରୁ ୧୮୬୭ ମସିହା ମଧ୍ୟରେ ପ୍ରକାଶିତ ହୋଇଥିଲା । 'ସୋରାବ ଏଣ୍ଡ ରୁସ୍ତମ' ଏବଂ 'ଦ ସ୍କଲାର ଜିପ୍ସି' କବିତା ଦୁଇଟି ୧୮୫୩ ମସିହାରେ ପ୍ରକାଶ ପାଇଥିଲା । 'ସୋରାବ ଏଣ୍ଡ ରୁସ୍ତମ'ର ପ୍ରସଙ୍ଗଟି ପାର୍ସୀ ଭାଷାରେ ଲିଖିତ ମହାକାବ୍ୟ 'ବୁକ୍ ଅଫ୍ କିଙ୍ଗସ୍' ଉପରେ ପର୍ଯ୍ୟବସିତ । ଏହା ଏକ ଶୋକ କବିତାର ପର୍ଯ୍ୟାୟଭୁକ୍ତ ନହେଲେ ମଧ୍ୟ ଦୁଃଖ, ଶୋକ ଓ ମଣିଷର ଅସହାୟତା ପ୍ରକାଶ ପାଇଛି ଉକ୍ତ କବିତା ମାଧ୍ୟମରେ । ମୃତ ବ୍ୟକ୍ତିମାନଙ୍କର ଓଠରେ ସତ୍ୟତା ଅଛି ବୋଲି କବିଙ୍କର ଅଭିବ୍ୟକ୍ତି । (Truth sits upon the lips of dying men) । 'ଦ ସ୍କଲାର ଜିପ୍ସି' କବିତା ମାଧ୍ୟମରେ କବି ଜୀବନର ପ୍ରକୃତ ଅର୍ଥ ଏବଂ ସତ୍ୟତାକୁ ଅନ୍ୱେଷଣ କରିଛନ୍ତି । ସେ ସମୟର ଭୌତିକ ସର୍ବସ୍ୱ ବା ବସ୍ତୁବାଦୀ ବା ସାମାଜିକ ଜୀବନକୁ ସମାଲୋଚନା କରିଥିଲେ । ମାନବୀୟ ଉତ୍କର୍ଷ କାର୍ଯ୍ୟାବଳୀ ମାଧ୍ୟମରେ ଏକ ସୁସଂହତ ସଂସ୍କୃତି ସଂପନ୍ନ ସମାଜ ଗଠନ ହୋଇପାରିବ ବୋଲି ତାଙ୍କର ବିଶ୍ୱାସ ଥିଲା ।

ନିଃସଙ୍ଗତା, ବିଶ୍ୱାସର ଅବକ୍ଷୟ ଏବଂ ସାମାଜିକ ଅସଙ୍ଗତି ଭଳି ବିଷୟ ତାଙ୍କ କବିତାର ସ୍ୱର ଥିଲା । ଗୋଟିଏ ଯୁଗର ମୁକ୍ତ ଚିନ୍ତନ ପରବର୍ତ୍ତୀ ଯୁଗର ବ୍ୟବହାରିକ ବୁଦ୍ଧି ବୋଲି ସେ ବିଶ୍ୱାସ କରୁଥିଲେ । (The Free thinking of one age is the common sense of the next.) ତାଙ୍କର ଅନ୍ୟ ଏକ କାବ୍ୟ କୃତି ହେଉଛି 'ମେରୋପ' ଯାହା ୧୮୫୮ ମସିହାରେ ପ୍ରକାଶ ପାଇଥିଲା । 'ଥାଇରିସିସ୍' ଏବଂ 'ରଗ୍ବୀ ଚାପେଲ' ଉଭୟ କାବ୍ୟ ଦୁଇଟି ୧୮୬୭ ମସିହାରେ ପ୍ରକାଶ ପାଇଥିଲା । ଶୋକ କବିତା 'ଥାଇରିସିସ୍'ରେ ନିଜ ବନ୍ଧୁ ଆର୍ଥର କ୍ଲାଓଙ୍କ ମୃତ୍ୟୁରେ ମ୍ରିୟମାଣ ହୋଇ ଜୀବନର ଅନ୍ତର୍ଦୃଷ୍ଟିକୁ, ସରଳ ଓ ସାବଲୀଳ ଢଙ୍ଗରେ ଉପସ୍ଥାପନ କରିଛନ୍ତି । 'ରଗ୍ବୀ ଚାପେଲ' କବିତାଟି ସମ୍ପୂର୍ଣ୍ଣ ଆବେଗ ଓ ମଣିଷର ଚିନ୍ତନରେ ପରିପୂର୍ଣ୍ଣ । ନିଜ ପିତାଙ୍କ ସ୍ମୃତି ଉପରେ ଶୋକ କବିତାଟି ମଣିଷର ମୃତ୍ୟୁ, ପାରିପାର୍ଶ୍ୱିକ ଅବସ୍ଥା ଏବଂ ଜୀବନର ସାର୍ଥକତା ଭଳି ବିଷୟ ଉପରେ ଆଲୋକପାତ କରେ । ଅନ୍ୟ ଏକ ଶ୍ରେଷ୍ଠ କବିତା 'ଡୋଭର ବିଚ୍'ରେ ଆଧୁନିକ ଜୀବନରେ ବିଶ୍ୱାସର ସଂକଟ ଓ ଧାର୍ମିକ ଅବକ୍ଷୟକୁ କେନ୍ଦ୍ର କରି ଦୁଃସ୍ଥତା ନିଃସଙ୍ଗତା ଓ ଦୁର୍ବିସହତା ଭଳି ପ୍ରସଙ୍ଗକୁ ଉପସ୍ଥାପନ କରିଛନ୍ତି । କବିତାର ମୁଖ୍ୟ ବିଷୟବସ୍ତୁ ହେଲା ଧାର୍ମିକ ଅନିର୍ଦ୍ଦିଷ୍ଟତା, ପାରସ୍ପରିକ ବୁଝାମଣାର ଅଭାବ ଏବଂ ସମାଜର ନୈତିକ ସ୍ଖଳନ । ଟି.ଏସ୍. ଇଲିୟଟ୍‌ଙ୍କ ରଚିତ 'ୱେଷ୍ଟଲ୍ୟାଣ୍ଡ' ଭଳି ଆଧୁନିକ ମହାକାବ୍ୟ ସହିତ 'ଡୋଭର ବିଚ୍' କବିତାର ଅନେକ ସାମଞ୍ଜସ୍ୟ ଅଛି ବୋଲି ଅନେକ ପାଠକ ଓ ସମାଲୋଚକଙ୍କ ମତ । 'ୱେଷ୍ଟଲ୍ୟାଣ୍ଡ' କବିତାରେ କବି ଇଲିୟଟ୍ ପୃଥିବୀକୁ ଏକ ପତିତ ଭୂମି ସହିତ ତୁଳନା କରିଛନ୍ତି । ସମାଜର ସମ୍ପୂର୍ଣ୍ଣ ଅବ୍ୟବସ୍ଥା, ଅରାଜକତା ତଥା ଶୃଙ୍ଖଳା ବର୍ଜିତ ଜୀବନଯାପନକୁ ବର୍ଣ୍ଣନା କରିଥିବା ବେଳେ 'ଡୋଭର୍ ବିଚ୍' କବିତାରେ ଆରନୋଲ୍ଡ ପୃଥିବୀକୁ ଏକ ଅନ୍ଧକାରଚ୍ଛନ୍ନ ଭୂମି (Darkling plain) ସହିତ ତୁଳନା କରିଛନ୍ତି ।

ଜଣେ କବିଭାବରେ ସାହିତ୍ୟ ଯାତ୍ରା ଆରମ୍ଭ କରିଥିଲେ ମଧ୍ୟ ବି ତାଙ୍କର ସମାଲୋଚନାଧର୍ମୀ ରଚନା ପାଇଁ ବେଶ୍ ସ୍ୱୀକୃତି ଲାଭ କରିଛନ୍ତି । ୧୮୬୫ ମସିହାରେ ପ୍ରକାଶ ପାଇଥିଲା ପ୍ରସିଦ୍ଧି ସମାଲୋଚନା 'ଏସେଜ୍ ଇନ୍ କ୍ରିଟିସିଜିମ୍' ତାଙ୍କୁ ଜଣେ ଲେଖକ ଭାବରେ ପ୍ରତିଷ୍ଠିତ କରିପାରିଥିଲା । ଶିକ୍ଷା ଭଳି ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ ଉପରେ ୧୮୬୯ ମସିହାରେ ପ୍ରକାଶିତ ସମାଲୋଚନା 'କଲଚର୍ ଏଣ୍ଡ ଥାନାର୍ସି'ରେ 'ହିବ୍ରାଇଜମ୍' ଏବଂ 'ହେଲେନିଜମ୍' ଉପରେ ପ୍ରକାଶିତ ତଥ୍ୟ ସାହିତ୍ୟରେ ସମାଲୋଚନାର ସ୍ତରକୁ ବହୁଗୁଣିତ କରିପାରିଛି । ହିବ୍ରାଇଜିମ୍ ବ୍ୟକ୍ତି ଜୀବନର କର୍ତ୍ତବ୍ୟ ପରାୟଣତା, ଚରିତ୍ର ଏବଂ ଅନୁଶାସନକୁ ଗୁରୁତ୍ୱଆରୋପ କରୁଥିବା ବେଳେ ହେଲେନଜିମ୍ ଜ୍ଞାନର ପିପାସା ଏବଂ ସୌନ୍ଦର୍ଯ୍ୟବୋଧତାକୁ ଗୁରୁତ୍ୱ ଆରୋପ କରେ । ତେବେ କବିଙ୍କ ମତରେ ଉଭୟ ତତ୍ତ୍ୱର ସମାହାରରେ ମାନବୀୟ ଉତ୍କର୍ଷ କାର୍ଯ୍ୟାବଳୀ ହିଁ ସମାଜକୁ ସମୃଦ୍ଧ କରିପାରିବ ।

୧୮୭୩ ମସିହାରେ ପ୍ରକାଶିତ ଅନ୍ୟ ଏକ ସମାଲୋଚନାଧର୍ମୀ ଗଦ୍ୟ 'ଲିଟେରଚର୍ ଏଣ୍ଡ ଡର୍ମା'ଟି ଧର୍ମଶାସ୍ତ୍ର ତଥା ହଠଧର୍ମ ଭଳି ବିଷୟରେ ଏକ ତାତ୍ତ୍ୱିକ ଆଲୋଚନା । 'ବ୍ୟକ୍ତିର ଚରିତ୍ର ହେଉଛି ଜୀବନର ତିନିପା ବା ତିନି ଚଉଠା ବୋଲି କବିଙ୍କର ମତ । ପ୍ରେମ, ମାନବିକତା, ସଂସ୍କୃତି, ସମ୍ବେଦନା, ଧର୍ମ ଓ ବିଶ୍ୱାସର ପୁନଃ ପ୍ରତିଷ୍ଠା ଭଳି ପ୍ରସଙ୍ଗକୁ ନେଇ ଆରନୋଲ୍ଡଙ୍କ ସାହିତ୍ୟ ବେଶ୍ ସମୃଦ୍ଧଶାଳୀ । ଶବ୍ଦଚାତୁରୀରେ ଆଙ୍କି ଦେଇଛନ୍ତି ଅନେକ ଚିତ୍ରପଟ ଯେଉଁଥିରେ ସମାଜର ଦୃଷ୍ଟି, ଦର୍ଶନ, ବେଗ, ଆବେଗ, ନିରାଶା ଭିତରେ ଆଶା ଓ ଆଶ୍ୱାସନା ଭରି ରହିଛି । ଶବ୍ଦମନସ୍କ ଓ ଶବ୍ଦ ଅବିଶ୍ୱତ କରିଦେଇଛନ୍ତି ପାଠକମାନଙ୍କୁ, ଅନୁଉଦର ଅନନ୍ତ ଆକାଶ ତଥା ଗୋଟିଏ ଯୁଗର ସାମାଜିକ, ରାଜନୈତିକ ଓ ସାଂସ୍କୃତିକ ପ୍ରେକ୍ଷାପଟରେ ଘଟୁଥିବା ଘଟଣାବଳୀକୁ ନେଇ ଯେ, କାଳଜୟୀ ସାହିତ୍ୟ ସୃଷ୍ଟି ହୋଇପାରେ ତାହା ଆରନୋଲ୍ଡଙ୍କୁ ପଢ଼ିଲେ ବୁଝି ହୋଇଯାଏ । ■

ଓଡିଏମ୍ ପବ୍ଲିକ୍ ସ୍କୁଲ୍, ଭୁବନେଶ୍ୱର
ମୋ: ୭୮୯୪୧୫୩୫୭୮

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ବିଶ୍ୱର ସବୁଠୁ ଧନୀ...

ମୁଖ୍ୟତଃ ଏମାନେ ଆଫ୍ରିକା, ବ୍ରିଟେନ, ଆମେରିକା, କାନାଡ଼ା ଏବଂ ଉପସାଗରୀୟ ଦେଶରେ ରହୁଛନ୍ତି। ଅନେକ ବର୍ଷ ତଳେ ଏହି ଗାଁର ଲୋକେ ଶ୍ରମ, ବ୍ୟବସାୟ ଏବଂ ନିର୍ମାଣ କାର୍ଯ୍ୟ ପାଇଁ ବିଦେଶ ଯାଇଥିଲେ। ସେଠାରେ କଠିନ ପରିଶ୍ରମ କରି ଅର୍ଥ ଉପାର୍ଜନ କରିଥିଲେ। ଏହା ସତ୍ତ୍ୱେ ନିଜ ଗାଁକୁ କେବେ ଭୁଲି ନ ଥିଲେ। ଏମାନେ ନିଜ ଗାଁକୁ ଟଙ୍କା ପଠାଇବାରେ ଲାଗିଥିଲେ। ଗାଁର ଗୋଷ୍ଠୀ ପ୍ରକଳ୍ପ ପାଇଁ ନିଜର ଯୋଗଦାନ ଦେଇଥିଲେ। ତେଣୁ ଏହି ଗାଁରେ ଧିରେ ଧିରେ ଲକ୍ଷପତି ଏବଂ କୋଟିପତିଙ୍କ ସଂଖ୍ୟା ବଢ଼ିବାରେ ଲାଗିଥିଲା। ଏଠାକାର ପ୍ରତି ଘରେ ଜଣେ ଲେଖାଏଁ କୋଟିପତି କିମ୍ବା ଲକ୍ଷପତି ଅଛନ୍ତି। ଏବେ ମାଧାପାରରେ ୧୭ଟି ବ୍ୟାଙ୍କର ଶାଖା ରହିଛି। ଏହି ସବୁ ବ୍ୟାଙ୍କରେ ପ୍ରାୟ ୫ ହଜାର କୋଟି ଟଙ୍କା ଜମା କରାଯାଇଛି। ଗ୍ରାମର ବିକାଶ ପାଇଁ ମଧ୍ୟ ଏହି ଟଙ୍କା ବ୍ୟବହାର କରାଯାଉଛି। ଏଠାରେ ଭଲ ସଡ଼କ, ସ୍କୁଲ-କଲେଜ, ଡାକ୍ତରଖାନା, ପାର୍କ ଏବଂ ସହରରେ ଥିବା ପ୍ରତ୍ୟେକ ସୁବିଧା ରହିଛି। ଲୋକେ ନିଜ ଅର୍ଥରେ ସବୁ କିଛି କରୁଛନ୍ତି। ସରକାରୀ ପାଣ୍ଠି ଉପରେ ନିର୍ଭର ନାହାନ୍ତି।

### ଚଢ଼ା ଶୁଳ୍କ...

ଆମେରିକା ପ୍ରଶାସନ ପକ୍ଷରୁ କୁହାଯାଇଥିଲା ଯେ ବାଣିଜ୍ୟ କ୍ଷତି ଏବଂ ଅନ୍ୟ କାରଣ ଯୋଗୁଁ ଚୀନ୍, କାନାଡ଼ା, ମେକ୍ସିକୋ ଭଳି ଦେଶଗୁଡିକ ଉପରେ ଶୁଳ୍କ ଲଗାଯାଇଛି। ଆମେରିକାର ବାଣିଜ୍ୟ କ୍ଷତି ହିଁ ଜାତୀୟ ଜରୁରୀ ସ୍ଥିତି ବୋଲି ଯୁକ୍ତି ଦର୍ଶା ଯାଇଥିଲା। ଅନ୍ତର୍ଜାତୀୟ ଜରୁରୀକାଳୀନ ଆର୍ଥିକ କ୍ଷମତା ନିୟମ (ଆଇଇଇପିଏ) ଅନୁଯାୟୀ ଟ୍ରମ୍ପ ଏହି ଆଇନକୁ ଉଚିତ ଦର୍ଶାଇ ଥିଲେ। ବାଣିଜ୍ୟରେ ଅସନ୍ତୁଳନ ଆମେରିକା ରାଷ୍ଟ୍ରୀୟ ସୁରକ୍ଷା ପାଇଁ ବିପଦ। ତେଣୁ ଏହାକୁ ବ୍ୟବସାୟୀରେ 'ଜାତୀୟ ଏମର୍ଜେନ୍ସି' ଘୋଷଣା କରି ଶୁଳ୍କ ଲଗାଯାଇଛି। ଯଦି ଶୁଳ୍କ ହଟାଇ ଦିଆଯିବ ତେବେ ଆଦାୟ କରାଯାଇଥିବା ପ୍ରାୟ ୧୫୯ ବିଲିୟନ ଡଲାର ଅର୍ଥାତ୍ ୧୩ ଲକ୍ଷ କୋଟି ଟଙ୍କାକୁ ଫେରାଇବାକୁ ପଡ଼ିପାରେ। ଏହା ଦ୍ୱାରା ଆମେରିକା ରାଜକୋଷକୁ ବଡ଼ ଝଟ୍‌କା ଲାଗିବ। ଲୋକେ ଘର, ଚାକିରି, ସାମାଜିକ ସୁରକ୍ଷା, ସଞ୍ଚୟ ହରାଇବେ। ଏହା ଦ୍ୱାରା ଆର୍ଥିକ ସ୍ଥିତି ମଧ୍ୟ ଭୁଶୁଡ଼ି ଯାଇପାରେ। କିନ୍ତୁ କୋର୍ଟ ଏହି ତର୍କକୁ ଖାରଜ କରି କହିଥିଲେ ଯେ ଶୁଳ୍କ ଲଗାଇବା ରାଷ୍ଟ୍ରପତିଙ୍କ ଅଧିକାର ନୁହେଁ। ଏହି କ୍ଷମତା କେବଳ ସଂସଦକୁ ମିଳିଛି। ୭-୪ ବହୁମତରେ ଦିଆଯାଇଥିବା ଏହି ରାୟରେ କୋର୍ଟ ସ୍ପଷ୍ଟ କରିଦେଇଛନ୍ତି ଯେ ୧୯୭୭ରେ ଆସିଥିବା 'ଆଇଇଇପିଏ' ଆଇନରେ ସୀମା ମଧ୍ୟରେ ଆବଦ୍ଧ ନ ରହି ଶୁଳ୍କ ଲଗାଇବାକୁ ରାଷ୍ଟ୍ରପତିଙ୍କୁ କ୍ଷମତା ଦିଆଯାଇ ନାହିଁ।

କ୍ଷୁଦ୍ର ବ୍ୟବସାୟୀ ଏବଂ ଆମେରିକା ରାଜ୍ୟମାନଙ୍କର ସଂଗଠନ ପକ୍ଷରୁ ଦାଏର ମାମଲାର ଶୁଣାଣି କରି କୋର୍ଟ ଏହି ରାୟ ଦେଇଥିଲେ। କୋର୍ଟ କହିଥିଲେ ଯେ ଟ୍ରମ୍ପ କେବଳ ୧୫୦ ଦିନ ପର୍ଯ୍ୟନ୍ତ ୧୫% ଶୁଳ୍କ ଲଗାଇପାରିବେ। କିନ୍ତୁ ଏଥିପାଇଁ ଠୋସ୍ କାରଣ ଥିବା ଜରୁରୀ। ଆଇଇଇପିଏରେ ଶୁଳ୍କ ଶବ୍ଦର ଉଲ୍ଲେଖ ନାହିଁ। ଏଥିରେ ରାଷ୍ଟ୍ରପତିଙ୍କ ଅଧିକାରକୁ ନେଇ ସ୍ପଷ୍ଟ ସୀମା ମଧ୍ୟ ଧାର୍ଯ୍ୟ କରାଯାଇ ନାହିଁ। ଯଦି ରାଷ୍ଟ୍ରପତିଙ୍କୁ ଶୁଳ୍କ ଲଗାଇବାର ଅଧିକାର ଦେବାକୁ ସଂସଦ ଚାହିଁଥାନ୍ତା ତେବେ ଏହି ଆଇନରେ ତାହା ସ୍ପଷ୍ଟ ଭାବେ ଲେଖା ଯାଇଥାନ୍ତା। ଅନ୍ୟପକ୍ଷରେ ଟ୍ରମ୍ପ ଏହି ନିଷ୍ପତ୍ତିକୁ ତୀବ୍ର ସମାଲୋଚନା କରିଛନ୍ତି। ସେ ସାମାଜିକ ଗଣମାଧ୍ୟମରେ ଲେଖିଛନ୍ତି ଯେ ଯଦି ଶୁଳ୍କ ହଟାଇ ଦିଆଯିବ ତେବେ ଆମରିକା ବର୍‌ବାଦ ହୋଇଯିବ। ଆର୍ଥିକ ସ୍ଥିତି ଦୁର୍ବଳ ହୋଇଯିବ। ସେଥିପାଇଁ ପାଇଁ ଦୃଢ଼ ହୋଇ ଛିଡ଼ା ହେବାକୁ ପଡ଼ିବ। ଶୁଳ୍କ ଏବେ ବି ବଳବତ୍ତର ରହିଛି। ଅପିଲ କୋର୍ଟ ଭୁଲ୍ ନିଷ୍ପତ୍ତି ଦେଇଛନ୍ତି। ଶେଷରେ ଆମେରିକା ଜିତିବ। ଦେଶ ଆଉ ବାଣିଜ୍ୟ କ୍ଷତିକୁ ସହ୍ୟ କରିବ ନାହିଁ। ଶୁଳ୍କ ଦ୍ୱାରା ଆମେରିକା ଶ୍ରମିକ, କମ୍ପାନୀଙ୍କୁ ଲାଭ ମିଳିବ। ସୁପ୍ରିମକୋର୍ଟଙ୍କ ମାଧ୍ୟମରେ ଏହି ରାୟକୁ ରଦ୍ଦ କରି ଦେଶକୁ ମଜବୁତ କରାଯିବ ବୋଲି ଟ୍ରମ୍ପ କହିଛନ୍ତି।

### ୭ ବର୍ଷ ପରେ...

କଥାବାର୍ତ୍ତା କରିବେ ବୋଲି ଜଣାପଡ଼ିଛି। ବିଶ୍ୱରେ ଅର୍ଥନୈତିକ ସ୍ଥିରତା ଦିଗରେ ଭାରତ ଓ ଚୀନ ମିଳିତ ହୋଇ କାମ କରିପାରିବେ ବୋଲି ପ୍ରଧାନମନ୍ତ୍ରୀ ଚୀନ ଗସ୍ତ ପୂର୍ବରୁ କହିଥିଲେ। ଏହା ସହିତ ଚୀନ ନେତୃତ୍ୱ ମଧ୍ୟ ସହମତ ହୋଇଛନ୍ତି।

ସାଂଘାଇ ଶଖର ସମ୍ମିଳନୀ ଅବସରରେ ପ୍ରଧାନମନ୍ତ୍ରୀ ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କ ସହିତ ମଧ୍ୟ ଶୀର୍ଷ ବୈଠକ କରିବେ। ଆମେରିକାର ଶୁଳ୍କ ଯୁଦ୍ଧ ପରିପ୍ରେକ୍ଷୀରେ ଦୁଇ ନେତାଙ୍କ ମଧ୍ୟରେ ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଲୋଚନା ହେବ। ଅନ୍ୟ କେତେକ ନେତାଙ୍କ ସହିତ ମଧ୍ୟ ମୋଦୀ ସାକ୍ଷାତ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି। ଏହି ସାଂଘାଇ ଶିଖର ସମ୍ମିଳନୀରେ ଭାରତ, ଚୀନ, ରୁଷ, ଇରାନ, ପାକିସ୍ତାନ ସମେତ ୨୫ଟି ଦେଶର ନେତା ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ସଂଗଠନର ୧୧ ଜଣ ସଭ୍ୟ ଥିବା ବେଳେ ଅନ୍ୟ ୧୪ଟି ଦେଶର ନେତାଙ୍କୁ ନିମନ୍ତ୍ରଣ କରାଯାଇଛି। ସୂଚନାଯୋଗ୍ୟ ଯେ ୨୦୧୮ରେ ଚୀନରେ ଅନୁଷ୍ଠିତ ସାଂଘାଇ ସହଯୋଗ ସଂଗଠନ ଶିଖର ବୈଠକରେ ଯୋଗଦେଇଥିଲେ ମୋଦୀ। ଏହା ପରବର୍ତ୍ତୀ ବର୍ଷ ୨୦୧୯ରେ ଚୀନ ରାଷ୍ଟ୍ରପତି ଜିଙ୍ଗପିଙ୍ଗ ଭାରତ ଆସିଥିଲେ। ତେବେ ୨୦୨୦ରେ ଗଲୱାନ ଉପତ୍ୟାକାରେ ଭାରତ ଓ ଚୀନ ସେନା ମଧ୍ୟରେ ରକ୍ତାକ୍ତ ସଂଘର୍ଷ ପରେ ଦୁଇ ଦେଶ ମଧ୍ୟରେ ସଂପର୍କ ତିକ୍ତ ରହିଛି। ତେବେ ଗତବର୍ଷ ଏଭଳି ସଂଘର୍ଷକୁ ଏଡାଇବା ଲାଗି ଦୁଇ ଦେଶ ମଧ୍ୟରେ ବୁଝାମଣା ହୋଇଥିଲା।

### ରାଜ୍ୟରେ ସାର...

ଏକ ପ୍ରମୁଖ ରାଜ୍ୟ ହୋଇପାରିଛି। କୃଷି କ୍ଷେତ୍ରରେ ବୈଷୟିକ ବିଦ୍ୟାର ପ୍ରୟୋଗ ଓ ସାର ବିହନ ଆଦିର ଉତ୍ତମ ବଣ୍ଟନ ଓଡ଼ିଶାକୁ ଏ ସଫଳତା ଆଣି ଦେଇଥିଲା ବୋଲି ଉଲ୍ଲେଖ କରିଛନ୍ତି ନବୀନ।

ସେ କହିଛନ୍ତି ଯେ ଓଡ଼ିଶାରେ ୭.୯୪ଲକ୍ଷ ଟନ ସାର ମହଜୁଦ ଥିବା ରାଜ୍ୟ ସରକାର ଦାବି କରୁଥିବା ବେଳେ ବାସ୍ତବରେ ଚାଷୀ କିନ୍ତୁ ସାର ପାଉନି। ବଜାରରେ ୟୁରିଆ ସରକାରୀ ଦରଠାରୁ ଉଚ୍ଚ ଦାମରେ ବିକ୍ରି ହେଉଛି। ଓଡ଼ିଶା ସରକାରଙ୍କ ନିଜସ୍ୱ ସଂସ୍ଥା ମାର୍କଫେଡ୍ ଚାଷୀଙ୍କ ବଦଳରେ ଘରୋଇ ଡିଲରଙ୍କୁ ରିଆତିରେ ସାର ବିକୁଛି। ତେଣୁ ଚାଷୀ ଖରିଫ ଋତୁରେ ଚାଷ କାମ ଛାଡ଼ି ସାର ପାଇଁ ରାଜରାସ୍ତାକୁ ଓହ୍ଲାଇବା ଚିନ୍ତାର ବିଷୟ ବୋଲି ଶ୍ରୀ ପଟ୍ଟନାୟକ କହିଛନ୍ତି। ଯୋଗାଣ ବ୍ୟବସ୍ଥାର କୁପରିଚାଳନା ସହ ସାର ଅଭାବ ଓ ଦୁର୍ନୀତି ଯୋଗୁଁ ଚାଷୀକୁ ଆଜି ଏ ଅବସ୍ଥାର ସମ୍ମୁଖୀନ ହେବାକୁ ପଡୁଛି ବୋଲି ନବୀନ ଗଭୀର ଉଦ୍‌ବେଗ ପ୍ରକାଶ କରିଛନ୍ତି। ତାଳଚେର ସାର କାରଖାନା ବିଷୟରେ ଉଲ୍ଲେଖ କରି ସେ କହିଛନ୍ତି ଯେ ୨୦୧୮ ମସିହାରେ ଶିଳାନ୍ୟାସ କରାଯାଇଥିବା ତାଳଚେର ସାର କାରଖାନା ୩୬ ମାସରେ ଶେଷ ହେବ ବୋଲି ଘୋଷଣା କରାଯାଇଥିଲା। ମାତ୍ର ଇତିମଧ୍ୟରେ ୭ବର୍ଷ ବିତିଯାଇଥିଲେ ହେଁ ଏହା କାର୍ଯ୍ୟକ୍ଷମ ହୋଇ ନପାରିବା ଦୁଃଖର ବିଷୟ। ଖରିଫ ଋତୁ ଆରମ୍ଭରେ ସାର ଅଭାବ ତଥା ଯୋଗାଣରେ ଚାଲିଥିବା ଅବ୍ୟବସ୍ଥା ଓ ଦୁର୍ନୀତିକୁ ରୋକିବାକୁ ଯଦି ସମୟୋଚିତ ପଦକ୍ଷେପ ନିଆନଯାଏ, ତେବେ କୃଷି ଉତ୍ପାଦନରେ ବ୍ୟାଘାତ ସୃଷ୍ଟି ହେବ। ଏହାସହ ଚାଷୀ ଭାଇଭଉଣୀଙ୍କ ଜୀବିକାକୁ ମଧ୍ୟ ଏହା ପ୍ରଭାବିତ କରିବ ବୋଲି ଶ୍ରୀ ପଟ୍ଟନାୟକ ସତର୍କ କରିଦେଇଛନ୍ତି।

### ଜିଏସ୍‌ଟି ସଂଶୋଧନରେ...

ବୈଠକ ଅନୁଷ୍ଠିତ ହୋଇଥିଲା। ଆସନ୍ତା ୨ ତାରିଖରେ ଆଉ ଏକ ବୈଠକ କରାଯିବ। ଏ ବିଷୟରେ ଅଧିକ ଚର୍ଚ୍ଚା କରି ଜିଏସ୍‌ଟି ପରିଷଦରେ ଦାବି ଉପସ୍ଥାପନ କରାଯିବ। କର୍ଣ୍ଣାଟକ ଅର୍ଥମନ୍ତ୍ରୀ କୃଷ୍ଣ ବାୟେର ଗୌଡ଼ା କହିଥିଲେ ଯେ ଜିଏସ୍‌ଟି ହାର ପରିବର୍ତ୍ତନ ଦ୍ୱାରା ରାଜ୍ୟମାନଙ୍କ ରାଜସ୍ୱ ୧୫ରୁ ୨୦ ପ୍ରତିଶତ ପର୍ଯ୍ୟନ୍ତ ହ୍ରାସ ପାଇବ। ଏହା ରାଜସ୍ୱ ସ୍ଥିତିକୁ ଅସ୍ଥିର କରିଦେବ। ତେଣୁ ସ୍ଥିରତା ଆସିବା ପର୍ଯ୍ୟନ୍ତ କେନ୍ଦ୍ର ଏହି କ୍ଷତିକୁ ଭରଣା କରୁ। ଏଥିପାଇଁ ୫ ବର୍ଷ ଯାଏ କ୍ଷତିପୂରଣ ପ୍ରଦାନ କରାଯାଉ। ଜିଏସ୍‌ଟି କାର୍ଯ୍ୟକାରୀ ହେବା ସମୟରେ ରେଭିନ୍ୟୁ ନ୍ୟୁଟ୍ରାଲ ରେଟ(ଆରଏନଆର) ୧୪.୪ ପ୍ରତିଶତ ଥିଲା। ଏବେ ସୁଧ ହାର ହ୍ରାସ ପାଇଁ ୧୧ ପ୍ରତିଶତ ହେଲାଣି। ସ୍ଲାବ ହ୍ରାସ ହେଲେ ସୁଧ ହାସ ହ୍ରାସ ପାଇ ୧୦ ପ୍ରତିଶତରେ ପହଞ୍ଚିଯିବ।

ଗୌଡ଼ାଙ୍କ ଅନୁଯାୟୀ ବିଳାଶପୂର୍ଣ୍ଣ ସାମଗ୍ରୀ ଏବଂ ମାଦକ ଦ୍ରବ୍ୟ ଉପରେ ୪୦ ପ୍ରତିଶତ ସ୍ଲାବ ଲଗାଇବା ପାଇଁ କେନ୍ଦ୍ର ନିଷ୍ପତ୍ତି ନେଇଛି। ଏଥିରୁ ଯେଉଁ ରାଜସ୍ୱ ମିଳିବ ତାହାକୁ ରାଜ୍ୟମାନଙ୍କୁ ଦିଆଯାଉ। ଏହା ବ୍ୟତୀତ ଏ ସବୁ ସାମଗ୍ରୀ ଉପରେ ଅତିରିକ୍ତ ଶୁଳ୍କ ଲଗାଇ ରାଜସ୍ୱକୁ ରାଜ୍ୟମାନଙ୍କୁ ବଣ୍ଟା ଯାଇପାରିବ। ହିମାଚଳ ପ୍ରଦେଶ ମନ୍ତ୍ରୀ ରାଜେଶ ଧର୍ମାଣୀ କହିଛନ୍ତି ଯେ ଜିଏସ୍‌ଟି ସ୍ଲାବ ହ୍ରାସକୁ ସମର୍ଥନ କରୁଛୁ। କିନ୍ତୁ ଏହା ବଦଳରେ କ୍ଷତିପୂରଣ ମିଳିବା ଉଚିତ। ସେହିପରି ତେଲଙ୍ଗାନା ଉପମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ସ୍ଲାବ ହ୍ରାସ ହେଲେ ରାଜ୍ୟ ବର୍ଷକୁ ୭ ହଜାର କୋଟି ଟଙ୍କା ହରାଇବ।

### ବଢୁଛି ରାଜନୈତିକ...

ତାଲିକାରୁ ବାଦ୍ ପଡ଼ିଥିବା ଯୋଗୁଁ ଅସନ୍ତୋଷ ପ୍ରକାଶ ପାଇଛି। ନୂଆ ସରକାର ଏହି ତାଲିକାକୁ ବୃଦ୍ଧି କରିବା ପରିବର୍ତ୍ତେ ଏନଏସି ସଂଖ୍ୟା ହ୍ରାସ କରି ସମ୍ପୃକ୍ତ ଅଞ୍ଚଳବାସୀଙ୍କୁ ଗୁଣାତ୍ମକ ପୌର ସେବାରୁ ବଞ୍ଚିତ କରାଯାଉଛି ବୋଲି ଅଭିଯୋଗ ହୋଇଛି।

କେବଳ ନୂଆ ଏନଏସି ମାନ୍ୟତା ନୁହେଁ, ପୌରସଂସ୍ଥାଗୁଡ଼ିକରେ କର୍ମଚାରୀ ଅଭାବ, ସ୍ୱତନ୍ତ୍ର କ୍ୟାଡର ନହେବା ମଧ୍ୟ ପୌରାଞ୍ଚଳରେ ବିକାଶ ପ୍ରକ୍ରିୟାକୁ ବାଧାପ୍ରାପ୍ତ କରୁଛି। ସେହିପରି ପୌରସଂସ୍ଥାଗୁଡ଼ିକରେ ମାତ୍ରାଧିକ ରାଜନୈତିକ ହସ୍ତକ୍ଷେପ, ପୌରାଞ୍ଚଳ ଦଖଲ ପାଇଁ ଶାସକ ଦଳର ଚକ୍ରାନ୍ତ ମଧ୍ୟ ବିକାଶରେ ବାଧକ ସାଜିଥିବା ବିରୋଧୀ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ ସମ୍ବଲପୁର ମହାନଗର ନିଗମ ଗଠନକୁ ୧୨ ବର୍ଷ ପୂରିବାକୁ ବସିଥିବା ବେଳେ ୧୧ ବର୍ଷ ହେଲାଣି ରାଉରକେଲା ମହାନଗର ନିଗମ ଗଠନ ହୋଇଛି। ମାତ୍ର ଉଭୟ ମହାନଗର ନିଗମରେ ଆଜିପର୍ଯ୍ୟନ୍ତ ପୌର ନିର୍ବାଚନ ହୋଇପାରିଲା ନାହିଁ। ନିୟମାନୁଯାୟୀ ସ୍ଥାନୀୟ ପୌରସଂସ୍ଥା ଭଙ୍ଗ ହେବାର ୬ ମାସ ମଧ୍ୟରେ ନିର୍ବାଚନ ଅନୁଷ୍ଠିତ ହେବା କଥା। କିନ୍ତୁ ନିର୍ବାଚନ ନହୋଇ ପ୍ରଶାସକ ଭାବେ ଜିଲ୍ଲାପାଳ ସମ୍ବଲପୁର ମହାନଗର ନିଗମ ପରିଚାଳନା କରୁଛନ୍ତି। ଫଳରେ ବର୍ଷ ବର୍ଷ ଧରି ସମ୍ବଲପୁର ମହାନଗରରେ ସରକାରୀ ବାବୁଙ୍କ ଶାସନ ଚାଲିଛି। ଜନସାଧାରଣଙ୍କ ସମସ୍ୟାକୁ ନେଇ ଉପସ୍ଥାପିତ କରିବା ପାଇଁ ଜନପ୍ରତିନିଧି ନାହାଁନ୍ତି। ମହାନଗର ନିଗମର ୪୧ଟି ୱାର୍ଡରେ ଜନପ୍ରତିନିଧି ଥିଲେ ବିଭିନ୍ନ ବିକାଶମୂଳକ କାର୍ଯ୍ୟରେ ଲୋକେ ସିଧାସଳଖ ପ୍ରଶାସନ ସହିତ ଯୋଡ଼ି ହୋଇପାରନ୍ତେ। ମହାନଗରରେ ବିଭିନ୍ନ ସମସ୍ୟାକୁ ନେଇ ଲୋକେ ହଇରାଣ ହେଉଛନ୍ତି। ସମାନ ସମସ୍ୟା ରାଉରକେଲା ମହାନଗର ନିଗମରେ ମଧ୍ୟ ଦେଖିବାକୁ ମିଳୁଛି। ଉଭୟ ମହାନଗର ନିଗମରେ ଖୁବଶୀଘ୍ର ନିର୍ବାଚନ କରିବାକୁ ସ୍ଥାନୀୟ ଲୋକେ ଦାବି କରୁଛନ୍ତି।

### ଆହୁରି ୪ ଦିନ...

ବେଗ ୩୦ରୁ ୪୦କିମି ରହିବ। ମୟୂରଭଞ୍ଜ, କେନ୍ଦୁଝର, ରାୟଗଡା, କୋରାପୁଟ ଓ ମାଲକାନଗିରିରେ ପ୍ରବଳ ବର୍ଷା ସମ୍ଭାବନା ରହିଛି। ଏହି ଜିଲ୍ଲାଗୁଡ଼ିକରେ ୭ ସେମିରୁ ୧୧ ସେମି ବର୍ଷା ହେବାର ସମ୍ଭାବନା ରହିଥିବା ଆଞ୍ଚଳିକ ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି। ଆସନ୍ତା ସେପ୍ଟେମ୍ବର ୧ ତାରିଖରେ ପ୍ରବଳ ବର୍ଷା ନେଇ ସମ୍ପୂର୍ଣ୍ଣ ଓଡ଼ିଶାକୁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି। ମୟୂରଭଞ୍ଜ, କେନ୍ଦୁଝର, ସୁନ୍ଦରଗଡ଼, ଗଞ୍ଜାମ, ଗଜପତି ଓ ନବରଙ୍ଗପୁର ଜିଲ୍ଲାରେ ପ୍ରବଳ ବର୍ଷା ସହ ୩୦ରୁ ୪୦କିମି ବେଗରେ ପବନ ବହିବାର ସମ୍ଭାବନା ରହିଛି। କିଛି ଜିଲ୍ଲାରେ ମଧ୍ୟମଧରଣର ବର୍ଷା ହେଲେ ବି ଘଡ଼ଘଡ଼ି ହେବାର ସମ୍ଭାବନା ରହିଛି। ସେପ୍ଟେମ୍ବର ୨ ତାରିଖରେ ରାଜ୍ୟର ସମସ୍ତ ଜିଲ୍ଲାରେ ବର୍ଷା ସମ୍ଭାବନା ଥିବାରୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ସୁନ୍ଦରଗଡ଼, ମୟୂରଭଞ୍ଜ, କେନ୍ଦୁଝର, କୋରାପୁଟ, ଗଞ୍ଜାମ ଓ ମାଲକାନଗିରିରେ ପ୍ରବଳ ବର୍ଷା ହେବ। ସେପ୍ଟେମ୍ବର ୩ ତାରିଖରେ ଆଉ ଲଘୁଚାପ ସୃଷ୍ଟି ହେବାର ସମ୍ଭାବନା ରହିଛି। ପ୍ରଭାବରେ ନୟାଗଡ଼, ଗଞ୍ଜାମ, ସୁନ୍ଦରଗଡ଼ ଓ ନବରଙ୍ଗପୁରରେ ପ୍ରବଳ ବର୍ଷା ହେବାନେଇ ବିଭାଗ ଆକଳନ କରିଛି।

### ଚଳନ୍ତା ଭ୍ୟାନ୍‌ରେ...

ସେଠାରେ ଜଣେ ଯୁବତୀଙ୍କୁ କମ୍ପାନୀରେ ଚାକିରି ଦେବାକୁ କହି ଏକ ଓମନି ଭ୍ୟାନରେ ଉଦଳା ନେଇଥିଲା। ସନ୍ଧ୍ୟା ୬ରୁ ସାଢ଼େ ୬ଟା ମଧ୍ୟରେ ଭ୍ୟାନ୍‌ଟି ଉଦଳା-କପ୍ତିପଦା ରାସ୍ତାର ଏକ ବିଦେଶୀ ମଦ ଦୋକାନଠାରୁ କିଛି ଦୂରରେ ଅଟକିଥିଲା। ପରେ ଆଉ ୪ ଜଣ ଯୁବକ ସେଠାରେ ପହଞ୍ଚିଥିଲେ। ମୁଖ୍ୟ ଅଭିଯୁକ୍ତ ଓ ସହଯୋଗୀ ଭ୍ୟାନ ଭିତରେ ଯୁବତୀଙ୍କୁ ଗଣଦୁଷ୍କର୍ମ କରିଥିଲେ। ସେମାନଙ୍କ ମଧ୍ୟରୁ ଅନ୍ୟ କେତେଜଣ ସହଯୋଗ କରିଥିଲେ ବୋଲି ଅଭିଯୋଗରେ ଦର୍ଶାଯାଇଛି। ତେବେ ପୁଲିସ ଘଟଣାର ସବିଶେଷ ବିବରଣୀ ଗଣମାଧ୍ୟମକୁ ପ୍ରଦାନ କରିନାହିଁ। ପୁଲିସ ଏକ ମାମଲା ରୁଜୁ କରିଛି। ତଦନ୍ତ ପରେ ସମସ୍ତ ବିବରଣୀ ପ୍ରଦାନ କରାଯିବ ବୋଲି ଏସପି ବରୁଣ ଗୁଣ୍ଟୁପାଲ୍ଲି କହିଛନ୍ତି। ଭ୍ୟାନ୍ ଚାଳକଜଣଙ୍କ ନାବାଳକ ବୋଲି ଜଣାପଡ଼ିଛି।

---

**ସୀମାନ୍ତରେ ଲାଲବାହିନୀର ବର୍ବରକାଣ୍ଡ**

## ଶିକ୍ଷକଙ୍କୁ ଅପହରଣ କରି ହତ୍ୟା



ମାଲକାନଗିରି, ୩୦।୮ (ସମିସ): ସୀମାନ୍ତରେ ଲାଲବାହିନୀର ବର୍ବରକାଣ୍ଡ। ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ର ବସ୍ତର୍ ଅଞ୍ଚଳରେ ଜଣେ ଶିକ୍ଷକଙ୍କୁ ମାଓବାଦୀମାନେ ହତ୍ୟା କରିଛନ୍ତି। ସେ ହେଲେ, ବିଜାପୁର ଜିଲ୍ଲାର କଲ୍ଲୁ ତାତି। ସେ ନେଣ୍ଡ୍ରା ସ୍କୁଲରେ ପିଲାମାନଙ୍କୁ ପାଠ ପଢ଼ାଇ ଘରକୁ ଫେରୁଥିବା ବେଳେ ନକ୍ସଲମାନେ ଶୁକ୍ରବାର ତାଙ୍କୁ ବାଟ ମଝିରୁ ଅପହରଣ କରିନେଇଥିଲେ। ଆଜି ତାଙ୍କୁ ହତ୍ୟା କରିବା ପରେ ଶବକୁ ରାସ୍ତାକଡ଼ରେ ଫିଙ୍ଗି ଦେଇଛନ୍ତି। ପୁଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଉଲ୍ଲେଖଯୋଗ୍ୟ, ୪ ଦିନ ତଳେ ମାଓବାଦୀମାନେ ଜଣେ ଶିକ୍ଷକଙ୍କୁ ହତ୍ୟା କରିଥିବା ବେଳେ ଆଜି ପୁଣି ଜଣେ ଶିକ୍ଷକଙ୍କୁ ହତ୍ୟାକୁ ନେଇ ଅଞ୍ଚଳରେ ଆତଙ୍କ ଖେଳି ଯାଇଛି।

## ଉଚ୍ଛୁଳିଲା ହୀରାକୁଦ; ଜଳସ୍ତର ୬୨୪ ଫୁଟ୍ ପାର୍

ସମ୍ବଲପୁର,୩୦।୮ (ସମିସ): ହୀରାକୁଦ ଜଳଭଣ୍ଡାରର ଜଳସ୍ତର ବୃଦ୍ଧି ପାଇବାରେ ଲାଗିଛି। ଶନିବାର ସନ୍ଧ୍ୟା ୬ଟା ସୁଦ୍ଧା ନଦୀବନ୍ଧର ଜଳସ୍ତର ୬୨୪.୩୯ ଫୁଟ୍‌ରେ ପହଞ୍ଚିଛି। ବର୍ତ୍ତମାନ ନଦୀବନ୍ଧର ସମସ୍ତ ଗେଟ୍ ବନ୍ଦ ରହିଥିବା ବେଳେ ଜଳଭଣ୍ଡାରକୁ ସେକେଣ୍ଡ ପ୍ରତି ୧,୦୧,୬୮୮ ଘନଫୁଟ ଜଳ ପ୍ରବେଶ କରୁଛି। ପାୱାର ଚ୍ୟାନେଲ, ଶିଳ୍ପାନୁଷ୍ଠାନ, କେନାଲ ଆଦି ଦେଇ ୩୫,୪୧୨ ଘନଫୁଟ ଜଳ ନିଷ୍କାସିତ ହେଉଛି। ସ୍ପିଲୱେ ଦେଇ କୌଣସି ଜଳ ପ୍ରବାହିତ ହେଉ ନଥିବା ବେଳେ ପାୱାର ଚ୍ୟାନେଲ ଦେଇ ୩୧,୭୯୪ ଘନଫୁଟ, ଶିଳ୍ପାନୁଷ୍ଠାନ ସକାଶେ ୨୧୪ ଘନଫୁଟ, କେନାଲ ପାଇଁ ୩,୪୦୪ ଘନଫୁଟ ଜଳ ନିଷ୍କାସିତ ହେଉଛି। ଗତବର୍ଷ ଆଜିର ଦିନରେ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୨୩.୩୩ ଫୁଟ୍ ରହିଥିଲା। ସୂଚନାଯୋଗ୍ୟ, ହୀରାକୁଦ ନଦୀବନ୍ଧର ଉପରମୁଣ୍ଡରେ ଗତ ୨୪ ଘଣ୍ଟାରେ ୧.୪୭ ମିମି ବର୍ଷା ହୋଇଥିବା ବେଳେ ତଳମୁଣ୍ଡରେ ୨.୬୨ ମିମି ବର୍ଷା ହୋଇଛି।

## ବନ୍ଧୁକ ଦେଖାଇ ଯୁବକଙ୍କ ଆତଙ୍କ

**ସ୍ଥାନୀୟ ଲୋକେ କାବୁ କରି ପୁଲିସ ଜିମାଦେଲେ**

ରାଜନଗର, ୩୦।୮ (ସମିସ): ସର୍ବସାଧାରଣରେ ଗାଳିଗୁଲଜ କରିବାସହ ବନ୍ଧୁକ ଧରି ଆତଙ୍କ ଖେଳାଇବା ଘଟଣାରେ ରାଜନଗର ପୁଲିସ୍ ଜଣେ ଯୁବକଙ୍କୁ ଅଟକ ରଖିଛି। ସେ ହେଲେ, ପଶ୍ଚିମବଙ୍ଗ ଚବିଶପ୍ରଗଣା ଅଞ୍ଚଳ ଷଣ୍ଢିଖାଲ ଥାନା ଅନ୍ତର୍ଗତ ଦାଉଦପୁର ଗ୍ରାମର ମୃତ୍ୟୁଞ୍ଜୟ ମଣ୍ଡଳ(୩୦)। ପୁଲିସ୍ ସୂଚନାନୁଯାୟୀ, ମୃତ୍ୟୁଞ୍ଜୟ ଆଜି ରାଜନଗର ଥାନା ଅନ୍ତର୍ଗତ ଗୁପ୍ତି ଘାଟ ନିକଟରେ ପହଞ୍ଚିଥିଲେ। ସେଠାରେ ସେ ବଙ୍ଗଳାରେ ଲୋକଙ୍କୁ ଗାଳିଗୁଲଜ କରିବାସହ ଏକ ବନ୍ଧୁକ ଦେଖାଇ ଆତଙ୍କ ସୃଷ୍ଟି କରିଥିଲେ। ତେବେ ଅତ୍ୟଧିକ ନିଶା ସେବନ କରିଥିବାରୁ ସେ ତଳେ ପଡ଼ିଯିବା ପରେ ସ୍ଥାନୀୟ ଲୋକେ ତାଙ୍କୁ କାବୁ କରି ରାଜନଗର ପୁଲିସକୁ ଖବର ଦେଇଥିଲେ। ପୁଲିସ୍ ସେଠାରେ ପହଞ୍ଚି ମୃତ୍ୟୁଞ୍ଜୟଙ୍କୁ ଥାନାକୁ ନେଇଥିଲା। ନିଶା ଛାଡ଼ିବା ପରେ ପୁଲିସ୍ ତାକୁ ପଚରାଉଚରା କରିଥିଲା। ଉତ୍ତରବଗପାଟିଆର ବାସୁଦେବ ମଣ୍ଡଳ ଚାଷ କାମ ପାଇଁ ମୃତ୍ୟୁଞ୍ଜୟ ସହ ୮ ଜଣଙ୍କୁ ଡକାଇଥିଲେ ବୋଲି ପୁଲିସ୍ ଜାଣିବାକୁ ପାଇଛି। ତେବେ ସେ ଗାଁକୁ ଯିବାକୁ ଗୁପ୍ତି ଆସୁଥିବା ବେଳେ ବାଟରୁ ବନ୍ଧୁକ ପାଇଥିଲା ବୋଲି ମୃତ୍ୟୁଞ୍ଜୟ ପୁଲିସ୍‌କୁ କହିଛି।


ସ୍ୱାୟତ୍ତ ଶାସନ ଦିବସ ପାଳନ ଅବସରରେ
ନୀଳଗିରି ବିଜ୍ଞାପିତ ଅଞ୍ଚଳ ପରିଷଦ ତରଫରୁ ହାର୍ଦ୍ଦିକ ଅଭିନନ୍ଦନ
DSPL-236

ବିକାଶ ପଥେ "ନୀଳଗିରି ବିଜ୍ଞାପିତ ଅଞ୍ଚଳ ପରିଷଦ "ନୀଳଗିରି

୧. ନୀଳଗିରି ସହରକୁ ପରିଷ୍କାର ପରିଚ୍ଛନ୍ନ ରଖିବା ସହିତ ବୃକ୍ଷରୋପଣ କରି ପରିବେଶ ସୁସ୍ଥ ରଖନ୍ତୁ।
୨. ପରିଷଦର ଟିକସ ଠିକ୍ ସମୟରେ ପୈଠ କରି ଆର୍ଥିକ ସ୍ଥିତିକୁ ମଜବୁତ କରନ୍ତୁ।
୩. ପରିଷଦର ସମ୍ପତ୍ତି ଆପଣଙ୍କର, ଏହାର ସୁରକ୍ଷା ଏବଂ ଦିଆଯାଇଥିବା ଆପଣଙ୍କର ନୈତିକ ଦାୟିତ୍ୱ।
୪. [illegible]
୫. [illegible]
୬. [illegible]
୭. [illegible]
୮. [illegible]
୯. ଜଳ ନିଷ୍କାସନ ପାଇଁ ପଥ ଅବରୋଧ କରନ୍ତୁ ନାହିଁ

ଶ୍ରୀ [illegible] ପରିଡା, ନିର୍ବାହୀ ଅଧିକାରୀ, ବିଜ୍ଞାପିତ ଅଞ୍ଚଳ ପରିଷଦ, ନୀଳଗିରି
ସଭ୍ୟ / ସଭ୍ୟା ଓ କର୍ମଚାରୀ ବୃନ୍ଦ, ବିଜ୍ଞାପିତ ଅଞ୍ଚଳ ପରିଷଦ, ନୀଳଗିରି
ଶ୍ରୀଯୁକ୍ତ ମହେନ୍ଦ୍ର ନାଥ ବେହେରା, ଭାରପ୍ରାପ୍ତ ନଗରପାଳ, ବିଜ୍ଞାପିତ ଅଞ୍ଚଳ ପରିଷଦ, ନୀଳଗିରି
OIPR-13179/11/013/0034/2526



ନିଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ -୨୦୨୫ ଅବସରରେ ଖୋରଧା ପୌର ପରିଷଦ ତରଫରୁ ଖୋରଧା ସହରବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ।

ଆମ ପଦକ୍ଷେପ

- ସହରକୁ ସମ୍ପୂର୍ଣ୍ଣ ରୂପେ ଟ୍ରାଫିକ୍ ନିୟନ୍ତ୍ରଣମୁକ୍ତ କରିବା ନିମନ୍ତେ ରାସ୍ତାକଡ଼ରେ ଥିବା ଭଠା ଦୋକାନୀମାନଙ୍କୁ ଭେଣ୍ଡିଂ ଯୋଜନା ମାଧ୍ୟମରେ ୪ଗୋଟି ନୂତନ ଭେଣ୍ଡିଂ ଜୋନ୍ ଓ ପିଣ୍ଡି ନିର୍ମାଣ କରାଯାଇ ଥଇଥାନ କରାଯିବା ପାଇଁ ପ୍ରୟାସ।
- ମୁଖ୍ୟମନ୍ତ୍ରୀ ସହରୀ ବିକାଶ ଯୋଜନା ଯୋଜନାରେ ସହରର ସର୍ବାଙ୍ଗୀନ ବିକାଶ ପାଇଁ ପଦକ୍ଷେପ।
- ସହଯୋଗ ଯୋଜନାରେ ସମସ୍ତ ସରକାରୀ ଯୋଜନାର ଉପଯୋଗୀତା ଓ ସହଭାଗୀତା ହେବା ନିମନ୍ତେ ସହରର ସମସ୍ତ ଜନସାଧାରଣଙ୍କୁ ସଚେତନତା କରାଇବା ନିମନ୍ତେ ପ୍ରୟାସ।
- ଖୋରଧା ସହରକୁ ସ୍ୱଚ୍ଛ, ସବୁଜ ଏବଂ ସୁନ୍ଦର ସହର କରିବା ପାଇଁ ଆପଣଙ୍କ ସହଯୋଗ ଏକାନ୍ତ କାମ୍ୟ।

ପୌରବାସୀଙ୍କୁ ଅନୁରୋଧ

- ଆସନ୍ତୁ ଏକ ଶାନ୍ତ, ସମୃଦ୍ଧ, ବିକଶିତ ଓ ସୌହାର୍ଦ୍ଦପୂର୍ଣ୍ଣ ଖୋରଧା ଗଢ଼ିବା।
- ନିର୍ଦ୍ଧାରିତ ସମୟରେ ପରିଷଦର ସମସ୍ତ ଟିକସ ଦାଖଲ କରି ସହରର ଉନ୍ନତିରେ ସହାୟକ ହୁଅନ୍ତୁ।
- ବିନା ଲାଇସେନ୍ସରେ କୌଣସି ବ୍ୟବସାୟ କରନ୍ତୁ ନାହିଁ।
- ପଲିଥିନ୍ ମୁକ୍ତ ଖୋରଧା ସହର କରିବା ପାଇଁ ପ୍ରୟାସ ଜାରି ରଖନ୍ତୁ।
- ହର ଘର ସ୍ୱଚ୍ଛତା ସମୂହ ସଫେଇ ଅଭିଯାନ ଓ ସଚେତନତା କାର୍ଯ୍ୟକ୍ରମକୁ ସଫଳ କରାନ୍ତୁ।
- ଆସନ୍ତୁ ଖୋରଧା ସହରକୁ ସବୁଜ ସ୍ୱଚ୍ଛ ରୂପେ ଗଢ଼ିତୋଳିବା।

ଗିରିଶ୍ରାନା କଥକବ୍, (ଓ.ପ୍ର.ସେ.), ନିର୍ବାହୀ ଅଧିକାରୀ, ପୌର ପରିଷଦ, ଖୋରଧା
ଶ୍ରୀମତୀ କନକଲକ୍ଷ୍ମୀ ମହାନ୍ତି, ପୌରାଧକ୍ଷା, ପୌର ପରିଷଦ, ଖୋରଧା
ଶ୍ରୀ ସୌର୍ଯ୍ୟ ରଞ୍ଜନ ମହାନ୍ତି, ଉପାଧ୍ୟକ୍ଷ ଓ ସମସ୍ତ ସଭ୍ୟ-ସଭ୍ୟାବୃନ୍ଦ, ପୌର ପରିଷଦ, ଖୋରଧା
DSPL-229
OIPR-13082/13/0034/2526



Office of the District Manager
Odisha State Civil Supplies Corporation Ltd. (OSCSC)
Sundargarh (District)
Phone: 94382-00060
District Website: https ://sundargarh.odisha.gov .in/
Tender No. 2642, 2643, 2644, 2645 of Level-II & 2658 of Level-I
Dt. 26.08.2025
CAD-1613

District Manager, Odisha State Civil Supplies Corporation Ltd., Sundargarh invites tenders in Double Cover System through ONLINE MODE ONLY for the works below:-

| | | |
|---|---|---|
| 1 | Name of the work | Selection and appointment of Level-I Transport Contractor for transportation of wheat from FSD/FCI to RRCs and Level-II Transport Contractors for transportation of food grains under PDS from RRCs to FPS points in Sundargarh district for the biennial 2025-27. |
| 2 | Availability of bid document in the portal | From 30.08.2025 |
| 3 | Pre-Bid conference of tenderers | Dt. 02.09.2025 at 11:00 AM |
| 4 | Last Date / Time for receipt of bids in the portal | Dt. 16.09.2025 up-to 05:30 (PM) |
| 5 | Date/Time of Opening of Technical Bid | Level-I & Level-II Transport Contractors – 17.09.2025 at 11:00 AM<br>Place: Office Chamber of ADM (General), Sundargarh |
| 6 | Date of submission of original documents in support of scanned copies uploaded in the portal for verification | Level-I & Level-II Transport Contractors – 17.09.2025 at 11:00 AM |
| 7 | Name and address of the Officer Inviting Tender | District Manager, OSCSC Ltd., Sundargarh |

Tender documents & other details can be seen from the e-procurement portal www.oscsc.in, www.foododisha.in & www.tendersodisha.gov.in along with district website.
Amendments/ Corrigendum/ Cancellation/ Re-tenders etc. if any shall be published only in above websites.

District Manager
OSCSC Ltd., Sundargarh
OIPR-07017/11/0009/2526



ଚୌଦ୍ୱାର ପୌରପରିଷଦ, ଚୌଦ୍ୱାର

[illegible]

ଆମ ସଙ୍କଳ୍ପ ଓ ପରିକଳ୍ପନା :-

[illegible] ... Park, Multi Gym, Open Space Beautification, Jogging Track, ... Paver Road & Covered Drain ... (MCC & MRF) ... (Multi-Purpose Centre) ... LED Web-Board ...





ସମସ୍ତ ପାରିଷଦ ବୃନ୍ଦ

"ସ୍ୱଚ୍ଛ ଚୌଦ୍ୱାର, ସୁସ୍ଥ ଚୌଦ୍ୱାର - ଆପଣଙ୍କ ସହଯୋଗ, ଆମର କାମନା"



**AFFIDAVIT**

I, B Mahalaxmi, W/o- R Bhagaban, resident of At- Bikrampur, Po- Golabandha, Dist- Ganjam, PIN-761052, Odisha declared by this affidavit No-704, dtd- 29/08/2025 that now onwards I shall be known as **R MAHALAXMI** for all future purposes.

**AFFIDAVIT**

By virtue of an affidavit before The Notary Public, Titilagarh, on dated- 20/08/2025. I, **Susanta Kumar Rana** (Applicant name), S/O- Arthtrana Rana, Permanent resident of At- Naren, P.O. Naren, P.S. Titilagarh, Dist- Balangir, (Odisha), PIN- 767066, now residing at the same place affirm that I have changed my minor daughter's name from **Susanta Kumar Rana** (old name) to **Eshita Rana** (new name). Henceforth in all records, deeds and writing in all proceeding, dealing and transaction private as well as public and upon all occasion she will be known as **Eshita Rana** (new name).

**Susanta Kumar Rana**

**AFFIDAVIT**

I, Swathi Nalla, D/o- Venkateswarlu Korukonda, resident of Duplex Villa Ultra 45, Pristine Greens, Phase-II, Kokila Resort, Pokhariput, Po- Dumduma Housing Board Colony, Dist-Khurda, PIN- 751019, Odisha declared by this affidavit No- 707, dtd- 30/08/2025 that now onwards I shall be known as **KORUKONDA SWATHI** for all future purposes.

**AFFIDAVIT**

I, Namita Roy, D/o- Bhikari Charan Satapathy, resident of Flat No-112, Arcon Retreat, Patia, Kalarahanga, KIIT, Bhubaneswar, Dist- Khurda, PIN- 751024, Odisha declared by this affidavit No-703, dtd- 29/08/2025 that now onwards I shall be known as **NAMITA SATAPATHY** for all future purposes.

**AFFIDAVIT**

By virtue of an affidavit No.3548, Dtd.26.08.2025 sworn before the Executive Magistrate, Jaleswar I, Sadasib Behera, S/o. Bansidhar Behera, At/Po. Mohammad nagarpatana, Ps. Jaleswar, Dist. Balasore, Pin- 756086, Odisha renounce, relinquish and abandon the use of my son former name Somya Behera (old name) instead of Soumyajit Behera (New name). Henceforth, he will be known as Soumyajit Behera for all purposes.

**AFFIDAVIT**

By the virtue of an affidavit executed before the Executive Magistrate, Bhubaneswar. I Togapur Pavan Kumar, aged about 43 years, S/O Togapur Rajeshwar Rao resident of Bhubaneswar, Odisha do hereby solemnly affirm that, my actual name is Togapur Pavan Kumar as per Aadhar Card bearing No: 6996 2540 5331 and my son's birth certificate bearing No-2848 issued by GHMC, Govt of Telangana. But in my son Anirudh Goutam Togapur Transfer Certificate bearing admission number-A19BR109 and TC No - 191, my name is mentioned as T Pavan Kumar instead of Togapur Pavan Kumar. That, this affidavit is required to be produced before the concerned authority for information and necessary action as and when required.

**Sd/- Togapur Pavan Kumar**

**AFFIDAVIT**

I, Soumya Das, D/o Sumanta Kumar Das, resident of Handa, Po- Bangiriposhi , Ps- Bangiriposhi, Dist- Mayurbhanj, Pin-757032, Odisha, declare by this affidavit No.48 Dated 30.08.2025 that now onwards I, shall be known as **Soumya Das** for all future purposes.

**Soumya Das**

**AFFIDAVIT**

By virtue of an Affidavit before Notary Public, Malkangiri, I, **Santoshi Gain**, aged about 26 years, W/o.: Anand Gain, D/o.: Ratan Dey resident of Village: M.V-71, PO.: Nalagunthi, P.S.: Kalimela, Dist.: Malkangiri, Odisha, declare by this Affidavit No.: 1045/2025, Dated: 20.08.2025 that I have changed my name from Santoshi Dey to **Santoshi Gain**. Henceforth I shall be known as **Santoshi Gain** for all future purposes.

**AFFIDAVIT**

By virtue of an Affidavit before Notary Public, Malkangiri, I, **Fulamati Kirtania**, aged about 57 years, W/o.: Biswanath Kirtania resident of Village: M.V-6, PO.: Tamasa, P.S./Dist.: Malkangiri, Odisha, declare by this Affidavit No.: 861/25, Dated: 30.08.2025 that I have changed my name from Fulamati Kirttaniya to **Fulamati Kirtania**. Henceforth I shall be known as **Fulamati Kirtania** for all future purposes.

**AFFIDAVIT**

By virtue of an Affidavit before Notary Public, Malkangiri, I, **Gangaram Madi**, aged about 58 years, S/o.: Late Sambharu Madi resident of Village: Balguda (Titang), PO.: Tandiki, P.S./Dist.: Malkangiri, Odisha, declare by this Affidavit No.: 1431/2025, Dated: 30.08.2025 that I have changed my name from Gangaram Madhi to **Gangaram Madi**. Henceforth I shall be known as **Gangaram Madi** for all future purposes.

**AFFIDAVIT**

I, Basant Kumar Nayak, S/o- Mahendra Prasad Nayak, resident of Plot No- 5/379, IRC Village, Nayapalli, Bhubaneswar, Dist- Khurda, PIN- 751015, Odisha declared by this affidavit No- 706, dtd- 30/08/2025 that now onwards I shall be known as **BASANTA KUMAR NAYAK** for all future purposes.



ପୂର୍ବ ତଟ ରେଳପଥ

ଇ-ଟେଣ୍ଡର ବିଜ୍ଞପ୍ତି ନଂ. ETELCONBBST -374E, ତା.23.08.2025ରିଖ

କାର୍ଯ୍ୟର ନାମ : ଉତ୍କଳ - ନିର୍ଦ୍ଦିଷ୍ଟ ସେକ୍ସନ ପାଇଁ 2TR କ୍ଷମତା ବିଶିଷ୍ଟ ପ୍ରିସିଜନ୍ ଏସି ଏବଂ 2TR ସ୍ପ୍ଲିଟ୍ ଏସି ଯୋଗାଣ, ସ୍ଥାପନ, ପରୀକ୍ଷଣ ଏବଂ କମିଶନିଂ।

କାର୍ଯ୍ୟର ଆନୁମାନିକ ମୂଲ୍ୟ : ₹ 86.06 ଲକ୍ଷ, EMD : ₹ 1,72,100.00, କାର୍ଯ୍ୟ ଶେଷ ହେବା ଅବଧି : 9 ମାସ।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.23.09.2025ରିଖ 1200 ଘଣ୍ଟିକାରେ।

[illegible] www.ireps.gov.in [illegible]

ଦ୍ରଷ୍ଟବ୍ୟ : [illegible] IREPS [illegible]

[illegible] B, G ଏବଂ G1 [illegible] 2ର [illegible] 3.1 [illegible]

ଉପ ମୁଖ୍ୟ ବିଦ୍ୟୁତ୍ ଯନ୍ତ୍ରୀ (ନିର୍ମାଣ-III)/ ଭୁବନେଶ୍ୱର
PR-89/CI/25-26

# ମାସେ ହେଲା ବାଲିଗଟା ସୋଲାର ଜଳ ପ୍ରକଳ୍ପ ଅଚଳ

## ପାଣି ପାଇଁ ହନ୍ତସନ୍ତ ଗ୍ରାମବାସୀ

ଫିରିଙ୍ଗିଆ,୩୦।୮ (ସମିସ)



କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ପାଙ୍ଗା ଉପରସାହି ପଞ୍ଚାୟତ ବାଲିଗଟା ଗାଁରେ ନିର୍ମାଣକରାଯାଇଥିବା ସୋଲାର ଜଳ ପ୍ରକଳ୍ପ ମାସେ ହେଲା ଅଚଳ ହୋଇପଡିଛି। ଗାଁରେ ପିଇବା ପାଣି ପାଇଁ ଅନ୍ୟ ବ୍ୟବସ୍ଥା ନଥିବାରୁ ଏବଂ ଅଞ୍ଚଳବାସୀ ଅସୁବିଧା ହେଉଥିବାରୁ ପାଣି ଯୋଗାଇବାକୁ ବାରମ୍ବାର ବାଲିଗଟା ୪ ନମ୍ବର ୱାର୍ଡ ବାସିନ୍ଦା ଲିଖିତ ଭାବରେ ଜଣାଇଥିଲେ। ସମସ୍ୟାକୁ ଦୃଷ୍ଟି ଦେଇ ପ୍ରଶାସନ ତରଫରୁ ଏକ ସୋଲାର ଜଳ ପ୍ରକଳ୍ପ ନିର୍ମାଣ କରାଯାଇଥିଲା। ନିର୍ମାଣର ବର୍ତ୍ତମାନ ୭ ମାସ ବିତିଯାଇଥିବା ବେଳେ ନିର୍ମାଣ କରିଥିବା ଠିକାଦାର ନିମ୍ନମାନର ସରଞ୍ଜାମ ଲଗାଇଥିବାରୁ ତାହା ଅଳ୍ପ ଦିନ ମଧ୍ୟରେ ଭାଙ୍ଗି ନଷ୍ଟ ହୋଇଛି। ଏଥିଯୋଗୁଁ ମାସେ ହେଲା ଅଚଳ ହୋଇପଡିଛି। ଏହି ସୋଲାର ପ୍ରକଳ୍ପ ଉପରେ ନିର୍ଭର କରୁଥିବା ୪ ନମ୍ବର ୱାର୍ଡର ୧୭ରୁ ଅଧିକ ଘର ଲୋକେ ପାଣି ପାଇଁ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ବାଲିଗଟା ଗାଁ ଫିରିଙ୍ଗିଆ ବ୍ଲକର ଉପାନ୍ତ ଅଞ୍ଚଳ ଏବଂ ଜଙ୍ଗଲ ଭିତରେ ରହିଥିବାରୁ ନିର୍ମାଣ କରିଥିବା ଠିକାଦାର ସୋଲାର ପ୍ରକଳ୍ପ ଠିକ ଭାବରେ କରିନଥିବାରୁ ଏଭଳି ଅବସ୍ଥା ହୋଇଥିବା ଅଭିଯୋଗ କରିଛନ୍ତି ଗ୍ରାମବାସୀ। ପାହାଡ଼ ଉପରେ ଏବଂ ଉଚ୍ଚ ସ୍ଥାନରେ ଏହି ଗାଁ ରହିଥିବା ବେଳେ ସୋଲାର ପ୍ରକଳ୍ପ ଲୋକଙ୍କୁ ବହୁ ସୁବିଧା ଯୋଗାଉଥିଲା। ଯାହାଦ୍ୱାରା ଲୋକେ ପାଣି ସୁବିଧା ପାଇ ପାରୁଥିଲେ।

ବର୍ତ୍ତମାନ ପାଣି ପାଇଁ ସମସ୍ୟା ଭୋଗୁଥିବା ବେଳେ ସୋଲାର ପ୍ରକଳ୍ପକୁ ତୁରନ୍ତ ମରାମତି କରିବା ସହ ଅଞ୍ଚଳବାସୀଙ୍କୁ ପିଇବା ପାଣି ଯୋଗାଇ ଦେବାକୁ ସିଦ୍ଧେଶ୍ୱର କହଁର, ଶ୍ରବଣ କହଁର, ନରତମ କହଁର, କାଳନ୍ଦୀ ଚରଣ ସାହୁ, ବସିରାମ କହଁର ଓ କିରିନ୍ଦ କହଁରଙ୍କ ସହ ଗ୍ରାମବାସୀ ଦାବି କରିଛନ୍ତି।

## ରାସ୍ତା ଉପରକୁ ଉପୁଡ଼ି ପଡ଼ିଲା ବରଗଛ



ଚକାପାଦ,୩୦।୮ (ସମିସ): କନ୍ଧମାଳ ଜିଲ୍ଲା କୁସୁମେଣ୍ଡି ପଞ୍ଚାୟତ ଲାଇନପଡ଼ା ତେଙ୍ଗଡ଼ାପଥର ରସ୍ତାର ମେଡିକାଲ ଛକରେ ରାସ୍ତା ଉପରେ ବିରାଟ ବରଗଛ ଆଜି ସକାଳେ ଟଳି ପଡିଥିଲା। ସେହି ସମୟରେ କିନ୍ତୁ ଗଛ ତଳେ କିମ୍ବା ନିକଟରେ କେହି ନଥିଲେ। ଏଥିଯୋଗୁଁ କୌଣସି କ୍ଷତି ହୋଇନଥିବା ସୂଚନା ମିଳିଛି। ଖବର ପାଇ ଖଜୁରୀପଡା ଦମକଳ ବାହିନୀ ଆସି ରାସ୍ତାରୁ ଗଛ କାଟି ହଟାଇଥିଲେ। ସ୍ଥାନୀୟ ସରପଞ୍ଚ ସୁମତୀ କହଁରଙ୍କ ଉଦ୍ୟମରେ ଏକ ଜେସିବି ଅଣାଯାଇ ରସ୍ତାରୁ ଡାଳ ପତ୍ର ସବୁ ସଫା କରାଯାଇଥିଲା। ପ୍ରାୟ ଚାରି ଘଣ୍ଟାରୁ ପାଞ୍ଚ ଘଣ୍ଟା ପର୍ଯ୍ୟନ୍ତ ଯାନବାହାନ ଚଳାଚଳ ବନ୍ଦ ରହିଥିଲା। ରାସ୍ତା ଉପରୁ ଗଛ ସଫା ହେଲା ପରେ ଯାତାୟତ ସ୍ୱାଭାବିକ ହୋଇଥିଲା।

## ସିୟୁଟିଏମ୍ ଅଧ୍ୟାପକ ବିକାଶ କାର୍ଯ୍ୟକ୍ରମ ଉଦ୍‌ଯାପିତ

ପାରଳାଖେମୁଣ୍ଡି,୩୦।୮ (ସମିସ): ସେଞ୍ଚୁରିଆନ ବିଶ୍ୱବିଦ୍ୟାଳୟରେ ଓଡ଼ିଶାର ଇଲେକ୍ଟ୍ରୋନିକ୍ସ ଏବଂଯୋଗାଯୋଗ ଇଞ୍ଜିନିୟରିଂ ବିଭାଗ ଏବଂ ବୈଦ୍ୟୁତିକ ଇଞ୍ଜିନିୟରିଂ ବିଭାଗ, ଏନ୍‌ଆଇଟି ପାଟନାର ଇଲେକ୍ଟ୍ରୋନିକ୍ସ ଏବଂ ଆଇସିଟି ଏକାଡେମୀ ସହିତ ମିଳିତ ଭାବରେ "ପରବର୍ତ୍ତୀ ପିଢ଼ିର ତାରହୀନ ଯୋଗାଯୋଗ ଏବଂ ଶକ୍ତି ଅମଳ ପ୍ରଯୁକ୍ତିବିଦ୍ୟା' ଉପରେ ଦୁଇ ସପ୍ତାହ ଧରି ଆୟୋଜିତ ଅଧ୍ୟାପକ ବିକାଶ କାର୍ଯ୍ୟକ୍ରମ ଉଦଯାପିତ ହୋଇଛି। ଏହି କାର୍ଯ୍ୟକ୍ରମ ଭାରତ ସରକାରଙ୍କ ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରଣାଳୟ ଦ୍ୱାରା ପରିଚାଳିତ ହେଇଥିଲା। ଏସଓଇଟିର ଡିନ୍ ଡ.ପ୍ରଫୁଲ୍ଲ କୁମାର ପଣ୍ଡା ସିୟୁଟିଏମ୍‌ର ରେଜିଷ୍ଟ୍ରାର୍ ଡ.ଅନିତା ପାତ୍ର ଏବଂ ସିୟୁଟିଏମ୍‌ର ଉପସଭାପତି ଡ.ଡି.ଏନ୍. ରାଓଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମକୁ ପ୍ରଭାତ କୁମାର ପଟ୍ଟନାୟକ ଏବଂ ଡ. ପ୍ରଜ୍ଞାନ ପରିମିତା ପ୍ରଧାନଙ୍କ ସଂଯୋଜନା କରିଥିଲେ।। ଏହି କାର୍ଯ୍ୟକ୍ରମରେ ୪୨ ଘଣ୍ଟାର ଅଧିବେଶନ ପରିବେଷଣ ହୋଇଛି ଯେଉଁଥିରେ ତତ୍ତ୍ୱ", ଶିକ୍ଷାଦାନ ଏବଂ ବ୍ୟବହାରିକ ପ୍ରୟୋଗଶାଳା ସହିତ ଏମ୍‌ଏଟିଏଲ୍‌ଏବି, ଏଚ୍‌ଏଫ୍‌ଏସ୍‌ଏସ୍, ଏବଂ ସିଏସଟି ଉପରେ ତାଲିମ ଅନ୍ତର୍ଭୁକ୍ତ ରହିଥିଲା।



## ଷଷ୍ଠ ଦିନରେ କୃଷି ଓ କୃଷକ ସୁରକ୍ଷା ପରିଷଦର ଧାରଣା



ଜି.ଉଦୟଗିରି,୩୦।୮ (ସମିସ)

କନ୍ଧମାଳ ଜିଲ୍ଲା କୃଷି ଓ କୃଷକ ସୁରକ୍ଷା ପରିଷଦ ସଦସ୍ୟ ଦେଉଥିବା ଧାରଣା ଷଷ୍ଠ ଦିନରେ ପହଞ୍ଚିଛି। ଧାରଣା ଗତ ସୋମବାର ଦିନ ଠାରୁ ମଣ୍ଡାକିଆ ପଞ୍ଚାୟତ କାର୍ଯ୍ୟାଳୟ ଫାଟକ ସମୁଖରେ ଦିଆଯାଉଛି। ଜିଲ୍ଲାର କୃଷି ଓ କୃଷକଙ୍କ ଆଠ ଦଫା ଦାବି ହାସଲ ପାଇଁ ଧାରଣା ଦିଆଯାଉଛି। ଶନିବାର ଦିନ ଧାରଣାର ଷଷ୍ଠ ଦିନରେ ଅନନ୍ତ ପ୍ରଧାନ, ପିଲିମିନା ପ୍ରଧାନ,ଜୟନ୍ତୀ ପ୍ରଧାନ, ପନିମା ପ୍ରଧାନ, ଇରାବତୀ ପ୍ରଧାନ, ଗୁପୁରୀ ପ୍ରଧାନ, ମିନକେତନ ପ୍ରଧାନ, ପ୍ରୀୟତମା ପ୍ରଧାନ, ସଠେଦେଇ ଦିଗାଳ, ଅରକିତ ପ୍ରଧାନ, ଲିନା ପ୍ରଧାନ, ଅନନ୍ତି ପ୍ରଧାନ, ଆଡୁ ନାୟକ, ଲେଜ ପ୍ରଧାନ, ନଳିନି ପ୍ରଧାନ, ଜୟନ୍ତ ପ୍ରଧାନ, ପୁଷ୍ପଲତା ପ୍ରଧାନ, ଫୁପୁଳ ନାୟକ, ଓକିଲ ନାୟକ ସୁଭମାନେନ୍ଦ୍ରା ପ୍ରଧାନ, ଲୁଲିତା ପ୍ରଧାନ, ପିଲିମିନା ପ୍ରଧାନ, ମାଗ ପ୍ରଧାନ,ବୁଲୁଲି ପ୍ରଧାନ, ତପାନ ପ୍ରଧାନ, ନିବଜିନି ପ୍ରଧାନ କୀର୍ତ୍ତି ପ୍ରଧାନ ଓ ପ୍ରଭାକର ପ୍ରଧାନ ଧାରଣାରେ ସାମିଲ ହୋଇଥିଲେ। ଅନୁଷ୍ଠାନର ସଚେତକ ମହମ୍ମଦ ଜିଆଉଦ୍ଦିନ, କାର୍ଯ୍ୟକାରୀ ସଭାପତି ସନାତନ ପ୍ରଧାନ ଏବଂ କୋଷାଧ୍ୟକ୍ଷ ବିପିନ ପ୍ରଧାନ, ତୃଣମୁଳ ସଂଗଠନ ସଭାପତି ବିଜୟ ପ୍ରଧାନ ଏବଂ ଶିବରାମ ପ୍ରଧାନ ଧାରଣା ପରିଚାଳନା କରିଥିଲେ।

## ପ୍ରବାସୀ ଶ୍ରମିକ ସଚେତନତା ଶିବିର



ମୋହନା,୩୦।୮ (ସମିସ): ଗଜପତି ଜିଲ୍ଲା ମୋହନା ବ୍ଲକ ଚନ୍ଦ୍ରଗିରି ପଞ୍ଚାୟତ ସ୍ଥିତ ରାଜୀବ ଗାନ୍ଧୀ ସେବାକେନ୍ଦ୍ରରେ ଶନିବାର ଅନ୍ତଃରାଜ୍ୟ ପ୍ରବାସୀ ଶ୍ରମିକ ସଚେତନତା ଶିବିର ଅନୁଷ୍ଠିତ ହୋଇଥିଲା। ଜିଲ୍ଲା ପ୍ରଶାସନ ଏବଂ ଶ୍ରମ ବିଭାଗ ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଶ୍ରମିକଙ୍କୁ ସେମାନଙ୍କ ଅଧିକାର, ନିୟମ ଏବଂ ଆଇନ ସମ୍ପର୍କରେ ବିସ୍ତୃତ ଭାବେ ଅବଗତ କରାଯାଇଥିଲା। ସମାନ କାମକୁ ସମାନ ମଜୁରୀ, ନିର୍ମାଣ ଶ୍ରମିକ କାର୍ଡ ସମ୍ବନ୍ଧରେ ମଧ୍ୟ ଜିଲ୍ଲାସ୍ତରୀୟ ଅଧିକାରୀ ଅଭିଯୋଗ ଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ସହକାରୀ ଶ୍ରମ ଅଧିକାରୀ ମଦନ ମୋହନ ଟୁଡୁ, ଡିଇଓ ଚନ୍ଦ୍ରଶେଖର ରାଓ, ଚନ୍ଦ୍ରଗିରି ସରପଞ୍ଚ ରଜନୀକାନ୍ତ ପ୍ରଧାନଙ୍କ ସମେତ ଜନପ୍ରତିନିଧି ଏବଂ ଅଞ୍ଚଳବାସୀ ଯୋଗ ଦେଇଥିଲେ।

## ଜିଲ୍ଲା କାରାଗାରରେ ଏଚ୍‌ଆଇଭି ସଚେତନତା

ଫୁଲବାଣୀ,୩୦।୮ (ସମିସ)

ସ୍ୱେଚ୍ଛାସେବୀ ଅନୁଷ୍ଠାନ ସ୍ୱାତୀ ଓ ରାଜ୍ୟ ଏଡସ୍ ନିୟନ୍ତ୍ରଣ ସମିତର ମିଳିତ ସହଯୋଗରେ ଏଚଆଇଭି ସମ୍ପର୍କିତ ଏକ ଦିନିକିଆ ସଚେତନତା କାର୍ଯ୍ୟକ୍ରମ କନ୍ଧମାଳ ଜିଲ୍ଲା କାରାଗାରରେ ଅନୁଷ୍ଠିତ ହୋଇଥିଲା। ଜିଲ୍ଲାରେ ଚାଲିଥିବା ଲକ୍ଷ୍ୟଭେଦି ପ୍ରକଳ୍ପ ମାଧ୍ୟମରେ କନ୍ଧମାଳ ଜିଲ୍ଲାର କୋଣ ଅନୁକୋଣରେ ଗୋଷ୍ଠୀ ସଚେତନତା ଜାରି ରହିଥିବା ବେଳେ ସଂପାଦକ ହରି ଶଙ୍କର ରାଉତଙ୍କ ତତ୍ତ୍ୱାବଧାନରେ ଶନିବାର ଆୟୋଜିତ ଏହି କାର୍ଯ୍ୟକ୍ରମରେ ସଂଯୋଜକ ବିଶ୍ୱରଞ୍ଜନ କର ଯୋଗଦେଇ ସଚେତନତା କାର୍ଯ୍ୟକ୍ରମର ମହତ୍ୱ ଉପସ୍ଥାପନା ଗପ ଓ କାହାଣୀ ମାଧ୍ୟମରେ କରିବା ସହିତ ଅଧିକ ସଚେତନ ହୋଇ ସଂକ୍ରମଣକୁ କିପରି ରୋକିପାରିବେ ତାର ଉପାୟ ଜଣାଇଥିଲେ। କାଉନସିଲର ସ୍ନେହଲତା ନାୟକଙ୍କ ଦ୍ୱାରା ୧୧୦ ଜଣ ଅନ୍ତେବାସୀଙ୍କ ରକ୍ତ ନାମୁନା ପରୀକ୍ଷା କରି ପ୍ରକଳ୍ପ ମାଧ୍ୟମରେ ଚାଲିଥିବା କାର୍ଯ୍ୟକ୍ରମ ଗୁଡିକର ଲାଭ ବିଷୟ ସୂଚନା ଦେଇଥିଲେ। ଜିଲ୍ଲା ମୁଖ୍ୟକାରାଗାରର ଜେଲର୍ ଲଲାଟେନ୍ଦୁ ଭୂଷଣ ଦାସ ଓ ଫାର୍ମାସିଷ୍ଟ ହରିହର ଜେନା ଉପସ୍ଥିତ ରହି ଅନ୍ତେବାସୀଙ୍କୁ ଉତ୍ସାହିତ କରିବା ସହିତ ରକ୍ତ ପରୀକ୍ଷା କରାଇବାରେ ସହାୟତା ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ସୀତା ରଣା ଓ ବିଷ୍ଣୁପ୍ରିୟା ପ୍ରଧାନ ସହାୟତା କରିଥିଲେ।



ସେହିପରି ଜାତୀୟ ଏଡସ୍ ନିୟନ୍ତ୍ରଣ ଅନୁଷ୍ଠାନଙ୍କ ଆକଳନ ଅନୁଯାୟୀ ଏଚ୍‌ଆଇଭି ସଂକ୍ରମଣକୁ କମାଇବାକୁ ଜନସାଧାରଣଙ୍କ ମଧ୍ୟରେ ସଚେତନତା ବଢାଇବାର ଆବଶ୍ୟକତା ରହିଛି। ଏଥିପାଇଁ ଅଗଷ୍ଟ ୧୨ରୁ ଅକ୍ଟୋବର ୧୨ ପର୍ଯ୍ୟନ୍ତ ସାରା ଦେଶରେ ଇନ୍ଟେସିଫାଏଡ ଆଇସି/ବିସିସି କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି। ଯାହାକି ଅଧିକ ଜନସାଧାରଣଙ୍କୁ ସଂକ୍ରମଣର ମାଧ୍ୟମ ଜଣାଇ ସେଥିରୁ ସତର୍କ ରହି ସଂକ୍ରମଣକୁ ରୋକିବାରେ ସହାୟକ ହେବା ସହିତ ସଂକ୍ରମିତ ବ୍ୟକ୍ତିଙ୍କ ଚିକିତ୍ସାର ଉପାୟ ବିଷୟରେ ସୂଚନା ଦେବ। ଏହି ପରିପ୍ରେକ୍ଷୀରେ ରାଜ୍ୟ ଏଡ୍‌ସ୍ ନିୟନ୍ତ୍ରଣ ସମିତି ଓ ସ୍ୱାତୀର ମିଳିତ ସହଯୋଗରେ ଜି.ଉଦୟଗିରି ଅଞ୍ଚଳ ଅନ୍ତର୍ଗତ ଡୁଗୁରିପାରି ଓ ତାରାବାଡିରେ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

## ଜିଲ୍ଲା ଶିକ୍ଷାଧିକାରୀଙ୍କୁ ଓଷ୍ଟାର ଦାବିପତ୍ର



ଭଞ୍ଜନଗର,୩୦।୮ (ସମିସ): ସ୍ଥାନୀୟ ପ୍ରେସ କ୍ଲବ ଠାରେ ଓଡିଶା ସ୍କୁଲ କଲେଜ ଶିକ୍ଷକ କର୍ମଚାରୀ ସମନ୍ୱୟ ସମିତିର ଏକ ବୈଠକ ଓଷ୍ଟା ଜିଲ୍ଲା ସଭାପତି ସନ୍ତୋଷ ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ନିମ୍ନ ମାଧ୍ୟମିକ ଶିକ୍ଷକ ସଂଘ ରାଜ୍ୟ ମୁଖ୍ୟ ଉପଦେଷ୍ଟା ଜଗବନ୍ଧୁ ଜେନା, ଓଷ୍ଟା ଭଞ୍ଜନଗର ବ୍ଲକ ସଭାପତି ଦିଲ୍ଲୀପ କୁମାର ସ୍ୱାଇଁ, ଓଷ୍ଟା କର୍ମକର୍ତ୍ତା ତଥା ପ୍ରଧାନ ଶିକ୍ଷକ ସତ୍ୟବାନ ସାହୁ, କାମରାଜୁ ଗୌଡ଼ ଓ ପ୍ରଧାନ ଶିକ୍ଷୟିତ୍ରୀ ସରୋଜଲକ୍ଷ୍ମୀ ଦାସ ପ୍ରମୁଖ ମଞ୍ଚାସୀନ ହୋଇ ବୈଠକର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଶିକ୍ଷକ ମାନଙ୍କ ବିଭିନ୍ନ ସମସ୍ୟା ଓ ଦାବି ଉପରେ ଧାରଣା, ଆନ୍ଦୋଳନ ଜାରି ରହିଥିବାବେଳେ ରାଷ୍ଟ୍ରପତି, ରାଜ୍ୟପାଳ, କେନ୍ଦ୍ର ଶିକ୍ଷାମନ୍ତ୍ରୀ, ମୁଖ୍ୟମନ୍ତ୍ରୀ ଓ ଶିକ୍ଷାମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲା ଶିକ୍ଷାଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରାଯିବାକୁ ନିଷ୍ପତ୍ତି ନେଇ ଆଜି ଜିଲ୍ଲା ସମ୍ପାଦକ ବିଜୟ କୁମାର ବେହେରା ଓ କର୍ମକର୍ତ୍ତାଙ୍କ ନେତୃତ୍ୱରେ ପ୍ରଦାନ କରାଯିବାକୁ ସ୍ଥିର କରାଗଲା। ଏଥିରେ ଜିଲ୍ଲାର ବହୁ ଶିକ୍ଷକ ସଂଘବଦ୍ଧଭାବେ ଯୋଗ ଦେଇ ପ୍ରଦାନ କରାଯିବ। ଏହାପରେ ବିଭିନ୍ନ ଦାବି ୧୯୪ ବିଦ୍ୟାଳୟକୁ ଅନୁଦାନ, ସମସ୍ତ ବିଦ୍ୟାଳୟକୁ ସରକାରୀକରଣ, ଚାକିରୀ ସର୍ତ୍ତାବଳୀ ସହ ପେନସନ ପ୍ରଦାନ, ଗ୍ରେଡ଼ ପେର ସମୀକରଣ, ଅବସର ବୟସ ୬୦ରୁ ୬୨କୁ ବୃଦ୍ଧି ଉପରେ ଆଲୋଚନା କରାଯାଇ ରାଜ୍ୟ ସଂଘର ନିଷ୍ପତ୍ତିକୁ ଦୃଢ଼ ସମର୍ଥନ କରାଯାଇଥିଲା। ଏଥିରେ ଭାସ୍କର ପାଣି, ପ୍ରଦୀପ କୁମାର ଗୌଡ଼, ଶରତ କୁମାର ଦଳବେହେରା, ମନମୋହନ ପାଣିଗ୍ରାହୀ, ପଞ୍ଚାନନ ଚୌଧୁରୀ, ଗୋପାଳ ଚନ୍ଦ୍ର ପଣ୍ଡା, ସଚିତ୍ର କୁମାର ନାୟକ, ଦୁର୍ଗାପ୍ରସାଦ ଦାସ, ଜ୍ୟୋତିରଞ୍ଜନ ବିଷୋୟୀ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ପ୍ରଧାନ ଶିକ୍ଷକ ଭାସ୍କର ପାଣି ଧନ୍ୟବାଦ ପ୍ରଦାନ କରିଥିଲେ।

## ଛାତ୍ରାଛାତ୍ରୀଙ୍କୁ ନେଇ ଆଇନ ସଚେତନତା ଶିବିର



ପାରଳାଖେମୁଣ୍ଡି,୩୦।୮ (ସମିସ): ଗଜପତି ଜିଲ୍ଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ କାଶୀନଗର ସହରର ବାରାଣାସୀ ସରକାରୀ ଉଚ୍ଚ ବିଦ୍ୟାଳୟରେ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଛାତ୍ରଛାତ୍ରୀଙ୍କୁ ବିଭିନ୍ନ ଆଇନ ସମ୍ପର୍କରେ ସଚେତନ କରିବା ସହିତ ସେମାନଙ୍କର ଦୈନନ୍ଦିନ ଜୀବନରେ ଆଇନର ପ୍ରାୟୋଗିକ ଗୁରୁତ୍ୱକୁ ଅବଗତ କରାଇବା କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ରହିଛି। ସଚେତନତା ସଭାରେ ଜିଲ୍ଲା ଆଇନସେବା ପ୍ରାଧିକରଣର ସଚିବ ବିମଳ ରାଉଳ ଯୋଗ ଦେଇ ଛାତ୍ରଛାତ୍ରୀଙ୍କୁ ବିଧିର ମୂଳ ଅବଧାରଣା, ନାଗରିକଙ୍କ ଅଧିକାର ଓ କର୍ତ୍ତବ୍ୟ ବିଷୟରେ ଅବଗତ କରାଇଥିଲେ। କାର୍ଯ୍ୟକ୍ରମରେ ପାରଳାଖେମୁଣ୍ଡି ବାର ଆସୋସିଏସନର ବରିଷ୍ଠ ଆଇନଜୀବୀ ଗୁମ୍ମଡୁ ଚିଟିବାବୁ, କାଶୀନଗର ଏବିଇଓ ନର୍ମଦା ଦାସ, ବାରାଣସୀ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଆର. ଦିଲୀପ କୁମାର ମଞ୍ଚାସୀନ ହୋଇ ବିଭିନ୍ନ ବିଧି ପ୍ରାବଧାନ ବିଷୟରେ ଛାତ୍ରଛାତ୍ରୀଙ୍କୁ ସଚେତନ କରିଥିଲେ।

## ବ୍ୟାଡମିଣ୍ଟନ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

ଜି.ଉଦୟଗିରି,୩୦।୮ (ସମିସ): କନ୍ଧମାଳ ଜିଲ୍ଲା ଜି.ଉଦୟଗିରି ଇନଡୋର ଷ୍ଟାଡିୟମ୍ ଠାରେ ଜାତୀୟ କ୍ରୀଡ଼ା ଦିବସ ଅବସରରେ ଏକ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟ ଉଦଘାଟିତ ହୋଇଛି।ଏହାକୁ ସ୍ଥାନୀୟ ତହସିଲଦାର ରଞ୍ଜନ କୁମାର ସାହୁ ଉଦଘାଟନ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ କୋଚ ଦୀପକ ପ୍ରଧାନ, ଶିବରାମ ସାହୁ, ପ୍ରଫୁଲ୍ଲ କୁମାର ରାଉତଙ୍କ ସହ ବହୁ ବ୍ୟକ୍ତି ବିଶେଷ ଯୋଗ ଦେଇଥିଲେ। ଜି . ଉ ଦ ୟ ଗି ରି , ଟିକାବାଲି, ରାଇକିଆ, ଚକାପାଦ ଟିମ୍ ଯୋଗ ଦେଇଛନ୍ତି। ମେଜର ଧ୍ୟାନଚାନ୍ଦଙ୍କ ଜନ୍ମ ଦିବସ ଅବସରରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି।



■ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ୍ ମ୍ୟାଚ୍

## ଏନ୍‌ଏସି ଏକାଦଶ ଚାମ୍ପିଅନ୍

ଜି.ଉଦୟଗିରି,୩୦।୮ (ସମିସ)

କନ୍ଧମାଳ ଜିଲ୍ଲା ଜି.ଉଦୟଗିରି ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ରଞ୍ଜନ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ଦୁଇ ଦିନ ଧରି ଚାଲିଥିବା ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ଏନ୍‌ଏସି ଏକାଦଶ ଚମ୍ପିଅନ୍ ହୋଇଛି। ସ୍ଥାନୀୟ ହବାକ୍ ଉଚ୍ଚ ବିଦ୍ୟାଳୟ ଖେଳ ପଡ଼ିଆରେ ଶୁକ୍ରବାର ଦିନ ଖେଳରେ ବିଜୟ ଲାଭ କରିଥିବା ଦୁଇ ଦଳ ଏନଏସି ଇଲେଭେନ ଓ ବ୍ଲକ ଏକାଦଶ ମଧ୍ୟରେ ସଂଘର୍ଷପୂର୍ଣ୍ଣ ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଏହି ଟୁର୍ଣ୍ଣାମେଣ୍ଟରେ ଚାରୋଟି ଦଳ ଅଂଶ ଗ୍ରହଣ କରିଥିଲେ।




## ଆୟ ବହିର୍ଭୂତ ସମ୍ପତ୍ତି ମାମଲାରେ କନିଷ୍ଠ ଯନ୍ତ୍ରୀ ଭିଜିଲାନ୍ସ କୋର୍ଟରେ ଦୋଷୀ ସାବ୍ୟସ୍ତ

ପାରଳାଖେମୁଣ୍ଡି,୩୦।୮ (ସମିସ)

ଗଜପତି ଜିଲ୍ଲା ଆରଡବ୍ଲ୍ୟୁଏସ୍‌ଏସ୍ କାର୍ଯ୍ୟାଳୟର କନିଷ୍ଠଯନ୍ତ୍ରୀ ଅରୁଣ କୁମାର ଜେନାଙ୍କୁ ବାରିପଦା ସ୍ଥିତ ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟ ଦୋଷୀ ସାବ୍ୟସ୍ତ କରିଛନ୍ତି। ତାଙ୍କୁ ୨ ବର୍ଷ ସଶ୍ରମ କାରାଦଣ୍ଡ ସହ ୧ଲକ୍ଷ ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି। ଏହା ସହ ଚାକିରିରୁ ବହିଷ୍କାର ନିମନ୍ତେ ସକ୍ଷମ ପ୍ରାଧିକରଣଙ୍କ ନିକଟରେ ଆବେଦନ କରାଯିବ ବୋଲି କଟକ ସ୍ଥିତ ଭିଜିଲାନ୍ସ ନିର୍ଦ୍ଦେଶାଳୟରୁ ଏକ ପ୍ରେସ ଇସ୍ତାହାରରେ ପ୍ରକାଶ ପାଇଛି। ସୂଚନା ପ୍ରକାରେ ଅରୁଣ କୁମାର ଜେନା ମୟୁରଭଞ୍ଜରେ ଏସ୍‌ଏସ୍‌ଏ ବିଭାଗରେ କାର୍ଯ୍ୟରତ ଥିବାବେଳେ ଆୟ ବହିର୍ଭୁତ ସମ୍ପତ୍ତି ଠୁଳ ଅଭିଯୋଗରେ ଭିଜିଲାନ୍ସ ବିଭାଗ ଦୁର୍ନୀତି ନିବାରଣ ଆଇନ ଓ ଭାରତୀୟ ପିଙ୍ଗଳ କୋଡର ଧାରା ୧୦୯ ଅନୁସାରେ ମାମଲା ରୁଜୁ କରିଥିଲା।

ବାରିପଦା ଭିଜିଲାନ୍ସ କୋର୍ଟର ସ୍ୱତନ୍ତ୍ର ବିଚାରପତି ଶନିବାର ଶୁଣାଣି କରି ଦୋଷୀ ସାବ୍ୟସ୍ତ କରିଛନ୍ତି। ବାଲେଶ୍ୱର ଡିଭିଜନର ପୂର୍ବତନ ଇନ୍ସପେକ୍ଟର ଭିଜିଲାନ୍ସ ନରେନ୍ଦ୍ର ବେହେରା ତଦନ୍ତ କରିଥିବା ବେଳେ ବାରିପଦା ଭିଜିଲାନ୍ସ କୋର୍ଟର ସ୍ୱତନ୍ତ୍ର ପିପି ଶାନ୍ତନୁ ଦାସ ମାମଲା ପରିଚାଳନା କରିଥିଲେ।

## ଅବହେଳିତ ଗାଁ ଲାଠୁଳି ରଘୁନାଥପୁର

# ରାସ୍ତା, ବିଜୁଳି ପାଇଁ ଜିଲ୍ଲାପାଳଙ୍କୁ ଫେରାଦ ହେଲେ ଗ୍ରାମବାସୀ

କୋଦଳା,୩୦।୮ (ସମିସ)

ଗଞ୍ଜାମ ଜିଲ୍ଲା ବେଗୁନିଆପଡା ବ୍ଲକ ଫାସି ପଞ୍ଚାୟତର ଏକ ଛୋଟିଆ ବ୍ରାହ୍ମଣ ଶାଶନ ଗାଁ ହେଲା ଲାଠୁଳି ରଘୁନାଥପୁର। ବହୁ ନିବେଦନ ଅନୁରୋଧ ସତ୍ତ୍ୱେ ରାସ୍ତାର ଆଲୋକିକରଣ ସହିତ ଗାଁ ପରିବେଶ ପରିଷ୍କାର ହୋଇପାରିଲା ନାହିଁ। ଶେଷରେ ଗ୍ରାମବାସୀ ବେଗୁନିଆପଡା ବ୍ଲକ ପରିସରରେ ହୋଇଥିବା ଜିଲ୍ଲାପାଳ ଏବଂ ଆରକ୍ଷୀ ଅଧୀକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣିରେ ଫେରାଦ ହୋଇଛନ୍ତି। ସେମାନଙ୍କ ଅଭିଯୋଗ ପ୍ରକାରେ ଫାସି ଗ୍ରାମଠାରୁ ଲାଠୁଳି ଗ୍ରାମର ଦୂରତା ମାତ୍ର ୧ କିମି। ତାହାପୁଣି ପର୍ଯ୍ୟଟନ ସ୍ଥଳ ଝାଡ଼େଶ୍ୱର ମନ୍ଦିର ରାସ୍ତା। ସେଥି ମଧ୍ୟରୁ ଫାସି ଠାରୁ କୟାଁ ଗଡିଆ ପ୍ରାୟ ୭୫୦ ମିଟର ରାସ୍ତା ପଞ୍ଚାୟତ ଦ୍ୱାରା ଆଲୋକୀକରଣ କରାଯାଇଛି। କିନ୍ତୁ ବୈମାତୃକ ମନୋଭାବ ରଖିବା ଭଳି ଲାଠୁଳି ଗ୍ରାମ ଆରମ୍ଭ ପର୍ଯ୍ୟନ୍ତ ଅବଶିଷ୍ଟ ୨୫୦ ମିଟର ରାସ୍ତାକୁ ବାଦ୍ ଦିଆଯାଇଛି। ଗ୍ରାମବାସୀ ଏନେଇ ଅନେକ ଥର ମୌଖିକ ଭାବେ ଅନୁରୋଧ କରିଥିବା ବେଳେ ଗତ ୧୩ ଜାନୁଆରୀରେ ସରପଞ୍ଚଙ୍କୁ ଲିଖିତ ଅଭିଯୋଗ କରିଥିଲେ।

ପରେ ୧୨ ଫେବୃଆରୀରେ ପଞ୍ଚାୟତ ପୋର୍ଟାଲରେ ଅଭିଯୋଗ ଦାଖଲ ହୋଇଛି। ତଥାପି କେହି କର୍ଣ୍ଣପାତ କରିନାହାନ୍ତି। ପୁଣି ଗାଁ ଭିତରେ ଥିବା ବିଦ୍ୟୁତ ଖୁଣ୍ଟ ମଧ୍ୟରୁ କିଛି ଖୁଣ୍ଟରୁ ଲାଇଟ ଲିଭିଯାଇଥିବା ବେଳେ ୪ଟି ଖୁଣ୍ଟରେ ଆଦୌ ଲାଇଟ ଲଗାଯାଇ ନାହିଁ। ଫଳରେ ରାସ୍ତା ଅନ୍ଧକାର ରହୁଛି। ଷ୍ଟ୍ରିଟ ଲାଇଟ ମରାମତି ଓ ପରିଚାଳନା ପାଇଁ ୨୦୨୪/୨୫ ଆର୍ଥିକ ବର୍ଷ ରେ ୩,୭୪,୧୦୦/- ଉଠାଣ କରାଯାଇଛି। ତଥାପି ଏଥିପ୍ରତି କେହି କର୍ଣ୍ଣପାତ କରୁନାହାନ୍ତି। ସନ୍ଧ୍ୟାରେ ଅସାମାଜିକ ବ୍ୟକ୍ତି ଏବଂ ନିଶାଖୋରଙ୍କ ଚଳାଚଳ ହେଉଥିବା ଯୋଗୁ ଟିଉସନ ସାରି ଗ୍ରାମକୁ ଫେରୁଥିବା ଛାତ୍ରଛାତ୍ରୀଙ୍କୁ ନେଇ ଅଭିଭାବକ ଚିନ୍ତାରେ ରହୁଛନ୍ତି।

ବଜାର ସାମଗ୍ରୀ ଧରି ଫେରୁଥିବା ବୟସ୍କ ବ୍ୟକ୍ତି, ଓ ଗ୍ରାମର ମହିଳା ମାନେ ମଧ୍ୟ ବିଭିନ୍ନ ସମୟରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଣୁ ଏହି ସମସ୍ୟା ପ୍ରତି ଦୃଷ୍ଟି ଦେବାକୁ ସତ୍ୟ ନାରାୟଣ ରଥ, ଆଦିତ୍ୟ ମହାପାତ୍ର, ତାରିଣୀ ପ୍ରସାଦ ମହାପାତ୍ର, ବିନାୟକ ନାୟକଙ୍କ ସମେତ ଲଥୁଳି ଗ୍ରାମବାସୀ ଅନୁରୋଧ କରିଛନ୍ତି। ଏହି ସମସ୍ୟାକୁ ନେଇ ସରପଞ୍ଚଙ୍କ ମତାମତ ପାଇପାରିନଥିବା ବେଳେ ନିର୍ବାହୀ ଅଧିକାରୀ ପୂର୍ଣ୍ଣଚନ୍ଦ୍ର ପ୍ରଧାନ ଅତିଶୀଘ୍ର ଗ୍ରାମବାସୀଙ୍କୁ ଡାକି ଆଲୋଚନା କରି ସମସ୍ୟାର ସମାଧାନ କରାଯିବ ବୋଲି କହିଛନ୍ତି।

# ପୋଖରୀରେ ବୁଡ଼ି ଶିଶୁ ମୃତ

ଆସିକା, ୩୦।୮ (ସମିସ): ଆସିକା ଥାନା ଅନ୍ତର୍ଗତ ଖଣ୍ଡଦେଉଳି ଗାଁର ନେଳିଆ ବନ୍ଧରେ ବୁଡ଼ି ଜଣେ ଶିଶୁର ମୃତ୍ୟୁ ଘଟିଛି। ମୃତକ ହେଲେ ଶୁଭମ ଡାକୁଆ(୭)। ତାଙ୍କ ନିଜ ଗାଁ ଖିଲିଙ୍ଗି ହୋଇଥିବାବେଳେ ସେ ଅଜାଘର ପୀତବାସ ଡାକୁଆଙ୍କ ଘରେ ରହି ପାଠ ପଢୁଥିଲେ। ଶନିବାର ଶୁଭମ ପୂର୍ବାହ୍ନ ୧୧ଟାରେ ସ୍କୁଲରୁ ଆସି ଗାଧୋଇବାକୁ ପୋଖରୀକୁ ଯାଇ ବୁଡି ଯାଇଥିଲେ। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ଆସିକା ମେଡିକାଲରେ ଭର୍ତ୍ତି କରିଥିଲେ। ହେଲେ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରାଯାଇଛି।

# କୁଶପଲ୍ଲୀରେ ସ୍ୱାସ୍ଥ୍ୟ ସେବା ଶିବିର

ଗଞ୍ଜାମ, ୩୦।୮ (ସମିସ): ଗଜପତି ଜିଲ୍ଲାର ଭାରପ୍ରାପ୍ତ କ୍ୟାଡ଼ର ପବ୍ଲିକ ପ୍ରୋସେକ୍ୟୁଟର ରାଜେଶ କୁମାର ମିଶ୍ର, ଓକିଲ ଲସିତ ବରଣ ବେହେରା ଓ ଛତ୍ରପୁର ସ୍ଥିତ ମା' ରାମଚଣ୍ଡୀ ମନ୍ଦିରର ପରାମର୍ଶଦାତା ତ୍ରିପତି ବାଲାଜୀ ମିଶ୍ରଙ୍କ ଡାକରା କ୍ରମେ ଅଗ୍ରଣୀ ସ୍ୱେଚ୍ଛାସେବୀ ସଙ୍ଗଠନ ସେବା ପ୍ରତିନିଧି ତଥା ମା' ରାମଚଣ୍ଡୀ ପୂଜା କମିଟି ଓ ବିଜୁ ପଟ୍ଟନାୟକ ହୋମିଓପ୍ୟାଥିକ ଭେଷଜ ମହାବିଦ୍ୟାଳୟ ଓ ଚିକିତ୍ସାଳୟ, ବ୍ରହ୍ମପୁରର ମିଳିତ ସହଯୋଗରେ ଗଞ୍ଜାମ ବ୍ଲକ ଅନ୍ତର୍ଗତ କୁଶପଲ୍ଲୀ ଗ୍ରାମରେ ସ୍ୱାସ୍ଥ୍ୟ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ସରପଞ୍ଚ ସୁଦାମ ବେହେରା ଏହାର ଉଦଘାଟନ କରିଥିଲେ। ପରେ ଡ଼ା. ଶ୍ୟାମସୁନ୍ଦର ମହାରଣା, ଡ଼ା. ସିଦ୍ଧେଶ୍ୱର ବେହେରା, ଡ଼ା. ଭାସ୍ୱତୀ ପଣ୍ଡା, ଡ଼ା. ସମରେନ୍ଦ୍ର ସାହୁଙ୍କ ନେତୃତ୍ୱରେ ଆସିଥିବା ଡାକ୍ତରୀ ଦଳ ଶତାଧିକ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ଯକ୍ଷ୍ମା, ମଧୁମେହ, ଦନ୍ତ ଚିକିତ୍ସା, ଥାଇରଏଡ଼ ତଥା ଗଣ୍ଠି ଯନ୍ତ୍ରଣା ଭଳି ଅନେକ ରୋଗରୁ କିପରି ହୋମିଓପ୍ୟାଥି ଔଷଧ ସେବନ ଦ୍ୱାରା ମୁକ୍ତି ମିଳିପାରିବ ସେନେଇ ସମସ୍ତଙ୍କୁ ପରାମର୍ଶ ଦେଇ ମାଗଣାରେ ଔଷଧ ବଣ୍ଟନ କରିଥିଲେ। ସମାଜସେବୀ ମନୋଜ ମିଶ୍ର, ସାମ୍ବାଦିକ ଦୁର୍ଗାମାଧବ ପାଣିଗ୍ରାହୀ, ରୋହିତ ବିଶ୍ୱାଳ, ମୃତ୍ୟୁଞ୍ଜୟ ବେହେରା, ଶିବ ବେହେରା, ଶଙ୍କର ଚର୍ଦ୍ଧି, ସୁଧୀର ମହାରଣା, ଡ଼ି. ବିକାଶ, କୁଞ୍ଜ ବିହାରୀ ନାୟକ, ଲିଙ୍ଗରାଜ ମହାପାତ୍ର ତଥା ସ୍ଥାନୀୟ ମା' ଚାମୁଣ୍ଡା ଫାଉଣ୍ଡେସନ କ୍ଲବ୍‌ର ସଦସ୍ୟମାନେ ସହାୟତା କରିଥିଲେ।

# ସବ୍-ଜୋନ୍‌ସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା

ବୁଗୁଡା, ୩୦।୮ (ସମିସ): ବୁଗୁଡା ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସ୍ଥାନୀୟ ପିପୁଲ୍ସ ହାଇସ୍କୁଲ ମିନି ଷ୍ଟାଡିୟମରେ ବୁଗୁଡା ଏବଂ ବାଲିପଦର ସବ୍‌ଜୋନ୍‌ସ୍ତରୀୟ ବିଦ୍ୟାଳୟ ସମୂହ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ବୁଗୁଡ଼ା ବ୍ଲକ ସ୍କୁଲ ସ୍ପୋର୍ଟସ ଏସୋସିଏସନ ସଭାପତି ତଥା ବିଇଓ ଚିନ୍ମୟ ମହାପାତ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥି ଭାବେ ପିପୁଲ୍ସ ହାଇସ୍କୁଲ ପ୍ରଧାନ ଶିକ୍ଷକ କାଳି ଚରଣ ବେହେରା, ଶ୍ରୀ ବିରଞ୍ଚି ନାରାୟଣ ବାଳିକା ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ କୃଷ୍ଣପ୍ରିୟା ମହାରଣା, ବୁଦ୍ଧଗିରି ବିଦ୍ୟାପୀଠ ପ୍ରଧାନ ଶିକ୍ଷକ ମୀନ କେତନ ବେହେରା ଯୋଗ ଦେଇ କ୍ରୀଡ଼ା ପ୍ରତିଯୋଗୀଙ୍କୁ ମାର୍ଗ ଦର୍ଶନ କରିବା ସହ ଉତ୍ସାହିତ କରିଥିଲେ। ଏ ଅବସରରେ ଉଭୟ ବରିଷ୍ଠ ଓ କନିଷ୍ଠ ବର୍ଗର ପ୍ରତିଯୋଗୀଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବୁଗୁଡା ବ୍ଲକ ସ୍କୁଲ ସ୍ପୋର୍ଟ୍ସ ଏସୋସିଏସନ ସେକ୍ରେଟାରୀ ବିଶ୍ୱେଶ୍ୱର ଗିରିଙ୍କ ତତ୍ତ୍ୱାବଧାନରେ ଆୟୋଜିତ କ୍ରୀଡ଼ା ପ୍ରତିଯୋଗିତା ଗୁଡିକୁ ପିପୁଲ୍ସ କଲେଜ କ୍ରୀଡା ଶିକ୍ଷକ କ୍ରିଷ୍ଣା ରାଓ ପାତ୍ରଙ୍କ ସମେତ ବିଭିନ୍ନ ହାଇସ୍କୁଲର କ୍ରୀଡ଼ା ଶିକ୍ଷକ ପ୍ରଣବ ମହନ୍ତ, ଲଳିତ ମୋହନ ସ୍ୱାଇଁ, ବିନୋଦ ବେହେରା, ଭଞ୍ଜ କିଶୋର ଗୌଡ଼, ଲିଙ୍ଗରାଜ ବାରିକ, ଲକ୍ଷ୍ମଣ ବେହେରା, ଅମୀୟ ରଞ୍ଜନ ଭୂୟାଁ ଓ ଶିକ୍ଷୟିତ୍ରୀ ରାଜଲକ୍ଷ୍ମୀ ସ୍ୱାଇଁ ପ୍ରମୁଖ ପରିଚାଳନା କରିଥିଲେ।

# ମଣ୍ଡଳସ୍ତରୀୟ ଦୌଡ଼କୁଦ ପ୍ରତିଯୋଗିତା

ବେଲଗୁଣ୍ଠା, ୩୦।୮ (ସମିସ): ବେଲଗୁଣ୍ଠା ବ୍ଲକ ଅନ୍ତର୍ଗତ ନାଟଙ୍ଗା ଦୀନବନ୍ଧୁ ବିଦ୍ୟାପୀଠରେ ନାଟଙ୍ଗା ମଣ୍ଡଳସ୍ତରୀୟ ବିଦ୍ୟାଳୟ ସମୂହ ଦୌଡ଼କୁଦ ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବେଲଗୁଣ୍ଠା ଗୋଷ୍ଠୀ ଶିକ୍ଷା ଅଧିକାରିଣୀ ଲୋପାମୁଦ୍ରା ରଥ ଯୋଗଦେଇ କ୍ରୀଡ଼ା ପ୍ରତିଯୋଗୀମାନଙ୍କୁ ଉତ୍ସାହିତ କରିଥିଲେ। ସମ୍ମାନିତ ଅତିଥି ରୂପେ ଅବସରପ୍ରାପ୍ତ କ୍ରୀଡା ଶିକ୍ଷକ ସୁରେନ୍ଦ୍ର ବିଶ୍ୱାଳ ଏବଂ ନାଟଙ୍ଗା ଦୀନବନ୍ଧୁ ବିଦ୍ୟାପୀଠ ପ୍ରଧାନ ଶିକ୍ଷକ ମନୋଜ କୁମାର ଘଡାଇ ଯୋଗ ଦେଇଥିଲେ। ବିଭିନ୍ନ ବିଦ୍ୟାଳୟର ପ୍ରାୟ ତିନିଶହ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ବେଲଗୁଣ୍ଠା ବ୍ଲକ କ୍ରୀଡ଼ା ସମ୍ପାଦକ ଆଶୁତୋଷ ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ସମସ୍ତ କ୍ରୀଡ଼ା ଶିକ୍ଷକ ପ୍ରତିଯୋଗିତାକୁ ପରିଚାଳନା କରିଥିଲେ।

# ସ୍ୱାୟତ୍ତ ଶାସନ ଦିବସରେ କ୍ରୀଡ଼ା ପ୍ରତିଯୋଗିତା



ସୋରଡ଼ା, ୩୦।୮ (ସମିସ): ସୋରଡ଼ାର ପ୍ରକାଶ ଚନ୍ଦ୍ର ମାଧ୍ୟମିକ ମହିଳା ବିଦ୍ୟାଳୟଠାରେ ଅଞ୍ଚଳର ବିଭିନ୍ନ ପ୍ରାନ୍ତରୁ ଆସିଥିବା ପିଲାମାନଙ୍କୁ ନେଇ ଏକ କବାଡ଼ି ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଯୁକ୍ତ ଦୁଇ ପ୍ରଥମ ଓ ଦ୍ୱିତୀୟ ବର୍ଷର ପିଲାଙ୍କୁ ନେଇ କବାଡି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପ୍ରତିଯୋଗିତାକୁ ଖେଳ ଶିକ୍ଷୟିତ୍ରୀ ଏଲିଜା ପଟ୍ଟନାୟକ ପରିଚାଳନା କରିଥିବା ବେଳେ ଅଧ୍ୟାପକ ରାଜେଶ କୁମାର ପାତ୍ର, ରୋହିତ କୁମାର ବିଷୋୟୀ ଓ ଅନ୍ୟ କର୍ମଚାରି ମାନେ ସହଯୋଗ କରିଥିଲେ। ଦୀର୍ଘ ସମୟ ଧରି ଚାଲିଥିବା କାର୍ଯ୍ୟକ୍ରମରେ ଏନଏସି ଅଧ୍ୟକ୍ଷ ଶିବ ଶଙ୍କର ପଣ୍ଡା ଓ ନିର୍ବାହୀ ଅଧିକାରୀ ଉମେଶ ଚନ୍ଦ୍ର ସାହୁ ପହଞ୍ଚି ଖେଳାଳୀ ମାନଙ୍କୁ ଉତ୍ସାହିତ କରିଥିଲେ।

## ମା'ତାରିଣୀ ରାଇସ୍ ମିଲ୍‌ରୁ ଚାଉଳ ସ୍ଥାନାନ୍ତରର ପ୍ରକ୍ରିୟା ଆରମ୍ଭ

# ଚାପରେ ଯୋଗାଣ ବିଭାଗ; କାର୍ଯ୍ୟାନୁଷ୍ଠାନ ଶୂନ

ଛତ୍ରପୁର/ପୁରୁଷୋତ୍ତମପୁର, ୩୦।୮ (ସମିସ)



ବେଆଇନ ଭାବେ ଚାଉଳ ଡେଲିଭରି ପ୍ରମାଣପତ୍ର ପାଇବା ଘଟଣାରେ ପୁରୁଷୋତ୍ତମପୁର ବ୍ଲକ ବାଲିଆ ମା' ତାରିଣୀ ରାଇସ ମିଲ୍ ପାଇଁ ଅଡୁଆ ବଢ଼ିବାରେ ଲାଗିଛି। ରାଜ୍ୟ ଯୋଗାଣ ନିଗମ ପରିଚାଳନା ନିର୍ଦ୍ଦେଶକ ଶନିବାର ଦୁଇଟି ଟିମ୍ କରି ଏହି ରାଇସ୍ ମିଲରୁ ଗଚ୍ଛିତ ଚାଉଳ, ଧାନ ଓ ଅଖାକୁ ଅନ୍ୟ ୨୦ଟି ମିଲ୍‌କୁ ସ୍ଥାନାନ୍ତର ପ୍ରକ୍ରିୟା ଆରମ୍ଭ ହୋଇଛି। ମାତ୍ର ବିଳମ୍ବ ଯୋଗୁଁ ଦୁଇଟି ଟିମ୍ ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। କାରଣ ଆଜି ସକାଳ ୯.୩୦ ରେ ଚଢ଼ଉ ସମୟ ରହିଥିବା ବେଳେ ଦିନ ଗୋଟାଏରେ ପହଞ୍ଚି ଥିଲେ ମଧ୍ୟ କୌଣସି କାମ ନକରି ବସି ରହିଥିଲେ ଅଧିକାରୀ। ପରେ ଅପରାହ୍ନରେ ଧୀରେ ଧୀରେ କାର୍ଯ୍ୟ ଆରମ୍ଭ ହୋଇଥିଲା। ଫଳରେ ଯୋଗାଣ ବିଭାଗର ଅଧିକାରୀ କାହା ଚାପରେ ରହିଛନ୍ତି ନା ଆଉ କେଉଁ କାରଣ ଯୋଗୁଁ କାମ ବିଳମ୍ବରେ କରୁଛନ୍ତି। ସବୁ ପ୍ରମାଣ ପରେ କାହିଁକି ପ୍ରଶାସନ କାର୍ଯ୍ୟାନୁଷ୍ଠାନ ନେଉନାହାନ୍ତି ତାକୁ ନେଇ ବିରାଟ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ପୁରୁଷୋତ୍ତମପୁର ବ୍ଲକ ବାଲିଆ ଗ୍ରାମର ମା' ତାରିଣୀ ରାଇସ୍ ମିଲ୍ ନାମରେ ପୂର୍ବରୁ ଜିଲ୍ଲା ଯୋଗାଣ ଅଧିକାରୀଙ୍କ ଜାଲ୍ ଦସ୍ତଖତ କରି ଗୋଦାମକୁ ଚାଉଳ ଯୋଗାଣ ଭଳି ସଙ୍ଗୀନ ଅଭିଯୋଗ ରହିଥିଲା। ଏହି ଅଭିଯୋଗକୁ ଭିତ୍ତିକରି ଏକ ମାସ ହେବ ପ୍ରଶାସନ ପକ୍ଷରୁ ବାରମ୍ବାର ଚଢ଼ଉ କରାଯାଇଥିବା ବେଳେ ଆଜି ମିଲର ଧାନ ଚାଉଳ ସ୍ଥାନାନ୍ତର ନେଇ ପ୍ରଶାସନିକ ଅଧିକାରୀ ମାନେ ପହଞ୍ଚିଛନ୍ତି। ମିଲ୍‌ର ତିନି ଗୋଦାମରେ ଥିବା ଧାନ, ଚାଉଳ ଏବଂ ଅଖାକୁ ଆଖପାଖ ଅଞ୍ଚଳର ୨୦ଟି ମିଲ୍‌କୁ ସ୍ଥାନାନ୍ତର କରିବା ନେଇ ରାଜ୍ୟ ଯୋଗାଣ ନିଗମ ପରିଚାଳନା ନିର୍ଦ୍ଦେଶକ ନିର୍ଦ୍ଦେଶ ପରେ ଦୁଇଟି ଟିମ ରାଇସ ମିଲରେ ପହଞ୍ଚିଛନ୍ତି। ଗୋଟିଏ ଟିମ୍ ପୁରୁଷୋତ୍ତମପୁର ତହସିଲଦାରଙ୍କ ନେତୃତ୍ୱରେ ଯୋଗାଣ ବିଭାଗ ଏବଂ ଅନ୍ୟ ବିଭାଗରୁ ୮ ଜଣ ଅଧିକାରୀଙ୍କୁ ନେଇ ଗଢ଼ିଛନ୍ତି ଜିଲ୍ଲାପାଳ। ସେହିପରି ଅନ୍ୟ ଏକ ଟିମ ପୁରୁଷୋତ୍ତମପୁର ଅତିରିକ୍ତ ତହସିଲଦାରଙ୍କ ନେତୃତ୍ୱରେ ଗଠିତ ଟିମରେ ମଧ୍ୟ ଅନୁରୂପ ୮ ଜଣ ସାମିଲ ଅଛନ୍ତି। ଦୁଇଟି ଟିମ ରେ ଛତ୍ରପୁର, କବିସୂର୍ଯ୍ୟନଗର, ଖଲ୍ଲିକୋଟ, ଦିଗପହଣ୍ଡି, ବ୍ରହ୍ମପୁରର ଯୋଗାଣ ଅଧିକାରୀ, ଗୁଣବତ୍ତା ବିଶ୍ଳେଷକ, ଲିଗାଲ ମେଟ୍ରୋଲୋଜି ଇନ୍ସପେକ୍ଟର ମାନେ ପହଞ୍ଚି ମିଲକୁ ଯାଞ୍ଚ କରିବା ସହ ପୁରୁଷୋତ୍ତମପୁର ୮ ମିଲ୍, କବିସୂର୍ଯ୍ୟନଗର ୭ଟି ଖଲ୍ଲିକୋଟର ୨ଟି ଏବଂ ଗଞ୍ଜାମ ବ୍ଲକର ୩ଟି ମିଲ୍ ମିଶି ସମୁଦାୟ ୨୦ ଟି ମିଲକୁ ୭ଦିନ ମଧ୍ୟରେ ଗଚ୍ଛିତ ଥିବା ଧାନ ଚାଉଳ ଓ ଅଖା ହସ୍ତାନ୍ତର କରାଯିବ ନେଇ ଜିଲ୍ଲା ଯୋଗାଣ ଅଧିକାରୀ କହି ସ୍ଥାନାନ୍ତରିତ ପ୍ରକ୍ରିୟା ଆରମ୍ଭ କରିଛନ୍ତି। ଏହା ଆସନ୍ତା ୭ଦିନ ଧରି ଚାଲିବ, କିନ୍ତୁ ସକାଳ ୯ଟା ସମୟରେ ମିଲ୍‌ରେ ଅଧିକାରୀ ମାନେ ପହଞ୍ଚିବା ଜିଲ୍ଲାପାଳଙ୍କ ଚିଠିରେ ଉଲ୍ଲେଖ ଥିବାବେଳେ ଅଧିକାରୀ ମାନେ ଅପରାହ୍ନ ୧ଟା ପହଞ୍ଚି ଥିଲେ। ୩ଟା ସମୟରେ ଗଚ୍ଛିତ ଥିବା ଚାଉଳକୁ ସ୍ଥାନାନ୍ତରିତ ଆରମ୍ଭ ହୋଇଥିଲା। ଶନିବାର ଦିନ ପ୍ରାୟ ୪୦୦ କ୍ୱିଣ୍ଟାଲ ଚାଉଳ ସ୍ଥାନାନ୍ତରିତ ହୋଇ ପାରିବ ବୋଲି ଜିଲ୍ଲା ଯୋଗାଣ ଅଧିକାରୀ ପ୍ରଦ୍ୟୁମ୍ନ କୁମାର ରାଉତରାୟ କହିଛନ୍ତି। ଏହି ମିଲ୍‌ରେ ୨୭ ହଜାର କ୍ୱିଣ୍ଟାଲ୍ ଧାନ ଏବଂ ଚାଉଳ କମ୍ ଥିବା ନେଇ ଅଭିଯୋଗ ହେବା ପରେ ଏହି ପ୍ରକ୍ରିୟା ଆରମ୍ଭ ହୋଇଛି।

# ସାର ବିକ୍ରୟ କେନ୍ଦ୍ରରେ ସ୍ୱତନ୍ତ୍ର ଟିମ୍‌ର ଚଢ଼ଉ



ଧରାକୋଟ, ୩୦।୮ (ସମିସ): ଗଞ୍ଜାମ ଜିଲ୍ଲାପାଳ ଓ ଜିଲ୍ଲା କୃଷି ଅଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ବ୍ଲକସ୍ତରୀୟ ଏକ ସ୍କ୍ୱାର୍ଡ ଟିମ ବିଭିନ୍ନ ବେସରକାରୀ ସାର ବିକ୍ରୟ କେନ୍ଦ୍ର ଓ ସେବା ସମବାୟ ସମିତି ଗୁଡିକରେ ଚଢ଼ଉ କରିଛନ୍ତି। ଏହି ଟିମରେ ତହସିଲଦାର ଲମ୍ବୋଦର ମାରାଣ୍ଡି, ବ୍ଲକ କୃଷି ଅଧିକାରୀ ବିଶ୍ୱନାଥ ବେହେରା, ସହକାରୀ କୃଷି ଅଧିକାରୀ ଅନିଲ କୁମାର ବେହେରା ଧରାକୋଟ ପୁଲିସ ସହାୟତାରେ ଢ଼ଉଗାଁ ସ୍ଥିତ ଜୁଆରି ଅଗ୍ରୋ, ଭଣ୍ଡାରିବସା ସ୍ଥିତ ସତ୍ୟସାଇ ଫର୍ଟିଲାଇଯାର ଏବଂ ସମବାୟ ସମିତି ଗୁଡ଼ିକର କାଗଜ ପତ୍ର ଯାଞ୍ଚ କରିବା ସହ ସାର ଗୋଦାମ ଗୁଡ଼ିକର ତନଖି କରିଥିଲେ। ୟୁରିଆ ସାରର କଳାବଜାରୀ ରୋକିବାକୁ ଟିମ ତରଫରୁ ଏପରି ଚଢ଼ାଉ କରାଯାଇଥିବା ବେଳେ ଗଚ୍ଛିତ ସାରକୁ ଚଢ଼ା ଦରରେ ନବିକ୍ରୀ କରିବା ପାଇଁ ବ୍ଲକ କୃଷି ଅଧିକାରୀ ସମସ୍ତଙ୍କୁ ତାଗିଦ କରିବା ସହ ନିୟମ ଖିଲାପ କାରିଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।

# ଡ୍ରଗ୍ସ ଇନ୍ସପେକ୍ଟରଙ୍କ ଦାୟିତ୍ୱ ଗ୍ରହଣ



ଛତ୍ରପୁର, ୩୦।୮ (ସମିସ): ଗଞ୍ଜାମ ଜିଲ୍ଲା ଗଞ୍ଜାମ-୨ୟ ମଣ୍ଡଳ ଛତ୍ରପୁର ଭେଷଜ ନିରୀକ୍ଷକ (ଡ୍ରଗ୍ସ ଇନ୍ସପେକ୍ଟର) ଭାବେ ଶନିବାର ପ୍ରଶାନ୍ତ କୁମାର ସେଠୀ ଦାୟିତ୍ୱ ଗ୍ରହଣ କରିଛନ୍ତି। ଶ୍ରୀ ସେଠୀ ଆଜି ଦାୟିତ୍ୱ ଗ୍ରହଣ ଅବସରରେ ଛତ୍ରପୁର ଅଞ୍ଚଳରେ ଥିବା ସମସ୍ତ ଔଷଧ ଦୋକାନିମାନେ ତାଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ଜଣାଇଥିଲେ। ପୂର୍ବରୁ ଦାୟିତ୍ୱରେ ଥିବା ଭେଷଜ ନିରୀକ୍ଷକ ଲଳିତ୍ କୁମାର ସାହୁ ବ୍ରହ୍ମପୁରକୁ ବଦଳି ହୋଇଛି।

# ଜାତୀୟ କ୍ରୀଡ଼ା ଦିବସ

ବୁଗୁଡ଼ା, ୩୦।୮ (ସମିସ): ସ୍ଥାନୀୟ ପିପୁଲ୍ସ କଲେଜର କ୍ରୀଡା ପରିଷଦ ପକ୍ଷରୁ ୧୪ତମ ଜାତୀୟ କ୍ରୀଡ଼ା ଦିବସ ପାଳିତ ହୋଇଯାଇଛି। ଏ ଅବସରରେ ବୁଗୁଡ଼ା ସହର ମୁଖ୍ୟ ସଡ଼କରେ ଏକ ମାରାଥନ ଦୌଡ଼ ସାଙ୍ଗକୁ କଲେଜର କ୍ରୀଡ଼ା ପ୍ରାଙ୍ଗଣରେ +୨ ଓ +୩ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଉଭୟ ପୁରୁଷ ଓ ମହିଳା ବର୍ଗର ଦୌଡ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି କ୍ରୀଡା ପ୍ରତିଯୋଗିତା ଗୁଡ଼ିକର ପରିଚାଳନାରେ ଅଧ୍ୟାପକ ଦିଲ୍ଲୀପ କୁମାର ସେଠୀ ସହଯୋଗ କରିଥିଲେ। କଲେଜ ଉପାଧ୍ୟକ୍ଷ ହରିକୃଷ୍ଣ ନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଫେସର ସୁବାସ ଚନ୍ଦ୍ର ପରିଡ଼ା, ସମ୍ମାନିତ ଅତିଥି ଭାବେ ତାଳସାକର ହାଇସ୍କୁଲ କ୍ରୀଡ଼ା ଶିକ୍ଷକ ଭଞ୍ଜ କିଶୋର ଗୌଡ଼ ଓ ଅନ୍ତରପଡ଼ା ହାଇସ୍କୁଲ କ୍ରୀଡା ଶିକ୍ଷକ ହରିହର ବିଶ୍ୱାଳ ଯୋଗଦେଇ ଖ୍ୟାତନାମା ହକି ଖେଳାଳି ମେଜର ଧ୍ୟାନଚାନ୍ଦ ସିଂଙ୍କ ସ୍ମୃତିଚାରଣ କରିଥିଲେ। ଏ ଅବସରରେ ଉଭୟ ଆୟୋଜିତ ଦୌଡ଼ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। କ୍ରୀଡ଼ା ଶିକ୍ଷକ କ୍ରିଷ୍ଣା ରାଓ ପାତ୍ର ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ପରିଶେଷରେ କ୍ରୀଡ଼ା ଶିକ୍ଷକ ଶ୍ରୀନିବାସ ଦୋରା ଧନ୍ୟବାଦ ଅର୍ପଣ କରିଥିଲେ।



# ରାଷ୍ଟ୍ରୀୟ କ୍ରୀଡ଼ା ଦିବସ



ଗଞ୍ଜାମ, ୩୦।୮ (ସମିସ): ସ୍ୱେଚ୍ଛାସେବୀ ଅନୁଷ୍ଠାନ ଦିଗ୍‌ଦର୍ଶନ ଫାଉଣ୍ଡେସନ ଆନୁକୂଲ୍ୟରେ ରାଷ୍ଟ୍ରୀୟ କ୍ରୀଡା ଦିବସ ପାଳିତ ହୋଇଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ଓଡ଼ିଶା ସମ୍ବାଦିକ ସଙ୍ଘର ଗଞ୍ଜାମ ଜିଲ୍ଲା କାର୍ଯ୍ୟକାରୀ ସଭାପତି ତଥା ଅନୁଷ୍ଠାନର ସଭାପତି ଉମାକାନ୍ତ ବେହେରା ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥିଭାବେ ରାଜ୍ୟପାଳ ପୁରସ୍କାରପ୍ରାପ୍ତ ଶିକ୍ଷାବିତ ବିଜୟ କୁମାର ବିଶ୍ୱାଳ ଯୋଗଦେଇ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ କହିଥିଲେ। ମୁଖ୍ୟବକ୍ତା ଭାବେ ଗଞ୍ଜାମ ପ୍ରେସକ୍ଲବ ସଭାପତି ଶବର କୁମାର ତରାଇ ଯୋଗଦେଇଥିଲେ। ଗଞ୍ଜାମ ପ୍ରେସ୍ କ୍ଲବ କୋଷାଧ୍ୟକ୍ଷ ପ୍ରଦୀପ କୁମାର ପଣ୍ଡା, ସମାଜସେବୀ ସୁବାସ ଚନ୍ଦ୍ର ସାହୁ, ରାଧାରମଣ ପାଢ଼ୀ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଓଜେୟୁ ରାଜ୍ୟ ମହିଳା ଆବାହିକା ତଥା ଦିଗଦର୍ଶନ ଅନୁଷ୍ଠାନର ସମ୍ପାଦିକା ବିଜୟଲକ୍ଷ୍ମୀ ମହାଙ୍କୁଡ଼ଙ୍କ ପରାମର୍ଶକ୍ରମେ ଯୁବକ, ଯୁବତୀ ମାନଙ୍କର କବାଡି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଶେଷରେ ବିଜୟୀ ଦଳ ମାନଙ୍କୁ ପୁରସ୍କୃତ କରାଯାଇଥିଲା। ସମାଜସେବୀ ଜେ. ଟିଟୁ ଓ ସି.ଏଚ ପଦ୍ମିନୀ ସମସ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ପୁଲିସ କ୍ରୀଡ଼ାବିତ୍ ସମ୍ମାନିତ

ଛତ୍ରପୁର, ୩୦।୮ (ସମିସ): ଗଞ୍ଜାମ ପୁଲିସ ଜିଲ୍ଲାର କନେଷ୍ଟବଲ ତଥା କ୍ରୀଡ଼ାବିତ ଏବଂ ଛତ୍ରପୁରର ସୁପରିଚିତ ବଡିବିଲଡର ବଲାଲ ଖାନଙ୍କୁ ଓଡ଼ିଶା ରାଜ୍ୟ ପୋଲିସ ମହାନିର୍ଦ୍ଦେଶକ(ଡିଜିପି) ଯୋଗେଶ ବାହାଦୁର ଖୁରାନିଆ ସମ୍ମାନିତ କରିବା ସହିତ ମେଡାଲ ଏବଂ ପ୍ରଶଂସା ପତ୍ର ପ୍ରଦାନ କରିଛନ୍ତି। କଟକ ସ୍ଥିତ ଡିଜିପି କାର୍ଯ୍ୟାଳୟ ପରିସରରେ ଆୟୋଜିତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଏହା ପ୍ରଦାନ କରାଯାଇଛି। ୨୦୨୪- ୨୫ ବର୍ଷରେ ଲକ୍ଷ୍ନୌ ଠାରେ ଆୟୋଜିତ ଅଲ ଇଣ୍ଡିଆ ଲେବଲ ପୁଲିସ ପ୍ରତିଯୋଗିତାରେ ଶ୍ରୀ ଖାନ୍ ବେଶ ସଫଳତା ହାସଲ କରିଥିଲେ। ଏହାକୁ ଆଧାର କରି ତାଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ସମ୍ବର୍ଦ୍ଧନା ପାଇବା ପରେ ସେ ଗଞ୍ଜାମ ଏସପିଙ୍କ ଠାରୁ ଆରମ୍ଭ କରି ସମସ୍ତ ପୁଲିସ ଅଧିକାରୀ ଓ କର୍ମଚାରୀ ଏବଂ କ୍ରୀଡ଼ାବିତ ମାନଙ୍କୁ ଧନ୍ୟବାଦ ଅର୍ପଣ କରିଛନ୍ତି। ଏହା ପୂର୍ବରୁ ସେ ବହୁବାର ବିଭିନ୍ନ ଜାତୀୟ, ରାଜ୍ୟ ଏବଂ ଜିଲ୍ଲାସ୍ତରରେ ପୁରସ୍କୃତ ହେବା ସହିତ, ବିଭିନ୍ନ ପ୍ରତିଯୋଗିତାରେ ନିଜର ଦକ୍ଷତା ଦେଖାଇ ବେଶ ସଫଳତା ହାସଲ କରିଛନ୍ତି।

# ପୋଲସରା ଏନ୍‌ଏସି ହେବ ପୌରପାଳିକା

ପୋଲସରା, ୩୦।୮ (ସମିସ): ପୋଲସରା ଏନ୍‌ଏସିକୁ ମିଳିବ ପୌରପାଳିକାର ମାନ୍ୟତା। ସ୍ୱାୟତ୍ତ ଶାସନ ଦିବସ ଅବସରରେ ଭିଡ଼ିଓ କନଫେରେନ୍ସ ଜରିଆରେ ମୁଖ୍ୟମନ୍ତ୍ରୀ କରିପାରନ୍ତି ଘୋଷଣା। ଏଭଳି କିଛି ଖବର ପୋଲସରା ସହରରେ ଏବେ ଚର୍ଚ୍ଚା। ଏସବୁ ଚର୍ଚ୍ଚା ପଛର କାରଣ ହେଲା ଏନ୍‌ଏସି ପକ୍ଷରୁ ଚାଲିଥିବା ପ୍ରସ୍ତୁତି ଓ କର୍ମଚାରୀଙ୍କ ମଧ୍ୟରେ ଦେଖାଦେଇଥିବା ତତ୍ପରତା। ପୋଲସରା ବିଧାୟକ ତଥା ମତ୍ସ୍ୟ ଓ ପଶୁ ସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲିକ ପୋଲସରା ପୌରପାଳିକା ହେବାକୁ ସମସ୍ତ ଯୋଗ୍ୟତା ଥିବାନେଇ ରାଜ୍ୟ ସରକାରଙ୍କ ନଗର ଉନ୍ନୟନ ବିଭାଗକୁ ଚିଠି ଲେଖି ଗତ ଏପ୍ରିଲ ୨ରେ ଅନୁରୋଧ କରିଥିଲେ। ଏହାପରେ ଏନଏସି କାର୍ଯ୍ୟାଳୟକୁ ସରକାରଙ୍କ ତରଫରୁ ଚିଠି ଆସିଥିଲା। ଏନଏସି ପକ୍ଷରୁ ସମସ୍ତ ଆବଶକୀୟ କାଗଜପତ୍ର, ଅନୁସଙ୍ଗିକ ତଥ୍ୟ ସହ ନଥିପତ୍ର ସବୁ ନଗର ଉନ୍ନୟନ ବିଭାଗ, ଗଞ୍ଜାମ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ପ୍ରଦାନ କରାଯାଇଥିଲା। ଅନ୍ୟପକ୍ଷରେ ଅଗଷ୍ଟ ୩୧ରେ ପାଳନହେବାକୁ ଥିବା ସ୍ୱାୟତ୍ତ ଶାସନ ଦିବସ ନଚେତ ଅଳ୍ପ କିଛିଦିନ ମଧ୍ୟରେ ଏନ୍‌ଏସିକୁ ପୌରପାଳିକାର ମାନ୍ୟତା ମିଳିବା ଏକ ପ୍ରକାର ନିଶ୍ଚିତ। ଏପରିକି ଘୋଷଣା ପରେ ଏନେଇ ଉତ୍ସବ ପାଳନ ପାଇଁ ପ୍ରସ୍ତୁତି ଚାଲିଛି। ଏନେଇ କାର୍ଯ୍ୟନିର୍ବାହୀ ଅଧିକାରୀ କୈଳାଶ ଚନ୍ଦ୍ର ଜେନାଙ୍କ କହିବା କଥା ହେଲା ମନ୍ତ୍ରୀ ଗୋକୁଳାନନ୍ଦ ମଲିକଙ୍କ ପ୍ରଚେଷ୍ଟାରେ ଏକ ଚିଠି ଆସିଥିଲା ପୌରପାଳିକା ମାନ୍ୟତା ପାଇଁ ଆବଶ୍ୟକୀୟ କାଗଜପତ୍ର ଦାଖଲ କରିବାକୁ। ସେବେଠୁ ହିଁ ପ୍ରସ୍ତୁତି କାମ ଚାଲିଛି ଓ ଆଶା କରାଯାଉଛି କି ଅତିଶୀଘ୍ର ଆମକୁ ପୌରପାଳିକା ମାନ୍ୟତା ମିଳିବ।

# ଜୋନାଲ୍‌ସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା

ପୋଲସରା, ୩୦।୮ (ସମିସ): ପୋଲସରା ବ୍ଲକ ବେଲଗାଁ ପଞ୍ଚାୟତରେ ଏକଦିବସୀୟ ଜୋନାଲ୍‌ସ୍ତରୀୟ ସାମୂହିକ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଗୋପବନ୍ଧୁ ହାଇସ୍କୁଲ ପୋଲସରାର ପ୍ରଧାନ ଶିକ୍ଷକ ସଙ୍କର୍ଷଣ ସଡଙ୍ଗୀ ଯୋଗଦେଇ କାର୍ଯ୍ୟକ୍ରମର ଉଦଘାଟନ କରିଥିଲେ। ମୁଖ୍ୟଅତିଥି ଭାବେ ସରପଞ୍ଚ ମନୋଜ କୁମାର ପ୍ରଧାନ ଏବଂ ସମ୍ମାନୀତ ଅତିଥିଭାବେ ଲିଙ୍ଗରାଜ ବାଳିକା ହାଇସ୍କୁଲ୍ ପ୍ରଧାନ ଶିକ୍ଷକ ଅମିୟପ୍ରସାଦ ସାହୁ, ଉକ୍ତ ବିଦ୍ୟାପୀଠର ପ୍ରଧାନ ଶିକ୍ଷୟିତ୍ରୀ ଗୀତା ବିଷୋୟୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଅତିଥିବୃନ୍ଦ ମାର୍ଗଦର୍ଶନ ଏଙ୍ଗ କ୍ରୀଡାର ମହତ୍ୱ ଉପରେ ନିଜନିଜର ମତ ପ୍ରକାଶ କରିବାସହ ପ୍ରତିଯୋଗୀ ଛାତ୍ରଛାତ୍ରୀଙ୍କ ସଫଳତା କାମନା କରିଥିଲେ। ପରେ କନକଦୁର୍ଗା ବିଦ୍ୟାପୀଠ, ଗୋପବନ୍ଧୁ ହାଇସ୍କୁଲ, ଲିଙ୍ଗରାଜ ବାଳିକା ହାଇସ୍କୁଲ୍, ବାଲୁକେଶ୍ୱର ହାଇସ୍କୁଲ୍, ପୋଲସରା ବିଜ୍ଞାନ ମହାବିଦ୍ୟାଳୟ, ପୋଲସରା ଆଞ୍ଚଳିକ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ସମେତ ପୋଲସରା ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟରୁ ଛାତ୍ରଛାତ୍ରୀମାନେ ଯୋଗଦେଇଥିଲେ। କାର୍ଯ୍ୟକ୍ରମଟି ଚାରିଜୋନର ମୁଖ୍ୟ କ୍ରୀଡା ପରିଚାଳକ ଜ୍ଞାନ ରଞ୍ଜନ ଜାଳିଙ୍କ ନେତୃତ୍ୱରେ ହୋଇଥିବାବେଳେ ପ୍ରତିଯୋଗିତାରେ ବିଭିନ୍ନ ଶିକ୍ଷାନୁଷ୍ଠାନରୁ ଆସିଥିବା ଶିକ୍ଷକ ଓ ଶିକ୍ଷୟିତ୍ରୀ ପ୍ରହଲ୍ଲାଦ ସାହୁ, ରାଜଦୀପ ଡ଼ାକୁଆ, ହରିହର ସାହୁ, ସିଦ୍ଧେଶ୍ୱର ପତି, ସନ୍ତୋଷ କୁମାର ପ୍ରଧାନ, ଦୀପକ ପ୍ରଧାନ, ସନ୍ଧ୍ୟା କୁମାରୀ ନାୟକ ସହଯୋଗ କରିଥିଲେ।



# ଗଞ୍ଜାମ ଜିଲ୍ଲା ବିକାଶ ମଞ୍ଚ ପକ୍ଷରୁ ବିନାୟକ ଆଚାର୍ଯ୍ୟଙ୍କ ଜୟନ୍ତୀ




ବ୍ରହ୍ମପୁର, ୩୦।୮ (ସମିସ)

ଗଜପତି ନଗର ୫ମ ଗଳି ସ୍ଥିତ ମହାନଗର ନିଗମ ପାଠାଗାରରେ ଗଞ୍ଜାମ ଜିଲ୍ଲା ବିକାଶ ମଞ୍ଚ ପକ୍ଷରୁ ପୂର୍ବତନ ମୁଖ୍ୟମନ୍ତ୍ରୀ ବିନାୟକ ଆଚାର୍ଯ୍ୟଙ୍କ ୧୦୭ତମ ଜୟନ୍ତୀ ଉତ୍ସବ ପାଳିତ ହୋଇଛି। ଗଞ୍ଜାମ ଜିଲ୍ଲା ବିକାଶ ମଞ୍ଚ ସଭାପତି ରାଜେନ୍ଦ୍ର କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଲୋକସେବକ ମଣ୍ଡଳର ରାଷ୍ଟ୍ରୀୟ ସମ୍ପାଦକ ରାଜେନ୍ଦ୍ର କୁମାର ଜେନା, ମୁଖ୍ୟ ବକ୍ତା ରାଜନୀତି ବିଭାଗ ପ୍ରଫେସର ଡ. ବିଷ୍ଣୁ ଚରଣ ଚୌଧୁରୀ, ସମ୍ମାନିତ ଅତିଥି ଭାବେ ନବୀନ ସମ୍ପାଦକ ରବି ରଥ ଓ ବ୍ରହ୍ମପୁର ପୂର୍ବତନ ବିଧାୟକ ଡ଼ା. ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ ଓ ସ୍ଥାନୀୟ କର୍ପୋରେଟର ସମିର କୁମାର ମିଶ୍ର ଯୋଗ ଦେଉଥିଲେ। କାର୍ଯ୍ୟକ୍ରମରେ ଅତିଥି ମାନେ ସ୍ୱର୍ଗତ ବିନାୟକ ଆଚାର୍ଯ୍ୟଙ୍କ ସଂସ୍କାରିତ ନୀତି, ନୈତିକତାପୂର୍ଣ୍ଣ ବିଦ୍ୟାର୍ଥୀ ଜୀବନ, ସମର୍ପିତ ସମାଜସେବା, ଅନ୍ଧବିଶ୍ୱାସ ଓ କୁସଂସ୍କାର ବିରୋଧରେ ଜନ ଜାଗରଣ, ସାମାଜିକ ଜୀବନରେ ଶୃଙ୍ଖଳା ଓ ସଂସ୍କାର ସମ୍ପର୍କରେ ଆଲୋଚନା କରିଥିଲେ। ଗଞ୍ଜାମ ଜିଲ୍ଲା ବିକାଶ ମଞ୍ଚ ଓ ସଂସ୍କାରବାଦୀ ସଂଗଠନ ମିଳିତ ଆନୁକୂଲ୍ୟରେ ଶନିବାର ସକାଳ ସମୟରେ ଆସ୍କାରୋଡ ସ୍ଥିତ ବିନାୟକ ଆଚାର୍ଯ୍ୟ ସ୍ମୃତି ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ରହିଥିବା ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହ ତାଙ୍କ ସ୍ମୃତି ଚାରଣ କରାଯାଇଥିଲା। କାର୍ଯ୍ୟକ୍ରମରେ ସଂସ୍କାରବାଦୀ ସଂଗଠନ ସଭାପତି ତ୍ରିନାଥ ମହାରଣା, ବିନାୟକ ଆଚାର୍ଯ୍ୟ ମେମୋରିଆଲ ଟ୍ରଷ୍ଟ ସମ୍ପାଦକ ଡ.ଶିବପ୍ରସାଦ ମିଶ୍ର, ଶିକ୍ଷାବିତ୍ ଶ୍ୟାମସୁନ୍ଦର ଖାଡ଼ଙ୍ଗା, ଅଶୋକ ଦଳାଇ, ସାହିତ୍ୟିକ ହାଡୁବନ୍ଧୁ ମାଳି, ସୁବାଷ ଚନ୍ଦ୍ର ମିଶ୍ର, ସୀମାଞ୍ଚଳ ସାହୁ, କବିରାଜ ସାଇଁ, ଅଶୋକ ଦଳାଇ, ସଞ୍ଜୟ କୁମାର ତ୍ରିପାଠୀ, ଶିବ ପ୍ରସାଦ ମିଶ୍ର ଓ ଦିଲ୍ଲିପ କୁମାର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

# 'ବିନାୟକ ଆଚାର୍ଯ୍ୟ ସ୍ମାରକୀ ବକ୍ତୃତାମାଳା'



ବ୍ରହ୍ମପୁର, ୩୦।୮ (ସମିସ): ବିନାୟକ ଆଚାର୍ଯ୍ୟ ସରକାରୀ ମହାବିଦ୍ୟାଳୟ ପକ୍ଷରୁ ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ବିନାୟକ ଆଚାର୍ଯ୍ୟଙ୍କ ୧୦୭ତମ ଜୟନ୍ତୀ ପାଳନ କରାଯାଇଛି। ଏ ପରିପ୍ରେକ୍ଷୀରେ 'ବିନାୟକ ଆଚାର୍ଯ୍ୟ ସ୍ମାରକୀ ବକ୍ତୃତାମାଳା' ସମାରୋହ ଆୟୋଜିତ ହୋଇଥିଲା। ମହାବିଦ୍ୟାଳୟର ଅଧ୍ୟକ୍ଷା ଡ. ପ୍ରମିଳା ଖାଡ଼ଙ୍ଗାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ ପ୍ରାକ୍ତନ କୁଳସଚିବ ପ୍ରଫେସର୍ ଉତ୍ତମା ଜେନା ଯୋଗ ଦେଇ ସ୍ୱର୍ଗତ ବିନାୟକ ଆଚାର୍ଯ୍ୟ ଜୀବନୀ ସମ୍ପର୍କରେ ଆଲୋଚନା କରିଥିଲେ। ସମାରୋହରେ ମୁଖ୍ୟବକ୍ତା ଭାବେ ବିଶିଷ୍ଟ ଐତିହାସିକ ତଥା ପ୍ରାବନ୍ଧିକ ଡକ୍ଟର୍ କୈଳାସ ଚନ୍ଦ୍ର ଦାସ ଯୋଗଦେଇ ସ୍ୱର୍ଗତ ବିନାୟକ ଆଚାର୍ଯ୍ୟଙ୍କ ଛାତ୍ର ଜୀବନ, ସାଙ୍ଗଠନିକ ଦକ୍ଷତା, ନେତୃ ସ୍ଥାନୀୟ ପାରଦର୍ଶିତା, ଆଦର୍ଶ ଶିକ୍ଷକ ଜୀବନ ଓ ସାଧୁତାସମ୍ପନ୍ନ ରାଜନୀତିକ ବ୍ୟକ୍ତିତ୍ୱ ସମ୍ପର୍କରେ ଆଲୋଚାନ କରିଥିଲେ। ସେହିପରି ସମ୍ମାନିତ ଅତିଥି ଭାବେ ସ୍ନାତକୋତ୍ତର ଓଡ଼ିଆ ବିଭାଗ ମୁଖ୍ୟ ଡ. କୁଳମଣି ଓଝା ଯୋଗ ଦେଇ ବିନାୟକ ଆଚାର୍ଯ୍ୟଙ୍କ ସଂସ୍କାରିତ ନୀତି, ନୈତିକତାପୂର୍ଣ୍ଣ ବିଦ୍ୟାର୍ଥୀ ଜୀବନ ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ବିନାୟକ ଆଚାର୍ଯ୍ୟ ସ୍ମାରକୀ ବକ୍ତୃତାମାଳା ସମିତି ମୁଖ୍ୟ ଅଧିକାରୀ ଡ. ଗଙ୍ଗାଧର ବେହେରା ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ସମିତିର ସହଯୋଗୀ ଅଧିକାରୀ ଡ. ଶିବାନୀ ମିଶ୍ର ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ। ଶେଷରେ ବକ୍ତୃତାମାଳା ସମିତିର ସହଯୋଗୀ ଅଧିକାରୀ ଡ. ମଧୁମିତା ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ମୁଦ୍ରା ବିନିମୟ ମୂଲ୍ୟ



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୮.୭୫ ● ପାଉଣ୍ଡ ୧୧୯.୮୨
- ୟୁରୋ ୧୦୩.୦୨ ● ୟେନ୍ ୦.୬୦

## ସୁନା, ରୁପା ଦର (ଟଙ୍କାରେ)



୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୯୪,୭୦୦ (ଭୁବନେଶ୍ୱର)
- ରୁପା : ୧,୨୨,୭୦୦ (କେଜି)



## ଷ୍ଟକ୍ ମାର୍କେଟ୍

ବଜାର କାରବାର (ପଏଣ୍ଟରେ)
- ସେନ୍ସେକ୍ସ ୭୯,୮୦୯.୦୦
- ନିଫ୍ଟି ୨୪,୪୨୬.୦୦



## ପେଟ୍ରୋଲ-ଡିଜେଲ୍

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦



### ବିଫଳ ହେଲା ଟ୍ରମ୍ପଙ୍କ ଅପପ୍ରଚାର

# ରୁଷ୍ ତେଲ କିଣି ୟୁକ୍ରେନ୍‌କୁ ବିକୁଛି ଭାରତ

ନୂଆଦିଲ୍ଲୀ, ୩୦।୮ (ଏଜେନ୍ସି)

ରୁଷଠାରୁ ତୈଳ କିଣିବାକୁ ନେଇ ଆମେରିକ ଭାରତ ଉପରେ ଅତିରିକ୍ତ ୨୫ ପ୍ରତିଶତ ଶୁଳ୍କ ଲଗାଇଛି। ତେଲ କିଣି ୟୁକ୍ରେନ ଯୁଦ୍ଧକୁ ଭାରତ ଅର୍ଥ ଯୋଗାଉଛି ବୋଲି ଆମେରିକା ଏବଂ ୟୁରୋପୀୟ ରାଷ୍ଟ୍ରଗୁଡିକ ଅଭିଯୋଗ କରୁଛନ୍ତି। ଏପରି ସମୟରେ ଚାଞ୍ଚଲ୍ୟକର ତଥ୍ୟ ସାମ୍ନାକୁ ଆସିଛି। ରୁଷଠାରୁ ତୈଳ ଆଣି ଭାରତ ୟୁକ୍ରେନ ଅର୍ଥ ବ୍ୟବସ୍ଥାକୁ ବଡ଼ ଆଶ୍ୱସ୍ତି ଦେଇଛି। ଏଥିଯୋଗୁଁ ଭାରତକୁ ଖଳନାୟକ ରୂପେ ଦେଖାଇବା ପାଇଁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କରିଥିବା ଅପପ୍ରଚାର ବିଫଳ ହୋଇଯାଇଛି। ଏହି ମୋର୍ଚ୍ଚାରେ ଟ୍ରମ୍ପ କ୍ରମାଗତ ଭାବେ ପଛକୁ ପଡ଼ିବାରେ ଲାଗିଛନ୍ତି। ରିପୋର୍ଟ ଅନୁଯାୟୀ ଗତ ଜୁଲାଇରେ ଭାରତ ୟୁକ୍ରେନକୁ ଡିଜେଲ ଯୋଗାଣ କରିଥିବା ସବୁଠାରୁ



ବଡ଼ ଦେଶ ପାଲଟି ଯାଇଛି। ଭାରତ ଉପରେ ଆମେରିକା ୫୦ ପ୍ରତିଶତ ଶୁଳ୍କ ଲଗାଇ ଥିବା ବେଳେ ଏପରି ହୋଇଛି।

ଗୋଟିଏ ପଟେ ରୁଷ୍ ସହ ତୈଳ କାରବାରକୁ ନେଇ ଆମେରିକା କ୍ଷୁବ୍ଧ ହୋଇଥିବାବେଳେ ଅନ୍ୟପଟେ ଭାରତୀୟ ଡିଜେଲ ୟୁକ୍ରେନର ଯୁଦ୍ଧଗ୍ରସ୍ତ ଅର୍ଥବ୍ୟବସ୍ଥାକୁ ଗତି ଦେଉଛି। ୟୁକ୍ରେନ ତୈଳ ବଜାରର ବିଶ୍ଳେଷକ କମ୍ପାନୀ ନାଫ୍ଟୋରିନୋକ ପକ୍ଷରୁ କୁହାଯାଇଛି ଯେ ଜୁଲାଇରେ ୟୁକ୍ରେନକୁ ଡିଜେଲ ଯୋଗାଣରେ ଭାରତର ଭାଗ ୧୫.୫ ପ୍ରତିଶତ ଥିଲା। ଏହା ଅନ୍ୟ ଦେଶଠାରୁ ଅଧିକ। ଭାରତ ଦିନକୁ ପ୍ରାୟ ୨୭୦୦ ଟନ୍ ଡିଜେଲ ୟୁକ୍ରେନ ପଠାଉଛି। ଏହା ଚଳିତ ବର୍ଷର ସର୍ବାଧିକ ମାସିକିଆ ଇନ୍ଧନ ଯୋଗାଣ। ଜାନୁଆରୀରୁ ଜୁଲାଇ ପର୍ଯ୍ୟନ୍ତ ଏଥିରେ ଭାରତର ଯୋଗଦାନ ୧.୯ ପ୍ରତିଶତରୁ ବଢ଼ି ୧୦.୨ ପ୍ରତିଶତ ହୋଇଯାଇଛି। ରିପୋର୍ଟ ଅନୁଯାୟୀ ଏହି ଡିଜେଲ ରୋମାନିଆରୁ ଡାନିବ୍ୟୁ ନଦୀ ଦେଇ ତୁର୍କୀର ଓପିଇଟି ଟର୍ମିନାଲ ମାଧ୍ୟମରେ ୟୁକ୍ରେନ ପଠାଉଛି। ତେବେ ଏହା ଉପରେ କଟକଣା ଲାଗିଛି। ଭାରତ ଏବଂ ଆମେରିକା ମଧ୍ୟରେ ଉତ୍ତେଜନା ବୃଦ୍ଧି ପାଉଥିବାବେଳେ ଏହି କାରବାର ବୃଦ୍ଧି ପାଇଛି। ଯୁଦ୍ଧକୁ ନେଇ ଟ୍ରମ୍ପ ଭାରତ ଉପରେ ଶୁଳ୍କ ଲଗାଇଥିବାବେଳେ ୟୁକ୍ରେନ ଟ୍ୟାଙ୍କ ଭାରତୀୟ ଡିଜେଲରେ ଚାଲିଛି। ସୂଚନା ଅନୁଯାୟୀ ରୁଷ୍‌ର ଅଶୋଧିତ ତୈଳକୁ ବିଶୋଧନ କରି ୟୁକ୍ରେନକୁ ଯୋଗାଉଛି। ତେବେ ଏ ନେଇ ସ୍ପଷ୍ଟ ରିପୋର୍ଟ ସାମ୍ନାକୁ ଆସିନାହିଁ।

### ନ୍ୟୁୟର୍କ ଟାଇମ୍ସର ଦାବି

# ନୋବେଲ ପାଇଁ ଭାରତ ଉପରେ ଶୁଳ୍କ ଲଗାଇଲେ ଟ୍ରମ୍ପ୍

ୱାସିଂଟନ, ୩୦।୮ (ଏଜେନ୍ସି)

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ନୋବେଲ ଶାନ୍ତି ପୁରସ୍କାର ପାଇବାକୁ ଚାହୁଁଛନ୍ତି। ଆଉ ଏଥିପାଇଁ ସେ ଭାରତ ସହ ସମ୍ପର୍କ ଖରାପ କରିଛନ୍ତି। ୫୦ ପ୍ରତିଶତ ଶୁଳ୍କ ଲଗାଇ ସେ ଦ୍ୱିପାକ୍ଷିକ ସମ୍ବନ୍ଧକୁ ବିଗାଡ଼ି ଦେଇଛନ୍ତି। ନ୍ୟୁୟର୍କ ଟାଇମ୍ସ ରିପୋର୍ଟ ଅନୁଯାୟୀ ଜୁନ୍ ୧୭ରେ ଟ୍ରମ୍ପ ମୋଦୀଙ୍କୁ ଫୋନ କରିଥିଲେ। ଭାରତ-ପାକିସ୍ତାନ ଅସ୍ତ୍ରବିରତି କରାଇଥିବାରୁ କେତେ ଗର୍ବ କରୁଛନ୍ତି ବୋଲି ପଚାରି ଥିଲେ। ଏଥିପାଇଁ ପାକିସ୍ତାନ ତାଙ୍କୁ ନୋବେଲ ଶାନ୍ତି ପୁରସ୍କାର ପ୍ରଦାନ ଲାଗି ମନୋନୀତ କରିବ ବୋଲି କହିଥିଲେ। ଏଭଳି କରିବାକୁ ଟ୍ରମ୍ପ ଭାରତକୁ ମଧ୍ୟ ସଙ୍କେତ ଦେଇଥିଲେ। କିନ୍ତୁ ମୋଦୀ ଏଥିରେ କ୍ଷୁବ୍ଧ ହୋଇ ଯାଇଥିଲେ। ଏହି ଅସ୍ତ୍ରବିରତିରେ ଆମେରିକାର କୌଣସି ଦେବାନେବା ନାହିଁ । ଏହା ପ୍ରତ୍ୟକ୍ଷ ଭାବେ ଭାରତ ଏବଂ ପାକିସ୍ତାନ ମଧ୍ୟରେ ହୋଇଛି ବୋଲି ମୋଦୀ ସ୍ପଷ୍ଟ କରିଥିଲେ। ଏପରି କରି ଟ୍ରମ୍ପଙ୍କୁ ମୋଦୀ ଅଣଦେଖା କରିଥିଲେ। ଏହା ଦ୍ୱାରା ଦୁଇ ନେତାଙ୍କ ସମ୍ପର୍କ ଖରାପ ହୋଇଥିଲା। ପରେ ଉଭୟେ କେବେ ଆଉ ଆଲୋଚନା କରି ନ ଥିଲେ। ୱାସିଂଟନ ଏବଂ ନୂଆ ଦିଲ୍ଲୀରେ ଥିବା ଲୋକଙ୍କ ଆଧାରରେ ଏହି ରିପୋର୍ଟ ପ୍ରସ୍ତୁତ କରାଯାଇଛି। ନାମ



ଲୁଚାଇବା ସର୍ତ୍ତରେ ଅନେକ ଏହି ସୂଚନା ଦେଇଥିଲେ।

ଏହି ଲୋକମାନେ କହିଥିଲେ ଯେ ଟ୍ରମ୍ପ ଏବଂ ମୋଦୀଙ୍କ ସମ୍ପର୍କ ଦୁଇ ଦେଶ ପାଇଁ ପ୍ରଭାବୀ ସାବ୍ୟସ୍ତ ହୋଇପାରେ। କିନ୍ତୁ ଟ୍ରମ୍ପଙ୍କ ନୀତି ଯୋଗୁଁ ଭାରତ-ଆମେରିକା ସମ୍ବନ୍ଧ ଖରାପ ହେବାରେ ଲାଗିଛି। ଅନ୍ୟପକ୍ଷରେ ଭାରତ ନିଜ ଅର୍ଥବ୍ୟବସ୍ଥାକୁ ମଜବୁତ କରିବା ପାଇଁ ପଦକ୍ଷେପ ନେଉଛି। କିନ୍ତୁ ଏହାକୁ ନେଇ ସବୁଠାରୁ ବଡ଼ ବ୍ୟାବସାୟିକ ସହଯୋଗୀ ଆମେରିକା ଅସନ୍ତୋଷ ପ୍ରକାଶ କରୁଛି। ରିପୋର୍ଟରେ କୁହାଯାଇଛି ଯେ ପୂର୍ବରୁ ଟ୍ରମ୍ପଙ୍କୁ ମୋଦୀ ପ୍ରକୃତ ମିତ୍ର କହିଥିଲେ। କିନ୍ତୁ ଏବେ ଉଭୟଙ୍କ ସମ୍ବନ୍ଧ ଠିକ୍ ନାହିଁ। ରାଷ୍ଟ୍ରପତିଙ୍କ କାର୍ଯ୍ୟାଳୟ ସମ୍ବନ୍ଧିତ ଅଧିକାରୀଙ୍କ ଅନୁଯାୟୀ କ୍ୱାଡ ସମ୍ମିଳନୀରେ ଭାଗ ନେବା ପାଇଁ ଟ୍ରମ୍ପ ଚଳିତ ବର୍ଷ ଶେଷରେ ଭାରତ ଆସିବେ ବୋଲି ମୋଦୀଙ୍କୁ କୁହାଯାଇଥିଲା। ମାତ୍ର ଏବେ ନୂଆଦିଲ୍ଲୀ ଆସିବାକୁ ଟ୍ରମ୍ପଙ୍କ କୌଣସି ଯୋଜନା ନାହିଁ। ଭାରତରେ ଟ୍ରମ୍ପଙ୍କୁ ନେଇ ନକରାତ୍ମକ ପରିସ୍ଥିତି ସୃଷ୍ଟି ହୋଇଛି। ଗତ ସପ୍ତାହରେ ମହାରାଷ୍ଟ୍ରର ଏକ ପର୍ବ ସମୟରେ ବଡ଼ କୁଶପୁତ୍ତଳିକା ବୁଲା ଯାଇଥିଲା। ଏଥିରେ ପଛରୁ ଛୁରା ମାରିଥିବା ଲେଖା ଯାଇଥିଲା। ଆମେରିକା ଯେଉଁ ପଦକ୍ଷେପ ନେଇଛି ତାହାକୁ ଜଣେ ଭାରତୀୟ ଅଧିକାରୀ ଗୁଣ୍ଡାଗର୍ଦ୍ଦି ବୋଲି କହିଥିଲେ।

## ପାୱାର ଗ୍ରିଡ୍‌କୁ ପୁରସ୍କୃତ କଲେ ରାଷ୍ଟ୍ରପତି



**ନୂଆଦିଲ୍ଲୀ,୩୦।୮ (ଏଜେନ୍ସି):** ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଶୁକ୍ରବାର ଗ୍ରିଡ୍ କର୍ପୋରେସନ ଅଫ୍ ଇଣ୍ଡିଆ ଲିମିଟେଡ (ପାୱାରଗ୍ରିଡ୍)କୁ ମାନବ ସଂସାଧନ ପ୍ରବନ୍ଧନ ପାଇଁ 'ସ୍କୋପ ଏମିନେନ୍ସ ପୁରସ୍କାର'ରେ ସମ୍ମାନୀତ କରିଛନ୍ତି। ସ୍ଥାନୀୟ ବିଜ୍ଞାନ ଭବନରେ ପାୱାରଗ୍ରିଡ୍‌ର ନିର୍ଦ୍ଦେଶକ ତଥା ଏମ୍‌ଡି ରବୀନ୍ଦ୍ର କୁମାର ତ୍ୟାଗୀ ଓ ପର୍ସନାଲ ନିର୍ଦ୍ଦେଶକ ଯତୀନ୍ଦ୍ର ଦ୍ୱିବେଦୀ ରାଷ୍ଟ୍ରପତିଙ୍କଠାରୁ ଏହି ପୁରସ୍କାର ଗ୍ରହଣ କରିଥିଲେ। ଏହି ଅବସରରେ କେନ୍ଦ୍ର ଅର୍ଥ ରାଷ୍ଟ୍ରମନ୍ତ୍ରୀ ପଙ୍କଜ ଚୌଧୁରୀ, ଡିପାର୍ଟମେଣ୍ଟ ଅଫ୍ ପବ୍ଲିକ ଏଣ୍ଟରପ୍ରାଇଜର୍ସ (ଡିପିଇ) ସଚିବ କେ ମୋସେସ ଚଲାଇଙ୍କ ସମେତ ସିପିଏସ୍‌ୟୁ, ସ୍କୋପ୍ ଓ ପାୱାରଗ୍ରିଡ୍‌ର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ପାୱାରଗ୍ରିଡ୍‌ର ପ୍ରଗତିଶୀଳ ମାନବ ସଂଶାଧନ ପ୍ରକ୍ରିୟା, କର୍ମଚାରୀ କୈନ୍ଦ୍ରିକ ନୀତି, ନିରନ୍ତର ଭାବେ କୌଶଳ ଉନ୍ନୟନ ଏବଂ ନେତୃତ୍ୱର ବିକାଶକୁ ଦୃଷ୍ଟିରେ ରଖି ଏହି ସମ୍ମାନ ପ୍ରଦାନ କରାଯାଇଛି। ଏଥିସହ ସଂଗଠନରେ କିଛି ନୂଆ କରି ଦେଖାଇବାର ପ୍ରତିବଦ୍ଧତା ଓ ସମାବେଶିତା ଓ ସମାଗ୍ରିକ କଲ୍ୟାଣର ସଂସ୍କୃତିର ବିକାଶକୁ ମଧ୍ୟ ମାନ୍ୟତା ପ୍ରଦାନ କରାଯାଇଛି।

## ଟାଟା ଷ୍ଟିଲ୍ ଫାଉଣ୍ଡେସନ୍ ଓ କୋଟକ ମହିନ୍ଦ୍ରା ବ୍ୟାଙ୍କ ପକ୍ଷରୁ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମ

ଭୁବନେଶ୍ୱର, ୩୦।୮ (ସମିସ): ଟାଟା ଷ୍ଟିଲ ଫାଉଣ୍ଡେସନ (ଟିଏସଏଫ) ପକ୍ଷରୁ କୋଟକ ମହିନ୍ଦ୍ରା ବ୍ୟାଙ୍କ ଲିମିଟେଡ଼ ସହ ସହଭାଗିତାରେ ଭୁବନେଶ୍ୱରରେ 'ଗୋଷ୍ଠୀ ଭିତ୍ତିକ ଜୈବିକ ବିବିଧତା ସଂରକ୍ଷଣ' ସମ୍ପର୍କିତ ଏକ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। କାର୍ଯ୍ୟକ୍ରମକୁ ଉଦଘାଟନ କରି ଟାଟା ଷ୍ଟିଲ ଫାଉଣ୍ଡେସନର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ସୌରଭ ରାୟ ପରିବେଶ ବ୍ୟବସ୍ଥାର ସଂରକ୍ଷଣରେ ସାମୂହିକ ଦାୟିତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ। ଉଦଘାଟନୀ ଅଧିବେଶନରେ ମୁଖ୍ୟ ଅତିଥି ଭାବେ ଆଞ୍ଚଳିକ




ଉଦ୍ଭିଦ ସମ୍ବଳ କେନ୍ଦ୍ର (ରିଜିଓନାଲ ପ୍ଲାଂଟ ରିସୋର୍ସ ସେଂଟର)ର ମୁଖ୍ୟ କାର୍ଯ୍ୟକାରୀ ଅଧିକାରୀ ଆଇଏଫଏସ ସୁଧାଂଶୁ ଖୋରା, ସମ୍ମାନିତ ଅତିଥି ଭାବରେ ଡେଭଲପମେଣ୍ଟ ପ୍ରଫେସନାଲ ତଥା ପରିବେଶବିତ୍ ଡ଼ ଅମ୍ବିକା ପ୍ରସାଦ ନନ୍ଦ ଏବଂ ସ୍ୱତନ୍ତ୍ର ଅତିଥି ଭାବେ ଟାଟା ଷ୍ଟିଲର ନାଚୁରାଲ କ୍ୟାପିଟାଲ ଆଣ୍ଡ ବିଜନେସ ଇଂଟିଗ୍ରେସନ ସଷ୍ଟେନେବିଲିଟିର ମୁଖ୍ୟ ଜେସନ ଥୋମାସ୍ ଯୋଗ ଦେଇଥିଲେ। ବୈଷୟିକ ଅଧିବେଶନରେ ଏମ୍ ଏସ୍ ସ୍ୱାମୀନାଥନ୍ ରିସର୍ଚ୍ଚ ଫାଉଣ୍ଡେସନର ଡ଼ କାର୍ତ୍ତିକ ଚରଣ ଲେଙ୍କା, ଓଡ଼ିଶା ବାୟୋଡାଇଭର୍ସିଟି ବୋର୍ଡର ଡ଼ ସତ୍ୟରଞ୍ଜନ ବେହେରା, 'ସ୍ନେହା'ର ରଞ୍ଜିତ ପଟ୍ଟନାୟକ, ଗ୍ରୋ ୱିଥ୍ ନେଚରର ଡ଼ ଗାୟତ୍ରୀ ଦେବୀ ଏବଂ ଟାଟା ଷ୍ଟିଲ ଫାଉଣ୍ଡେସନର ଡ଼ ସୁବ୍ରତ ଉଦବୋଧନ ଦେଇଥିଲେ।

## ଅନୁଗୁଳରେ ଖିମ୍‌ଜୀ ଜୁଏଲର୍ସର ନୂତନ ଶୋ'ରୁମ୍



**ଅନୁଗୋଳ, ୩୦।୮ (ସମିସ):** ଓଡ଼ିଶାର ସୁନା ଅଳଙ୍କାରର ସବୁଠାରୁ ବିଶ୍ୱସ୍ତ ବ୍ରାଣ୍ଡ ଖିମଜୀ ଜୁଏଲର୍ସର ନୂଆ ଭବ୍ୟ ଶୋ'ରୁମ ରବିବାର ଅନୁଗୁଳରେ ଖୋଲିବାକୁ ଯାଉଛି। ଏହା ଅନୁଗୋଳର ସବୁଠାରୁ ବଡ଼ ଅଳଙ୍କାର ଶୋରୁମ୍। ଓଡ଼ିଶାରେ ଏହା ବ୍ରାଣ୍ଡର ଦଶମ ଶୋରୁମ୍ ହେବ। ଏଠାରେ ସୁନା, ହୀରା, ପ୍ଲାଟିନମ୍ ଏବଂ ରୂପା ଅଳଙ୍କାରର ଏକ ବିସ୍ତୃତ ଏବଂ ବ୍ୟାପକ ସଂଗ୍ରହ ସହିତ ଫ୍ୟାଶନ୍ ଜୁଏଲାରୀ ଏବଂ କର୍ପୋରେଟ୍ ଉପହାର ରହିଛି। ଏହି ଉଦଘାଟନ ସମାରୋହରେ ପରିଚାଳନା ନିର୍ଦ୍ଦେଶକ ମିତେଶ ଖିମଜୀ, ନିର୍ଦ୍ଦେଶକ ସୁମିତ ଖିମଜୀ, ଖିମ୍‌ଜୀ ପରିବାରର ସଦସ୍ୟଗଣ ଏବଂ ଅନେକ ମାନ୍ୟଗଣ୍ୟ ଅତିଥିମାନେ ଉପସ୍ଥିତ ରହିବେ। ଆଧୁନିକ ଡିଜାଇନ୍ ଏବଂ ଭବ୍ୟ ପରିବେଶ ସହିତ ଏହି ଶୋରୁମ୍ ଏକ ଅବିସ୍ମରଣୀୟ ଅଳଙ୍କାର କ୍ରୟ ଅନୁଭୂତି ପ୍ରଦାନ କରିବାକୁ ସୁନ୍ଦର ଭାବରେ ପରିକଳ୍ପିତ। ଉଦଘାଟନୀ ଅବସରରେ ସୁନା ଅଳଙ୍କାରରେ ଗଢ଼ା ମଜୁରିରେ ୫୦% ରିହାତି, ହୀରାରେ ୨୦% ପର୍ଯ୍ୟନ୍ତ ରିହାତି, ରୂପା ଓଜନ ବସ୍ତୁର ଗଢ଼ା ମଜୁରିରେ ୨୫% ରିହାତି, ରୂପା ଏବଂ ଫ୍ୟାଶନ୍ ଜୁଏଲାରି ଏମଆରପିରେ ୧୫% ରିହାତି ଏବଂ କଳାକୃତି (ଆର୍ଟେଫ୍ୟାକ୍ଟସ) ଉପରେ ୧୦% ରିହାତି ପାଇବେ।

## ବିକଶିତ ଭାରତ ୨୦୪୭ ପାଇଁ ରୋଡ଼ମ୍ୟାପ



ଭୁବନେଶ୍ୱର, ୩୦।୮ (ସମିସ): ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜ (ଏନଏସଇ) ଏମ୍‌ଡି ଓ ସିଇଓ, ଆଶିଷ କୁମାର ଚୌହାନ ନିକଟରେ ବିକଶିତ ଭାରତ ୨୦୪୭ ଉପରେ ନିଜ ଆଭିମୁଖ୍ୟ ରଖିଛନ୍ତି। ସେ କହିଛନ୍ତି ଯେ ବିଶ୍ୱରେ ଜାରି ରହିଥିବା ଅସ୍ଥିରତା ମଧ୍ୟମରେ ଭାରତର ପୁଞ୍ଜି ବଜାର ପୁଣିଥରେ ଉଲ୍ଲେଖନୀୟ ସ୍ଥିରତା ପ୍ରଦର୍ଶିତ କରିଛି। 'ଭାରତର ଅଭିବୃଦ୍ଧି କାହାଣୀ ମଜବୁତ ମୌଳିକତା, ଢାଞ୍ଚାଗତ ସୁଧାର, ଡିଜିଟାଲୀକରଣ ଓ ଘରୋଇ ଚାହିଦାରେ ବୃଦ୍ଧି ଦ୍ୱାରା ପରିଚାଳିତ ହେଉଛି। ଭାରତ ଏକ ଗ୍ଲୋବାଲ ଫାଇନାନ୍ସିଆଲ ପାୱାରହାଉସ ଭାବେ ଆଗକୁ ବଢ଼ିବା ଜାରି ରଖିଛି। ଗମ୍ଭୀର ଭୂରାଜନୈତିକ ଅନିଶ୍ଚିତତା, ବିଶ୍ୱବ୍ୟାପୀ ଜଟିଳ ମୁଦ୍ରାନୀତି ଚକ୍ର ଓ ଅସ୍ଥିର ସାମଗ୍ରୀ ମୂଲ୍ୟ ସତ୍ତ୍ୱେ ଭାରତୀୟ ଷ୍ଟକ ବଜାରଗୁଡିକରେ ସ୍ଥିରତା ବଜାୟ ରହିଛି। ଏହି ସ୍ଥିରତା ସ୍ଥାୟୀ ଉଚ୍ଚ ଆର୍ଥିକ ଅଭିବୃଦ୍ଧି ଏବଂ ବିଶ୍ୱର ଅନ୍ୟତମ ସର୍ବବୃହତ ସଞ୍ଚୟ କ୍ଷେତ୍ର ଏବଂ ଦୃଢ଼ ଓ ଉତମ ବ୍ୟାଙ୍କିଙ୍ଗ ବାଲାନ୍ସ ସିଟରୁ ଆସିଛି।

## ସିଏଫ୍‌ଏ ଇନ୍‌ଷ୍ଟିଚ୍ୟୁଟ୍ ପକ୍ଷରୁ ଭୁବନେଶ୍ୱରରେ ପ୍ରଥମ ପ୍ରଫେସର୍‌ସ ରାଉଣ୍ଡ ଟେବୁଲ

ଭୁବନେଶ୍ୱର,୩୦।୮ (ସମିସ): ନିବେଶ କ୍ଷେତ୍ରର ପେସାଦାର ବ୍ୟକ୍ତିମାନଙ୍କ ଆନ୍ତର୍ଜାତୀୟ ସଂଘ ସିଏଫଏ ଇନ୍‌ଷ୍ଟିଚ୍ୟୁଟ ପକ୍ଷରୁ ଚଳିତ ମାସ ଆରମ୍ଭରେ ଭୁବନେଶ୍ୱରରେ ଏହାର ପ୍ରଥମ ପ୍ରଫେସର୍‌ସ ରାଉଣ୍ଡଟେବୁଲ ଆୟୋଜନ କରାଯାଇଛି। ଏହା ବିତ୍ତୀୟ ଶିକ୍ଷାର ଭବିଷ୍ୟତ ଏବଂ ନିବେଶ ପରିଚାଳନା ଶିଳ୍ପର ବିକଶିତ ଆବଶ୍ୟକତା ସହ ଏହାର ସମନ୍ୱୟତା ପ୍ରସଙ୍ଗରେ ଏକ ତଥ୍ୟପୂର୍ଣ୍ଣ ଆଲୋଚନା ପାଇଁ ଅଗ୍ରଣୀ ବିଶ୍ୱବିଦ୍ୟାଳୟ ଓ କଲେଜଗୁଡିକର ବରିଷ୍ଠ ଅଧ୍ୟାପକମାନଙ୍କୁ ଏକତ୍ରିତ କରିଛି। ସିଏଫଏ ଇନ୍‌ଷ୍ଟିଚ୍ୟୁଟ ଦ୍ୱାରା ଆୟୋଜିତ ଏହି ରାଉଣ୍ଡଟେବୁଲ ବୈଠକ, ଦକ୍ଷତା ଅନ୍ତର ଦୂର କରିବା ଉପରେ ଶିକ୍ଷାନୁଷ୍ଠାନ ଓ ଶିଳ୍ପ ମଧ୍ୟରେ ବିଚାର ବିନିମୟ, ଛାତ୍ରଛାତ୍ରୀଙ୍କ ନିଯୁକ୍ତି କ୍ଷମତା ବୃଦ୍ଧି ଏବଂ ନିଯୁକ୍ତି ବଜାରର ବାସ୍ତବ ଦୁନିଆର ଆବଶ୍ୟକତା ସହ ଶିକ୍ଷାନୁଷ୍ଠାନଗୁଡିକର ପାଠ୍ୟକ୍ରମକୁ ସଂଯୋଜିତ କରିବା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପ୍ଲାଟଫର୍ମ ଭାବେ କାର୍ଯ୍ୟ କରିଛି। ଏହି ରାଉଣ୍ଡଟେବୁଲରେ ସିଏଫଏ ଇନ୍‌ଷ୍ଟିଚ୍ୟୁଟର ସିନିୟର ୟୁନିଭର୍ସିଟି ରିଲେଶନ୍ସ ସ୍ପେଶାଲିଷ୍ଟ ସଇମ ଫକିହଙ୍କ ସମେତ ଭୁବନେଶ୍ୱରର ଫାଇନାନ୍ସ ଓ ମ୍ୟାନେଜମେଣ୍ଟ କ୍ଷେତ୍ରର ପ୍ରତିଷ୍ଠିତ ଶିକ୍ଷାବିତମାନେ ଯୋଗଦେଇଥିଲେ। ଏହି ଅଧିବେଶନରେ ସିଏଫଏ ଇନ୍‌ଷ୍ଟିଚ୍ୟୁଟ ପକ୍ଷରୁ ସିନିୟର ୟୁନିଭର୍ସିଟି ରିଲେଶନ୍ସ ସ୍ପେଶାଲିଷ୍ଟ ସଲିମ ଫକିହ, ଉତ୍କଳ ବିଶ୍ୱବିଦ୍ୟାଳୟର ରବୀନ୍ଦ୍ର କୁମାର ସ୍ୱାଇଁ, ଏକ୍ସଆଇଏମ ୟୁନିଭର୍ସିଟିର ପି.କେ. ମହାନ୍ତି, ମହର୍ଷି କଲେଜର କଳିଙ୍ଗ ରଞ୍ଜନ, ଏକ୍ସଆଇଏମବି ଓ ଏକ୍ସଆଇଏମ ୟୁନିଭର୍ସିଟିର ରିତେଶ କୁମାର ଦୁବେ ଓ ପି.କେ. ମହାନ୍ତି; ରମାଦେବୀ ୱମେନ୍‌ସ ୟୁନିଭର୍ସିଟିର ସାବତ କୁମାର ଦିଗଲ ଓ ଆଶାକ ଓଝା; ମହର୍ଷି କଲେଜର କଳିଙ୍ଗ ରଞ୍ଜନ ପ୍ରଧାନ; ଉତ୍କଳ ୟୁନିଭର୍ସିଟିର ରବୀନ୍ଦ୍ର କୁମାର ସ୍ୱାଇଁ ଓ ମୁନା ସାହୁ, ସୋଆ ୟୁନିଭର୍ସିଟିର ପ୍ରଫୁଲ କୁମାର ସ୍ୱାଇଁ ଏବଂ ଏକାମ୍ର କଲେଜର ଅଧକ୍ଷ କୁମାର ତ୍ରିପାଠୀ ପ୍ରମୁଖ ସାମିଲ ହୋଇଥିଲେ।

## ଋଣ ଓ ବନ୍ଧକ ଋଣରେ ସୁଧ ହାର ହ୍ରାସ କଲା ବିଓବି

**ଭୁବନେଶ୍ୱର, ୩୦।୮ (ସମିସ):** ଭାରତର ଅନ୍ୟତମ ଅଗ୍ରଣୀ ରାଷ୍ଟ୍ରାୟତ୍ତ ବ୍ୟାଙ୍କ-ବ୍ୟାଙ୍କ ଅଫ୍ ବରୋଦା (ବିଓବି) ପକ୍ଷରୁ ପାର୍ବଣ ଋତୁରେ କାର୍ ଋଣ ଓ ବନ୍ଧକ ଋଣ ସୁଧ ହାର ହ୍ରାସ କରାଯାଇଛି। କାର ଋଣର ଫ୍ଲୋଟିଂ ସୁଧ ହାର ୮.୪୦ରୁ ହ୍ରାସ କରି ୮.୧୫ ପ୍ରତିଶତ କରିଦିଆଯାଇଛି। ଏହା ପୂର୍ବରୁ ଆରବିଆଇ ରେପୋ ରେଟ୍ ହ୍ରାସ କରିବା ପରେ ବିଓବି ସୁଧ ହାର ୧ ପ୍ରତିଶତ ହ୍ରାସ କରିଥିଲା। ବାର୍ଷିକ ୮.୧୫ ପ୍ରତିଶତ ସୁଧ ହାର ନୂଆ କାର୍ କିଣିବା ଉପରେ ଲାଗୁ ହେବ। ସେହିପରି ବନ୍ଧକ ଋଣ (ସମ୍ପତ୍ତି ବନ୍ଧକ ଋଣ) ସୁଧ ହାରକୁ ବାର୍ଷିକ ୯.୧୫ ପ୍ରତିଶତକୁ ହ୍ରାସ କରିଦିଆଯାଇଛି। ବିଓବିର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ସଞ୍ଜୟ ମୁଦଲିଆର କହିଛନ୍ତି ଯେ ପାର୍ବଣ ଋତୁରେ ଲୋକଙ୍କ ଆଶା ଆକାଂକ୍ଷାକୁ ପୂରଣ କରିବା ପାଇଁ ଏହି ସ୍ୱତନ୍ତ୍ର ଅଫର ଅଣାଯାଇଛି। ଏହା ସହିତ ଗ୍ରାହକଙ୍କ ସିବିଲ୍ ସ୍କୋର ଅନୁସାରେ ସୁଧ ହାରରେ ୦.୫୫ ପ୍ରତିଶତରୁ ୩ ପ୍ରତିଶତ ପର୍ଯ୍ୟନ୍ତ ହ୍ରାସରେ ଅତିରିକ୍ତ ପାଣ୍ଠି ହାସଲ କରିପାରିବେ। ବ୍ୟାଙ୍କ ପକ୍ଷରୁ କାର୍ ଋଣ ଉପରେ ଆକର୍ଷଣୀୟ ଫିକ୍ସଡ୍ ସୁଧ ହାର ରହିଛି। ଏହା ବ୍ୟାଙ୍କର ୬ ମାସିଆ ଏମ୍‌ସିଏଲ୍‌ଆର୍ ସହ ସଂଯୁକ୍ତ ଥିବା ବେଳେ ବାର୍ଷିକ ୮.୬୫ ପ୍ରତିଶତରୁ ଆରମ୍ଭ ହୋଇଛି।

## ମେହୁଲ ଚୋକସିଙ୍କ ଜାମିନ ଆବେଦନ ଖାରଜ



ନୂଆଦିଲ୍ଲୀ,୩୦।୮ (ଏଜେନ୍ସି): ପଞ୍ଜାବ ନ୍ୟାସନାଲ ବ୍ୟାଙ୍କ (ପିଏନ୍‌ବି) ଦୁର୍ନୀତିରେ ୬,୩୦୦ କୋଟି ଟଙ୍କାର ଠକେଇ ମାମଲାରେ ଜଡ଼ିତ ଜଣାଶୁଣା ହୀରା ବ୍ୟବସାୟୀ ମେହୁଲ ଚୋକ୍‌ସିଙ୍କ ଜାମିନ ଆବେଦନକୁ ବେଲଜିୟମର ଏକ କୋର୍ଟ ଖାରଜ କରିଛନ୍ତି। ଫଳରେ ଭାରତକୁ ପ୍ରତ୍ୟାର୍ପଣ କରିବା ନେଇ ଶୁଣାଣି ହେବା ପୂର୍ବରୁ ମେହୁଲଙ୍କୁ ବଡ଼ ଝଟ୍‌କା ଲାଗିଛି। ସେ ଏବେ ଜେଲ୍‌ରେ ରହିବା ସ୍ପଷ୍ଟ ହୋଇଛି। ମେହୁଲ ଅଗଷ୍ଟ ୨୨ରେ ଜାମିନ ପାଇଁ ଆବେଦନ କରିଥିଲେ ଓ ନଜର ବନ୍ଦୀରେ ରହିବାକୁ ପ୍ରସ୍ତାବ ଦେଇଥିଲେ। କିନ୍ତୁ ତାଙ୍କର ଏହି ପ୍ରସ୍ତାବକୁ କୋର୍ଟ ପ୍ରତ୍ୟାଖାନ କରିଛନ୍ତି। ୬୫ ବର୍ଷୀୟ ମେହୁଲ ଗତ ଏପ୍ରିଏ ୧୧ରେ ଆଣ୍ଟୱେର୍ପ ପୁଲିସ ଦ୍ୱାରା ଗିରଫ ହୋଇଥିଲେ। ତାଙ୍କୁ ଭାରତକୁ ପ୍ରତ୍ୟାର୍ପଣ କରିବା ଲାଗି ସିବିଆଇ ଆବେଦନ କରିଥିଲା। ଏହାକୁ ଭିତ୍ତି କରି ତାଙ୍କୁ ବେଲଜିୟମରେ ଗିରଫ କରାଯାଇଥିଲା। ମେହୁଲଙ୍କ ଭଣଜା ନୀରବ ମୋଦୀ ମଧ୍ୟ ପିଏନ୍‌ବି ଦୁର୍ନୀତି ମାମଲାରେ ୧୩,୦୦୦ କୋଟି ଟଙ୍କାର ଠକେଇ ମାମଲାରେ ମୁଖ୍ୟ ଅଭିଯୁକ୍ତ ରହିଛନ୍ତି ଓ ସେ ଭାରତରେ ୱାଣ୍ଟେଡ୍ ଅଛନ୍ତି।

## ୨୦୨୫ ଟାଇମ ୧୦୦ ଏଆଇ ତାଲିକାରେ କଗ୍ନିଜାଣ୍ଟ ସିଇଓ ରବି କୁମାର

ଭୁବନେଶ୍ୱର, ୩୦।୮ (ସମିସ): କଗ୍ନିଜାଣ୍ଟର ସିଇଓ ରବି କୁମାର ଏସ୍ ୨୦୨୫ ଟାଇମ ୧୦୦ ଏଆଇ ତାଲିକାରେ ସ୍ଥାନ ପାଇଛନ୍ତି। ଏ ସମ୍ପର୍କରେ କମ୍ପାନୀ ପକ୍ଷରୁ ଘୋଷଣା କରାଯାଇଛି। ଏହିପ୍ରତିଷ୍ଠିତ ସ୍ୱୀକୃତି ରବି କୁମାରଙ୍କ ଦୂରଦୃଷ୍ଟିସମ୍ପନ୍ନ ନେତୃତ୍ୱ ଓ ଏଆଇ



ଉଦ୍ୟୋଗ କ୍ଷେତ୍ରରେ ତାଙ୍କର ଅବଦାନକୁ ସୂଚିତ କରୁଛି। ଟାଇମ ୧୦୦ ଏଆଇ ତାଲିକା ଆଜିର ଏଆଇ ପରିଦୃଶ୍ୟକୁ ନୂଆ ରୂପ ଦେଉଥିବା ବିଭିନ୍ନ କ୍ଷେତ୍ରର ପ୍ରଭାବଶାଳୀ ଲିଡର, ଥିଙ୍କର, ବୈଜ୍ଞାନିକ ଓ ନୀତିନିର୍ମାତାମାନଙ୍କୁ ସାମିଲ କରିଥାଏ। ଏହି ତାଲିକାରେ ସ୍ଥାନ ପାଇବା ଏଆଇ ଟେକ୍ନୋଲୋଜିକୁ ଅଗ୍ରଗାମୀ କରିବା ଦିଗରେ କୁମାରଙ୍କ ଉତ୍ସର୍ଗୀକୃତତା ଓ ଅବଦାନକୁ ପ୍ରତିଫଳନ କରୁନାହିଁ ବରଂ ଏହି ଶିଳ୍ପରେ ଉଦ୍ଭାବନା ଓ ଉତ୍କର୍ଷତାକୁ ପରିଚାଳନା କରିବା ପ୍ରତି କଗ୍ନିଜାଂଟର ପ୍ରତିବଦ୍ଧତାକୁ ଦର୍ଶାଉଛି। ରବି କୁମାରଙ୍କ ନେତୃତ୍ୱରେ କଗ୍ନିଜାଂଟ ଏଂଟରପ୍ରାଇଜ ଏଆଇକୁ ତ୍ୱରାନ୍ୱିତ କରିବା ପାଇଁ ୨୦୨୩ରେ ୧ ମିଲିୟନ ଡଲାରର ନିବେଶ ଘୋଷଣା କରିଥିଲା। କମ୍ପାନୀ ଏହାର ଗ୍ଲୋବାଲ ସିନାପ୍‌ସ ସ୍କିଲିଂ ଅଭିଯାନ ମାଧ୍ୟମରେ ବର୍ତ୍ତମାନ ଏଆଇ ଓ ଆଡଭାନ୍ସଡଟେକ୍ନୋଲୋଜି କ୍ଷେତ୍ରରେ ଦକ୍ଷତା ଓ ପ୍ରଶିକ୍ଷଣ ସୁଯୋଗ ସହ ୧ ମିଲିୟନ ଲୋକଙ୍କ ନିକଟରେ ପହଞ୍ଚିଛି।

### ଏସ୍‌ସି/ଏସ୍‌ଟି କଲ୍ୟାଣ କମିଟିର ଅଧକ୍ଷମାନଙ୍କ ଜାତୀୟ ସମ୍ମିଳନୀ ଉଦ୍‌ଯାପିତ

# 'ଅବହେଳିତ ସମ୍ପ୍ରଦାୟକୁ ମର୍ଯ୍ୟାଦା ଓ ସୁଯୋଗ ଦେଶ ସମୃଦ୍ଧିର ମାପକାଠି'

ଭୁବନେଶ୍ୱର, ୩୦।୮ (ସମିସ): ଦେଶର ପ୍ରକୃତ ସମୃଦ୍ଧି ସଂଖ୍ୟା କିମ୍ବା ଭିତ୍ତିଭୂମିରେ ମପାଯାଏ ନାହିଁ, ବରଂ ଏହାର ସବୁଠାରୁ ଅବହେଳିତ ସମ୍ପ୍ରଦାୟକୁ ପ୍ରଦାନ କରାଯାଉଥିବା ମର୍ଯ୍ୟାଦା ଏବଂ ସୁଯୋଗ ଦ୍ୱାରା ମପାଯାଏ ବୋଲି ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି କହିଛନ୍ତି। ଶନିବାର ଲୋକସେବା ଭବନରେ ଆୟୋଜିତ ଅନୁସୂଚିତ ଜାତି ଓ ଜନଜାତି କଲ୍ୟାଣ କମିଟି ଅଧକ୍ଷମାନଙ୍କ ଜାତୀୟ ସମ୍ମିଳନୀର ଉଦ୍‌ଯାପନୀ ସମାରୋହରେ ମୁଖ୍ୟଅତିଥି ଭାବେ ଯୋଗଦେଇ ରାଜ୍ୟପାଳ ଶ୍ରୀ କମ୍ଭମପାଟି ସାମ୍ବିଧାନିକ ସୁରକ୍ଷାକୁ ଅର୍ଥପୂର୍ଣ୍ଣ କାର୍ଯ୍ୟରେ ପରିଣତ କରିବାରେ ସଂସଦୀୟ ଏବଂ ରାଜ୍ୟ ବିଧାନସଭା କମିଟିଗୁଡ଼ିକର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି କହିଛନ୍ତି।

ରାଜ୍ୟପାଳ କହିଥିଲେ ଯେ ଅନୁସୂଚିତ ଜାତି ଏବଂ ଜନଜାତି କେବଳ ଭାରତର ସାମାଜିକ ସଂରଚନାର ଅବିଚ୍ଛେଦ୍ୟ ଅଂଶ ନୁହନ୍ତି, ବରଂ ଦେଶର ଇତିହାସ, ସଂସ୍କୃତି ଏବଂ ଐତିହ୍ୟର ରକ୍ଷକ ମଧ୍ୟ। ସେମାନଙ୍କର କଲ୍ୟାଣ କେବଳ ନୀତିର ପ୍ରଶ୍ନ ନୁହେଁ, ଏହା ସମାନତା, ମର୍ଯ୍ୟାଦା ଏବଂ ଭାଇଚାରାର ସ୍ତମ୍ଭ ଉପରେ ପ୍ରତିଷ୍ଠିତ ଗଣତନ୍ତ୍ର ଭାବେ ଆମର ପ୍ରଗତିର ମାପକାଠି।

ସମାରୋହରେ ଲୋକସଭା ବାଚସ୍ପତି ଓମ୍ ବିର୍ଲା ଉଦ୍‌ବୋଧନ ଦେଇ କହିଥିଲେ ଯେ ସମସ୍ତେ ନୂତନ ଉତ୍ସାହ ଓ ଶକ୍ତି ସହ ସମାଜ ମଙ୍ଗଳ ପାଇଁ ପ୍ରତିବଦ୍ଧ ହେବା ସହ ଅବହେଳିତ ବର୍ଗଙ୍କ ପାଇଁ କାମ କରନ୍ତୁ। ସମ୍ବିଧାନ ପ୍ରଣେତା ବାବାସାହେବ ଡ. ଆମ୍ବେଦକରଙ୍କ ଦର୍ଶନକୁ ଆଧାର କରି ଦେଶ ପାଇଁ ରୋଡମ୍ୟାପ୍ ପ୍ରସ୍ତୁତି କରିବାରେ ଉକ୍ତ ଜାତୀୟ ସମ୍ମିଳନୀ ପ୍ରେରଣା ଯୋଗାଇବ ବୋଲି ଶ୍ରୀ ବିର୍ଲା କହିଥିଲେ। ରାଜ୍ୟସଭା ଉପାଧ୍ୟକ୍ଷ ହରି ବଂଶ ନାରାୟଣ ସିଂହ କହିଥିଲେ ଯେ କେବଳ କାଗଜରେ ନୀତି ନପରଖି ବାସ୍ତବ କ୍ଷେତ୍ରରେ ଯୋଜନା ତୃଣମୂଳ ସ୍ତରରେ ସଠିକ୍ ଭାବରେ କାର୍ଯ୍ୟକାରୀ ହେଲେ ସମାଜ ଓ ଦେଶର ମଙ୍ଗଳ ହେବ। ଏତଦ୍‌ବ୍ୟତୀତ ସେବା ଲୋକଙ୍କ ପାଖକୁ ସରଳ ଭାବେ ପହଞ୍ଚାଇବା ପାଇଁ ପ୍ରଯୁକ୍ତିବିଦ୍ୟା ଏବଂ ସୁଶାସନର ପ୍ରଭାବ ଉପରେ ଗୁରୁତ୍ୱାରୋପ କରିଥିଲେ। ସଂସଦର ଅନୁସୂଚିତ ଜାତି ଓ ଜନଜାତି କଲ୍ୟାଣ କମିଟିର ଅଧକ୍ଷ ଡ. ଫଗନ ସିଂହ କୁଲସ୍ତେ ଏହି ସମ୍ମିଳନୀ ଭବିଷ୍ୟତ ପାଇଁ ମାର୍ଗଦର୍ଶିକା ଭାବେ ଉପଯୋଗୀ ହେବ ଏବଂ ଏ ଦିଗରେ ସମସ୍ତଙ୍କର ସହଯୋଗ ଓ ସହଭାଗିତା କାମନା କରିଥିଲେ। ଓଡ଼ିଶା ବିଧାନସଭାର ବାଚସ୍ପତି ସୁରମା ପାଢ଼ୀ ଏପରି ଜାତୀୟ ସ୍ତରୀୟ ସମ୍ମିଳନୀର ଆୟୋଜନ କରିବା ପାଇଁ ଓଡ଼ିଶାକୁ ସୁଯୋଗ ଦେଇଥିବାରୁ ଲୋକସଭା ବାଚସ୍ପତିଙ୍କୁ କୃତଜ୍ଞତା ଜଣାଇଥିଲେ।

# ମହିଳା କାଠ କାରିଗର



ସାଧାରଣତଃ କାଠକାମ କହିଲେ ପୁରୁଷ ବଢ଼େଇଙ୍କ କଥା ସାମ୍ନାକୁ ଆସିଥାଏ । ଘରେ ଖଟ, ପଲଙ୍କ, ସୋଫା ଆଦି ତିଆରି କଥା ଉଠିଲେ, ବୁଢ଼ା ବଢ଼େଇଙ୍କୁ ଖୋଜା ପଡ଼ିଥାଏ । ଏହା ପୁରୁଷଙ୍କ କାର୍ଯ୍ୟ ବୋଲି କୁହାଯାଏ । କିନ୍ତୁ ଏ ଦିଗରେ ଏବେ ମହିଳାଙ୍କ ପ୍ରବେଶ ଦେଖିବାକୁ ମିଳୁଛି । ପୁରୁଷ ଭଳି ମହିଳା ଏବେ ହାତରେ କରତ ଧରି କାଠ ଆସବାବପତ୍ର ତିଆରି କରୁଛନ୍ତି । ସେମିତି ଜଣେ ମହିଳା ବଢ଼େଇ ହେଲେ, ନାଗପୁର ବାଥିଣ୍ଡା ଅଞ୍ଚଳର ପ୍ରୀତି ହେଙ୍ଗେ । ସେ କାଠରୁ ଭଳିକି ଭଳି ଉପକରଣ ଯଥା - ସୋଫା, ଖଟ, ପଲଙ୍କ, ଚଉକି , ଟେବୁଲ ଆଦି ପ୍ରସ୍ତୁତ କରି କାଠକାର୍ଯ୍ୟରେ ନିଜର ଏକ ପରିଚୟ ସୃଷ୍ଟି କରିଛନ୍ତି । ଏହା କେବଳ ପୁରୁଷ କାର୍ଯ୍ୟ ନୁହେଁ, ବୋଲି ସେ ପ୍ରମାଣିତ କରିଛନ୍ତି । ଏଥିସହ ଅନ୍ୟ ମହିଳାଙ୍କୁ ଏ ଦିଗରେ ପ୍ରୋତ୍ସାହିତ କରିଛନ୍ତି ।

ମହିଳା ବଢ଼େଇ ଭାବେ ପରିଚିତ ପ୍ରୀତି ନାଗପୁର ବାଥିଣ୍ଡାରେ ରୁହନ୍ତି । ସେ ଗାଁର ଏକମାତ୍ର ମହିଳା ବଢ଼େଇ ଭାବେ ଜଣାଜାନ୍ତି । ଗାଁରେ ତାଙ୍କର ଜୟ ଶ୍ରୀ ଗଣେଶ ଫର୍ଣ୍ଣିଚର ମାର୍ଟ ନାମରେ ଏକ ଦୋକାନ ରହିଛି । ପିଲାବେଳୁ ସେ ନିଜ ପିତାଙ୍କୁ ବଢେଇ କାର୍ଯ୍ୟ କରିବାର ଦେଖିଥିଲେ । ଧୀରେ ଧୀରେ ତାଙ୍କର ଏଥିପ୍ରତି ରୁଚି ବଢ଼ିଥିଲା । ସେ ପିତାଙ୍କୁ କହି ଏହି କାର୍ଯ୍ୟ ଶିଖିଥିଲେ । ସେ କୋଡ଼ିଏ ବର୍ଷ ବୟସରେ ପ୍ରଥମେ ଏକ କାଠ ଆଲମାରୀ ତିଆରି କରିଥିଲେ । ଫର୍ଣ୍ଣିଚର ଜିନିଷ ପ୍ରତି ତାଙ୍କ ରୁଚି ଦେଖି ଏହି କାର୍ଯ୍ୟ ଶିଖିବାରେ ତାଙ୍କ ପିତା ସମ୍ପୂର୍ଣ୍ଣ ସହଯୋଗ କରିଥିଲେ । ପ୍ରଥମେ ପ୍ରଥମେ ପ୍ରୀତିଙ୍କୁ ଏହି କାର୍ଯ୍ୟ କରୁଥିବା ଦେଖି ସାହିପଡ଼ୋଶୀ ଲୋକେ ଟାହିଟାପରା କରୁଥିଲେ । ଅନେକ ତାଙ୍କ ମଜାକ୍ ଉଡ଼ାଉଥିଲେ । ହେଲେ ସ କାହା କଥାକୁ ଭ୍ରୁକ୍ଷେପ ନ କରି ନିଜ କାମରେ ଧ୍ୟାନ ଦେଇଥିଲେ । ଧିରେ ଧିରେ ସେ କାଠରୁ ଖଟ, ଆଲମାରୀ, ଡ୍ରେସିଂ ଟେବୁଲ୍ ଆଦି ଶିଖିଥିଲେ । ବିବାହପରେ ଘରର ଆର୍ଥିକ ସ୍ଥିତି ଭଲ ନ ଥିବାରୁ ସେ ଫର୍ଣ୍ଣିଚର ଦୋକାନ କରି ବ୍ୟବସାୟ କରିବାକୁ ସ୍ଥିର କରିଥିଲେ । ପ୍ରଥମ ଛୁଆ ଜନ୍ମ ହେବାପରେ ସେ ଏହି ଫର୍ଣ୍ଣିଚର କାର୍ଯ୍ୟ ଆରମ୍ଭ କରିଥିଲେ । ଧୀରେ ଧୀରେ ତାଙ୍କ କାମ ଦେଖି ଲୋକେ ତାଙ୍କୁ ପ୍ରଶଂସା କଲେ । ସ୍ଥାନୀୟ ଅଞ୍ଚଳରେ ଲୋକେ ତାଙ୍କୁ କାର୍ପେଣ୍ଟର ଦିଦି ଭାବେ ଡାକନ୍ତି । କାଠକାମ ପାଇଁ ପ୍ରସିଦ୍ଧି ଲାଭ କରିଥିବା ପ୍ରୀତିଙ୍କ ପୂର୍ବରୁ ସେ ଅଞ୍ଚଳରେ କୌଣସି ମହିଳା କାଠ କାରିଗର ନ ଥିଲେ । ସେ ନଅ ବର୍ଷ ପୂର୍ବେ ଏକ ଦୋକାନ ଭଡ଼ାରେ ନେଇ ଏହି ବ୍ୟବସାୟ ଆରମ୍ଭ କରିଥିଲେ । ସମୟ କ୍ରମେ ସେ ଏଥିରେ ସଫଳ ହୋଇଥିଲେ । ଦେଖୁ ଦେଖୁ ତାଙ୍କ ତିଆରି ସାମଗ୍ରୀ ଲୋକପ୍ରିୟ ହୋଇଥିଲା । ଏହାପରେ ସେ ଭାରତ ସରକାରଙ୍କ ସ୍କିଲ୍ ଇଣ୍ଡିଆ ମିଶନରେ ୧୫ ଦିନିଆ କର୍ମଶାଳାରେ ମଧ୍ୟ ଭାଗ ନେଇଥିଲେ । ଜଣେ ଗୃହିଣୀ ଭାବେ ସେ ଘରକାର୍ଯ୍ୟ ସହ ଏହି କାଠକାମ କରିଥାନ୍ତି । ଏହାଦ୍ୱାରା ନିଜେ ରୋଜଗାରକ୍ଷମ ହେବା ସହ ନିତିଦିନିଆ ତେଲ ଲୁଣ ସଂସାର ଚଳାଇଥାନ୍ତି ।

# ସ୍ଲିଭ୍‌ଲେସ୍ ବ୍ଲାଉଜ୍

ଶାଢ଼ିରେ ମହିଳାମାନେ ଡିଜାଇନର ବ୍ଲାଉଜ୍ ପିନ୍ଧିବାକୁ ପସନ୍ଦ କରନ୍ତି । ଏହା ଶାଢ଼ିର ସୌନ୍ଦର୍ଯ୍ୟକୁ ଦ୍ୱିଗୁଣିତ କରିଥାଏ । ସେହିପରି ନିଜକୁ ଏକ ଆଧୁନିକ ତଥା ଷ୍ଟାଇଲିଶ୍ ଲୁକ୍ ଦେବାକୁ ଚାହୁଁଥିଲେ, ସ୍ଲିଭ୍‌ଲେସ୍ ବ୍ଲାଉଜ୍ ପିନ୍ଧିପାରିବେ । ଏହା ଉଭୟ କାଜୁଆଲ୍ ଓ ବିବାହ ପାର୍ଟି ଫଙ୍କ୍‌ସନ୍‌ରେ ଭଲ ମାନିଥାଏ । ଏଥିପାଇଁ ହେୟାର୍ ଷ୍ଟାଇଲ୍‌ରୁ ନେଇ ଆସେସରିଜ୍ ପ୍ରତି ବିଶେଷ ଧ୍ୟାନ ଦେବାକୁ ପଡ଼ିଥାଏ । ତେବେ ସ୍ଲିଭ୍‌ଲେସ୍ ବ୍ଲାଉଜରେ ସୁନ୍ଦର ଦିଶିବାକୁ ଚାହୁଁଥିଲେ, ଆପଣାନ୍ତୁ ଏହି ଉପାୟ ।



## ବଟମ୍‌ୱେୟାର

ଏହାକୁ ଉଭୟ ଶାଢ଼ି ଓ ଲେହେଙ୍ଗା ସହ ପିନ୍ଧିପାରିବେ । ବ୍ଲାଉଜ୍ ସାଧା ଥିଲେ ଏହାକୁ ଭାରି କାମଯୁକ୍ତ ଶାଢ଼ିରେ ପିନ୍ଧିପାରିବେ । ସେହିପରି ବ୍ଲାଉଜ୍‌ରେ ଭାରି କାମ ଥିଲେ, ଏହାକୁ ହାଲୁକା ଶାଢ଼ି ତଥା ଲେହେଙ୍ଗାରେ ପିନ୍ଧିପାରିବେ । ଏହାଦ୍ୱାରା ଲୁକ୍‌ରେ ଏକ ସନ୍ତୁଳନ ରହିଥାଏ ।

## ଜୁଏଲାରୀ ଓ ହେୟାର୍ ଷ୍ଟାଇଲ୍

ସ୍ଲିଭ୍‌ଲେସ୍ ବ୍ଲାଉଜରେ ଅଳଙ୍କାର ଓ ହେୟାର୍ ଷ୍ଟାଇଲ୍ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥାଏ । ତେଣୁ ଷ୍ଟାଇଲିଶ୍ ଦେଖାଯିବା ପାଇଁ ଝୁମ୍‌କା ତଥା ପେଣ୍ଡି କାନଫୁଲ ପିନ୍ଧିପାରିବେ । କେଶକୁ ଖୋଲା ନ ରଖି କର୍ଲ କିମ୍ବା ବନ୍ କରିପାରିବେ । ଏଥିସହ ବ୍ଲାଉଜ୍ ଏମ୍ବ୍ରୋଡୋରୀ ଡିଜାଇନ୍ ଥିଲେ ହାଇ ପନିଟେଲ କରିପାରିବେ ।

## ସ୍ରଗ୍

ପ୍ରଥମ ଥର ସ୍ଲିଭ୍‌ଲେସ୍ ବ୍ଲାଉଜ୍ ପିନ୍ଧୁଥିଲେ ଏହାକୁ ସ୍ରଗ୍ କିମ୍ବା ଜ୍ୟାକେଟ୍ ସହ ଷ୍ଟାଇଲ୍ କରିପାରିବେ । ଏଥିରୁ ଏକ ଏଲିଗେଣ୍ଟ ଲୁକ୍ ମିଳିଥାଏ । ଏଥିରୁ ଏକ ଇଣ୍ଡୋ ୱେଷ୍ଟର୍ଣ୍ଣ ଲୁକ୍ ମିଳିଥାଏ ।

# କିସ୍‌ମିସ୍ ପାଣିରୁ ଦୂର ହେବ କେଶ ସମସ୍ୟା

କିସ୍‌ମିସ୍‌ରେ ବହୁ ପୋଷକ ତତ୍ତ୍ୱ ରହିଥାଏ । ସେଥିପାଇଁ ବିଶେଷଜ୍ଞମାନେ କିସ୍‌ମିସ୍ ସହ ଏହାର ପାଣି ପିଇବାକୁ ପରାମର୍ଶ ଦେଇଥାନ୍ତି । ଏହା ଶରୀର ପାଇଁ ସ୍ୱାସ୍ଥ୍ୟକର ହେବା ସହ ପାଚନରେ ସାହାଯ୍ୟ କରିଥାଏ । ସେହିପରି ଏହା ସ୍ୱାସ୍ଥ୍ୟ ଭଳି କେଶ ପାଇଁ ମଧ୍ୟ ଖୁବ୍ ଲାଭଦାୟକ ହୋଇଥାଏ । ଜାଣିବା ସେ ବିଷୟରେ...

## କେଶ ବୃଦ୍ଧି

କିସମିସ୍ ପାଣିରେ ଆଇରନ୍ ପ୍ରଚୁର ମାତ୍ରାରେ ରହିଥାଏ । ତେଣୁ ଏହା କେଶମୂଳକୁ ରକ୍ତସଞ୍ଚାଳନ କରିବାରେ ସହାୟକ ହୋଇଥାଏ । ସେହିପରି ଏହାଦ୍ୱାରା କେଶକୁ ପର୍ଯ୍ୟାପ୍ତ ପରିମାଣରେ ଅମ୍ଳଜାନ ଓ ପୋଷକ ତତ୍ତ୍ୱ ମିଳିଥାଏ । ନିୟମିତ କିସ୍‌ମିସ୍ ପାଣି ପିଇବା ଦ୍ୱାରା ସ୍କାଲ୍‌ପ ସମସ୍ୟା ଦୂର ହୋଇଥାଏ ।

## କେଶ ଝଡ଼ା ସମସ୍ୟା ଦୂର କରେ

୧୫ ରୁ ୨୦ ଟି କିସ୍‌ମିସ୍ ନେଇ ଗୋଟିଏ ପାତ୍ରରେ ବୁଡ଼ାଇ ରାତିସାରା ରଖି ଦିଅନ୍ତୁ । ଏହାକୁ ସକାଳୁ ଖାଲି ପେଟରେ ପିଅନ୍ତୁ । ଏଥିରେ ଥିବା ଭିଟାମିନ୍, ପୋଟାସିୟମ୍ ଓ ମ୍ୟାଗ୍ନେସିୟମ୍ କେଶମୂଳକୁ ମଜଭୂତ କରି କେଶଝଡ଼ାକୁ ରୋକିଥାଏ । ଏଥିସହ ପତଳାକେଶକୁ ଘନ କରିବାରେ ସହାୟକ ହୋଇଥାଏ ।

## ଆଣେ କେଶରେ ଚମକ

କିସ୍‌ମିସ୍‌ରେ ବାୟୋଟିନ୍ ମାତ୍ରା ଅଧିକ ଥାଏ । ଏହା ସୁସ୍ଥ ଓ ଉଜ୍ଜ୍ୱଳ କେଶ ପାଇଁ ଆବଶ୍ୟକ ହୋଇଥାଏ । ତେଣୁ କିସ୍‌ମିସ୍ ପାଣି ନିୟମିତ ପିଇବା ଦ୍ୱାରା କେଶ ମଜଭୂତ ହେବା ସହ କୋମଳ ଓ ଚମକ ଆସିଥାଏ ।

**ରୁହେ ନାହିଁ ରୂପି ସମସ୍ୟା** ଏଥିରେ ଥିବା ପ୍ରାକୃତିକ ଭିଟାମିନ୍ କେଶରେ ରୁପି ସମସ୍ୟା ଦୂର କରିଥାଏ । ଏଥିସହ ସ୍କାଲ୍‌ପକୁ ସଂକ୍ରମଣରୁ ସୁରକ୍ଷା ଦେଇଥାଏ । ଏହାକୁ ନିୟମିତ ସେବନ କରିବା ଦ୍ୱାରା ସମସ୍ତ କେଶ ସମସ୍ୟାରୁ ମୁକ୍ତି ମିଳିଥାଏ ।



# ଆରବିକ୍ ଆଇଲାଇନର୍

ଆଖିକୁ ଆକର୍ଷଣୀୟ କରିବା ପାଇଁ ସମସ୍ତେ ଚାହାଁନ୍ତି । ଏଥିପାଇଁ କଳା, ମସ୍କାରା ଭଳି ଲାଇନର୍ ଲଗାଇଥାନ୍ତି । ଆଇଲାଇନର ଆଖିର ସୁନ୍ଦରତାକୁ ବୃଦ୍ଧି କରି ଆଖିକୁ ଏକ ଆକାର ଦେଇଥାଏ । ସେହିପରି ଏବେ ଆରବିକ୍ ଆଇଲାଇନର୍ ଟ୍ରେଣ୍ଡରେ ରହିଛି ଜାଣିବା ସେ ବିଷୟରେ...

- ଆଖିରେ ପତଳା ଲାଇନର ଲଗାଇବାକୁ ପସନ୍ଦ ନ ଥିଲେ, ଆରବିକ୍ ଆଇଲାଇନର ଲଗାଇପାରିବେ । ଏ ପ୍ରକାର ଲାଇନର୍‌କୁ ଆଖିରେ ମୋଟା କରି ଲଗାଯାଇଥାଏ । ସେହିପରି ଏହା ଆଖିର ତଳଉପର ଦୁଇପାର୍ଶ୍ୱରେ ଲଗାଯାଇଥାଏ । ଆରବରେ ପ୍ରଚଳିତ ଏହି ଷ୍ଟାଇଲ୍‌କୁ ଆରବିକ୍ ଆଇଲାଇନର କୁହାଯାଏ ।
- ଏହି ଆଇଲାଇନର କ୍ୟାଟ୍ ଆଇଲାଇନର ସହ ପାଖାପାଖି ସମାନ । ଏଥିରେ ଆଖିରେ ୱିଙ୍ଗ୍ ଟଣାଯାଇଥାଏ ।
- ଲାଇନର ଲଗାଇବେଳେ ହାତ ଥରୁଥିଲେ, ସ୍କ୍ରାଚ୍ ଟେପ୍ ବ୍ୟବହାର କରିପାରିବେ । ଏଥିପାଇଁ ଆଖି କୋଣରେ ଲାଇନର ଲଗାଇବା ପୂର୍ବରୁ ଟେପ୍ ଲଗାନ୍ତୁ । ଏହାପରେ ଲାଇନର ଲଗାଇ ଟେପ୍‌କୁ କାଢ଼ିଦିଅନ୍ତୁ । ଏହାଦ୍ୱାରା ଲାଇନର ସେପ୍‌ରେ ଲାଗିଥାଏ ।
- ସେହିପରି ସିଧା ଗାର ଯୁକ୍ତ ଆଇଲାଇନର ଲଗାଇବାକୁ ପସନ୍ଦ ନ ଥିଲେ, ଏହାକୁ ଛୋଟ ଛୋଟ ଡଟ୍ ଡିଜାଇନ୍ କରି ଲଗାଇପାରିବେ । ଏହାପରେ ଲାଇନରକୁ ଏକାସହ ଯୋଡ଼ିପାରିବେ । ଏହାଦ୍ୱାରା ଲାଇନର ସୁନ୍ଦର ଦେଖାଯାଏ ।



# ଫର୍‌ମେଣ୍ଟେଡ୍ ସ୍କିନ୍ କେୟାର୍

ସମୟାନୁସାରେ ସ୍କିନ୍ କେୟାର ଟ୍ରେଣ୍ଡରେ ପରିବର୍ତ୍ତନ ଦେଖିବାକୁ ମିଳିଥାଏ । ଏହି କ୍ରମରେ ଏବେ ଫର୍‌ମେଣ୍ଟେଡ୍ ସ୍କିନ୍ କେୟାର୍ ଟ୍ରେଣ୍ଡରେ ରହିଛି । କୋରିଆ ଓ ଜାପାନରୁ ଆରମ୍ଭ ହୋଇଥିବା ଏହି ଟ୍ରେଣ୍ଡ ଏବେ ଭାରତରେ ପ୍ରଚଳିତ । ଏହା ପ୍ରାକୃତିକ ଓ ଦୀର୍ଘସ୍ଥାୟୀ ଗୁଣ ଯୋଗୁ ମହିଳାଙ୍କ ମଧ୍ୟରେ ଖୁବ୍ ଲୋକପ୍ରିୟ ହୋଇଛି । ଏଥିରେ ଥିବା ନ୍ୟୁଟ୍ରିଏଣ୍ଟସ୍ ତ୍ୱଚାକୁ ଗଭୀରରୁ ସଫା କରି ତ୍ୱଚାରେ ଚମକ ଆଣିଥାଏ ।



## ଫର୍‌ମେଣ୍ଟେଡ୍ ସ୍କିନ୍ କେୟାର୍ କ'ଣ

ଏହି ସ୍କିନ୍‌କେୟାର୍ ପ୍ରସାଧନ ପ୍ରାକୃତିକ ଉପାଦାନକୁ ମିଶାଇ ପ୍ରସ୍ତୁତ କରାଯାଇଥାଏ । ଏହା ତ୍ୱଚାକୁ ପ୍ରାକୃତିକ ଉପାୟରେ ସୁସ୍ଥ ରଖିବାରେ ସହାୟକ ହୋଇଥାଏ ।

## ତ୍ୱଚାର ଫାଇଦା

ଏହା ଭିଟାମିନ୍, ଆମିନୋ ଏସିଡ୍ ଏବଂ ଆଣ୍ଟିଅକ୍ସିଡାଣ୍ଟର୍ ମାତ୍ରା ବଢ଼ାଇଥାଏ । ଏହା ତ୍ୱଚାକୁ ହାଇଡ୍ରେଟ୍ ରଖିବା ସହ ତ୍ୱଚାର ଉଜ୍ଜ୍ୱଳତା ବୃଦ୍ଧି କରିଥାଏ ।

## ଭାରତରେ ଲୋକପ୍ରିୟ

ପ୍ରାକୃତିକ ଓ ରସାୟନ ମୁକ୍ତ ପ୍ରସାଧନର ଚାହିଦାକୁ ଦୃଷ୍ଟିରେ ରଖି ଏହାର ଲୋକପ୍ରିୟତା ବୃଦ୍ଧି ପାଇଛି । ଏହା ରସାୟନ ମୁକ୍ତ ହୋଇଥିବାରୁ ଏହାକୁ ତ୍ୱଚାରେ ଲଗାଇବାରେ କୌଣସି ସମସ୍ୟା ହୁଏ ନାହିଁ ।

## ଉପାଦାନ

ଗ୍ରୀନ ଟି, ଚାଉଳ ପାଣି, ଦହି, ଭଳି ଉପାଦାନ ଏଥିରେ ବ୍ୟବହାର କରାଯାଏ । ଏହା ସମ୍ବେଦନଶୀଳ ତ୍ୱଚା ପାଇଁ ଖୁବ୍ ଭଲ ହୋଇଥାଏ । ଏହା ତ୍ୱଚାର ଭଲଭାବେ ମିଶିଯାଏ । ତେଣୁ ଭାରତରେ ଅଧିକାଂଶ ଲୋକେ ଦହି, ଗ୍ରୀନ ଟି ବ୍ୟବହାର କରି ସ୍କିନ୍‌କେୟାର କରନ୍ତି ।

# କମ୍ ସ୍ଥାନରେ ସଜାଇ ରଖନ୍ତୁ ଜୋତା

ଅନେକ ସମୟରେ ଘରେ ସ୍ଥାନ କମ ଥିବାରୁ ଜୋତା, ଚପଲ ଆଦି ରଖିବାରେ ସମସ୍ୟା ହୋଇଥାଏ । ଚପଲ ଷ୍ଟାଣ୍ଡରେ ରଖିବା ପରେ ମଧ୍ୟ ଏହା ଯଥେଷ୍ଟ ହୋଇ ନଥାଏ । ତେଣୁ ଘରେ ଜୋତା ଏଠିସେଠି ପଡ଼ି ରହିଥାଏ । ଏହା ଆଖିକୁ ଅସୁନ୍ଦର ଦେଖାଯାଏ । ତେଣୁ ଜାଣିବା କିପରି ସଜାଇ ରଖିବେ ଜୋତା ।

- ଘରକୁ ଆସୁଥିବା ନୂଆ ଜୋତା ବକ୍ସକୁ ନ ଫୋପାଡ଼ି ତାହାକୁ ସଂଗ୍ରହ କରନ୍ତୁ । ଚାରି ପାଞ୍ଚୋଟି ବକ୍ସ ହୋଇଗଲେ ଏହାକୁ ଗୋଟିଏ ଉପରେ ଗୋଟିଏ ରଖି ଅଠା କିମ୍ବା ସେଲୋ ଟେପ୍‌ରେ ଲଗାଇ ଦିଅନ୍ତୁ । ଏହାପରେ ବକ୍ସର ଉପରପାର୍ଶ୍ୱକୁ କାଟିଦିଅନ୍ତୁ । ପରେ ବକ୍ସରେ ଚପଲଗୁଡ଼ିକୁ ସଜାଇ ରଖନ୍ତୁ ।
- ସେହିପରି ବଜାରରେ ମିଳୁଥିବା ଜରି ଜୋତା କଭର୍ ମଧ୍ୟ କିଣିପାରିବେ । ଏଥିରେ ଜୋତାକୁ ରଖି ଏହାକୁ କାର୍ଟୁନ ବକ୍ସରେ ଏକତ୍ର ରଖିପାରିବେ । ଏହାଦ୍ୱାରା ଜୋତା ରଖିବା ସମସ୍ୟା ଦୂର ହୋଇଥାଏ ।



ମୋ ହାଣ୍ଡିଶାଳରୁ...

# ଆଳୁ ପଲଉ

## ଆବଶ୍ୟକ ସାମଗ୍ରୀ

ବିରିୟାନୀ ଚାଉଳ -୨୦୦ ଗ୍ରାମ୍, ଆଳୁ – ଦୁଇଟି, କଟା ପିଆଜ – ଏକ କପ୍, ଜିରା – ଏକ ଚାମଚ, ଅଦା – ଏକ ଇଞ୍ଚ, ରସୁଣ – ଚାରି ପାଞ୍ଚଟି, ଟମାଟୋ – ଗୋଟିଏ, କଞ୍ଚା ଲଙ୍କା – ଦୁଇ ଗୋଟି, ହଳଦୀଗୁଣ୍ଡ – ଏକ ଚାମଚ, ଲଙ୍କା ଗୁଣ୍ଡ – ଏକ ଚାମଚ, ଧନିଆଗୁଣ୍ଡ – ଏକ ଚାମଚ, ଗରମ ମସଲା – ଏକ ଚାମଚ, ଧନିଆପତ୍ର – ଅଧା କପ୍, ଲୁଣ – ସ୍ୱାଦ ଅନୁସାରେ, ତେଲ – ଆବଶ୍ୟକତା ଅନୁସାରେ ।

## ପ୍ରସ୍ତୁତି ପ୍ରଣାଳି

ପ୍ରଥମେ ବିରିୟାନୀ ଚାଉଳକୁ ଗୋଟିଏ ବାଉଲ୍‌ରେ କାଢ଼ି ଧୋଇ ଦିଅନ୍ତୁ । ସେଥିରେ ଅଳ୍ପ ପାଣି ଦେଇ ଏହାକୁ ବତୁରାଇ ରଖନ୍ତୁ । ଏହାପରେ ଆଳୁରୁ ଚୋପା ଛଡ଼େଇ ବଡ଼ଖଣ୍ଡରେ କାଟି ଧୋଇ ଦିଅନ୍ତୁ । ଚୁଲାରେ କଡ଼େଇ ବସାଇ ତେଲ ଦିଅନ୍ତୁ । ତେଲ ଗରମ ହୋଇଯିବା ପରେ ସେଥିରେ କଟା ଆଳୁକୁ ଦେଇ ଭଲରେ ଭାଜି ଜିଅନ୍ତୁ । ଏହାକୁ ଗୋଟିଏ ପାତ୍ରରେ କାଢ଼ନ୍ତୁ । ପରେ ସେହି ତେଲରେ ଅଳ୍ପ ଜିରା ପକାଇ ପିଆଜ ଦେଇ ଭାଜନ୍ତୁ । ପିଆଜ ଭାଜି ହୋଇଗଲେ କାଟି ରଖିଥିବା ଲଙ୍କା, ଅଦା ଓ ରସୁଣକୁ ଦିଅନ୍ତୁ । ଏହାପରେ ଟମାଟୋ ଦେଇ ସେଥିରେ ଏକ ଚାମଚ ଲୁଣ ପକାଇ ଭାଜନ୍ତୁ । ଏହାପରେ ହଳଦୀଗୁଣ୍ଡ, ଲଙ୍କାଗୁଣ୍ଡ, ଜିରାଗୁଣ୍ଡ ଓ ଗରମ ମସଲା ଦିଅନ୍ତୁ । ମସଲାକୁ ଭଲରେ ଏପାଖସେପାଖ କରି ସେଥିରେ ଅଳ୍ପ ପାଣି ଦେଇ ଢାଙ୍କୁଣି ଘୋଡ଼ାଇ ଦିଅନ୍ତୁ । ପାଣି ଫୁଟିଗଲା ପରେ ଧୋଇ ରଖିଥିବା ବିରିୟାନୀ ଚାଉଳକୁ ଦେଇ ୩୦ ମିନିଟ୍ ଘୋଡ଼ାଇ ଦିଅନ୍ତୁ । ଏହାପରେ ଢାଙ୍କୁଣି ଖୋଲି ଧନିଆପତ୍ର ଦିଅନ୍ତୁ । ପ୍ରସ୍ତୁତ ହୋଇଗଲା 'ଆଳୁ ପଲାଉ' ।



## ୩୦ ମିନିଟ୍ ବିଳମ୍ବରେ ଆରମ୍ଭ ହେବ ଏସିଆ କପ୍ କ୍ରିକେଟ

ମୁମ୍ବାଇ,୩୦।୮ (ଏଜେନ୍ସି): ୟୁଏଇର ଦୁବାଇ ଓ ଆବୁଧାବିରେ ସେପ୍ଟେମ୍ବର ୯ ତାରିଖରୁ ଖେଳାଯିବାକୁ ଥିବା ଏସିଆ କପ୍ କ୍ରିକେଟ ପ୍ରତିଯୋଗିତା ନିର୍ଦ୍ଧାରିତ ସମୟଠାରୁ ୩୦ ମିନିଟ୍ ବିଳମ୍ବରେ ଆରମ୍ଭ ହେବ। ପୂର୍ବରୁ ସମସ୍ତ ଖେଳ ଭାରତୀୟ ସମୟ ରାତି ୭ଟା ୩୦ରୁ ଆରମ୍ଭ ହେବାର କାର୍ଯ୍ୟକ୍ରମ ରହିଥିଲା। କିନ୍ତୁ ୟୁଏଇରେ ଏବେ ହେଉଥିବା ପ୍ରବଳ ଗରମ ଲାଗି ଖେଳ ଆରମ୍ଭକୁ ଘୁଞ୍ଚାଇ ଦିଆଯାଇଛି। ପରିବର୍ତ୍ତିତ ନିଷ୍ପତ୍ତି ଅନୁଯାୟୀ ଗୋଟିଏ ମ୍ୟାଚ୍‌କୁ ବାଦ୍ ଦେଇ ଅନ୍ୟ ୧୮ ଟି ମ୍ୟାଚ୍ ଭାରତୀୟ ସମୟ ରାତି ୮ ଟାରୁ ଆରମ୍ଭ ହେବ। କେବଳ ୟୁଏଇ ଓ ଓମାନ ମଧ୍ୟରେ ସେପ୍ଟେମ୍ବର ୧୫ରେ ଖେଳାଯିବାକୁ ଥିବା ମ୍ୟାଚ୍ ୨ ଘଣ୍ଟା ଆଗୁଆ ବା ଭାରତୀୟ ସମୟ ଅନୁସାରେ ସନ୍ଧ୍ୟା ୫ଟା ୩୦ ମିନିଟ୍‌ରୁ ଆରମ୍ଭ ହେବ। ଡିଫେଣ୍ଡିଂ ଏବଂ ୭ଥରର ଚାମ୍ପିଅନ ଭାରତ ଏହି ଟୁର୍ଣ୍ଣାମେଣ୍ଟରେ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନ, ଓମାନ ଓ ୟୁଏଇ ସହ ଗ୍ରୁପ୍-ଏ’ରେ ସ୍ଥାନ ପାଇଛି। ସେପ୍ଟେମ୍ବର ୧୦ରେ ଭାରତ ତାହାର ପ୍ରଥମ ମ୍ୟାଚ ୟୁଏଇ, ୧୪ରେ ପାକିସ୍ତାନ ଓ ୧୯ରେ ୟୁଏଇ ସହ ଖେଳିବ। ସେପ୍ଟେମ୍ବର ୨୦ରୁ ୨୬ ତାରିଖଯାଏ ସୁପର-୪ ଓ ଏଥିରେ ପ୍ରଥମ ଦୁଇଟି ସ୍ଥାନ ଅଧିକାର କରିଥିବା ଦଳ ମଧ୍ୟରେ ଫାଇନାଲ ମୁକାବିଲା ସେପ୍ଟେମ୍ବର ୨୮ ରେ ଖେଳାଯିବ।

## ଫିଟ୍‌ନେସ ଟେଷ୍ଟ ଲାଗି ବେଙ୍ଗାଲୁରୁରେ ପହଞ୍ଚିଲେ ଭାରତୀୟ କ୍ରିକେଟର



ବେଙ୍ଗାଲୁରୁ,୩୦।୮ (ଏଜେନ୍ସି): ସେପ୍ଟେମ୍ବର ୯ରୁ ଖେଳାଯିବାକୁ ଥିବା ଏସିଆ କପ୍ ଓ ବିଦେଶ ମାଟିରେ ହେବାକୁ ଥିବା ଅଷ୍ଟ୍ରେଲିଆ ବିପକ୍ଷ ସୀମିତ ଓଭର ସିରିଜ୍ ଲାଗି ଭାରତୀୟ ଖେଳାଳିଙ୍କ ଫିଟ୍‌ନେସ୍ ପରୀକ୍ଷା ନୂଆକରି ନିର୍ମାଣ ହୋଇଥିବା ସେଣ୍ଟର ଅଫ୍ ଏକ୍ସଲେନ୍ସରେ ହେବ। ଏଥିଲାଗି ରୋହିତ ଶର୍ମା, ଯଶପ୍ରୀତ୍ ବୁମ୍‌ରା ଓ ଟେଷ୍ଟ ଅଧିନାୟକ ଶୁବମନ ଗିଲ୍ ଏଠାରେ ପହଞ୍ଚିଛନ୍ତି। ଏମାନଙ୍କ ସହ ଶାର୍ଦ୍ଦୁଳ ଠାକୁର, ମହମ୍ମଦ୍ ସିରାଜ, ଯଶସ୍ୱୀ ଜୟସ୍ୱାଲ, ଜିତେଶ ଶର୍ମା ମଧ୍ୟ ପହଞ୍ଚିଛନ୍ତି। ଏମାନଙ୍କୁ ଷ୍ଟ୍ରେନ୍ଥ ଆଣ୍ଡ କଣ୍ଡିସନିଂ କୋଚ୍ ଆଡ୍ରିଆନ ଲୀ ରକ୍ସ ଫିଟନେସ ପରୀକ୍ଷା କରିବା ସହ ପ୍ରଶିକ୍ଷଣ ଦେବେ। ଜୁନ୍ ୧ରେ ଶେଷଥର ପ୍ରତିଯୋଗିତାମୂଳକ କ୍ରିକେଟ ଖେଳିଥିବା ୩୮ ବର୍ଷୀୟ ରୋହିତ ଶର୍ମା ଭାରତ ଗସ୍ତରେ ଆସୁଥିବା ଅଷ୍ଟ୍ରେଲିଆ-ଏ’ ସହ ୩ଟି ଯାକ ଦିନିକିଆରେ ଖେଳିବାର କାର୍ଯ୍ୟକ୍ରମ ରହିଛି। ଏହା ପରେ ସେ ଓ ଅନ୍ୟ ମନୋନୀତ ଖେଳାଳିମାନେ ଅଷ୍ଟ୍ରେଲିଆ ଯିବେ।

■ ୨୦୩୦ ରାଜ୍ୟଗୋଷ୍ଠୀ କ୍ରୀଡ଼ା

## ବିଡ୍ ଦାଖଲକଲା ଭାରତ

ନୂଆଦିଲ୍ଲୀ,୩୦।୮ (ଏଜେନ୍ସି): ଭାରତରେ ୨୦୩୦ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଆୟୋଜନ କରିବା ସକାଶେ ଭାରତୀୟ ଅଲିମ୍ପିକ୍ ସଂଘ ଆଜି ବିଡ୍ ଦାଖଲ କରିଛି। ଭାରତ ଯଦି ଆୟୋଜନ ଅଧିକାର ପାଏ ତେବେ ଅହମ୍ମଦାବାଦ୍‌ରେ ଏହି ଟୁର୍ଣ୍ଣାମେଣ୍ଟ ଆୟୋଜିତ ହେବ। ଅଲିମ୍ପିକ୍ ସଂଘ ଗତକାଲି ରାଜ୍ୟଗୋଷ୍ଠୀ କ୍ରୀଡ଼ାର ମୁଖ୍ୟାଳୟ ଲଣ୍ଡନରେ ଏହି ବିଡ୍ ଦାଖଲ କରିଛି। ୨୦୧୦ରେ ଶେଷଥର ଭାରତରେ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଆୟୋଜିତ ହୋଇଥିଲା।

■ ଏସିଆ କପ୍ ହକି


## କୋରିଆକୁ ହରାଇଲା ମାଲେସିଆ

ରାଜଗିର,୩୦।୮ (ଏଜେନ୍ସି): ଏଠାରେ ଚାଲିଥିବା ଏସିଆ କପ୍ ପୁରୁଷ ହକିରେ ପୂର୍ବ ଚାମ୍ପିଅନ ଦକ୍ଷିଣ କୋରିଆକୁ ୪-୧ ଗୋଲରେ ପରାସ୍ତ କରି ମାଲେସିଆ ବିପର୍ଯ୍ୟୟ ସୃଷ୍ଟି କରିବା ସହ ପ୍ରଥମ ବିଜୟ ହାସଲ କରିଛନ୍ତି। ବିଜୟୀ ଦଳ ପକ୍ଷରୁ ଅଖିମୁଲ୍ଲା ଅନୱାର ହ୍ୟାଟ୍ରିକ ସହ ୩ଟି ଗୋଲ ସ୍କୋର କରିଛନ୍ତି। ସେହିପରି ଅନ୍ୟ ଏକ ମ୍ୟାଚ୍‌ରେ ଚାଇନିଜ୍ ତାଇପେଇକୁ ୮-୩ ଗୋଲରେ ପରାସ୍ତ କରି ବାଂଲାଦେଶ ବିରାଟ ବିଜୟ ହାସଲ କରିଛି। ବିଜୟୀ ଦଳ ପକ୍ଷରୁ ଅବ୍‌ଦୁଲ୍ଲା, ହାସନ ଓ ଇସ୍‌ଲାମ ୨ଟି ଲେଖାଏଁ ଗୋଲ ସ୍କୋର କରିଛନ୍ତି। ୪ଟି ଦଳକୁ ନେଇ ଗଠିତ ଗ୍ରୁପ୍-ବି’ରେ ମାଲେସିଆ ୨ଟି ମ୍ୟାଚ୍‌ରୁ ୨ଟି ବିଜୟ ସହ ଶୀର୍ଷସ୍ଥାନରେ ରହିଛି। ଆସନ୍ତାକାଲି ପୁଲ-ଏ’ର ଦୁଇଟି ମ୍ୟାଚ୍ ଖେଳାଯିବ। ଏହା ମଧ୍ୟରୁ ପ୍ରଥମ ମ୍ୟାଚ୍‌ରେ ଚୀନ୍ ସହ କାଜାଖସ୍ତାନ ଓ ଜାପାନ ସହ ଭାରତର ମୁକାବିଲା ହେବ। ଚୀନ୍ ଓ ଜାପାନ ପ୍ରଥମ ମ୍ୟାଚ୍‌ରେ ବିଜୟୀ ହୋଇଛନ୍ତି।

ୟୁଏସ୍ ଓପନ ଗ୍ରାଣ୍ଡସ୍ଲାମ୍

# ପ୍ରି-କ୍ୱାର୍ଟରରେ ସାବାଲେଙ୍କା ଓ ଗଫ୍

ନ୍ୟୁୟର୍କ,୩୦।୮ (ଏଜେନ୍ସି):





ମହିଳା ବିଭାଗର ଶୀର୍ଷ ଏବଂ ପ୍ରମୁଖ ଖେଳାଳି ୟୁଏସ୍ ଓପନ ଗ୍ରାଣ୍ଡସ୍ଲାମ୍ ଟେନିସ ଚତୁର୍ଥ ରାଉଣ୍ଡ ବା ପ୍ରି-କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ସେମାନଙ୍କ ମଧ୍ୟରେ ଟପ୍ ସିଡ ଆରିନା ସାବାଲେଙ୍କା, ୩ୟ ସିଡ୍ କୋକୋ ଗଫ୍, ଚତୁର୍ଥ ସିଡ୍ ଜେସିକା ପେଗୁଲା, ୯ମ ସିଡ୍ ଏଲେନା ରିବାକିନା ପ୍ରମୁଖ ତୃତୀୟ ରାଉଣ୍ଡରେ ବିଜୟ ହାସଲ କରିଛନ୍ତି। କିନ୍ତୁ ୭ମ ସିଡ୍ ଜସ୍ମିନ ପାଓଲିନ୍, ୫ମ ସିଡ୍ ମୀରା ଆନ୍ଦ୍ରିଭା, ୧୦ମ ସିଡ୍ ଏମ୍ମା ନାଭାରୋଙ୍କ ଅଭିଯାନ ତୃତୀୟ ରାଉଣ୍ଡରୁ ଶେଷ ହୋଇଛି। ଶନିବାର ରାତିରେ ଅନୁଷ୍ଠିତ ମହିଳା ସିଙ୍ଗଲ୍ସ ୩ୟ ରାଉଣ୍ଡ ମୁକାବିଲାରେ ଘରୋଇ ଖେଳାଳି ଗଫ୍ ୬-୩, ୬-୧ ସିଧାସଳଖ ସେଟ୍‌ରେ ପୋଲାଣ୍ଡର ମାଗଡାଲେନା ଫ୍ରେଚ୍‌ଙ୍କୁ ସହଜରେ ହରାଇ ଅଗ୍ରଗତି କରିଛନ୍ତି। ଅନ୍ୟ ଏକ ମୁକାବିଲାରେ ଚେକ୍ ରିପବ୍ଲିକ୍‌ର ମାର୍କେଟା ଭୋଣ୍ଡ୍ରୋଉସୋଭା ୭-୬, ୬-୧ ସେଟ୍‌ରେ ୭ମ ସିଡ୍ ଇଟାଲୀର ଜସ୍ମିନ୍ ପାଓଲିନ୍‌ଙ୍କୁ ପରାସ୍ତ କରିଥିଲେ। ସେହିଭଳି ସ୍ପେନ୍‌ର କ୍ରିଷ୍ଟିନା ବୁସା ୩-୬, ୭-୫, ୬-୩ ସେଟ୍‌ରେ ୧୯ନମ୍ବର ସିଡ୍ ବେଲଜିୟମ୍‌ର ଏଲିସେ ମେର୍ଟେନ୍ସଙ୍କୁ ପରାସ୍ତ କରି ପ୍ରି-କ୍ୱାର୍ଟରରେ ପ୍ରବେଶ କରିଥିଲେ। ୫ମ ସିଡ୍ ରୁଷର ମୀରା ଆନ୍ଦ୍ରିଭାଙ୍କୁ ଆମେରିକାର ଯୁବ ଖେଳାଳି ଟେଲର ଟାଉନ୍‌ସେଣ୍ଡ ୨-୦ ସିଧାସଳଖ ସେଟ୍‌ରେ ପରାସ୍ତ କରି ତାଙ୍କ ଟେନିସ କ୍ୟାରିୟରରେ ଏକ ବଡ ସଫଳତା ପାଇଛନ୍ତି। ଅଣସିଡେଡ ଖେଳାଳି ଆମେରିକାର ଆନ୍ ଲି ମଧ୍ୟ ପ୍ରି-କ୍ୱାର୍ଟରରେ ପ୍ରବେଶ କରି ତାଙ୍କ ଜୟଯାତ୍ରା ଅବ୍ୟାହତ ରଖିଛନ୍ତି।

ଟପ୍ ସିଡ୍ ସାବାଲେଙ୍କା ୬-୩, ୭-୬ରେ ୩୧ ନମ୍ବର ସିଡ୍ କାନାଡାର ଲୀଲା ଫର୍ଣ୍ଣାଣ୍ଡିଜ୍‌ଙ୍କୁ ପରାସ୍ତ କରି ପ୍ରି-କ୍ୱାର୍ଟରରେ ପ୍ରବେଶ କରିଛନ୍ତି। ପ୍ରି-କ୍ୱାର୍ଟରରେ ସାବାଲେଙ୍କାଙ୍କ ସହ କ୍ରିଷ୍ଟିନା ବୁସାଙ୍କ ମୁକାବିଲା କରିବେ। ସେହିପରି ପେଗୁଲାଙ୍କ ସହ ଆନ୍ ଲି, ରିବାକିନାଙ୍କ ସହ ଭୋଣ୍ଡ୍ରୋଉସୋଭା ଓ କ୍ରେଜିକୋଭାଙ୍କ ସହ ଟାଉନ୍‌ସେଣ୍ଡଙ୍କର କ୍ୱାର୍ଟରଫାଇନାଲ ସ୍ଥାନ ଲାଗି ମୁକାବିଲା ହେବ।

## ଫ୍ରିଜ୍, ଜୋକୋଭିଚ୍ ଚତୁର୍ଥ ରାଉଣ୍ଡରେ

ପୁରୁଷ ବିଭାଗରେ ମଧ୍ୟ ଶୀର୍ଷ ସିଡ୍ ଖେଳାଳିମାନେ ଚତୁର୍ଥ ରାଉଣ୍ଡ ବା ପ୍ରି-କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ସେମାନଙ୍କ ମଧ୍ୟରେ ଦ୍ୱିତୀୟ ସିଡ କାର୍ଲୋସ ଆଲକାରାଜ, ଚତୁର୍ଥ ସିଡ୍ ଟେଲର ଫ୍ରିଜ୍, ୭ମ ସିଡ୍ ନୋଭାକ ଜୋକୋଭିଚ୍ ପ୍ରମୁଖ ଚତୁର୍ଥ ରାଉଣ୍ଡରେ ପ୍ରବେଶ କରିଛନ୍ତି। ଶୁକ୍ରବାର ଖେଳାଯାଇଥିବା ତୃତୀୟ ରାଉଣ୍ଡ ମୁକାବିଲରେ ଜର୍ମାନୀର ଜାନ୍‌ଲେନାର୍ଡ ଷ୍ଟ୍ରଫ୍ ୨-୧ ସେଟ୍‌ରେ ବରିଷ୍ଠ ଖେଳାଳି ଫ୍ରାନ୍‌ସେସ୍ ଟିଆଫୋଏଙ୍କୁ ପରାସ୍ତ କରିଥିଲେ। ଚତୁର୍ଥ ରାଉଣ୍ଡରେ ଷ୍ଟ୍ରଫ୍‌ଙ୍କ ସହ ୭ମ ସିଡ୍ ନୋଭାକ ଜୋକୋଭିଚ୍‌ଙ୍କର ମୁକାବିଲା ହେବ। ତୃତୀୟ ରାଉଣ୍ଡରେ କାମେରନ ନୋରୀଙ୍କୁ ୪-୧ ସେଟ୍‌ରେ ହରାଇ ଜୋକୋଭିଚ୍ ଏହି ସଫଳତା ପାଇଥିଲେ। ଚତୁର୍ଥ ରାଉଣ୍ଡରେ ଆଲକାରାଜ୍‌ଙ୍କ ସହ ଆର୍ଥର ରିଣ୍ଡେର୍କନେକ୍, ଟେଲର ଫ୍ରିଜ୍‌ଙ୍କ ସହ ୨୧ ନଂ ସିଡ୍ ଟମାସ ମାଚାକ୍, ୨୦ ନମ୍ବର ସିଡ୍ ଜିରି ଲେହେକାଙ୍କ ସହ ଆଡ୍ରିଆନ ମାନାରିନୋଙ୍କର ମୁକାବିଲା ହେବ।

ଦୁଲୀପ ଟ୍ରଫି କ୍ରିକେଟରେ ଅଙ୍କିତ, ଧୂଲ୍‌ଙ୍କ ଶତକ

## ଉତ୍ତରାଞ୍ଚଳ କବ୍‌ଜାରେ କ୍ୱାର୍ଟରଫାଇନାଲ

ବେଙ୍ଗାଲୁରୁ,୩୦।୮ (ଏଜେନ୍ସି): ଅଧିନାୟକ ଅଙ୍କିତ କୁମାରଙ୍କ ଅପରାଜିତ ୧୬୮ ଓ ଯୁବ ଖେଳାଳି ଯଶ ଧୂଲ୍‌ଙ୍କ ୧୩୩ ରନ୍ ସହାୟତାରେ ଏଠାରେ ଚାଲିଥିବା ପୂର୍ବାଞ୍ଚଳ ବିପକ୍ଷ ଦୁଲୀପ ଟ୍ରଫିର ପ୍ରଥମ କ୍ୱାର୍ଟର ଫାଇନାଲ ଉତ୍ତରାଞ୍ଚଳ କବ୍‌ଜାରେ ରହିଛି। ପ୍ରଥମ ଇନିଂସରେ ୧୭୫ ରନ୍‌ରେ ଆଗୁଆ ଥିବା ଉତ୍ତରାଞ୍ଚଳ ତୃତୀୟ ଦିନ ଖେଳ ଶେଷସୁଦ୍ଧା ଦ୍ୱିତୀୟ ଇନିଂସରେ ୨ ୱିକେଟ ହରାଇ ୩୮୮ ରନ୍ ସଂଗ୍ରହ କରିଛି। ଏବେ ସୁଦ୍ଧା ଉତ୍ତରାଞ୍ଚଳ ୫୬୩ ରନ୍‌ରେ ଅଗ୍ରଣୀ ଥିଲାବେଳେ ଆସନ୍ତାକାଲି ଶେଷ ଦିନରେ ଦଳ ବିପକ୍ଷରେ ଫଳାଫଳ ଯିବାର ସମ୍ଭାବନା ନାହିଁ। ଶେଷ ଦିନରେ ଭଲ ବ୍ୟାଟିଂ କରିପାରିଲେ ପୂର୍ବାଞ୍ଚଳ ଏହି ମ୍ୟାଚ୍‌ରେ ସମ୍ମାନ ପାଇବ। ଉତ୍ତରାଞ୍ଚଳ ଦ୍ୱିତୀୟ ଇନିଂସରେ ସୁରଜ ସିନ୍ଧୁ ଜୟସ୍ୱାଲ ଓ ରିୟାନ ପରାଗ ଗୋଟିଏ ଲେଖାଏଁ ୱିକେଟ ପାଇଥିଲେ। ଏହି ମ୍ୟାଚ୍‌ରେ ଓଡ଼ିଶାରୁ କୌଣସି ଖେଳାଳି ଖେଳିବାକୁ ସମର୍ଥ ହୋଇ ନାହାନ୍ତି।

### କେନ୍ଦ୍ରାଞ୍ଚଳର ଶୁଭମ ଶର୍ମାଙ୍କ ଶତକ

ସେହିପରି ଏଠାରେ ଚାଲିଥିବା ଉତ୍ତର-ପୂର୍ବାଞ୍ଚଳ ବିପକ୍ଷ ଦ୍ୱିତୀୟ କ୍ୱାର୍ଟର ଫାଇନାଲରେ କେନ୍ଦ୍ରାଞ୍ଚଳ ଦ୍ୱିତୀୟ ଇନିଂସରେ ୭ ୱିକେଟରେ ୩୩୧ ରନ୍ କରିଛି। ଦଳ ପକ୍ଷରୁ ଶୁଭମ ଶର୍ମା ୧୨୨ ରନ୍‌ର ଶତକୀୟ ଇନିଂସ ଖେଳିଛନ୍ତି। ଯଶ ରାଠୋଡ ଓ ଅଧିନାୟକ ରଜତ ପାଟିଦାରଙ୍କ ବ୍ୟାଟ୍‌ରୁ ଯଥାକ୍ରମେ ୭୮ ଓ ୬୬ ରନ୍ ମିଳିଛି। ଦଳ ଏବେ ୬୭୮ ରନ୍‌ରେ ଆଗୁଆ ରହି ସେମିଫାଇନାଲରେ ପ୍ରବେଶ କରିବାର ରାସ୍ତା ପରିଷ୍କାର କରିନେଇଛି।

## ରାଜସ୍ଥାନ ରୟାଲ୍ସର ପ୍ରଶିକ୍ଷକ ପଦରୁ ଦ୍ରାବିଡ୍‌ଙ୍କ ଇସ୍ତଫା



ଜୟପୁର, ୩୦।୮ (ଏଜେନ୍ସି): ଆଇପିଏଲ୍‌ର ଆଗାମୀ ୨୦୨୬ ସିଜନ ପୂର୍ବରୁ ରାଜସ୍ଥାନ ରୟାଲ୍ସ ଦଳକୁ ବଡ଼ ଝଟ୍‌କା ଲାଗିଛି। ଦଳର ମୁଖ୍ୟ ପ୍ରଶିକ୍ଷକ ରାହୁଲ ଦ୍ରାବିଡ୍ ତାଙ୍କ ପଦରୁ ଇସ୍ତଫା ଦେଇଛନ୍ତି। ଦ୍ରାବିଡ୍ ଇସ୍ତଫା ଦେଇଥିବା ନେଇ ଫ୍ରାଞ୍ଚାଇଜ ପକ୍ଷରୁ ସାମାଜିକ ଗଣମାଧ୍ୟମରେ ଏକ ବିବୃତି ଜାରି କରି ସୂଚନା ଦିଆଯାଇଛି। ‘୨୦୨୬ ଆଇପିଏଲ୍ ପୂର୍ବରୁ ଦ୍ରାବିଡ୍ ଦଳ ଛାଡ଼ିବାକୁ ନିଷ୍ପତ୍ତି ନେଇଛନ୍ତି। ଦ୍ରାବିଡ୍‌ଙ୍କ ତତ୍ତ୍ୱାବଧାନରେ ଖେଳାଳିମାନେ ଭଲ ପ୍ରଦର୍ଶନ କରିଥିଲେ। ଟିମ୍‌ର ବାତାବରଣକୁ ଉନ୍ନତ କରିବାରେ ତାଙ୍କର ଯୋଗଦାନ ଅତୁଳନୀୟ ଥିଲା। ଫ୍ରାଞ୍ଚାଇଜ ପକ୍ଷରୁ ତାଙ୍କୁ ବଡ଼ ପଦବୀ ଲାଗି ଅଫର୍ ଦିଆଯାଇଥିଲା। କିନ୍ତୁ ସେ ଏହାକୁ ପ୍ରତ୍ୟାଖାନ କରିଥିଲେ’ ବୋଲି ରାଜସ୍ଥାନ ଫ୍ରାଞ୍ଚାଇଜ ପକ୍ଷରୁ କୁହାଯାଇଛି।

ଉଲ୍ଲେଖଯୋଗ୍ୟ, ଗତ ବର୍ଷ ଭାରତକୁ ଟି-୨୦ ବିଶ୍ୱକପ୍‌ରେ ଚାମ୍ପିଅନ କରାଇବା ପରେ ଜାତୀୟ ଦଳ ସହ ଦ୍ରାବିଡ୍‌ଙ୍କ ୩ ବର୍ଷୀୟା ଚୁକ୍ତି ଶେଷ ହୋଇଥିଲା। ଏହାପରେ ସେ ସେପ୍ଟେମ୍ବରରେ ରାଜସ୍ଥାନ ରୟାଲ୍ସର ମୁଖ୍ୟ ପ୍ରଶିକ୍ଷକ ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ। ତେବେ ତାଙ୍କ ତତ୍ତ୍ୱାବଧାନରେ ରାଜସ୍ଥାନ ଆଇପିଏଲ୍‌ର ଗତ ୧୮ତମ ସଂସ୍କରଣରେ ୧୪ ମ୍ୟାଚ୍ ଖେଳି ମାତ୍ର ୪ଟି ବିଜୟ ହାସଲ କରିପାରିଥିଲା। ୧୦ ଦଳୀୟ ଟେବଲ୍ ତାଲିକାରେ ରାଜସ୍ଥାନ ୯ମ ସ୍ଥାନରେ ରହି ଅଭିଯାନ ଶେଷ କରିଥିଲା। ପୂର୍ବରୁ ଦ୍ରାବିଡ୍ ୨୦୧୨ ଓ ୨୦୧୩ ସିଜନରେ ଅଧିନାୟକ ଭାବେ ରାଜସ୍ଥାନ ଦଳରେ ଖେଳିଥିଲେ। ଏହାପରେ ୨୦୧୪ରୁ ଦୁଇ ବର୍ଷ ଧରି ଦଳର ମେଣ୍ଟର ଦାୟିତ୍ୱ ତୁଲାଇଥିଲେ। ଦ୍ରାବିଡ୍‌ଙ୍କ ପୂର୍ବରୁ ଚଳିତ ବର୍ଷ ଚନ୍ଦ୍ରକାନ୍ତ ପଣ୍ଡିତ କୋଲକାତା ନାଇଟ୍ ରାଇଡର୍ସର ମୁଖ୍ୟ ପ୍ରଶିକ୍ଷକ, ଜାହିର ଖାନ ଲକ୍ଷ୍ନୌ ସୁପର୍ ଜାଏଣ୍ଟ୍ସ ମେଣ୍ଟର ପଦରୁ ଇସ୍ତଫା ଦେଇଥିଲେ।

## ପଦକ ନିଶ୍ଚିତ କଲେ ସାତ୍ତ୍ୱିକ-ଚିରାଗ



ପ୍ୟାରିସ, ୩୦।୮ (ଏଜେନ୍ସି): ତାରକା ଭାରତୀୟ ଯୋଡ଼ି ସାତ୍ତ୍ୱିକସାଇରାଜ ରାଙ୍କିରେଡ୍ଡୀ ଓ ଚିରାଗ ସେଟ୍ଟୀ ଯୋଡ଼ି ଏଠାରେ ଚାଲିଥିବା ବିଡବ୍ଲ୍ୟୁଏଫ୍ ୱାର୍ଲ୍ଡ ଚାମ୍ପିଅନସିପ୍ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତାର ସେମିଫାଇନାଲରେ ପ୍ରବେଶ କରିଛନ୍ତି। ପୁରୁଷ ଡବଲ୍ସ କ୍ୱାର୍ଟର ଫାଇନାଲରେ ସାତ୍ତ୍ୱିକ-ଚିରାଗ ଯୋଡ଼ି ୨୧-୧୨, ୨୧-୧୯ ସିଧାସଳଖ ଗେମରେ ମାଲେସିଆର ଆରୋନ ଚିଆ ଓ ୱଇ ୟିକ୍ ସୋ ଯୋଡ଼ିଙ୍କୁ ପରାସ୍ତ କରିଥିଲେ। ସେମିଫାଇନାଲରେ ପ୍ରବେଶ ସହ ସାତ୍ତ୍ୱିକ-ଚିରାଗ ଯୋଡ଼ି ଅତିକମ୍‌ରେ କାଂସ୍ୟ ପଦକ ନିଶ୍ଚିତ କରିଛନ୍ତି। ୨୦୨୨ ସଂସ୍କରଣରେ ଉଭୟ ଏଠାରେ କାଂସ୍ୟ ପଦକ ହାସଲ କରିଥିଲେ। ସେମିଫାଇନାଲରେ ଏହି ଭାରତୀୟ ଯୋଡ଼ିଙ୍କ ମୁକାବିଲା ଚାଇନାର ଲି ୟି ଓ ବୟାଙ୍ଗ ଚେନ୍‌ଙ୍କ ସହ ହେବ। ଅପରପକ୍ଷରେ ଏହି ବିଜୟ ସହ ସାତ୍ତ୍ୱିକ-ଚିରାଗ ୨୦୨୪ ଅଲିମ୍ପିକ ପରାଜୟର ମଧୁର ପ୍ରତିଶୋଧ ନେଇଛନ୍ତି। ଏହି ସମାନ ଭେନ୍ୟୁରେ ଗତବର୍ଷ ଅଲିମ୍ପିକ୍ସ କ୍ୱାର୍ଟର ଫାଇନାଲରେ ସାତ୍ତ୍ୱିକ-ଚିରାଗଙ୍କୁ ହରାଇ ମାଲେସିଆ ଯୋଡ଼ି ସେମିଫାଇନାଲରେ ପହଞ୍ଚିଥିଲେ।

## ମୃତକଙ୍କ ପରିବାରକୁ ୨୫ ଲକ୍ଷ ଦେବ ଆର୍‌ସିବି

**ଚିନ୍ନାସ୍ୱାମୀ ଦଳାଚକଟା ମାମଲା**

ବେଙ୍ଗାଲୁରୁ, ୩୦।୮ (ଏଜେନ୍ସି): ଆଇପିଏଲ୍‌ରେ ପ୍ରଥମଥର ଚାମ୍ପିଅନ ହେବାପରେ ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆର୍‌ସିବି) ପକ୍ଷରୁ ଚିନ୍ନାସ୍ୱାମୀ ଷ୍ଟାଡିୟମରେ ବିଜୟ ଉତ୍ସବ ପରେଡ ଆୟୋଜିତ କରାଯାଇଥିଲା। ଯେଉଁଥିରେ ଦଳଚକଟାରେ ଷ୍ଟାଡିୟମ ବାହାରେ ୧୧ଜଣ ପ୍ରଶଂସକଙ୍କ ମୃତ୍ୟୁ ଘଟିଥିଲା। ଜୁନ ୪ରେ ଘଟିଥିବା ଏହି ଅଘଟଣର ପାଖାପାଖି ୩ ମାସ ପରେ ଆର୍‌ସିବି ଫ୍ରାଞ୍ଚାଇଜ ପକ୍ଷରୁ ମୃତକଙ୍କ ପରିବାରବର୍ଗଙ୍କ ଲାଗି ଆର୍ଥିକ ସହାୟତା ଘୋଷଣା କରାଯାଇଛି। ମୃତ୍ୟୁବରଣ କରିଥିବା ୧୧ଜଣ ଲୋକଙ୍କ ପରିବାର ସଦସ୍ୟଙ୍କୁ ୨୫ ଲକ୍ଷ ଟଙ୍କା ଲେଖାଏ ପ୍ରଦାନ କରାଯିବ। ‘ଜୁନ ୪ରେ ଆମର ହୃଦୟ ଭାଙ୍ଗିଯାଇଥିଲା। ଆର୍‌ସିବି ପରିବାରର ୧୧ଜଣ ସଦସ୍ୟଙ୍କୁ ଆମେ ହରାଇଥିଲୁ। ସେମାନେ ଆମର ଏକ ଅଂଶ ଥିଲେ। କୌଣସି ପରିମାଣର ଟଙ୍କା ସେହି ଲୋକଙ୍କ ଶୂନ୍ୟସ୍ଥାନକୁ ପୂରଣ କରିପାରିବ ନାହିଁ। କିନ୍ତୁ ପ୍ରଥମ ପଦକ୍ଷେପ ସ୍ୱରୂପ ସମ୍ମାନର ସହିତ ସେହି ୧୧ଜଣ ପରିବାର ସଦସ୍ୟଙ୍କୁ ୨୫ ଲକ୍ଷ ଟଙ୍କା ଲେଖାଏ ଦେବାକୁ ନିଷ୍ପତ୍ତି ନେଇଛୁ’ ବୋଲି ଆର୍‌ସିବି ପକ୍ଷରୁ କୁହାଯାଇଛି। ଏହି ଅଘଟଣ ପରେ ଚିନ୍ନାସ୍ୱାମୀ ଷ୍ଟାଡିୟମ ବଡ଼ ଇଭେଣ୍ଟ ଆୟୋଜନ ଲାଗି ଅସୁରକ୍ଷିତ ବୋଲି ତଦନ୍ତ କମିଟି ପକ୍ଷରୁ କୁହାଯାଇଥିଲା। ଫଳରେ ଆଗାମୀ ମହିଳା ଦିନିକିଆ ବିଶ୍ୱକପ୍‌ର ଯେଉଁ ମ୍ୟାଚ୍ ସବୁ ଏଠାରେ ଖେଳାଯାଇଥାନ୍ତା ତାହା ମୁମ୍ବାଇର ଡିୱାଇ ପାଟିଲ ଷ୍ଟାଡିୟମକୁ ସ୍ଥାନାନ୍ତରିତ କରିନିଆଯାଇଛି।

## କିଟ୍‌ରେ ଜାତୀୟ କ୍ରୀଡ଼ା ଦିବସ ପାଳିତ



ଭୁବନେଶ୍ୱର, ୩୦।୮ (ସମିସ): ହକି କିମ୍ବଦନ୍ତୀ ମେଜର ଧ୍ୟାନଚାନ୍ଦଙ୍କ ୧୨୦ତମ ଜନ୍ମବାର୍ଷିକୀ ଉପଲକ୍ଷେ କିଟ୍ ଓ କିସ୍ ବିଶ୍ୱବିଦ୍ୟାଳୟରେ ଜାତୀୟ କ୍ରୀଡ଼ା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ପ୍ରତିଷ୍ଠାତା ପ୍ରଫେସର ଅଚ୍ୟୁତ ସାମନ୍ତ ମୁଖ୍ୟ ଅତିଥିଭାବେ ଯୋଗଦେଇ ଧ୍ୟାନଚାନ୍ଦଙ୍କ ସ୍ମୃତି ଚାରଣ କରିଥିଲେ। ଏଥିସହ ଜାତୀୟ ଓ ଅନ୍ତର୍ଜାତୀୟସ୍ତରରେ ବିଶ୍ୱବିଦ୍ୟାଳୟ ପାଇଁ ଗୌରବ ଆଣିଥିବା ୩ଜଣ କ୍ରୀଡ଼ା ବ୍ୟକ୍ତିବିଶେଷଙ୍କୁ ସେ ସମ୍ବର୍ଦ୍ଧିତ କରିଥିଲେ। ସେମାନେ ହେଲେ କିମ୍ସର ସ୍ପୋର୍ଟ୍ସ ଆଣ୍ଡ ମେଡିସିନ ବିଭାଗର ମୁଖ୍ୟ ତଥା କ୍ରୀଡ଼ା ବୈଷୟିକ ଅଧିକାରୀ ଡ. ସୁଦୀପ ଶତପଥୀ, ଅନ୍ତର୍ଜାତୀୟସ୍ତରରେ ପଦକ ଜିତିଥିବା ବ୍ୟାଡ୍‌ମିଣ୍ଟନ ଖେଳାଳି ଅବିନାଶ ମହାନ୍ତି ଓ କିକ୍‌ବକ୍ସିଂ ଖେଳାଳି ଯଶ କୁମାର ସିହ୍ନା। ଅବିନାଶ ବର୍ତ୍ତମାନ କିଟ୍‌ରେ ଏମ୍‌ବିଏ ଓ ଯଶ କମ୍ପ୍ୟୁଟର୍ ଇଞ୍ଜିନିୟରିଂରେ ଅଧ୍ୟୟନ କରୁଛନ୍ତି। ନିକଟରେ ଘାନା ଇଣ୍ଟରନ୍ୟାସନାଲରେ ଅବିନାଶ ଓଡ଼ିଶାର ଅନ୍ୟତମ ଖେଳାଳି ଆୟୁଷ ପଟ୍ଟନାୟକଙ୍କୁ ସାଥୀ କରି ରୌପ୍ୟ ପଦକ ଜିତିଥିଲେ।

## ଭାରତରେ କନିଷ୍ଠ ବିଶ୍ୱକପ୍ ଖେଳିବ ପାକିସ୍ତାନ

ନୂଆଦିଲ୍ଲୀ,୩୦।୮ (ସମିସ): ଭାରତରେ ଖେଳାଯିବାକୁ ଥିବା କନିଷ୍ଠ ହକି ବିଶ୍ୱକପ୍‌ରେ ପାକିସ୍ତାନ ଅଂଶଗ୍ରହଣ କରିବ ବୋଲି ହକି ଇଣ୍ଡିଆ ସମ୍ପାଦକ ଭୋଲାନାଥ ସିଂ ଆଜି ଘୋଷଣା କରିଛନ୍ତି। ଚେନ୍ନଇରେ ଏହି ପ୍ରତିଯୋଗିତା ଚଳିତବର୍ଷ ନଭେମ୍ବର ୨୮ ରୁ ଡିସେମ୍ବର ୧୦ ଯାଏ ଖେଳାଯିବ। ଆମେ ପାକିସ୍ତାନ ହକି ସଂଘଠାରୁ ସମ୍ମତି ପାଇବା ପରେ ଏ ସମ୍ପର୍କରେ ଘୋଷଣା କରୁଛୁ। ଅଲିମ୍ପିକ୍ ଚାର୍ଟର ଅନୁଯାୟୀ ପାକିସ୍ତାନ ଏହି ଟୁର୍ଣ୍ଣାମେଣ୍ଟରେ ଅଂଶଗ୍ରହଣ କରିବାକୁ ଯାଉଛି। କିନ୍ତୁ ରାଜଗିରଠାରେ ଚାଲିଥିବା ଏସିଆ କପ୍ ହକିରୁ ପାକିସ୍ତାନ ଓହରିଯାଇଥିଲେ ମଧ୍ୟ ସେହି ଦେଶ ଉପରେ କୌଣସି ପ୍ରତିବନ୍ଧକ କିମ୍ବା ଦଣ୍ଡବିଧାନ କରାଯିବ ନାହିଁ ବୋଲି ମଧ୍ୟ ଶ୍ରୀ ସିଂହ କହିଛନ୍ତି। ପ୍ରୋ-ଲିଗ୍‌ରେ ପ୍ରଥମଥର ଖେଳୁଥିବା ପାକିସ୍ତାନ ବରିଷ୍ଠ ଦଳ ମଧ୍ୟ ଭାରତରେ ଖେଳିବ।

## ଉତ୍କଳ କରାଟେ ସ୍କୁଲର ପ୍ରତିଷ୍ଠା ଦିବସରେ ୨୨ଜଣ ସମ୍ବର୍ଦ୍ଧିତ



ଭୁବନେଶ୍ୱର, ୩୦।୮ (ସମିସ): ସ୍ଥାନୀୟ ଉତ୍କଳ କରାଟେ ସ୍କୁଲର ୪୫ତମ ପ୍ରତିଷ୍ଠା ଦିବସ ଏଠାରେ ପାଳିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ୫ଜଣ କ୍ରୀଡ଼ା ସାମ୍ବାଦିକ ସନ୍ଦୀପ ମିଶ୍ର, ସର୍ବେଶ୍ୱର ମହାନ୍ତି, ମନୋରଞ୍ଜନ ଦାସ, ଶୁଭଲକ୍ଷ୍ମୀ ବଳ ଓ ରାଜୀବ ଗୌରବଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିଭଳି ବିଭିନ୍ନ କ୍ରୀଡ଼ାରେ ଅର୍ନ୍ତଜାତୀୟସ୍ତରରେ ପଦକ ଜିତିଥିବା ୧୭ଜଣ କ୍ରୀଡ଼ାବିତ୍‌ଙ୍କୁ ମଧ୍ୟ ସମ୍ବର୍ଦ୍ଧନା ଦିଆଯାଇଥିଲା। କ୍ରୀଡ଼ାବିତ୍‌ଙ୍କ ମଧ୍ୟରେ ଅନୁପମା ସ୍ୱାଇଁ, ଲୋମା ସ୍ୱାଇଁ, ଡ. ଭଗବାନ ରେଡ୍ଡୀ, ସୁମନ ଶେଖର, ରୀତେଶ ରାୟ, ଦିବ୍ୟ ବେହେରା, ଶୁଭକାନ୍ତ ବିଶ୍ୱାଳ, ଅଂଶୁମାନ ଆଚାର୍ଯ୍ୟ, ତ୍ରିଲୋଚନ ରଣା, ସମରଜିତ୍ ଚକ୍ର, ଅଭିଷେକ ପଟ୍ଟନାୟକ, ପ୍ରିୟଦର୍ଶିନୀ ସାହୁ, ଅର୍ଘ୍ୟବ୍ରତ, ପୁଲକ ପାଢ଼ୀ, ସୂର୍ଯ୍ୟପ୍ରକାଶ ଘଡ଼େଇ, ପୁନିତ ମହାନ୍ତି ଓ ଅମୈଶା ଝା ରହିଛନ୍ତି।

ରାଜ୍ୟ ଅଲିମ୍ପିକ ସଂଘର ସଭାପତି ସମୀର ମହାନ୍ତି, ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ଦୁଇଥରର ବିଶ୍ୱ କରାଟେ ଚାମ୍ପିଅନ ଅମୀର ମେହେଦୀଜାଦେ ଅତିଥିଭାବେ ଯୋଗଦେଇଥିଲେ। ସେହିଭଳି ଉତ୍କଳ କରାଟେ ସ୍କୁଲର ପ୍ରତିଷ୍ଠାତା ଡା. ହରିପ୍ରସାଦ ପଟ୍ଟନାୟକ ଓ ସ୍କୁଲର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ରହି ସହଯୋଗ କରିଥିଲେ।

PRINTED & PUBLISHED BY AMIT KUMAR MALLICK FOR ‘THE SAKALA’ A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS